

ବୁମ୍ରା ଆଇସିସିର ଶ୍ରେଷ୍ଠ ଖେଳାଳି

▶ପୃଷ୍ଠା ୧୪ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-213 •BHUBANESWAR •WEDNESDAY •29 JANUARY 2025 •PAGE-14 •₹ 6.00

•ବର୍ଷ-୪୨ •ସଂଖ୍ୟା-୨୧୩ •ଭୁବନେଶ୍ୱର •ବୁଧବାର •୨୯ ଜାନୁଆରୀ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦


### ‘ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା’ ଉଦ୍‌ଘାଟିତ

# ଓଡ଼ିଶା ଉତ୍କୃଷ୍ଟ; ନୂଆ ଭାରତର ଆଶା: ପ୍ରଧାନମନ୍ତ୍ରୀ

■ **ଭୁବନେଶ୍ୱର, ୨୮।୧ (ସମିସ):** ମଙ୍ଗଳବାର ଭୁବନେଶ୍ୱର ଜନତା ମଇଦାନରେ ଉତ୍କର୍ଷ ଓଡ଼ିଶା; ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ-୨୦୨୫କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ଅବସରରେ ସେ ଓଡ଼ିଶାକୁ ଉତ୍କୃଷ୍ଟ ଓ ନୂଆ ଭାରତର ଆଶା ବୋଲି ବର୍ଣ୍ଣନା କରି ନିବେଶକମାନଙ୍କୁ ଓଡ଼ିଶାରେ ନିବେଶ ପାଇଁ ଆହ୍ୱାନ ଦେଇଛନ୍ତି । ଅନେକ ଦୃଷ୍ଟିରୁ ଓଡ଼ିଶା ସ୍ୱତନ୍ତ୍ର ଓ ଏହା ନୂତନ ଭାରତର ସକାରାତ୍ମକତା ଏବଂ ମୌଳିକତାର ପ୍ରତୀକ। ଓଡ଼ିଶାରେ ପ୍ରଚୁର ସୁଯୋଗ ରହିଛି ଓ ଏଠାକାର ଲୋକମାନେ ସବୁବେଳେ ଭଲ କାମ କରିବାକୁ ଆଗ୍ରହ ଦେଖାନ୍ତି। ଓଡ଼ିଶାରେ ନିବେଶ କରିବା ପାଇଁ ଏହାହିଁ ପ୍ରକୃଷ୍ଟ ସମୟ। ଖୁବଶୀଘ୍ର ବିକାଶର ସେହି ନୂଆ ଉଚ୍ଚତାରେ ଓଡ଼ିଶା ପହଞ୍ଚିବ, ଯାହା କେହି କେବେ କଳ୍ପନା କରିନଥିବେ ବୋଲି

- **ଓଡ଼ିଶାରେ ପୁଞ୍ଜି ନିବେଶ ନିମନ୍ତେ ନିବେଶକଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ**
- **ପୂର୍ବ ଭାରତ ଏକ ଅଭିବୃଦ୍ଧି ଇଞ୍ଜିନ୍, ଏଥିରେ ଓଡ଼ିଶାର ଭୂମିକା ପ୍ରମୁଖ**
- **ନୀଳ ଅର୍ଥନୀତି କ୍ଷେତ୍ରରେ ଓଡ଼ିଶା ହେବ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟ**
- **ପ୍ରଧାନମନ୍ତ୍ରୀ ଭାବେ ଓଡ଼ିଶାକୁ ୩୦ ଥର ଆସିଛି, ଏହା ମୋର ଭଲପାଇବା**



ପ୍ରଧାନମନ୍ତ୍ରୀ କହିଛନ୍ତି। ସ୍ଥାନୀୟ ଜନତା ମଇଦାନ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଶିଳ୍ପପତିଙ୍କୁ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିଶ୍ୱ ବିକାଶରେ ଯେତେବେଳେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା, ସେତେବେଳେ ଏଥିରେ ପୂର୍ବ ଭାରତର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ପୂର୍ବ ଭାରତରେ ବୃହତ ଶିଳ୍ପ କେନ୍ଦ୍ର, ବନ୍ଦର ଏବଂ ବାଣିଜ୍ୟ କେନ୍ଦ୍ର ରହିଛି, ଯେଉଁଥିରେ ଓଡ଼ିଶାର ଅବଦାନ ଉଲ୍ଲେଖନୀୟ। ଦକ୍ଷିଣ ପୂର୍ବ ଏସୀୟ ବାଣିଜ୍ୟ ପାଇଁ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଥିଲା ଏବଂ ରାଜ୍ୟର ବନ୍ଦର ଗୁଡ଼ିକ ଭାରତର ପ୍ରବେଶ ଦ୍ୱାର ଥିଲା। ଏହି ଐତିହ୍ୟକୁ ଉଜ୍ଜିବୀତ କରି ରଖିବାକୁ ଓଡ଼ିଶାରେ ଆଜି ବି ବାଲିଯାତ୍ରା ପାଳିତ ହେଉଛି। ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ନିକଟରେ ଭାରତ ଗସ୍ତରେ ଆସିଥିବାବେଳେ ସେ ଓଡ଼ିଶା ପ୍ରସଙ୍ଗ ଉଲ୍ଲେଖ କରିଥିଲେ। ସେହିପରି କିଛିଦିନ ତଳେ ଓଡ଼ିଶା ଗସ୍ତରେ ଆସିଥିବା ସିଙ୍ଗାପୁର ରାଷ୍ଟ୍ରପତି ମଧ ଓଡ଼ିଶା ସହ ସମ୍ପର୍କକୁ ନେଇ ବେଶ୍ ଉତ୍ସାହିତ ଥିଲେ। ଓଡ଼ିଶା ଏକବିଂଶ ଶତାବ୍ଦୀର ଗୌରବମୟ ପରମ୍ପରାକୁ ପୁନର୍ଜୀବିତ କରିବା ଆରମ୍ଭ ▶ପୃଷ୍ଠା-୭

### ନିର୍ବାଚନୀ ବଣ୍ଡ ଆଳରେ ରାଜନୈତିକ ଦଳଙ୍କୁ ଚାନ୍ଦା

# ବିଜେପିକୁ ସର୍ବାଧିକ ୧୭୦୦ କୋଟି

■ **ନୂଆଦିଲ୍ଲୀ, ୨୮ ।୧ (ଏଜେନ୍ସି):** ବିବାଦୀୟ ନିର୍ବାଚନୀ ବଣ୍ଡ ଯୋଗୁଁ ବିଜେପି ସର୍ବାଧିକ ଆୟ କରିବାରେ ସମର୍ଥ ହୋଇଛି । ଗୋଟିଏ ବର୍ଷରେ ଭାରତୀୟ ଜନତା ପାର୍ଟିର ଆୟ ୧୯୮୧ କୋଟି ଟଙ୍କା ବଢ଼ିଥିବା ବେଳେ ସେଥିମଧ୍ୟରୁ କେବଳ ନିର୍ବାଚନୀ ବଣ୍ଡ ଜରିଆରେ ମିଳିଛି ୧୭୦୦ କୋଟି ଟଙ୍କା। ଉଭୟ ବାର୍ଷିକ ଆୟ ବୃଦ୍ଧି ଏବଂ ନିର୍ବାଚନୀ ବଣ୍ଡ ଜରିଆରେ ପାଣ୍ଠି ସଂଗ୍ରହରେ ଏହା ହେଉଛି ସର୍ବକାଳୀନ ରେକର୍ଡ। ଏହି ରେକର୍ଡ ଅନ୍ୟ କୌଣସି ରାଜନୈତିକ ଦଳ ଛୁଇଁ ପାରି ନାହାନ୍ତି। ବିଜେପି ପକ୍ଷରୁ ନିର୍ବାଚନ କମିସନରେ ଦାଖଲ କରାଯାଇଥିବା ଅଡିଟ୍ ରିପୋର୍ଟରୁ ଏହି ତଥ୍ୟ ମିଳିଛି। ଏଥିରେ ଦର୍ଶାଯାଇଛି ଯେ ୨୦୨୨-୨୦୨୩ରେ ପାର୍ଟି ଆୟ ୨୩୬୦.୮ କୋଟି ଥିବାବେଳେ ୨୦୨୩-୨୪ରେ ଏହା ୪୩୪୦.୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

- **କଂଗ୍ରେସକୁ ମିଳିଛି ମାତ୍ର ୬୫୭ କୋଟି ଟଙ୍କା**
- **ନିର୍ବାଚନ ଖର୍ଚ୍ଚରେ ମଧ୍ୟ ବିଜେପି ଆଗରେ**

ଏହି ସମୟ ମଧ୍ୟରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ମଧ ଆୟ ବୃଦ୍ଧି ପାଇଛି। ୨୦୨୨-୨୩ରେ ଏହାର ଆୟ ୪୫୨.୪ କୋଟି ଟଙ୍କା ଥିବା ବେଳେ ୨୦୨୪ରେ ଏହା ୧୨୨୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅର୍ଥାତ ଏହାର ବାର୍ଷିକ ଆୟରେ ୭୭୩ କୋଟି ଟଙ୍କାର ବୃଦ୍ଧି ଘଟିଛି; ଯାହାକି ବିଜେପି ଠାରୁ ବହୁ ପଛରେ । ନିର୍ବାଚନୀ ବଣ୍ଡ ଜରିଆର ଏହି ଦଳକୁ ମିଳିଛି ୬୫୭ କୋଟି ଟଙ୍କା। ପୂର୍ବବର୍ଷ ଦଳକୁ ବଣ୍ଡ ଜରିଆର ୧୭୧ କୋଟି ଟଙ୍କା ମିଳିଥିବା ବେଳେ ୨୦୨୩-୨୪ରେ ମିଳିଛି ୮୨୮ କୋଟି ଟଙ୍କା। ▶ପୃଷ୍ଠା-୭

### ଯମୁନା ଜଳ ବିବାଦ

# ଆକ୍ସନ୍ ମୋଡ୍‌ରେ ନିର୍ବାଚନ କମିସନ

■ **ନୂଆଦିଲ୍ଲୀ, ୨୮ ।୧(ଏଜେନ୍ସି):** ଆସନ୍ତା ୫ ତାରିଖରେ ହେବାକୁ ଯାଉଥିବା ଦିଲ୍ଲୀ ବିଧାନସଭା ନିର୍ବାଚନକୁ ବିଷାକ୍ତ କଲାଣି ଯମୁନା ଜଳ ବିବାଦ। ବିଜେପି ଶାସିତ ହରିୟାଣା ଦିଲ୍ଲୀକୁ ବିଷାକ୍ତ ଯମୁନା ପାଣି ଯୋଗାଉଛି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଯେଉଁ ଅଭିଯୋଗ କରିଛନ୍ତି, ତାହାକୁ ନେଇ କ୍ଷୁବ୍ଧ ହୋଇଛନ୍ତି ନିର୍ବାଚନ କମିସନ। ଏହି ଅଭିଯୋଗର ପ୍ରମାଣ ଆସନ୍ତାକାଲି ସନ୍ଧ୍ୟା

**୨୪ ଘଣ୍ଟାରେ ପ୍ରମାଣ ନଦେଲେ କେଜ୍ରିୱାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚେତାବନୀ**

୮ଟା ସୁଦ୍ଧା ଦେବାଲାଗି କେଜ୍ରିୱାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବିଫଳ ହେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କମିସନ ଆଜ ଚେତାବନୀ ଦେଇଛନ୍ତି। ଉଭୟ ବିଜେପି ଏବଂ କଂଗ୍ରେସ ପକ୍ଷରୁ ହୋଇଥିବା ଅଭିଯୋଗ ଆଧାରରେ କମିସନ୍ ଆଜି ରାତିରେ କେଜ୍ରିୱାଲଙ୍କୁ ଏହି ନୋଟିସ୍ ଜାରି କରିଛନ୍ତି। କମିସନ କହିଛନ୍ତି ଯେ ଯମୁନା ନଦୀ ଜଳ ବିଷାକ୍ତ ହୋଇଥିବାରୁ ଏହାର ଯୋଗାଣକୁ ଦିଲ୍ଲୀ ଜଳ ବୋର୍ଡ ବନ୍ଦ କରିଛି ବୋଲି କେଜ୍ରିୱାଲ ଯାହା ▶ପୃଷ୍ଠା-୭

### ବିଜେଡି ସଂସଦୀୟ ଦଳ ବୈଠକରେ ନବୀନଙ୍କ ଗୁରୁମନ୍ତ୍ର

# ସାଢ଼େ ୪ କୋଟି ଓଡ଼ିଆଙ୍କ ମର୍ଯ୍ୟାଦା ଓ ଅଧିକାରର ଲଢ଼େଇ ପାଇଁ ଆହ୍ୱାନ



■ **ଭୁବନେଶ୍ୱର, ୨୮।୧ (ସମିସ):** ଆସନ୍ତା ୩୧ ତାରିଖରୁ ଆରମ୍ଭ ହେବ ସଂସଦର ବଜେଟ ଅଧିବେଶନ। ଏହା ପୂର୍ବରୁ ମଙ୍ଗଳବାର ନବୀନ ନିବାସରେ ବିଜେଡି ସଂସଦୀୟ ଦଳ ବୈଠକରେ ଅଧକ୍ଷତା କରି ସୁପ୍ରିମୋ ନବୀନ ପଟ୍ଟନାୟକ ସଂସଦରେ ଦଳର ଆଗାମୀ ରଣନୀତି ସମ୍ପର୍କରେ ସାଂସଦମାନଙ୍କ ସହ ଆଲୋଚନା କରିଛନ୍ତି। ଆଗାମୀ ବଜେଟ୍ ଅଧିବେଶନ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଦଳର ସାଂସଦମାନେ ରାଜ୍ୟ ସ୍ୱାର୍ଥ ସମ୍ପର୍କରେ କିପରି ପ୍ରଭାବୀ ପ୍ରଦର୍ଶନ କରିବେ ସେଥିନେଇ ନବୀନ ସେମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ସଂସଦରେ ଓଡ଼ିଶା ଓ ଓଡ଼ିଆଙ୍କ ସ୍ୱର ଭାବରେ ସାଢ଼େ ୪କୋଟି ଓଡ଼ିଆଙ୍କ ମର୍ଯ୍ୟାଦା, ସମ୍ମାନ ଓ ଅଧିକାର ପାଇଁ ଲଢ଼େଇ କରିବାକୁ ଦଳୀୟ

- **ସ୍ୱତନ୍ତ୍ର ରାଜ୍ୟପାହ୍ୟା, ପୋଲାଭରମ ଓ ମହାନଦୀ ପ୍ରସଙ୍ଗ ଉଠାଇବ ଦଳ**
- **କୋଇଲା ରାଜଭାଗ, କେନ୍ଦୁପତ୍ରରୁ ଜିଏସ୍‌ଟି ଉଚ୍ଛେଦ ଦାବି କରିବ ବିଜେଡି**
- **ସଂସଦରେ ଉଠିବ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରସଙ୍ଗ**
- **ଆର୍ଥିକ ସ୍ୱାସ୍ଥ୍ୟ ସୂଚକାଙ୍କରେ ଓଡ଼ିଶାକୁ ପ୍ରଥମ କରିଥିବାରୁ ସାଂସଦଙ୍କ କୃତଜ୍ଞତା**


ସାଂସଦମାନଙ୍କୁ ପରାମର୍ଶ ଦେଇଛନ୍ତି ବିଜେଡି ସୁପ୍ରିମୋ। ନବୀନ କହିଛନ୍ତି ଯେ ଗତ ୨୦୧୪ ନିର୍ବାଚନରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ▶ପୃଷ୍ଠା-୭

# ସେବାଶ୍ରମ ହାଇସ୍କୁଲର ୫ ଛାତ୍ର ୪ ଦିନ ହେଲା ନିଖୋଜ

■ **କାକିରିଗୁମ୍ମା, ୨୮।୧ (ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ପଞ୍ଚଡ଼ାଠାରେ ଥିବା ଅନୁସୂଚିତ ଜନଜାତି ବିଭାଗ ଅନ୍ତର୍ଗତ ଏସ୍‌ଏସ୍‌ଡି ସେବାଶ୍ରମ ଉଚ୍ଚ ବିଦ୍ୟାଳୟର ୫ ଛାତ୍ର ଗତ ୪ଦିନ ଧରି ନିଖୋଜ ରହିଛନ୍ତି। ନିଖୋଜ ଛାତ୍ରମାନେ ହେଲେ, ଅଷ୍ଟମ ଶ୍ରେଣୀରେ ପଢୁଥିବା ଜଗନ୍ନାଥ

- **କର୍ତ୍ତୃପକ୍ଷଙ୍କ ନିରବତାକୁ ନେଇ ଉଠିଲା ପ୍ରଶ୍ନ**
- **ଥାନାରେ ଅଭିଯୋଗ ହୋଇନି କି ପରିବାରଲୋକଙ୍କୁ ବି ଖବର ଦିଆଯାଇନି**
- **ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ**

ହିକକା, ଜଗୁ ହିକକା, ଉପେନ୍ଦ୍ର ହିକକା ଏବଂ ସପ୍ତମ ଶ୍ରେଣୀର ଅଧ୍ୟୟନ କରୁଥିବା କୃଷ୍ଣ ହିକକା, ଅମର ହିକକା। ଏମାନଙ୍କ ଘର ତଯୋପୁଟ ପଞ୍ଚାୟତର ଦିଆସିଲି ଗ୍ରାମରେ। ତେବେ ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିବା ପରିବର୍ତ୍ତେ ଘଟଣାକୁ ଚାପିଦେବାକୁ ଉଦ୍ୟମ ▶ପୃଷ୍ଠା-୭






# ବଢ଼ିବ ତାତି

■ **ଭୁବନେଶ୍ୱର, ୨୮।୧ (ସମିସ):** ଆସନ୍ତା ଦୁଇ ଦିନ ପରେ ରାଜ୍ୟରେ ବଢ଼ିବ ଖରାର ପ୍ରଭାବ। ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଉପକୂଳ ଓଡ଼ିଶାରେ ମଧ ତାତି ବଢ଼ିବ। ରାଜ୍ୟକୁ ବର୍ତ୍ତମାନ ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ଓ ଶୁଷ୍କ ବାୟୁ ପ୍ରବେଶ କରୁଛି। ଧୀରେଧୀରେ ଏହା ବନ୍ଦ ହେବ। ଏହାସହ ପ୍ରଖର ସୂର୍ଯ୍ୟକିରଣ ଯୋଗୁଁ ତାପମାତ୍ରା ବୃଦ୍ଧି ପାଇବ। ପାଣିପାଗ କେନ୍ଦ୍ରର ପ୍ରାଥମିକ ଆକଳନ ଅନୁଯାୟୀ ଆସନ୍ତା ୨ ଦିନ ପରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ପ୍ରାୟ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ। ଏହାଦ୍ୱାରା ରାଜ୍ୟରେ ତାତି ଅନୁଭୂତ ହେବ।

ଆଜି ରାଜ୍ୟର ଅଧିକାଂଶ ସହରରେ ତାପମାତ୍ରା ବଢ଼ିଛି। କିଛି ସ୍ଥାନରେ ଗରମ ଅନୁଭୂବ ହୋଇଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ତାପମାତ୍ରା ବୃଦ୍ଧି ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନ୍ୟପଟେ ତାପମାତ୍ରା ବୃଦ୍ଧି ସହ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ କିଛି ସ୍ଥାନରେ କୁହୁଡ଼ି ସ୍ଥିତି ଜାରି ରହିବ। ବିଶେଷକରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ▶ପୃଷ୍ଠା-୭

### ୧୦୦ରୁ ଉର୍ଦ୍ଧ୍ୱ କମ୍ପାନୀର ସିଇଓଙ୍କ ସହ ଆଲୋଚନା

# ଓଡ଼ିଶାର ପ୍ରତି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୮।୧(ସମିସ):** ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜନତା ମଇଦାନଠାରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ଥିବା ବିଭିନ୍ନ କମ୍ପାନୀର ସିଇଓ ମାନଙ୍କ ସହିତ ସ୍ୱତନ୍ତ୍ର ଭାବେ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଇସ୍ପାତ, ଗ୍ରୀନ ଏନର୍ଜି, ଗ୍ରୀନ ଅମୋନିଆ, ଗ୍ରୀନ ହାଇଡ୍ରୋଜେନ, ଅକ୍ଷୟ ଶକ୍ତି, କେମିକାଲ୍ସ, ସେମିକଣ୍ଡକ୍ଟର, ଆଇଟି, ସିମେଣ୍ଟ ଭଳି କ୍ଷେତ୍ରର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଷ୍ଠିତ କମ୍ପାନୀର ସିଇଓମାନେ ଅଂଶଗ୍ରହଣ କରିଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ବର୍ତ୍ତମାନ ପ୍ରକୃଷ୍ଟ ଅବସର । ଆଜିର ସମୟରେ ଓଡ଼ିଶାର ଜିଡିପି ଦେଶରେ ସର୍ବୋଚ୍ଚସ୍ତରରେ ରହିଛି। ଓଡ଼ିଶା ଉପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ରହିଛି। ପ୍ରଧାନମନ୍ତ୍ରୀଙ୍କର ଓଡ଼ିଶା ପ୍ରତି ସମର୍ଥନ ରହିଛି। ଓଡ଼ିଶାର ପ୍ରତି ଜିଲ୍ଲାରେ ଆମେ ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛୁ। ଏଥିପାଇଁ ଆମେ ଭିତ୍ତିଭୂମି ବିକାଶ କରୁଛୁ। ରାଜ୍ୟରେ ରେଳପଥ, ସଡ଼କ ପଥ ଓ ବନ୍ଦର ଆଦିର ବିକାଶ କରାଯାଉଛି। ଏହା ସମ୍ପୃକ୍ତ ଅଞ୍ଚଳଗୁଡିକର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହିତ ଯୁବବର୍ଗଙ୍କୁ ବ୍ୟାପକ ନିଯୁକ୍ତି ପ୍ରଦାନ କରିବ। ଆମ ସରକାର ୭ ମାସ ମଧ୍ୟରେ ଜାତୀୟ ସ୍ତରର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରିଛି। ଆଜିର ଏହି ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ ଉଦ୍ୟୋଗୀମାନଙ୍କୁ ଓଡ଼ିଶାରେ ଅଧିକରୁ ଅଧିକ ପୁଞ୍ଜିନିବେଶ ପାଇଁ ଉତ୍ସାହିତ କରିଛି ବୋଲି ମୁଖମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସ୍ୱାଗତ ଅଭିଭାଷଣ ରଖିଥିଲେ। ସିଆଇଆଇର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ ଅଧିବେଶନକୁ ସଂଚାଳନ କରିଥିବାବେଳେ, ପିଡବ୍ଲୁସିର ଅଧ୍ୟକ୍ଷ ସଂଜୀବ କ୍ରିଷନ ଉପସ୍ଥିତ ଥିଲେ। ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ କୁମାର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।



# ନବୀନଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା ଶିଳ୍ପ କନକ୍ଲେଭ: ଦେବୀ ମିଶ୍ର

**ଭୁବନେଶ୍ୱର,୨୮।୧(ସମିସ):** ଓଡ଼ିଶାକୁ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ୨୦୧୬ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ମେକ୍-ଇନ୍ ଓଡ଼ିଶା ଆରମ୍ଭ କରାଯାଇଥିଲା। ବିଭିନ୍ନ ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନ ଏଥିରେ ଯୋଗ ଦେଇଥିଲେ ଓ ୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗର ପ୍ରତିଶ୍ରୁତି ମିଳିଥିଲା। ସେହିପରି ୨୦୧୮ ମସିହାରେ ମେକ୍ ଇନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ୪ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗର ପ୍ରତିଶ୍ରୁତି ମିଳିଥିଲା ବୋଲି କହିଛନ୍ତି ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ଶିଳ୍ପ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଛନ୍ତି।

ମଙ୍ଗଳବାର ଭୁବନେଶ୍ୱରରେ ଉତ୍କର୍ଷ ଓଡିଶା କନକ୍ଲେଭ ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ମିଶ୍ର କହିଛନ୍ତି ଯେ ୨୦୨୦ ମସିହା ଆରମ୍ଭରେ କୋଭିଡ ଯୋଗୁଁ ୨୦୨୨ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରି ନଥିଲା। ୨୦୨୩ ମସିହାରେ ଆୟୋଜିତ ମେକ ଇନ ଓଡିଶା କାର୍ଯ୍ୟକ୍ରମରେ ଦଶ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ପ୍ରତିଶ୍ରୁତି ମିଳିଥିଲା। ଫଳରେ ୨୦୨୩ ମସିହାରେ ପୁଞ୍ଜିନିବେଶ ଆଣିବାରେ ଓଡିଶା ଦେଶର ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପାଇଥିଲା। ପ୍ରଥମ ତିନୋଟି ମେକ-ଇନ ଓଡିଶା କନକ୍ଲେଭ ମାଧ୍ୟମରେ ସମୁଦାୟ ୧୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ପ୍ରସ୍ତାବ ଆସିଥିବା ବେଳେ ପ୍ରାୟ ସାତ ଲକ୍ଷ କୋଟି ଟଙ୍କାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ନବୀନ ସରକାରଙ୍କ ଦ୍ୱାରା ଆୟୋଜିତ ଏହି ମେକ ଇନ ଓଡିଶା କାର୍ଯ୍ୟକ୍ରମ ଯୋଗୁଁ ଦେଶ ବିଦେଶର ପୁଞ୍ଜିପତିମାନେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ବୃଦ୍ଧି ପାଇଥିଲା। ବିଜେପି ସରକାର ଏହାର ନାମ ପରିବର୍ତ୍ତନ କରିବା ପରେ ରାଜ୍ୟର ଚତୁର୍ଥ କନକ୍ଲେଭ ଅନୁଷ୍ଠିତ ହେଉଛି, ଯାହାକୁ ପ୍ରଧାନମନ୍ତ୍ରୀ ଉଦଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୫ ଲକ୍ଷ କୋଟି ପୁଞ୍ଜି ନିବେଶ ପାଇଁ ଆଶା ରଖିଛନ୍ତି। ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ପ୍ରକୃତ ପୁଞ୍ଜି ନିବେଶ ପରିମାଣ ଜଣାପଡିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

- **୩ଟି ମେକ୍ ଇନ୍ ଓଡ଼ିଶାରେ ମିଳିଛି ୧୬ ଲକ୍ଷ ପୁଞ୍ଜି ନିବେଶ ପ୍ରତିଶ୍ରୁତି**
- **କାର୍ଯ୍ୟକାରୀ ହୋଇଛି ସାଢ଼େ ସାତ ଲକ୍ଷ କୋଟିର ନିବେଶ ପ୍ରସ୍ତାବ**

# ପୁରୀରେ ପହଞ୍ଚିଲା ପ୍ରଥମ ରଥକାଠ

### ୩ଟି ଟ୍ରକ୍‌ରେ ଆସିଛି ୧୦୧ ଖଣ୍ଡ ଅସନ ଓ ଧଉରା

**ପୁରୀ,୨୮।୧(ସମିସ):** ଚଳିତ ବର୍ଷର ଘୋଷଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତିପର୍ବ। ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଲାଗି ପ୍ରଥମ ପର୍ଯ୍ୟାୟ ରଥକାଠ ପୁରୀରେ ପହଞ୍ଚିଛି। ମଙ୍ଗଳବାର ଅପରାହ୍ଣରେ ନୟାଗଡ଼ ବନଖଣ୍ଡ ଦଶପଲ୍ଲା ବନାଞ୍ଚଳରୁ ୩ଟି ଟ୍ରକ୍ ଯୋଗେ ଅସନ ୪୮ ଖଣ୍ଡ ଓ ଧଉରା ୫୩ ଖଣ୍ଡ ଏହିପରି ମୋଟ ୧୦୧ ଖଣ୍ଡ କାଠ ଆସିଛି। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୫୧ ଖଣ୍ଡ ବଳକା ରହିଛି। ବାକି ୮୧୪ ଖଣ୍ଡ କାଠ ଏଥର ଆସିବ। ମୁଖ୍ୟ ତତ୍ତ୍ୱାବଧାରକ ମେକାପ କହିଛନ୍ତି, ରଥ ନିର୍ମାଣ ପାଇଁ ଅସନ, ଧଉରା, ଫାଶି, ଶିମିଳି କାଠ ଆସିଥାଏ। ଏଥର ୮୧୪ ଖଣ୍ଡ କାଠ ଆସିବ। ମଙ୍ଗଳବାର ୩ଟି ଟ୍ରକ୍‌ରେ ୧୦୧ ଖଣ୍ଡ ଅସନ ଓ ଧଉରା କାଠ ଆସି ପହଞ୍ଚିଛି। ପରମ୍ପରା ଅନୁଯାୟୀ, ସେଥିମଧ୍ୟରୁ ୧୨ଫୁଟିଆ ୩ ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯିବ। ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବାର ବିଧି ରହିଛି।



### ପୁଲିସକୁ ଖୋଲା ଚ୍ୟାଲେଞ୍ଜ

# ଶ୍ରୀମନ୍ଦିର ଉପରେ ପୁଣି ଉଡ଼ିଲା ଡ୍ରୋନ

**ପୁରୀ,୨୮।୧(ସମିସ):** ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା। ବିଭିନ୍ନ ସମୟରେ ସେଲ୍‌ଫି ଓ ଫଟୋ ବଡ଼ଦେଉଳର ବହୁ ଗୁପ୍ତ ତଥ୍ୟକୁ ପଦାରେ ପକାଉଥିବା ବେଳେ ମଙ୍ଗଳବାର ପୁଲିସ୍‌କୁ ଖୋଲା ଚ୍ୟାଲେଞ୍ଜ ଦେଇ ପୁଣି ଶ୍ରୀମନ୍ଦିର ଉପରେ ଉଡିଛି ଡ୍ରୋନ୍। ଏହି ଡ୍ରୋନ୍ ଶ୍ରୀମନ୍ଦିର ଭିତର ଦୃଶ୍ୟ ତୋଳିଥିବା ସନ୍ଦେହ କରାଯାଉଛି। ଏହି ଘଟଣା ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି। ବିଗତ ଦିନରେ ଅନେକଥର ସୋସିଆଲ ମିଡିଆରେ ମନ୍ଦିର ଭିତର ଫଟୋ ଭାଇରାଲ ହେଉଥିବା ବେଳେ ବାରମ୍ବାର ଡ୍ରୋନ ଉଡିବା ଘଟଣା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି।

ମଙ୍ଗଳବାର ଅପରାହ୍ଣରେ ଶ୍ରୀମନ୍ଦିର ଉପରେ ଏକ ଡ୍ରୋନ ଉଡୁଥିବା ଦେଖିବାକୁ ମିଳୁଥିଲା। ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିକୋଣରୁ ଏହା ଉପର ନୋ-ଫ୍ଲାଇଂ ଜୋନ ଘୋଷଣା କରାଯାଇଛି। ହେଲେ ଅନେକ ସମୟରେ ଏହି କଟକଣାକୁ ଉଲ୍ଲଂଘନ କରାଯାଉଥିବା ବେଳେ ମଙ୍ଗଳବାର ଏହାର ପୁନରାବୃତ୍ତି ଘଟିଛି। ନୀଳଚକ୍ର ଓ ପରିକ୍ରମା ମାର୍ଗ ଉପରି ଭାଗରେ ଏହି ଡ୍ରୋନ ପଇଁତରା ମାରିଥିଲା। ତେବେ ଏହା କେଉଁଠାରୁ ଅପରେଟ୍ ହେଉଥିଲା ଏବଂ କିଏ କରୁଥିଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସଞ୍ଜ ନଇଁବା ପୂର୍ବରୁ କିଏ ଡ୍ରୋନ୍ ଉଡ଼ାଉଥିଲା? ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡାଣ କଟକଣା ଥିବା ବେଳେ ଲୁଚିଛପି ଉଡ଼ାଯିବା ପଛର ରହସ୍ୟ କ'ଣ? ଏମିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଉପରକୁ ମଧ୍ୟ ଅଙ୍ଗୁଳି ଉଠିଛି। ତେବେ ତ୍ରିସ୍ତରୀୟ ସୁରକ୍ଷାର ନାକ ତଳେ ଘଟିଛି ଏଭଳି ଅଘଟଣ। ପୁଲିସ୍‌ର ଢିଲାପଣିଆ ଓ ଖାମଖିଆଲ ମନୋଭାବ ଯୋଗୁଁ ଏପରି ଘଟିଥାଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଏସ୍‌ପି ବିନିତ ଅଗ୍ରୱାଲ କହିଛନ୍ତି, ନିଶ୍ଚିତ ଏହା ଏକ ସମ୍ବେଦନଶୀଳ ଘଟଣା। ଡ୍ରୋନ୍ ଉଡୁଥିବା ବେଳେ ପୁଲିସ ନଜରକୁ ଆସିଥିଲା। ଶ୍ରୀସେତୁ ଆଡ଼କୁ ଡ୍ରୋନ୍‌ଟି ଯିବା ବେଳେ ପୁଲିସ ମଧ୍ୟ ଏହାକୁ ଟ୍ରାକ୍ କରି ଯାଇଥିଲା, ହେଲେ ପାଇ ନ ଥିଲା। ଏ ନେଇ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇଛି। କଣ୍ଟ୍ରୋଲ ରୁମ୍‌ରେ ସିସିଟିଭି ଯାଞ୍ଚ କରାଯାଉଛି। କିଏ ଏହାକୁ ଉଡ଼ାଉଥିଲେ ଚିହ୍ନଟ କରିବା ଲାଗି ତଦନ୍ତ ଜାରି ରହିଛି। ତେବେ ଶ୍ରୀମନ୍ଦିର ସୁରକ୍ଷା ହେଉଛି ପୁଲିସର ପ୍ରାଥମିକତା ବୋଲି ଏସ୍‌ପି କହିଛନ୍ତି।

ସୂଚନାଥାଉ କି, ପୂର୍ବରୁ ଅନେକ ଥର ଶ୍ରୀମନ୍ଦିର ଉପରେ ଉଡିଛି ଡ୍ରୋନ। ଚଳିତ ମାସ ୫ ତାରିଖ ଭୋର ସମୟରେ ମଧ୍ୟ ଶ୍ରୀମନ୍ଦିର ଉପରେ ଉଡିଥିଲା ଡ୍ରୋନ। ଏ ନେଇ କିଛି ସ୍ପଷ୍ଟତା ମିଳି ନ ଥିବାବେଳେ ପୁଣି ମଙ୍ଗଳବାର ଡ୍ରୋନ୍ ଉଡ଼ିଛି।

**ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ**

### ବାପା ଉପରେ ରାଗ ପୁଅକୁ ମାରି ଶୁଝାଇଲା

# ବଳି ପଡ଼ିଗଲା ୩ ବର୍ଷର ଶିଶୁ

**ବାଲିବନ୍ଧ,୨୮।୧(ସମିସ):** କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ନହବେଡ଼ା ଗ୍ରାମମୁଣ୍ଡା ସାହିରେ ସୋମବାର ଏକ ହୃଦୟବିଦାରକ ଘଟଣା ଘଟିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ୩ ବର୍ଷର ଏକ ଶିଶୁପୁତ୍ରକୁ ଅପହରଣ ଓ ହତ୍ୟା କରାଯାଇଛି। ମୃତ ଶିଶୁ ହେଲା, ଦୁର୍ଯ୍ୟୋଧନ ମୁଣ୍ଡା ଓରଫ୍ ଚନ୍ଦନଙ୍କ ଏକମାତ୍ର ପୁଅ ଲକି। ଏହି ଘଟଣାରେ ପୁଲିସ୍ ଗ୍ରାମର ଶ୍ରୀତମ ମୁଣ୍ଡାକୁ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ତା'ର ଜାମିନ୍ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ,ଏହି ଘଟଣାକୁ ନେଇ ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।

ଗତ ୧୪ ଜାନୁଆରୀ ମକର ପର୍ବ ଦିନ ନହବେଡ଼ା ମୁଣ୍ଡାସାହିରେ 'ମାଘେ ପରବ' ହୋଇଥିଲା। ସେଠାରେ ଶ୍ରୀତମ ନିଶାସକ୍ତ ଅବସ୍ଥାରେ ଲୋକଙ୍କୁ ଗାଳିଗୁଲଜ କରୁଥିଲା। ଏହା ଦେଖି ଚନ୍ଦନ ତାକୁ ବାରଣ କରିବାରୁ ଦୁହିଁଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ଶ୍ରୀତମ ପ୍ରତିଶୋଧପରାୟଣ ହୋଇଉଠିଥିଲା। ଗତ ରବିବାର ଅପରାହ୍ଣରେ ଚନ୍ଦନଙ୍କ ପୁଅ ଲକି ଏକୁଟିଆ ଖେଳୁଥିବା ଦେଖି ଶ୍ରୀତମ ତାକୁ କୋଳି ଖାଇବା ଲୋଭ ଦେଖାଇ ନେଇ ଯାଇଥିଲା। ଲକିର ଜେଜେମା' ବୁଦୁନୀ ମୁଣ୍ଡା ଏହା ଦେଖିଥିଲେ। ତେବେ ଦୀର୍ଘ ସମୟ ପର୍ଯ୍ୟନ୍ତ ଲକି ଘରକୁ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ବହୁ ଖୋଜାଖୋଜି କରି ନପାଇବାରୁ ଶ୍ରୀତମକୁ ପଚରଉଚରା ମଧ୍ୟ କରିଥିଲେ। କିନ୍ତୁ ସେ କହିଥିଲା ଯେ କୋଳି ଗଛ ମୂଳେ ସେ ଲକିକୁ ଛାଡ଼ିଦେଇଥିଲା। ସୋମବାର ଏନେଇ ଝୁମ୍ପୁରା ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିବା ସହ ସହ ଶ୍ରୀତମକୁ ଜେରା କରିଥିଲା। ପୁଲିସ୍‌ର ନାଲିଆଖି ଦେଖି ଶ୍ରୀତମ ସତ ଓଗାଳି ଦେଇଥିଲା। ଲକିକୁ ହତ୍ୟା କରି ସେ ଫିଙ୍ଗି ଦେଇଥିବା ସ୍ୱୀକାର କରିବା ସହ ପୁଲିସ୍‌କୁ ନେଇ ଘଟଣାସ୍ଥଳ ଦେଖାଇଥିଲା। ସାଇଣ୍ଟିଫିକ୍ ଟିମ, ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ରୋହିତ ବାଗ, କେନ୍ଦୁଝର ଅତିରିକ୍ତ ଆରୋକ୍ଷୀ ଅଧୀକ୍ଷକ ହରପ୍ରିୟା ନାଏକ, ଚମ୍ପୁଆ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ, ଝୁମ୍ପୁରା ଥାନାଧିକାରିଣୀ ସମବାରୀ ହାଁସଦା ପ୍ରମୁଖ ତଦନ୍ତ କରିବା ପରେ ଶବକୁ ଠାବ କରି ବ୍ୟବଚ୍ଛେଦ ଲାଗି ଚମ୍ପୁଆ ଡାକ୍ତରଖାନାକୁ ପଠାଇଥିଲେ। ଏହି ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।



**ପୁଲିସ୍ ଜେରାରେ ମାନିଲା ସତ**

### ■ ରିଲିଜ୍ ପୂର୍ବରୁ ବିବାଦରେ ଫିଲ୍ମ 'ସନାତନୀ-କର୍ମ ହିଁ ଧର୍ମ'

# ଦଙ୍ଗା ଆଶଙ୍କା ନେଇ ସତର୍କ କରାଇଲା ଗୁଇନ୍ଦା

**ଭୁବନେଶ୍ୱର, ୨୮।୧ (ସମିସ):** ଆସନ୍ତା ୭ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଥିବା ଓଡ଼ିଆ ଚଳଚ୍ଚିତ୍ର 'ସନାତନୀ-କର୍ମ ହିଁ ଧର୍ମ'କୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହି ଚଳଚ୍ଚିତ୍ରର ଟ୍ରେଲରକୁ ନେଇ ସାମାଜିକ ଗଣମାଧ୍ୟମରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଚଳଚ୍ଚିତ୍ରଟି ମୁକ୍ତିଲାଭ କଲେ ଦଙ୍ଗା ସୃଷ୍ଟି ହୋଇପାରେ ବୋଲି ଗୁଇନ୍ଦା ବିଭାଗ ସରକାରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛି।

୨୦୨୪ ଡିସେମ୍ବର ୧୩ରେ ରିଲିଜ୍ ହୋଇଥିବା ଏହି ଚଳଚ୍ଚିତ୍ରର ଟ୍ରେଲର୍‌ରେ ଧର୍ମାନ୍ତରୀକରଣକୁ ନେଇ ଚଳଚ୍ଚିତ୍ରର କାହାଣୀ ଗତିଶୀଳ ହୋଇଥିବା ଦେଖିବାକୁ ମିଳିଥିଲା। କିଭଳି ଆଦିବାସୀଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତାଇ ସେମାନଙ୍କ ଜମି ବାଡ଼ି ଅକ୍ତିଆର କରାଯାଉଛି, ତାହା ଏହି ଟ୍ରେଲର୍‌ରେ ଦେଖାଯାଇଛି। ଫିଲ୍ମରେ ଧର୍ମଗୁରୁଙ୍କୁ ଖଳନାୟକ ଭାବେ ସଜାଯାଇଛି। ସେହିପରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମଣିଷ ହେଉଛି ଶ୍ରେଷ୍ଠ ଧର୍ମ ବୋଲି ଏଥିରେ ଦର୍ଶାଯାଇଥିବା ବେଳେ ଅନେକାଂଶରେ ହିନ୍ଦୁତ୍ୱବାଦ ନେଇ ଗୀତାର ଅନେକ ତତ୍ତ୍ୱକୁ ମଧ୍ୟ ଦର୍ଶାଯାଇଛି। ତେଣୁ ଏହି ଚଳଚ୍ଚିତ୍ରକୁ ବ୍ୟାନ୍ କରିବାକୁ ଖ୍ରୀଷ୍ଟ ଧର୍ମାବଲମ୍ବୀ ଦାବି କରିଛନ୍ତି।

ଫିଲ୍ମ ରିଲିଜ୍ ହେଲେ ଜିଲ୍ଲା ସ୍ତରରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ପୂର୍ବରୁ ମଧ୍ୟ କନ୍ଧମାଳ ଜିଲ୍ଲାରେ ମଧ୍ୟ ଦୁଇ ସଂପ୍ରଦାୟ ମଧ୍ୟରେ ଦଙ୍ଗା ହୋଇଥିଲା। ତେଣୁ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବନା ବଜାୟ ରଖିବାକୁ କୁହାଯାଇଛି। ବିଶେଷକରି ଫିଲ୍ମ ରିଲିଜ୍ ପରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଠିକ୍ ରଖିବାକୁ ଗୁଇନ୍ଦା ବିଭାଗ ପରାମର୍ଶ ଦେଇଛି। ସେହିପରି ଏସ୍‌ପିମାନଙ୍କୁ ମଧ୍ୟ ଆଲର୍ଟରେ ରହିବାକୁ କୁହାଯାଇଛି। ଯଦି କୌଣସି ସ୍ଥାନରେ ଦୁଇ ଧର୍ମ ମଧ୍ୟରେ କିଛି ଭେଦଭାବ ଦେଖିବାକୁ ମିଳିଥାଏ କିମ୍ବା ଖ୍ରୀଷ୍ଟିଆନ ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ଅଧିକ ଦେଖାଯାଏ, ତାହା ଉପରେ ନଜର ରଖିବାକୁ କୁହାଯାଇଛି।

ବିଦିଶା କ୍ରାଫ୍ଟ ବ୍ୟାନର୍‌ରେ ବରିଷ୍ଠ ପ୍ରଯୋଜକ ବିଜୟ କାଣ୍ଡୋଇଙ୍କ ପ୍ରଯୋଜନାରେ ଏହି ସିନେମା ନିର୍ମାଣ ହୋଇଛି। ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅଭିନେମା ସମ୍ବିତ ଆଚାର୍ଯ୍ୟ।




- **ସରକାରଙ୍କୁ ଚିଠି ମାଧ୍ୟମରେ ଜଣାଇଲା ଗୁଇନ୍ଦା ବିଭାଗ**
- **ଆଲର୍ଟ ରହିବାକୁ ଏସ୍‌ପିମାନଙ୍କୁ ପରାମର୍ଶ**

### ■ ଓଏଭି ଖାଦ୍ୟସାରଣୀରେ ଅନିୟମିତତା

# ବାସି ପଖାଳ ଖାଇ ୨୨ ଛାତ୍ରୀ ଅସୁସ୍ଥ



**ତେଲକୋଇ, ୨୮।୧(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀନିବାସରେ ବାସି ଖାଦ୍ୟ ଖାଇ ୨୨ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ଅସୁସ୍ଥ ହୋଇପଡ଼ିଛନ୍ତି। ସମସ୍ତଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସମସ୍ତେ ସୁସ୍ଥ ହୋଇ ଫେରିଛନ୍ତି। ଏହି ଘଟଣା ପରେ ହଷ୍ଟେଲରେ ଅତି ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଅସୁସ୍ଥ ଅନ୍ତେବାସୀମାନେ ଅଭିଯୋଗ କରିଛନ୍ତି।

ଖାଦ୍ୟସାରଣୀ ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ଣରେ ଅନ୍ତେବାସୀଙ୍କୁ ଉପମା ଓ ଡାଲମା, ତରକାରୀ ଦେବା ପାଇଁ ନିୟମ ରହିଥିଲା। ଦାୟିତ୍ୱରେ ଥିବା ୱାର୍ଡେନ୍ ତାହା ନଦେଇ ବାସି ପଖାଳ ସାଙ୍ଗକୁ ମଟର ତରକାରୀ ଦେଇଥିଲେ। ଖାଇବାର କିଛି ସମୟ ପରେ କିଛି ଛାତ୍ରୀଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ପେଟରେ ଗଭୀର ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଆଉ କେତେକଙ୍କୁ ଜ୍ୱର ମଧ୍ୟ ଆସିଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ସଙ୍ଗେସଙ୍ଗେ ସମସ୍ତଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ବାସି ଓ ନିମ୍ନମାନର ଖାଦ୍ୟ ଯୋଗୁଁ ଅନ୍ତେବାସୀ ଅସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି।

ଅନ୍ୟପଟେ, ନିମ୍ନମାନର ଖାଦ୍ୟ ଦେଇ ହଷ୍ଟେଲ ଅନୁଦାନକୁ ମିଳିମିଶି ଆତ୍ମସାତ୍ କରାଯାଉଛି ବୋଲି ଅଭିଭାବକମହଲରେ ଅଭିଯୋଗ ହେଉଛି। ଜିଲ୍ଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ବିଧିବଦ୍ଧ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

# ଦୁଇ ମେଧାବୀ ଭାଇଙ୍କୁ ଦାଦନ ସଜାଇଦେଲା ଦାରିଦ୍ର୍ୟ

### ଆନ୍ଧ୍ର ଇଟାଭାଟିରୁ ୩୮ ଦାଦନ ଶ୍ରମିକ ଉଦ୍ଧାର

**ବଲାଙ୍ଗିର, ୨୮।୧(ସମିସ):** ଦୁଇ ମେଧାବୀ ଭାଇଙ୍କୁ ଦାଦନ ସଜାଇଦେଲା ଦାରିଦ୍ର୍ୟ। ବଲାଙ୍ଗିର ଜିଲ୍ଲା ଅନୁନ୍ନତ ଖପ୍ରାଖୋଲ ଥାନା ମହରାପଦର ଗାଁର ଖଗପତି କୁମ୍ଭାର ଓ ଶଶୀ କୁମ୍ଭାରଙ୍କ ଦୁଇପୁଅ ଅମିତ ଓ ଆକାଶ। ଗାଁ ସ୍କୁଲରୁ ଦଶମ ପାସ୍ କରିବା ପରେ ଭୁବନେଶ୍ୱରର ଏକ ଇଞ୍ଜିନିୟରିଂ କଲେଜରେ ସିଭିଲ ଇଞ୍ଜିନିୟରିଂରେ ଡିପ୍ଲୋମା ପାସ୍ କରିଛନ୍ତି ଅମିତ। ପରେ ଅନ୍ୟ ଏକ କଲେଜରେ ବି.ଟେକ୍ ନାମ ଲେଖାଇଥିଲେ। କିନ୍ତୁ ଅର୍ଥାଭାବରୁ ଆଉ ଆଗକୁ ବଢ଼ିପାରିଲେନି। ଭାଇ ଆକାଶର ବି କାହାଣୀ ସମାନ। ପାଟଣାଗଡ଼ ଜବାହର ମହାବିଦ୍ୟାଳୟରୁ ଯୁକ୍ତ ଦୁଇ ବିଜ୍ଞାନରେ ୬୦% ମାର୍କ ରଖି ପାସ୍ କରିବା ପରେ ଯୁକ୍ତ ତିନି ରସାୟନ ବିଜ୍ଞାନରେ ନାମ ଲେଖାଇଥିଲେ। କିନ୍ତୁ ବହୁ କଷ୍ଟରେ ଗୋଟିଏ ବର୍ଷ ପଢ଼ିବା ପରେ ଦାରିଦ୍ର୍ୟ ତାଙ୍କ ପାଠପଢ଼ାରେ ଡୋରି ବାନ୍ଧିଦେଲା। ପେଟ ପୋଷିବା ପାଇଁ ପରିବାର ସହ ସେମାନେ ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଚାଲିଗଲେ। ଆନ୍ଧ୍ରର ଏକ ଇଟାଭାଟିରୁ ଉଦ୍ଧାର ୩୮ ଦାଦନ ଶ୍ରମିକଙ୍କ ମଧ୍ୟରେ ଥିବା ଏହି ଦୁଇ ଭାଇଙ୍କ କାହାଣୀ ପୁଣିଥରେ ସରକାରୀ ବିଧି ବ୍ୟବସ୍ଥା ଓ ପ୍ରଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନଙ୍କୁ ଚକିତ କରିଛି। ତେବେ, ଏହି ଦୁଇ ଭାଇଙ୍କ ପ୍ରଚେଷ୍ଟା ଯୋଗୁଁ ନିର୍ଯ୍ୟାତିତ ସମସ୍ତ ୩୮ ଦାଦନ ଶ୍ରମିକ ଆଜି ସୁରକ୍ଷିତ ଭାବେ ବଲାଙ୍ଗିରରେ ପହଞ୍ଚିଛନ୍ତି।







ସୂଚନାନୁସାରେ, ପାଟଣାଗଡ଼ ନିର୍ବାଚନମଣ୍ଡଳୀ ଅଧୀନ ମହରାପଦର ଅଞ୍ଚଳର ୮ ପରିବାର ଗତ ନଭେମ୍ବର ୩ରେ ଆନ୍ଧ୍ରପ୍ରଦେଶର ରାଙ୍ଗାରେଡ୍ଡି ଜିଲ୍ଲା ସୁଲତାନ ପଲ୍ଲୀଠାରେ ଥିବା ଏକ ଇଟାଭାଟିକୁ କାମ କରିବା ପାଇଁ ଯାଇଥିଲେ। କଣ୍ଟାବାଞ୍ଜିର ପପୁ ଖାନ ଓ ନାନ୍ଦୁପଲାର ଦୀନବନ୍ଧୁ ବିଶି ଏହି ଶ୍ରମିକମାନଙ୍କୁ ସେଠାକୁ ପଠାଇଥିଲେ। ସେମାନଙ୍କୁ ମୁଣ୍ଡ ପିଛା ୬୦ ହଜାର ଟଙ୍କା ଦିଆଯିବା ସହ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ସେଠାରେ ପହଞ୍ଚୁ ପହଞ୍ଚୁ ଅତ୍ୟାଚାର ଆରମ୍ଭ ହୋଇଯାଇଥିଲା। ସେମାନଙ୍କୁ ୩୦ ହଜାର ଟଙ୍କା ଦିଆଯାଇଥିବା ବେଳେ ଇଟାଭାଟିରେ କୌଣସି ବ୍ୟବସ୍ଥା ନଥିଲା। ଏନେଇ ସେମାନେ ମାଲିକଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ଲାଭ ମିଳିନଥିଲା। ଓଲଟି ମାଲିକ ମଧ୍ୟ ସେମାନଙ୍କ ଉପରେ ଅତ୍ୟାଚାର କରିଥିଲା। ମହିଳାମାନଙ୍କୁ ଶାରୀରିକ ନିର୍ଯାତନା ଦିଆଯାଉଥିବା ବେଳେ ଏହାକୁ ପ୍ରତିବାଦ କଲେ ସେମାନଙ୍କୁ ମାଡ଼ ମରାଯାଉଥିଲା। ଏହି ଅକଥନୀୟ ଅତ୍ୟାଚାର ସଂପର୍କରେ ଦୁଇ ଭାଇ ଅମିତ ଓ ଆକାଶ କିଛି ସମାଜସେବୀଙ୍କୁ ଖବର ଦେଇଥିଲେ। ଏହାକୁ ନେଇ ଟ୍ୱିଟ୍ ମାଧ୍ୟମରେ ଉଦ୍ଧାର କରିବା ପାଇଁ ନିବେଦନ କରାଯାଇଥିଲା। ପରେ ଜିଲ୍ଲା ଶ୍ରମ ବିଭାଗ ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ଉକ୍ତ ୩୮ ଶ୍ରମିକଙ୍କୁ ଉଦ୍ଧାର କରି ଟ୍ରେନ୍‌ରେ ବଲାଙ୍ଗିର ପଠାଇ ଦେଇଥିଲା।

ଆଜି (ମଙ୍ଗଳବାର) ଶ୍ରମିକମାନେ ବଲାଙ୍ଗିରରେ ପହଞ୍ଚିବା ପରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କୁ କାମ କରିବାକୁ ପଠାଇଥିବା ଦାଦନ ସର୍ଦ୍ଦାର ପପୁ ଖାନ ଓ ଦୀନବନ୍ଧୁ ବିଶି ଫୋନ୍‌ରେ ସେମାନଙ୍କୁ ଧମକ ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖପ୍ରାଖୋଲ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ବଲାଙ୍ଗିର ଜିଲ୍ଲାରେ ଦାଦନ ଦୁଃଖ ଥମିବାର ନାଁ ଧରୁନାହିଁ। ପ୍ରତିଦିନ ନୂଆନୂଆ ଦାଦନ ନିର୍ଯାତନାର କାହାଣୀ ସାମ୍ନାକୁ ଆସୁଛି। ରାଜ୍ୟରେ ସରକାର ବଦଳିବା ପରେ ଦାଦନ ରୋକିବା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଥିଲା। ଏହାର ଦାୟିତ୍ୱ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ଦିଆଯାଇଥିଲା। ତେବେ, ଗତ ମାସକର ଘଟଣା ଉପରେ ନଜର ପକାଇଲେ, ଟାସ୍କଫୋର୍ସ ଗଠନ କେବଳ ଲୋକସେବା ଭବନରେ ସୀମିତ ରହିଯାଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି।

## ଅସହ୍ୟ ହେଲା ବିରହ ବେଦନା
# ମହେନ୍ଦ୍ରକୁ ଝୁରିଝୁରି ଆଖି ବୁଜିଲା ଭବାନୀ



**ବାରିପଦା,୨୮ ।୧(ସମିସ):** ଅସହ୍ୟ ହେଲା ସାଥିର ବିରହ। ଶେଷରେ ସାଥିକୁ ଝୁରିଝୁରି ଆରପାରିକୁ ଚାଲିଗଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସୁରକ୍ଷା ପାଇଁ ନିୟୋଜିତ ଥିବା କୁମକୀ ପୋଷା ହାତୀ ଭବାନୀର ଆଜି ମୃତ୍ୟୁ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳ ପ୍ରାୟ ୬ଟାରେ ସେ ଆଖି ବୁଜିଛି। ବୟସାଧିକ୍ୟ କାରଣରୁ ତା' ଦାନ୍ତରେ ସଂକ୍ରମଣ ହେବା ସହ ପାଚନକ୍ରିୟାରେ ସମସ୍ୟା ଦେଖାଦେଇଥିଲା। ଏହି କାରଣରୁ ପାଖାପାଖି ବର୍ଷେ ହେବ ତାକୁ ରନ୍ଧା ଓ ସିଝା ପରିବା ଏବଂ ଭିଟାମିନ୍ ଦିଆଯାଉଥିଲା। ଗତ ୧୨ ତାରିଖରେ ଅନ୍ୟ କୁମ୍‌କୀ ହାତୀ ମହେନ୍ଦ୍ରର ମୃତ୍ୟୁ ପରେ ଭବାନୀର ଆଚରଣରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା। ଏହାସହ ପାଚନ କ୍ରିୟାରେ ବି ଆହୁରି ସମସ୍ୟା ସୃଷ୍ଟି ହୋଇଥିଲା। ପ୍ରାଣୀ ବିଶେଷଜ୍ଞ ଚିକିତ୍ସକଙ୍କ ଦ୍ୱାରା ହାତୀଗଡ଼ କ୍ୟାମ୍ପରେ ତା'ର ଚିକିତ୍ସା ଜାରି ରହିଥିଲା। ଆଜି ସକାଳେ ତା'ର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ମହେନ୍ଦ୍ରର ଶେଷକୃତ୍ୟ ସଂପନ୍ନ କରାଯାଇଛି।

ଶିମିଳିପାଳର ସୁରକ୍ଷା ଓ ପର୍ଯ୍ୟଟକଙ୍କ ମନୋରଂଜନ ପାଇଁ ୨୦୦୧ ନଭେମ୍ବରରେ କର୍ଣ୍ଣାଟକରୁ ତାଲିମ୍‌ପ୍ରାପ୍ତ ହାତୀ ଭବାନୀକୁ ଏଠାକୁ ଅଣାଯାଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ସୁରକ୍ଷାରେ ନିୟୋଜିତ କରାଯାଇଥିଲା। ତା' ପିଠିରେ ବସି ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିଲେ। ଏପରିକି, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ହାତୀଙ୍କୁ ଘଉଡ଼ାଇବାରେ ମଧ୍ୟ ସେ ସହଯୋଗ କରୁଥିଲା। ଏହାସହ ପର୍ଯ୍ୟଟକମାନେ ମଧ୍ୟ ଭବାନୀ ପିଠିରେ ବସି ବୁଲୁଥିଲେ। ଭବାନୀ ପାଖରୁ ଗତ ୨୦ ଅକ୍ଟୋବର ୨୦୦୨ରେ ରାଜକୁମାର (ଅଣ୍ଡିରା) ଓ ଗତ ୧୪ ଡିସେମ୍ବର ୨୦୦୮ ରେ ଶିବାନୀ (ମାଈ) ଜନ୍ମ ନେଇଥିଲେ। ସେମାନେ ବର୍ତ୍ତମାନ ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷାରେ ନିୟୋଜିତ ଅଛନ୍ତି। ଭବାନୀ ଅନ୍ୟ କୁମ୍‌କୀ ହାତୀମାନଙ୍କ ସମେତ ଗୁଡୁଗୁଡ଼ିଆସ୍ଥିତ ହାତୀ କ୍ୟାମ୍ପରେ ରହୁଥିଲା। ବନବିଭାଗ ପକ୍ଷରୁ ଶିମିଳିପାଳକୁ ଆସିଥିବା ଅତିଥି ମହାବଳ ବାଘୁଣୀ ଜିନତ୍ ଓ ଯମୁନାକୁ ଟ୍ରାକିଂ କରିବା ପାଇଁ ଗୁଡ଼ଗୁଡ଼ିଆରୁ ଆଣି ଜେନାବିଲ ବନାଞ୍ଚଳରେ ମହେନ୍ଦ୍ର, ରାଜକୁମାର, ଶିବାନୀ ଓ ଭବାନୀକୁ ରଖାଯାଇଥିଲା।

# ଶିମିଳିପାଳରୁ ପୁଣି ୨ ଶିକାରୀ ଗିରଫ; ୫ ବନ୍ଧୁକ ଜବତ



**ବାରିପଦା, ୨୮ ।୧(ସମିସ):** ଶିକାର ଉଦ୍ଦେଶ୍ୟରେ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରିଥିବା ୨ ଶିକାରୀକୁ ବନ ବିଭାଗ ଧରିଛି। ସେମାନେ ହେଲେ, କପ୍ତିପଦା ଥାନା ଅନ୍ତର୍ଗତ କୋଳିଅଳମ ପଞ୍ଚାୟତର ନଛିପୁର ଗ୍ରାମର ରାଜକିଶୋର ନାଏକ(୨୯) ଓ ପାଗଡାଡିହା ଗ୍ରାମର କାଳିଚରଣ ଦେହୁରୀ(୨୩)। ଅଭୟାରଣ୍ୟରେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ସହାୟତାରେ ଏହି ଦୁଇଜଣଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ନିକଟରୁ ୫ଟି ଦେଶୀ ବନ୍ଧୁକ, ବାରୁଦ, ସମ୍ବର ଶିଙ୍ଘ, ୨ଟି ହରିଣ ଶିଙ୍ଘ, ଗୋଟିଏ ଧନୁ, ୩ଟି ତୀର ସମେତ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ କରାଯାଇଛି। ୫ଜଣ ଶିକାରୀ ଦଳବଦ୍ଧ ହୋଇ ମାରଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର କୋର ଅଞ୍ଚଳ ମଧ୍ୟକୁ ପ୍ରବେଶ କରିଥିବା ବେଳେ ସେମାନଙ୍କ ଫଟୋ ଏଆଇ କ୍ୟାମେରାରେ କଏଦ ହୋଇଥିଲା। ଏହାକୁ ଆୟୁଧ କରି ଯାଞ୍ଚ ପ୍ରକ୍ରିୟା କରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ କର୍ମଚାରୀ ଚଢ଼ଉ କରିଥିଲେ। ବନ କର୍ମଚାରୀଙ୍କୁ ଦେଖି ୩ ଶିକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ୨ଜଣ ଧରାପଡ଼ିଥିଲେ।

**ଖସିଗଲେ, ୩**

# ହାଇକୋର୍ଟରୁ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକ-କର୍ମଚାରୀଙ୍କୁ ଆଶ୍ୱସ୍ତି

**କଟକ,୨୮ ।୧(ସମିସ):** ବ୍ଲକ୍‌ଗ୍ରାଣ୍ଟ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ଓ ଛୁଟି ନିୟମ ସମ୍ପର୍କିତ ସ୍ପଷ୍ଟୀକରଣ ପତ୍ର ପ୍ରତ୍ୟାହାର ପାଇଁ ଜାରି ହୋଇଥିବା ନିର୍ଦ୍ଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଗତ ଜାନୁଆରି ୭ରେ ଜାରି କରାଯାଇଥିବା ଏହି ପତ୍ର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ ନାହିଁ। ଏହା ସମସ୍ତ ବ୍ଲକ ଗ୍ରାଣ୍ଟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ସାମୟିକ ଆଶ୍ୱସ୍ତ ପ୍ରଦାନ କରିଛି।

ପ୍ରକାଶଥାଉକି, ଗତ ୨୦୧୧ ନଭେମ୍ବର ୨୩ରେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବ୍ଲକ୍ ଗ୍ରାଣ୍ଟ ପାଉଥିବା ଶିକ୍ଷକ ଓ କର୍ମଚାରୀମାନଙ୍କ ଚାକିରି ସର୍ତ୍ତାବଳୀ ଏବଂ ଛୁଟି ସମ୍ପର୍କିତ ଏକ ସ୍ପଷ୍ଟୀକରଣ ପତ୍ର ଦିଆଯାଇଥିଲା। ଏହି ଚିଠିରେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକ ଓ କର୍ମଚାରୀମାନଙ୍କ ଚାକିରି ସର୍ତ୍ତାବଳୀ ଓଡ଼ିଶା ଶିକ୍ଷା ନିୟମ ୧୯୭୪ ଏବଂ ଛୁଟି ୧୯୭୭ ନିୟମ ଅନୁସାରେ କାର୍ଯ୍ୟକାରୀ କରାଯିବ ବୋଲି ଉଲ୍ଲେଖ କରାଯାଇଥିଲା। ଏହି ଚିଠିକୁ ଆଧାର କରି ପ୍ରତ୍ୟେକ ମହାବିଦ୍ୟାଳୟରେ ଅଧ୍ୟକ୍ଷମାନେ ଛୁଟି ମଞ୍ଜୁର କରି ଆସୁଥିଲେ। ଦୀର୍ଘ ୧୩ବର୍ଷ ପରେ ତଥା ଗତ ୨୦୨୫ ଜାନୁଆରୀ ୭ରେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପୂର୍ଣ୍ଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକର ଅଧ୍ୟକ୍ଷମାନଙ୍କୁ ଉପରୋକ୍ତ ୨୦୧୧ ମସିହାର ସ୍ପଷ୍ଟୀକରଣକୁ କୌଣସି ଯୁକ୍ତିଯୁକ୍ତ କାରଣ ନଦର୍ଶାଇ ବେଆଇନ ଭାବେ ପ୍ରତ୍ୟାହାର କରି ନିଆଯାଇଥିବା ନେଇ ପତ୍ର ଦିଆଯାଇଥିଲା। ଏହାକୁ ବିରୋଧ କରି ନିଖିଳ ଓଡିଶା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘ ତରଫରୁ ସଂଘର ଉପସଭପତି ଡ. ସୁବିଜ୍ଞ ଗଡତ୍ୟା ହାଇକୋର୍ଟରେ ମାମଲା ଦାୟର କରିଥିଲେ।

**ଚାକିରି ସର୍ତ୍ତାବଳୀ ସମ୍ପର୍କିତ ସ୍ପଷ୍ଟୀକରଣ ପତ୍ର ପ୍ରତ୍ୟାହାର ଉପରେ ରହିତାଦେଶ**

# ଘୁଞ୍ଚିଘୁଞ୍ଚି ଯାଉଛି 'ସୁଭଦ୍ରା' ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା


**ଭୁବନେଶ୍ୱର,୨୮ ।୧(ସମିସ):** ଘୁଞ୍ଚିଘୁଞ୍ଚି ଯାଉଛି ରାଜ୍ୟ ସରକାରଙ୍କ 'ସୁଭଦ୍ରା' ଯୋଜନା ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଅର୍ଥ ପ୍ରଦାନ ତାରିଖ। ପ୍ରଥମ କିସ୍ତିର ପ୍ରଥମ ପର୍ଯ୍ୟାୟ ଟଙ୍କା ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ସେପ୍ଟେମ୍ବର ୧୭ତାରିଖରେ ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ଦଶହରା ଓ ତୃତୀୟ ପର୍ଯ୍ୟାୟ ଟଙ୍କା ନଭେମ୍ବର ୨୪ରେ ପ୍ରଦାନ କରାଯାଇଛି। କିନ୍ତୁ ଚତୁର୍ଥ ପର୍ଯ୍ୟାୟରେ ଟଙ୍କା ପାଇବା ପାଇଁ ଆଶାୟୀ ହିତାଧିକାରୀମାନଙ୍କୁ ଟଙ୍କା ମିଳିପାରୁନାହିଁ। ବିଭିନ୍ନ ଆଳ ଦେଖାଇ ସରକାର ଗୋଟିଏ ପରେ ଗୋଟିଏ ତାରିଖ ଘୁଞ୍ଚାଇ ଚାଲିଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ପ୍ରଥମେ ଏହି ଟଙ୍କା ଡିସେମ୍ବର ଶେଷ ସୁଦ୍ଧା ଦିଆଯିବ ବୋଲି କୁହାଯାଇଥିଲା। ପରେ ଜାନୁଆରୀ ଆରମ୍ଭ ଏବଂ ପରବର୍ତ୍ତୀ ସମୟରେ ଜାନୁଆରୀ ୧୫ ପରେ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଥିଲେ। ଏଥିପାଇଁ ସରକାରୀ ସ୍ତରରେ ଯାଞ୍ଚ ଓ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ କେୱାଇସି ଅପଟ-ଇନ୍ କରିବାକୁ ନିବଦେନ କରାଯାଇଥିଲା। ପୁଣି କିଛିଦିନ ବ୍ୟବଧାନରେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଆବେଦନ କଲେ ଏକାଥରକେ ଦୁଇଟି କିସ୍ତିର ଟଙ୍କା ଦିଆଯିବ ବୋଲି କୁହାଯାଉଥିବା ବେଳେ ଆଜି ଆଉ ଏକ ଅପଡେଟ୍ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ।

ଏନ୍‌ପିସିଆଇ ତ୍ରୁଟି ଯୋଗୁଁ ଯୋଜନାରେ ସାମିଲ ହୋଇପାରି ନଥିବା ମହିଳାମାନେ ବ୍ୟାଙ୍କ୍‌କୁ ଯାଇ ସମସ୍ୟା ଦୂର କରିବାକୁ ପରାମର୍ଶ ଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଏନ୍‌ପିସିଆଇ ଜନିତ ସମସ୍ୟା ପାଇଁ ଏପର୍ଯ୍ୟନ୍ତ ୩,୩୧,୦୦୦ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇପାରି ନାହାନ୍ତି। ଜାନୁଆରୀ ୨୯ ଓ ୩୦ ଦୁଇଦିନ ବ୍ୟାଙ୍କର କର୍ମଚାରୀମାନେ ସୁଭଦ୍ରା ପାଇଁ ଯାଇଥିବା ମହିଳାମାନଙ୍କର କାମକୁ ଗୁରୁତ୍ୱ ଦେବେ। ତେବେ ଯେଉଁମାନଙ୍କୁ ବ୍ୟାଙ୍କ୍ ସମସ୍ୟା ପାଇଁ କଲ୍ ଆସିଛି, ସେମାନେ କେବଳ ବ୍ୟାଙ୍କ୍ ଯିବାକୁ ପଡ଼ିବ।

**ପୁଣି ୨ଦିନ ବ୍ୟାଙ୍କ୍ ଯିବାକୁ ଆବେଦନକାରୀଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ନିବେଦନ**

# କାରଖାନାରୁ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଯଖପୁରା, ୨୮।୧(ସମିସ):** ଯଖପୁରା ଥାନା ଅନ୍ତର୍ଗତ ଯାଜଦାନି ଷ୍ଟିଲ ପ୍ଲାଣ୍ଟରେ ଏକ ଅଘଟଣ ଘଟିଛି। କାରଖାନାର ପାୱାର ପ୍ଲାଣ୍ଟ ସାଇଟ୍‌ରୁ ଜଣେ ଶ୍ରମିକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତ ଯୁବକଜଣକ ସୁକିନ୍ଦା ବ୍ଲକ ଅଧୀନସ୍ଥ ପିଙ୍ଗଳ ପଞ୍ଚାୟତ କଇଥା ଗ୍ରାମର ଦୁର୍ଯୋଧନ ଦଳାଇଙ୍କ ପୁଅ ଚୈତନ୍ୟ ଦଳାଇ (୨୩)। ସୂଚନା ମୁତାବକ, ଚୈତନ୍ୟ ୪ ମାସ ଧରି ଯାଜଦାନି ଷ୍ଟିଲ ପ୍ଲାଣ୍ଟରେ ଏମ୍‌ଏସବିବିଏସ ପାୱାରରେ ଠିକା ଶ୍ରମିକ ଭାବେ କାମ କରୁଥିଲେ। ଆଜି ଏ-ସିଫ୍ଟରେ କାରଖାନାରେ କାମ କରିବା ପାଇଁ ସକାଳୁ ଘରୁ ବାହାରି ଆସିଥିଲେ। କାରଖାନାରେ ପହଞ୍ଚି ନିଜ ସାଇଟ୍ ପାୱାର ପ୍ଲାଣ୍ଟକୁ ଯାଇଥିଲେ। କିଛି ସମୟ ପରେ ତାଙ୍କର ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଖବର ପାଇ ଯଖପୁରା ଥାନା ଅଧିକାରୀ ଏକ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ମୃତଦେହ ଅନୁଧ୍ୟାନ କରିଥିଲେ। ଏ ନେଇ କାରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ବ୍ୟାସନଗର ଅତିରିକ୍ତ ତହସିଲଦାର, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସହିତ କମ୍ପାନୀ ପ୍ରତିନିଧି ଭାବେ ଡିଆରଆଇ ଡିଜିଏମ ଯାଦବ ଦାସ ଆଲୋଚନା କରିଥିଲେ। ତେବେ ମୃତ କର୍ମଚାରୀ ପରିବାରକୁ କମ୍ପାନୀ ପକ୍ଷରୁ ୧୬ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ମିଳିଥିଲା।



## ପୁନର୍ଗଠନ ପ୍ରକ୍ରିୟାକୁ ବନ୍ଦ ଦାବି

ଭବାନୀପାଟଣା,୨୮ ।୧(ସମିସ): ଭବାନୀପାଟଣାସ୍ଥିତ ଜିଲ୍ଲାପାଳଙ୍କ ଅଫିସ ଆଗରେ ପୁନର୍ଗଠନ (ରିଷ୍ଟ୍ରକ୍ଚର) ପ୍ରକ୍ରିୟା ବନ୍ଦ କରିବା ଦାବି ନେଇ ଓଡିଶା ଜୀବିକା ମିଶନ ଇସି ସଂଘର କଳାହାଣ୍ଡି ଜିଲ୍ଲା ଶାଖା ବିକ୍ଷୋଭ ପ୍ରଦର୍ଶନ କରିଛି। ଏହି ଅବସରରେ ମା' ମାଣିକେଶ୍ବରୀ ମନ୍ଦିରରୁ ଜିଲ୍ଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶୀଘ୍ର ଏହି ଦାବି ପୂରଣ କରା ନ ଗଲେ ଜୋରଦାର ଆନ୍ଦୋଳନ କରାଯିବା ସହ ରାଜ୍ୟର ଲକ୍ଷ୍ୟ ଲକ୍ଷ ଇସି କର୍ମୀ ରାସ୍ତାକୁ ଓହ୍ଲାଇବେ ବୋଲି ସଂଘର ଉପଦେଷ୍ଟା ଉମେଶ ଚନ୍ଦ୍ର ନାୟକ ଚେତାବନୀ ଦେଇଛନ୍ତି। ବିକ୍ଷୋଭ ସଭାରେ ଜିଲା ସଭାନେତ୍ରୀ ନଳିନୀ ମଞ୍ଜରୀ ବାଗ, ସଂପାଦିକା ଶଙ୍ଖସିନୀ ପଣ୍ଡା, ବୈଜୟନ୍ତୀ ସାହୁ, ରାଜଲକ୍ଷ୍ମୀ ଭଇଁସାଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବିଧାୟିକାଙ୍କ ଡାକ୍ତରଖାନା ପରିଦର୍ଶନ

କେସିଙ୍ଗା,୨୮ ।୧(ସମିସ): କଳାହାଣ୍ଡି ଜିଲ୍ଲା ନର୍ଲା ବିଧାୟକ ମନୋରମା ମହାନ୍ତି କେସିଙ୍ଗା ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ରୋଗୀଙ୍କ ଭଲମନ୍ଦ ବୁଝିବା ସହ ଫଳ ବଣ୍ଟନ କରି ସେମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ବିଜେଡି ନଗର ସଭାପତି ରମେଶ ପଟ୍ଟନାୟକ, କେସିଙ୍ଗା ନଗରପାଳ ନୃପରାଜ ଯାଦବ, ଉପ ନଗରପାଳ ସରସ୍ୱତୀ ସାହା, ଯୁବ ନେତା ସିଲୁ ପରିଡ଼ା, ନଳୀନ ପଟ୍ଟନାୟକ, କାଉନସିଲର ରମାକାନ୍ତ ଜେନା, ଶମ୍ଭୁ ବଗର୍ତ୍ତି, ପ୍ରକାଶ ବନଛୋର, ମେଡିକାଲ ମୁଖ୍ୟ ପ୍ରୟାଗ ପ୍ରତିଶ୍ରୁତି ମାଝୀ, ବିଶ୍ୱ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ତ୍ରୀଙ୍କ ସହ ସାରସ୍ୱତ ସମିତିର ଆଲୋଚନା

ସିନାପାଲି,୨୮ ।୧(ସମିସ): ଗଙ୍ଗାଧର ସାରସ୍ୱତ ସମିତିର କର୍ମକର୍ତ୍ତାମାନେ ଦୁଇଦିନିଆ ଜିଲ୍ଲା ଗସ୍ତରେ ଆସିଥିବା ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରି ଜିଲ୍ଲାରେ ଓଡ଼ିଆ ଭାଷା, ସାହିତ୍ୟର ବିକାଶ ସହ ଏଠିକାର କବି ଲେଖକଙ୍କୁ ଉତ୍ସାହ ପ୍ରଦାନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସ୍ମାରକ ପତ୍ର ସମିତିର ସଭାପତି ବୈଷ୍ଣବ ମେହେରଙ୍କ ନେତୃତ୍ୱରେ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ଦଳରେ ସଭାପତିଙ୍କ ସହ ସମ୍ପାଦକ ତରୁଣ ମେହେର, ଧ୍ରୁବଚରଣ ପଧାନ, ପ୍ରଦ୍ୟୁମ୍ନ ସିଂ ଚିନ୍ଦା, ପ୍ରେମାନନ୍ଦ ମେହେର ଓ ରଶ୍ମିରଞ୍ଜନ ସା ପ୍ରମୁଖ ସାମିଲ ଥିଲେ।

## ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

କର୍ଲାମୁଣ୍ଡା,୨୮ ।୧(ସମିସ):କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ସ୍ଥିତ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧମିକ ବିଦ୍ୟାଳୟ ରିଷିଡା ଠାରେ ଜାତୀୟ ସେବା ଯୋଜନା ତରଫରୁ ହେଉଥିବା ଶୀତକାଳିନ ସ୍ୱତନ୍ତ୍ର ଶିବିର ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ଚୌଧୁରୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଉଚ୍ଚ ମାଧମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀ ଯୋଗଦେଇ ଶିବିରାର୍ଥୀଙ୍କୁ ସେବା ଯୋଜନାର ଅନେକ ଉପକାରିତା ବିଷୟରେ ଆଲୋକପାତ କହିଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ନୀଳାମ୍ବର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ଦୀର୍ଘ ସାତ ଦିନ ଧରି ପୋଷ୍ୟଗ୍ରାମ ଓଡ଼ିଆମୁଣ୍ଡା ଗାଁରେ ପୁଅ ଝିଅ ଶିବିରାର୍ଥୀଙ୍କୁ ନେଇ ସାତଦିନ ମଧ୍ୟରେ ପରିବେଶ ସଫା ସୁତୁରା, ସଚେତନତାରାଲୀ,କନ୍ୟାଭ୍ରୁଣ ହତ୍ୟା ସଚେତନତା , ନିଶାନିବାରଣ ନାଟକ ପରିବେଷଣ ଓ ସଚେତନତା କରାଇଥିଲେ ଓ ଶିବିରାର୍ଥୀ ନିଜେ ନିଜର ଅଭିଜ୍ଞତା ଉପସ୍ଥାପନ କରିଥିଲେ। ଅଧ୍ୟାପକ ଗିରିରାଜ ଗହୀର ସମସ୍ତଙ୍କୁ ଧନ୍ୟବାଦ ଦେଇଥିବା ବେଳେ ଅଧ୍ୟାପକ ଦୁଷ୍ମନ୍ତ ମିର୍ଦ୍ଧା, ଗ୍ରନ୍ଥପାଳ ଚିନ୍ମୟ ରଣା, ଲିନା ବାରିକ, ନାରାୟଣ ଗହୀର, ଯୋଗେନ୍ଦ୍ର ବେହେରା,ପାଣ୍ଡବ ହରିଜନ, କଳ୍ପନା ରଣା ପ୍ରମୁଖ ସାହାଯ୍ୟ ସହଯୋଗ କରିଥିଲେ।

## ଘଣ୍ଟାକରେ ସରିଗଲା ଜନଶୁଣାଣି ଶିବିର

**କେସିଙ୍ଗା,୨୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ମାତ୍ର ୧ ଘଣ୍ଟା ମଧ୍ୟରେ ଜନ ଶୁଣାଣି ଶେଷ ହୋଇଛି। ଏଡି ଜନଶୁଣାଣିରେ ମାତ୍ର ୩୬ଟି ଅଭିଯୋଗ ଆସିଥିଲା। ପ୍ରଚାର ପ୍ରସାର ଅଭାବ ଯୋଗୁଁ ଜନସାଧାରଣ ତାରିଖ ଓ ସ୍ଥାନ ଜାଣି ପାରି ନାହାନ୍ତି। ଅନ୍ୟପକ୍ଷେରେ ଅଞ୍ଚଳର କୌଣସି ସାମ୍ବାଦିକଙ୍କୁ ମଧ୍ୟ ଡକା ଯାଉନି। ଏ ନେଇ କେସିଙ୍ଗା ବିଡ଼ିଓଙ୍କୁ ପଚାରିବାରୁ ଜଣେ ଅଧିକାରୀଙ୍କୁ ସେ ଦାୟିତ୍ୱ ଥିଲେ। କାହିଁକି ସାମ୍ବାଦିକଙ୍କୁ ସୂଚନା ଦିଆଯାଇନି ପଚାରି ବୁଝିବେ ବୋଲି କହି ଚୁପ୍ ରହିଯାଇଥିଲେ। ଅନ୍ୟପକ୍ଷେ ପ୍ରଚାର ପ୍ରସାର ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଜନଶୁଣାଣୀ ତାରିଖ ସରକାର ଆଗରୁ ଧାର୍ଯ୍ୟ କରିଛନ୍ତି; ଯାହା ପ୍ରମୁଖ ସମ୍ବାଦପତ୍ରରେରେ ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଇଛି।






# ପ୍ରଶାସନର ହସ୍ତକ୍ଷେପ ପରେ ଗାଁକୁ ଫେରିଲା ଶବ

ନୂଆପଡ଼ା, ୨୮ ।୧(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଘାଟମାଲ ପଞ୍ଚାୟତ ତାଲାକୋଟ ଗାଁର ତୃପନ ଚିନ୍ଦା ନାମକ ଜନୈକ ଦାଦନ ଶ୍ରମିକଙ୍କ ତେଲଙ୍ଗାନାରେ ମୃତ୍ୟୁ ଘଟିଥିଲା। ୩୬ଘଣ୍ଟା ପରେ ପ୍ରଶାସନର ହସ୍ତକ୍ଷେପ ଯୋଗୁଁ ମୃତଦେହ ଗାଁରେ ପହଞ୍ଚିଛି। ଶ୍ରମ ବିଭାଗର ଅଧିକାରୀମାନେ ଗାଁରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ତଦନ୍ତ କରିବା ପରେ ଶ୍ରମିକ କଲ୍ୟାଣ ବୋର୍ଡରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି।

ପ୍ରକାଶ ଯେ, ଆଜିକୁ ୬ ମାସ ତଳେ ତୃପନ ନିଜ ବାପା ରାଇଧରଙ୍କ ସହ ମିଶି କାମ କରିବାକୁ ତେଲଙ୍ଗାନା ଯାଇଥିଲେ। ତେଲଙ୍ଗାନାର ନାଲଗୁଣ୍ଡା ଜିଲ୍ଲା କୁରନୁଲ ସ୍ଥିତ ଜିଏମଆର ଇଟାଭାଟିରେ ନିୟୋଜିତ ହୋଇଥିଲେ। ରବିବାର ବିଳମ୍ବିତ ରାତିରେ ଇଟାଭାଟି ପୋଡ଼ିବା କାମ କରୁଥିବା ସମୟରେ ହଠାତ ଭାଟିରୁ ପାଉଁଶ ଗଦା ତୃପନଙ୍କ ଉପରେ ଖସିପଡ଼ିଥିଲା । ସେଠାରେ ପୋତିହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା । ଜିଲ୍ଲା ଶ୍ରମ ବିଭାଗର ହସ୍ତକ୍ଷେପ ପରେ ନାଲଗୁଣ୍ଡା ଶ୍ରମ କମିଶନରଙ୍କ ସହ ଯୋଗାଯୋଗ କରି ମୃତଦେହ ଉଦ୍ଧାର କରି ପଠାଇବାର ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ମୃତଦେହ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଗାଁରେ ପଞ୍ଚିଥିଲା। ପରିବାର ସହ ଗାଁ ଲୋକେ ମୃତଦେହକୁ ସତ୍କାର ପାଇଁ ନେଇଥିଲେ। ଠିକ ଏହି ସମୟରେ ଜିଲ୍ଲା ଶ୍ରମ ଅଧିକାରୀ ରବିନ୍ଦ୍ର ବାର୍ଲା ଓ ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ ଗାଁରେ ପହଞ୍ଚି ପରିବାର ଲୋକଙ୍କୁ ଭେଟିଥିଲେ। ଗରିବ ଶ୍ରମିକ ପରିବାର ହେତୁ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଗାଁ ଲୋକ ଦାବି କରିଥିଲେ। ଶ୍ରମିକ ଜଣକ ଶ୍ରମିକ କଲ୍ୟାଣ ବୋର୍ଡରେ ନାମ ପଞ୍ଜୀକରଣ କରିଛନ୍ତି, ନା ନାହିଁ ତାହା ତଦନ୍ତ କରାଯିବ। ପରେ ତାଙ୍କୁ ନିୟମାନୁଯାୟୀ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ ସୂଚନା ଦେଇଛନ୍ତି।

ୟଙ୍ଗଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଚିଲଡଙ୍ଗରୀକୁ ହରାଇ ଆମପାଣି ଚାମ୍ପିଅନ୍

**କୋକସରା,୨୮ ।୧(ସମିସ):** କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ୟଙ୍ଗ୍ ଷ୍ଟାର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଛି। ଏଥିରେ ଚିଲଡଙ୍ଗରୀକୁ ହରାଇ ଆମପାଣି ଦଳ ଟୁର୍ଣ୍ଣାମେଣ୍ଟର ବିଜେତା ହୋଇ ଚାମ୍ପିଅନ ହୋଇଛି। ପ୍ରଥମେ ଟସ୍ ଜିଣି ଆମପାଣି ଦଳ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ବିନିମୟରେ ୧୦୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଚିଲଡଙ୍ଗରୀ ଦଳ ପଡିଆକୁ ଓହ୍ଲାଇ ୧୧.୪ ଓଭରରେ ସମସ୍ତ ଉଇକେଟ ହରାଇ ୯୦ ରନ୍ ସଂଗ୍ରହ କରିଥିଲା। ତେବେ ଆମପାଣି ଦଳ ୧୪ ରନ୍‌ରେ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଅମ୍ପାୟାର ଭାବରେ ମୁରଲୀଧର ଦାସ ଓ ମଳୟ ରଞ୍ଜନ ଦାସ ଖେଳ ପରିଚାଳନା କରିଥିଲେ। ସ୍କୋର ବୋର୍ଡରେ ବିକି ଦାସ ଦାୟିତ ନିର୍ବାହ କରିଥିବାବେଳେ ମୁନ୍ନା ଧଙ୍ଗଡାମାଝୀ ଓ ରମେଶ ବାରିକ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ବଡ଼ପୋଡ଼ାଗୁଡ଼ା ସରପଞ୍ଚ ଜମୁନା ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ବଡ଼ପୋଡ଼ାଗୁଡ଼ା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଡାକ୍ତର ଗୌରବ ସାହୁ, ନାଏବ ସରପଞ୍ଚ ବିତ୍ତୁ ନାଏକ, ଶିକ୍ଷକ ଜୟ ଶଙ୍କର ପାଠୀ, ନିଳାମ୍ବର ଦାସ, ଜିତେନ୍ଦ୍ର ପଣ୍ଡା, ଭଜମନ ନାଏକ, ସନ୍ତୋଷ ମାଝୀ, ବିକାଶ ରଞ୍ଜନ ପଣ୍ଡା, ୱାର୍ଡସଭ୍ୟ ନରହରି ସୁନା, କ୍ଷେତ୍ର ମୋହନ ପୁଝାରୀ, ଧର୍ମାନନ୍ଦ ନାଏକ, ବିନୋଦ ସିଂ, ମନୋଜ ଦାସ, ବଲସିଂ ଧଙ୍ଗଡାମାଝୀ, ଟଙ୍କଧର ପୁଝାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ଆମପାଣିର ରାଘବ ସୁନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ଚିଲଡଙ୍ଗରୀ ଦଳର ଜତିନ୍ଦ୍ର ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଆୟୋଜକ ଅନୁଷ୍ଠାନର ସୁନିଲ ଦାସ, ଅମିୟ ଦାସ, ମାନସ ରଞ୍ଜନ ବେମାଲ, କାଳିଆ ବାରିକ, ନିଳାମ୍ବର ଧଙ୍ଗଡାମାଝୀ, ହରିହର ହଂସ, ବିଶ୍ୱନାଥ ଧଙ୍ଗଡାମାଝୀ, ପୁରୁଷୋତ୍ତମ ଦାସ, ଗୁଡୁ ଧଙ୍ଗଡାମାଝୀ, ମୋହନ ଲାଲ୍ ଦୁର୍ଗା, ବୈବଚନ୍ଦ୍ର ଧଙ୍ଗଡାମାଝୀ, ଅଙ୍କିତ ବାରିକ, ବିମଳ ଦାସ, ଶ୍ରୀକର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମାଟ୍ରିକ ବୋର୍ଡ ପାଇଁ ଅଣ୍ଟାଭିଡ଼ିଛନ୍ତି ପ୍ରଧାନଶିକ୍ଷକ



ନୂଆପଡ଼ା,୨୮ ।୧(ସମିସ): ନୂଆପଡ଼ା ଜିଲ୍ଲା ସଦର ମହକୁମାର ବହୁ ପୁରୁଣା ସରକାରୀ ବାଳିକା ହାଇସ୍କୁଲରେ ଗୁଣାତ୍ମକ ଶିକ୍ଷା ପାଇଁ ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଅଣ୍ଟା ଭିଡ଼ିଛନ୍ତି। ଆଗକୁ ମାଟ୍ରିକ ବୋର୍ଡ ପରୀକ୍ଷା ବୋଲି ଏଥିରେ କିଭଳି ବହୁ ସଂଖ୍ୟକ ଛାତ୍ରୀ ଏ-ୱାନ ଗ୍ରେଡ୍ ରଖି ପାସ୍ କରିବେ ସେଥିପାଇଁ ପ୍ରୟାସ ଜାରି ରଖିଛନ୍ତି। ଚଳିତ ବର୍ଷ ମାଟ୍ରିକରେ ମୋଟ ୬୨ଜଣ ଛାତ୍ରୀ ପାଠ ପଢୁଛନ୍ତି। ଏମାନଙ୍କ ମଧ୍ୟରୁ ଅନ୍ୟୁନ ୧୦ଜଣ ଛାତ୍ରୀ ଏ-ୱାନ ରଖିବାର ସମ୍ଭାବନା ରହିଥିବା ପ୍ରି- ବୋର୍ଡ ପରୀକ୍ଷାରୁ ଆକଳନ କରାଯାଇଛି। ସୂଚନା ଯୋଗ୍ୟ ଯେ ଶିକ୍ଷା ବିଭାଗ ତରଫରୁ ପ୍ରତି ହାଇସ୍କୁଲକୁ ଗୋଟିଏ ଲେଖାଏଁ ପରୀକ୍ଷା ଦର୍ପଣ ପ୍ରଦାନ କରାଯାଇଛି।

**● ନିଜ ଖର୍ଚ୍ଚରେ ଗାଇଡ୍ କିଣି ପାଠ ପଢ଼ାଉଛନ୍ତି**

ହେଲେ ସମସ୍ତଙ୍କ ପାଇଁ ଅଭ୍ୟାସ କରାଇବା ସମ୍ଭବ ହେଉ ନଥିବାରୁ ସ୍କୁଲ କର୍ତ୍ତୃପକ୍ଷ ନିଜ ଖର୍ଚ୍ଚରେ ବହିର ଅବିକଳ ନକଲି କାଢି ପିଲାଙ୍କୁ ପ୍ରଦାନ କରିଛନ୍ତି। ତାଲିକା କରାଯାଇଥିବା ଛାତ୍ରୀମାନଙ୍କୁ ପ୍ରତିଦିନ ଏହା ଅଭ୍ୟାସ କରାଇବା ସହ ସାପ୍ତାହିକ ପରୀକ୍ଷା କରାଯିବାର ବ୍ୟବସ୍ଥା କରାଯାଇଥିବା ପ୍ରଧାନଶିକ୍ଷକ ମଧୁସୂଦନ ସାହୁ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ଏଭଳି ପ୍ରୟାସକୁ ସ୍କୁଲର ଛାତ୍ରୀ ଏବଂ ଅଭିଭାବକ ମହଲରେ ପ୍ରଶଂସା କରାଯାଇଛି।

## ଗୋତମୁଣ୍ଡା ପ୍ରିମିୟର ଲିଗ୍ ; ମନୋଜ- ୧୧ ଚାମ୍ପିଅନ୍

**କୋକସରା,୨୮ ।୧(ସମିସ):** କୋକସରା ବ୍ଲକ ଗୋତମୁଣ୍ଡା ଖେଳ ପଡିଆରେ ଚାଲିଥିବା ଗୋତମୁଣ୍ଡା ପ୍ରିମିୟର ଲିଗ୍‌ର ଫାଇନାଲ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ କାଲୋପଲାକୁ ହରାଇ ମନୋଜ ୧୧ ବିଜୟୀ ହୋଇଛି। ମନୋଜ ୧୧ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ବିନିମୟରେ ୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ କାଲୋପଲା ଦଳ ପଡିଆକୁ ଓହ୍ଲାଇ ୧୦.୫ ଓଭରରେ ସମସ୍ତ ଉଇକେଟ ହରାଇ ୫୩ ରନ୍ ସଂଗ୍ରହ କରିଥିଲା। ତେବେ ମନୋଜ ଇଲେଭେନ୍ ୪୩ ରନ୍‌ରେ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଖେଳକୁ ଅମ୍ପିଆର ଭାବରେ କାଳିଆ ନାଏକ ଓ ହୃଦୟମଣି ସୁନା ପରିଚାଳନା କରିଥିଲେ। ସ୍କୋର ବୋର୍ଡରେ ବାପି ମାଝୀ ଓ ଲକ୍ଷ୍ମୀକାନ୍ତ ମାଝୀ ରହିଥିବାବେଳେ ଖେଳର ଧାରାବିବରଣୀ ପିଣ୍ଟୁ ନନ୍ଦ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଆମପାଣି ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ, ହିମାଞ୍ଚଳ ପୁଝାରୀ, ଶିକ୍ଷକ ସଞ୍ଜୀବ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ନାଏକ, ନିରଞ୍ଜନ ବାଗ, ଭାରତ ଭୁଷଣ ଦୁର୍ଗା, ଲାଲୁ ମେହେର, ତୁଳସୀ ବିହାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅତିଥିଙ୍କ ଦ୍ୱାରା ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ଦେଇ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରିକେଟ୍ ଆସୋସିଏସନ୍‌ର ସଭାପତି ପିଣ୍ଟୁ ନନ୍ଦ, ସମ୍ପାଦକ ଲକ୍ଷ୍ମୀକାନ୍ତ ମାଝୀ, ବଳରାମ ମାଝୀ, ବାପି ମାଝୀ, ସୌରବ ସୁନା, ଦେବେନ୍ଦ୍ର ବାଗ, ଫକୀର ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଥୁଆପଦର ହାଇସ୍କୁଲର ବାର୍ଷିକ ଉତ୍ସବ



ଭବାନୀପାଟଣା,୨୮ ।୧(ସମିସ): ଭବାନୀପାଟଣା ବ୍ଲକ୍ ଥୁଆପଦର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୩୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ , ଅବସରପ୍ରାପ୍ତ ଶିକ୍ଷକ ପ୍ରଭାସ ଚନ୍ଦ୍ର ମିଶ୍ର, ସଦର ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ ମାଝୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଶେଷଦେବ ସାହୁ, ଥୁଆପଦର ସରପଞ୍ଚ ଦିଗାମ୍ବର ଲୋହା, ତେନ୍ତୁଳୀଖୁଣ୍ଟି କ୍ଲଷ୍ଟର ସିଆର୍‌ସିସି ସୂର୍ଯ୍ୟ ମହାନ୍ତି, ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏମ. ନାଗେଶ୍ୱର ଦୋରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତିମୟୀ ସିଂ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଗିରିଜା ଶଙ୍କର ସାହୁ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ଧ୍ରୁନତିଶା ରଞ୍ଜନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିରଞ୍ଚି ତାଣ୍ଡି, ସୁବାସ ତାଣ୍ଡି, ମୃତ୍ୟୁଞ୍ଜୟ ପତି, ବିଭୁତି ପ୍ରଧାନ, ଉମାକାନ୍ତ ପାଣିଗ୍ରାହୀ, ତପନ ସାହୁ, ଶିବଦତ୍ତ ପଣ୍ଡା, ନରେନ୍ଦ୍ର କୁମଝରିଆ, କେଶବ ପ୍ରଧାନ, ଦିଗାମ୍ବର ଭୋଇ, ଅରବିନ୍ଦ ସାହୁ ସହଯୋଗ କରିଥିଲେ।


## ସ୍ଥାୟୀ ପଟ୍ଟା ପାଇଁ ତହସିଲ ଅଫିସରେ ବସ୍ତିବାସିନ୍ଦା

କେସିଙ୍ଗା,୨୮ ।୧(ସମିସ) କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍‌ଏସି ୱାର୍ଡ ନ ୧୦ର ଶହ ଶହ ସଂଖ୍ୟାରେ ୱାର୍ଡବାସୀ ମଙ୍ଗଳବାର ଦିନ ସ୍ଥାନୀୟ ତହସିଲ ଅଫିସ ଯାଇ ତହସିଲଦାର ପ୍ରଶାନ୍ତି ପ୍ରଧାନଙ୍କୁ ସାକ୍ଷାତ କରି ସ୍ଥାୟୀ ପଟ୍ଟା ପାଇଁ ଅନୁରୋଧ କରିଥିଲେ। ପ୍ରକାଶ ଥାଉକି ଗତ ସୋମବାର ଦିନ ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟରେ ଜିଲ୍ଲାପାଳ ଜନଶୁଣାଣିରେ ସମସ୍ତ ୱାର୍ଡବାସୀ ଯାଇ ଜିଲ୍ଲାପାଳଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ଲିଖିତ ଅଭିଯୋଗ କରିଥିଲେ।ପରେ ଜିଲ୍ଲାପାଳ ଅଭିଯୋଗ ପତ୍ରକୁ ତହସିଲଦାରଙ୍କୁ ଦେଇ ସମସ୍ୟାର ସମାଧାନର ବାଟ ବାହାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ପରେ ତହସିଲଦାର ସମସ୍ତ ୱାର୍ଡବାସୀଙ୍କୁ ତହସିଲ ଅଫିସ ଆସିବାକୁ କହିଥିବାରୁ ସମସ୍ତେ ତହସିଲ ଅଫିସ ଯାଇ ତହସିଲଦାରଙ୍କୁ ସାକ୍ଷାତ କରି ଥିଲେ।ପରେ ତହସିଲଦାର ବାହାରକୁ ଆସି ସମସ୍ତ ୱାର୍ଡବାସୀଙ୍କୁ ମୁଁ ଆଜି ଏକା ସରକାରଙ୍କୁ ଚିଠି ଲେଖି ସର୍ବେ ପାଇଁ ଅନୁରୋଧ କରି ସର୍ବେ କାମ ସରିଲା ପରେ ସମସ୍ତ ୱାର୍ଡବାସୀଙ୍କୁ ପଟ୍ଟା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ।ପରେ ୱାର୍ଡବାସୀ ତହସିଲ ଅଫିସରୁ ଫେରିଆସି ଥିଲେ।

## ରୁପ୍ରାକୁ ନୂତନ ବ୍ଲକ୍ ଦାବିରେ ବୈଠକ



ନର୍ଲା,୨୮ ।୧(ସମିସ):ନର୍ଲା ବ୍ଲକ୍ ଅଧିନ ରୁପ୍ରା ଗ୍ରାମକୁ ସରକାର ନୂତନ ବ୍ଲକ୍ ଘୋଷଣା କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ପୁଣି ଦାବି ଉପସ୍ଥାପନ କରିଛନ୍ତି। ଏଥିପାଇଁ ରବିବାର ଅପରାହ୍ନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପୂର୍ବ ସରପଞ୍ଚ ଶ୍ୟାମ ସୁନ୍ଦର ସେନାପତି ଓ ଅକୃର ସାହୁ, ରୁପ୍ରା ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ମହେଶ୍ୱର ସାହୁ ଓ ସମ୍ପାଦକ ଗୌରଚନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଅଞ୍ଚଳର ବୁଦ୍ଧିଜୀବୀ,ବ୍ୟବସାୟୀ, ଯୁବଗୋଷ୍ଠୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ବୈଠକର ଆୟୋଜନ କରାଯାଇଥିଲା। ବୈଠକରେ ନିଷ୍ପତ୍ତି ଅନୁଯାୟୀ ରୁପ୍ରାକୁ ନୂତନ ବ୍ଲକ୍‌ର ମାନ୍ୟତା ମିଳିବା ପାଇଁ ଲିଖିତ ଆକାରରେ ଓଡିଶାର ମୁଖ୍ୟମନ୍ତ୍ରୀ,ପଞ୍ଚାୟତିରାଜ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଜିଲ୍ଲାପାଳ, ବିଡିଓ ଓ ତହସିଲଦାରଙ୍କୁ ଅବଗତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଓଡିଶା ସରକାରଙ୍କ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ରବିବାର ଦିନିକିଆ ନର୍ଲା ଅଞ୍ଚଳ ଗସ୍ତ ସମୟରେ ମଧ ଦାବିପତ୍ର ପ୍ରଦାନ କରାଯାଇଛି। ଏଥି ପୂର୍ବରୁ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଓ ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ଗ୍ରାମ୍ୟ ଉନ୍ନୟନ କମିଟିର ସମ୍ପାଦକ ଶ୍ରୀ ଭୋଇ ସୂଚନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ୧୯୯୫ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ପଞ୍ଚାୟତିରାଜ ମନ୍ତ୍ରୀ ଦାମୋଦର ରାଉତଙ୍କୁ ଭୁବନେଶ୍ୱର ଠାରେ ସାକ୍ଷାତ କରି ରୁପ୍ରାକୁ ନୂତନ ବ୍ଲକ୍ ଘୋଷଣା କରିବା ପାଇଁ ଅଞ୍ଚଳର ପ୍ରାୟ ୧୦ ହଜାର ସାକ୍ଷର ଥିବା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥି ନିମନ୍ତେ ଏକ କମିଟି ଗଠନ କରି ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ସର୍ବ ସମ୍ମତିକ୍ରମେ କମିଟି ଚୟନ କରାଯାଇଥିଲା। ସଭାପତି ସମାଜସେବୀ ପ୍ରିୟରଞ୍ଜନ ବେହେରା, ଉପ ସଭାପତି ପଦ୍ମଲୋଚନ ସେନାପତି, ସମ୍ପାଦକ ବନମାଳି ସାହୁ (ବି),ସହସଂପାଦକ ଆଦିତ୍ୟ ମିଶ୍ର, କୋଷାଧ୍ୟକ୍ଷ ତେଜରାଜ ସାହୁ (ବି) ଓ ଉପଦେଷ୍ଟା କମିଟିରେ ପୂର୍ବ ସରପଞ୍ଚ ଶ୍ୟାମସୁନ୍ଦର ସେନାପତି, ଗ୍ରାମ୍ୟ କମିଟିର ସମ୍ପାଦକ ଗୌରଚନ୍ଦ୍ର ଭୋଇ, ନାଏବ ସରପଞ୍ଚ ଚନ୍ଦ୍ରମଣି ଗୌଡ, ବନମାଳି ସାହୁ (ଏ), ପୂର୍ବ ସରପଞ୍ଚ ଅକ୍ରୁର ସାହୁ, ଶିକ୍ଷକ ହରପ୍ରସାଦ ସାହୁ, ଗ୍ରାମ୍ୟ କମିଟିର ସଭାପତି ମହେଶ୍ୱର ସାହୁ, ଗୋପାଳକୃଷ୍ଣ ବିହାରୀ, ବିଜେପିର ରୁପ୍ରା ମଣ୍ଡଳ ପୂର୍ବ ସଭାପତି ଧନୁର୍ଜ୍ୟୟ ବାରିକ, ତ୍ରିନାଥ ସାହୁ, ପ୍ରମୋଦ ମିଶ୍ର, ଶିକ୍ଷକ ପ୍ରଦୀପ ନନ୍ଦ, ପଣ୍ଡିତ ବାରିକ, ମନୋଜ ହାତୀ, ହୃଷୀକେଶ ସାହୁ, ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ବରୁଣ ସାହୁ, ବ୍ୟବସାୟୀ ପ୍ରଶାନ୍ତ ସେନାପତି, ନାଥ ଗୌଡ, ବଂଶୀଧର ପାଢ଼ୀ, ତ୍ରିଲୋଚନ ବ୍ରହ୍ମା, ଲୋଚନ ଗୌଡ ଓ କିର୍ତିଚନ୍ଦ୍ର ସାହୁ ତଥା ମିଡିଆ ସଂଯୋଜକ ଭାବେ ସାମ୍ବାଦିକ ଅଜୟ ସେନାପତିଙ୍କୁ ଚୟନ କରାଯାଇଛି। ଅଞ୍ଚଳର ଶତାଧିକ ବ୍ୟକ୍ତି ଉକ୍ତ ଆଲୋଚନାରେ ଅଂଶଗ୍ରହଣ କରି ମତାମତ ଉପସ୍ଥାପନ କରିଥିଲେ।



## ସାଧାରଣତନ୍ତ୍ର ଦିବସ ପାଳିଲା ଠିକାଦାର ସଂଘ

**ରାଉରକେଲା,୨୮।୧(ସମିସ):** ରାଉରକେଲା ଇସ୍ପାତ କାରଖାନାରେକାର୍ଯ୍ୟରତ ରାଉରକେଲା କଣ୍ଟ୍ରାକ୍ଟର ଆସୋସିଏସନ୍ ପକ୍ଷରୁ ଏହାର ସେକ୍ଟର - ୨୦ ସ୍ଥିତ କାର୍ଯ୍ୟାଳୟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ରାଉରକେଲା କଣ୍ଟ୍ରାକ୍ଟର ଆସୋସିଏସନ୍ର ନବ ନିର୍ବାଚିତ ସଭାପତି ଅଶୋକ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆସୋସିଏସନ୍ର ସାଧାରଣ ସମ୍ପାଦକ ସିଦ୍ଧାର୍ଥ ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ପ୍ରିୟଦର୍ଶିନୀ ମହିଳା କଲେଜରେ ସାଧାରଣତନ୍ତ୍ର ଦିବସ

**ରାଉରକେଲା,୨୮।୧(ସମିସ):** ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କ୍ରୀଡ଼ା ପ୍ରଶିକ୍ଷିକା ଇତିଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷା ଅରୁନ୍ଧତୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅଧକ୍ଷା ଶ୍ରୀମତୀ ଦାସ, ଅଧ୍ୟାପକା ଡକ୍ଟର ସରିତା ଦାସ, ଡକ୍ଟର ସୁରଭି ସାହୁ ଓ କନିଷ୍ଠ କିରାଣୀ ଲଳିତ ମୋହନ କର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ସହର ସାରା ବୁଲା କୁକୁରଙ୍କ ଉତ୍ପାତ

**ରାଉରକେଲା,୨୮।୧(ସମିସ):** ସ୍ମାର୍ଟ ସିଟି ରାଉରକେଲାରେ ବୁଲା କୁକୁରଙ୍କ ଉତ୍ପାତ ବୃଦ୍ଧି ପାଇଛି। ଯେଉଁଠି ପାରୁଛନ୍ତି ସେଠି କାମୁଡ଼ିବାକୁ ଗୋଡ଼ାଇ ଆସୁଛନ୍ତି ବୁଲା କୁକୁର। ମଝି ରାସ୍ତାରେ ନିଜ ନିଜ ମଧ୍ୟରେ କାମୁଡ଼ି ହେବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ବି ଘଟୁଛି। ଦୁର୍ଘଟଣାରେ କିଛି ବାଇକ୍ ଆରୋହୀଙ୍କ ମୃତାହତ ହୋଇଥିବା ସୂଚନା ମିଳିଛି। ଗତ କିଛିମାସ ଧରି ବୁଲା କୁକୁରଙ୍କ ଆକ୍ରମଣରେ ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି। ଏହାସହ ଶଯ୍ୟାଶାୟୀ ମଧ୍ୟ ହୋଇଥିବା ଜଣାପଡ଼ିଛି। ରାଉରକେଲାରେ ଏବେ ବୁଲା କୁକୁର ଆତଙ୍କ ଖେଳାଇଛନ୍ତି। ସହରରେ ବୁଲା କୁକୁରଙ୍କ ସଂଖ୍ୟା ବଢ଼ିଚାଲିଛି। ରାସ୍ତାରେ ବୁଲା କୁକୁର ଉତ୍ପାତ ଯୋଗୁଁ ଦୁର୍ଘଟଣାର ଶିକାର ହେଉଛନ୍ତି ଲୋକେ। ରାସ୍ତାରେ ବୁଲିବା ଦ୍ୱାରା ଟ୍ରାଫିକ ଜାମ୍ ହେଉଛି। ବୁଲା କୁକୁରଙ୍କ ଆକ୍ରମଣର ଶିକାର ମଧ୍ୟ ହେଉଛନ୍ତି। ସହରର ସବୁ ପ୍ରମୁଖ ଅଞ୍ଚଳରେ ଏପରି ସ୍ଥିତି ଉପୁଜିଛି। ହେଲେ ଆର୍ଏମ୍ସି ପକ୍ଷରୁ ସେପରି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନି। ଯାହାଫଳରେ ସଂଘାତିକ ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୧୯ ତାରିଖରେ ବାସନ୍ତୀ କଲୋନୀସ୍ଥିତ କନିକା ମଣ୍ଡପ ଛକଠାରେ ଏଭଳି ଏକ ଘଟଣା ଘଟିଥିଲା।



ଜଣେ ଶିଶୁ ଅପରାହ୍ନ ପ୍ରାୟ ୪ଟାବେଳେ ସାଇକଲ ଯୋଗେ ଟ୍ୟୁସନକୁ ଯାଉଥିଲେ। ଉକ୍ତ ଛକଠାରେ ଏକ କୁକୁର ପଲ ତାକୁ ଦୌଡ଼ାଇ ଥିଲେ। ଫଳରେ ସେ ରାସ୍ତାରେ ପଡ଼ି ଆହତ ହୋଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ କୁକୁର ପଲକୁ ଘୋଡ଼ାଇବା ସତ୍ତ୍ୱେ ଯାଇନଥିଲେ। ପରେ ଲୋକେ ସଂଘବଦ୍ଧ ହୋଇ ପଥର ମାରିବାରୁ ଶିଶୁ ଠାରୁ କୁକୁର ପଲ ଅଲଗା ହୋଇ ଯାଇଥିଲେ। ନଚେତ୍ ଶିଶୁକୁ କାମୁଡ଼ି ରକ୍ତାକ୍ତ କରି ଦେଇଥାନ୍ତେ। ସେହିପରି କିଛିଦିନ ପୂର୍ବେ ଡେଲି ମାର୍କେଟ ଠାରେ କୁକୁର ପଲ ମଧ୍ୟରେ ଲଢ଼େଇ ହୋଇଥିଲା। ଫଳରେ କିଛି ସମୟ ଲୋକେ ଆତଙ୍କିତ ଅବସ୍ଥାରେ ରହିଥିଲେ। ଟ୍ରାଫିକ୍ ଜାମ ମଧ୍ୟ ହୋଇଥିଲା। ଲୋକେ ଅନ୍ୟ ରାସ୍ତା ଦେଇ ଯାତାୟାତ କରିଥିଲେ। ଏହାପୂର୍ବରୁ ଅନେକ ଥର ଲୋକେ କୁକୁର କାମୁଡ଼ାର ଶିକାର ହୋଇ ସାରିଛନ୍ତି।

### ୪ ବର୍ଷରେ ୨୧ ହଜାର ଆକ୍ରମଣର ଶିକାର

ବର୍ତ୍ତମାନ କୁକୁର କାମୁଡ଼ା ଆହତଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଜଣାପଡ଼ିଛି। ପ୍ରତ୍ୟେକ ଦିନ ଶତାଧିକ ଲୋକ କୁକୁର କାମୁଡ଼ା ଇଞ୍ଜେକ୍ସନ୍ ନେଉଛନ୍ତି। ସୂଚନା ମୁତାବକ, ଗତ ଡିସେମ୍ବରରେ ପ୍ରାୟ ୩୫୧୧ ଡୋଜ୍ କୁକୁର କାମୁଡ଼ା ଇଞ୍ଜେକ୍ସନ୍ ଦିଆଯାଇଥିବା ବେଳେ ଚଳିତମାସ ୨୦୦ରୁ ଊର୍ଦ୍ଧ୍ୱ ଡୋଜ ଇଞ୍ଜେକ୍ସନ୍ ଦିଆଯାଇ ଥିବା ଜଣାପଡ଼ିଛି। ରାଉରକେଲା ସରକାରୀ ଡାକ୍ତରଖାନାର ତଥ୍ୟ ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ ୬୩୫୧ ଜଣ କୁକୁର କାମୁଡ଼ାର ଶିକାର ହୋଇ ଆସିଥିବାବେଳେ ୨୦୨୨-୨୩ରେ ୬୬୧୯ଜଣ, ୨୦୨୩-୨୪ରେ ୭୮୨୨ଜଣ ଏବଂ ୨୦୨୩-୨୪ ମେ ୧୫ ତାରିଖ ପର୍ଯ୍ୟନ୍ତ ଅର୍ଥାତ ଦେଢ଼ ମାସରେ ୭୨୪ଜଣ କୁକୁର କାମୁଡ଼ାର ଶିକାର ହୋଇ ଆରଜିଏଚ୍ ଆସିଥିଲେ। ତେବେ ଏହି ବୁଲା କୁକୁରଙ୍କ ଆତଙ୍କ କିପରି ରୋକାଯାଇ ପାରିବ ସେ ନେଇ ସହରବାସୀ ଚିନ୍ତାରେ ରହିଥିବା ମତ ପ୍ରକାଶ ପାଉଛି।

## ନୂଆ ଇନ୍ସପେକ୍ଟରଙ୍କ ଯୋଗଦାନ

ରାଉରକେଲା,୨୮।୧(ସମିସ): ଟାଙ୍ଗରପାଲ୍ଲୀ ଥାନାରେ ନୂତନ ଇନ୍ସପେକ୍ଟର ଭାବେ ନିରଞ୍ଜନ ସେଠୀ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଉଦିତନଗର ଥାନାରେ କାର୍ଯ୍ୟରତ ଥିଲେ। ସୂଚନାଯୋଗ୍ୟ ଯେ ଟାଙ୍ଗରପାଲ୍ଲୀ ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ସୁକାନ୍ତ କିଶୋର ପ୍ରଧାନଙ୍କର ଭିଜିଲାନ୍ସକୁ ବଦଳି ହୋଇଥିବା ବେଳେ ସେ ଆସନ୍ତା କାଲି ରିଲିଭ ହେବେ ବୋଲି ସୂଚନା ମିଳିଛି।

## ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା, ୨୮।୧(ସମିସ): ଉଦିତନଗର ଥାନା ମାଲଗୋଦାମ ଏଫ୍ସିଆଇ ବସ୍ତିଠାରେ ରାହୁଲ ସିଂ(୨୦) ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ ରାହୁଲ ବ୍ୟବସାୟ କରୁଥିଲେ। ସୋମବାର ରାତିରେ ତାଙ୍କ ସାଙ୍ଗ ଫୋନ୍ କରିବାରୁ ଉଠାଇ ନଥିଲେ। ତୁରନ୍ତ ସାଙ୍ଗ ତାଙ୍କ ଘରେ ଯାଇ ପହଞ୍ଚି କବାଟ ବାଡ଼େଇ ଥିଲେ। ହେଲେ ଭିତରୁ କେହି କବାଟ ଖୋଲି ନଥିଲେ। ଫଳରେ କବାଟ ଫାଙ୍କ ଦେଇ ସାଙ୍ଗ ଦେଖିବା ପରେ ଝୁଲନ୍ତା ଅବସ୍ଥାରେ ଥିବା ଜାଣିବାକୁ ପାଇଥିଲେ। ପଡ଼ୋଶୀଙ୍କ ସହାୟତାରେ କବାଟ ଭାଙ୍ଗି ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସଡ଼କ ସୁରକ୍ଷା ସପ୍ତାହ ପାଳିତ



**ବଣାଇଁ,୨୮।୧(ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ୧୪୩ ନମ୍ବର ଜାତୀୟ ରାଜପଥର ରାଜା ମୁଣ୍ଡା ବାଇପାସ୍ ଛକଠାରେ ରାଉରକେଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଲହୁଣୀପଡ଼ା ପୁଲିସ ଏବଂ ସ୍ଥାନୀୟ ବୋଲବମ୍ ସଂଘର ତତ୍ତ୍ୱାବଧାନରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ବିଭାଭଞ୍ଜନ ସାମନ୍ତସିଂହାର, ଲହୁଣୀପଡ଼ା ତହସିଲଦାର ବାବଲୁ ନାଏକ ରାଜାମୁଣ୍ଡା ସରପଞ୍ଚ ମାଳତୀ କିସାନ, ଥାନା ଅଧିକାରୀ ସୂରଜ ଝଙ୍କାର ଉପସ୍ଥିତ ରହି ଗାଡ଼ି ଚାଳକମାନଙ୍କୁ ସଚେତନତା କରିବା ସହ ଦୁଇ ଚକିଆ ଚାଳକଙ୍କୁ ହେଲମେଟ ଓ ଚାରି ଚକିଆ ଚଲାଉଥିବା ଚାଳକ ମାନେ ସିଟ ବେଲ୍ଟ ଲଗାଇବାକୁ ଅନୁରୋଧ କରିଥିଲେ। ଗାଡ଼ି ଚାଳନା କରିବା ବେଳେ ଫୋନରେ ଆଳାପ ନ କରିବା, ମଦ୍ୟ ପାନ ନ କରି ଗାଡି ଚାଳନା କରିବା ଓ ଟ୍ରାଫିକ ନିୟମ ମାନି ଗାଡି ଚାଳନା କରିବା ପାଇଁ ଲୋକଙ୍କୁ ସଚେତନ କରିଥିଲେ।

ଏହି ଅବସରରେ ଅଲ୍ ଓଡ଼ିଶା ମେକାନିକ ମହାସଂଘ, ମୋଟର ଚାଳକ ସଂଘ, ବଣାଇଁ କୋର କମିଟି ସଂଘ ପକ୍ଷରୁ ରାଜାମୁଣ୍ଡା ଛକରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି କଲେଇପୋଷ ଛକ ପର୍ଯ୍ୟନ୍ତ ଯିବା ସହ ରାସ୍ତାରେ ଲୋକଙ୍କୁ ସଚେତନ କରାଇଥିଲେ। ସ୍ଥାନୀୟ ଅଞ୍ଚଳର ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ସଡ଼କ ସୁରକ୍ଷା ସମ୍ବନ୍ଧରେ ବିଭିନ୍ନ ପ୍ରତିଯୋଗିତା କରି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂଘ ତରଫରୁ କୁମାର ଗୌତମ ବାରିକ, ଭୁବନାନନ୍ଦ କିସାନ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପରିବହନ ଶ୍ରମିକ ନେତା ବଜରଙ୍ଗୀ ଚୌଧୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା

**ରାଉରକେଲା,୨୮।୧(ସମିସ):** ସିଟୁ ପରିବହନ ଶ୍ରମିକମାନଙ୍କ ନେତା ତଥା ରାଉରକେଲା ମିନିବସ ଆସୋସିଏସନର ଉପ ସଭାପତି ବଜରଙ୍ଗୀ ଚୌଧୁରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ରାଉରକେଲା ବସଷ୍ଟାଣ୍ଡସ୍ଥିତ ୟୁନିୟନ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା



ମିନିବସ୍ ଆସୋସିଏସନ୍ ଏବଂ ସୁନ୍ଦରଗଡ଼ ମୋଟର କର୍ମଚାରୀ ସଂଘ, ସିଟୁର ସଭାପତି ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଅଧ୍ୟକ୍ଷତା କରି କହିଥିଲେ, ସୁନ୍ଦରଗଡ଼ ଜିଲ୍ଲାରେ ପରିବହନ ଶ୍ରମିକ ମାନଙ୍କୁ ଏକଜୁଟ କରି ସିଟୁ ସହିତ ସହବନ୍ଧିତ କରିବାରେ ବଜରଙ୍ଗୀ ଚୌଧୁରୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଜିଲ୍ଲାର ଅନେକ ଶ୍ରମିକ ଆନ୍ଦୋଳନରେ ପରିବହନ ଶ୍ରମିକମାନେ ନେତୃତ୍ୱକାରୀ ଭୂମିକା ବିଗତ ଦିନରେ ନେଇଥିଲା ବେଳେ ବଜରଙ୍ଗୀ ଚୌଧୁରୀଙ୍କ ଏକ ନେତୃତ୍ୱକାରୀ ଭୂମିକା ଥିଲା। ତାଙ୍କର ଅକାଳ ବିୟୋଗ ସଂଗଠନ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରୀ ମହାନ୍ତି କହିବା ସହିତ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଉଭୟ ୟୁନିୟନର ସାଧାରଣ ସମ୍ପାଦକ ବିମାନ ମାଇତି, ଉପସଭାପତି ରାଜକିଶୋର ପ୍ରଧାନ, ସିଟୁ ଜିଲ୍ଲା ଉପସଭାପତି ଶ୍ରୀମନ୍ତ ବେହେରା, ରାଜ୍ୟ କମିଟି ସଭ୍ୟ ବି ପି ମହାପାତ୍ର, ଠିକା ଶ୍ରମିକ ନେତା ଲକ୍ଷ୍ମୀଧର ନାୟକ, ଇସ୍ପାତ ଶ୍ରମିକ ନେତା ବାସୁଦେବ ସାହୁ, ଲୟର୍ସ ଆସୋସିଏସନ୍ ଉପସଭାପତି ଚନ୍ଦ୍ରଭାନୁ ଦାସ, ପରିବହନ ଶ୍ରମିକ ସମ୍ପାଦକ ଅକ୍ଷୟ ମହାନ୍ତ, ଅରୁଣ ମହାରଣା, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖି ବଜରଙ୍ଗୀ ଚୌଧୁରୀଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଜଳିଗଲା ମୋବାଇଲ ଟାୱାର

ରାଉରକେଲା, ୨୮।୧(ସମିସ): ସେକ୍ଟର -୮ ସ୍ଥିତ ଜୁବୁଲି ପାର୍କ ନିକଟ ପଡ଼ିଆରେ ଥିବା ଏକ ମୋବାଇଲ ଟାୱାର ଜଳି ଯାଇଥିବା ସୂଚନା ମିଳିଛି। ମଙ୍ଗଳବାର ସକାଳ ସମୟରେ ଏହି ଘଟଣା ଘଟିଥିଲା। ସୂଚନା ମୁତାବକ, ଜିଓ କମ୍ପାନୀର ଟାୱାର ଉକ୍ତ ପଡ଼ିଆରେ ଲଗାଯାଇ ଥିଲା। କୌଣସି କାରଣରୁ ହଠାତ୍ ଟାୱାରର ଉପର ଭାଗରେ ନିଆଁ ଲାଗିଯାଇଥିଲା। ଦେଖୁ ଦେଖୁ ହୁ ହୁ ହୋଇ ଜଳିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କିଛି ଘଣ୍ଟାର କସରତ ପରେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଘଟଣାକୁ ନେଇ ସ୍ଥାନୀୟ ଲୋକେ କିଛି ଅଘଟଣ ଘଟିବା ଆଶଙ୍କା କରି ଆତଙ୍କିତ ହୋଇପଡ଼ି ଥିଲେ।

## ଦିବ୍ୟଜୀବନ ସଙ୍ଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ



ରାଉରକେଲା,୨୮।୧(ସମିସ): ଦିବ୍ୟଜୀବନ ସଂଘ ଇସ୍ପାତ ନଗର ଶାଖା ରାଉରକେଲା ପକ୍ଷରୁ ୭୬ତମ ସାଧାରଣତନ୍ତ୍ର ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ସଭାପତି ଅର୍ଦ୍ଧେନ୍ଦୁ ଶେଖର ଷଡ଼ଙ୍ଗୀ ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରିବା ସହ ସେମାନଙ୍କର ବଳିଦାନ ଏବଂ ଲୋମହର୍ଷଣକାରୀ ସଂଘର୍ଷ ବିଷୟରେ ଆଲୋକପାତ କରିବା ସହ ସମ୍ବିଧାନର ନୀତି ଓ ଆଦର୍ଶକୁ ନିଜ ଜୀବନର ମୂଳମନ୍ତ୍ର ଭାବରେ ସମସ୍ତେ ପାଥେୟ କରିବା ନିହାତି ଆବଶ୍ୟକ ବୋଲି କହିବା ସହ ଗଣତନ୍ତ୍ରର ସମ୍ମାନ ପାଇଁ ଆମେ ସମସ୍ତେ ନିରନ୍ତର ଉଦ୍ୟମ କରିବା ଉଚିତ ବୋଲି କହିଥିଲେ। ନୃସିଂହ ରଥ, ସାରଦା ମହାନ୍ତି, ଗିରିଧାରୀ ସ୍ୱାଇଁ, ଅରୁପମା ମହାନ୍ତି, ସୀମାଞ୍ଚଳ ଦୀକ୍ଷିତ, ରାମଚନ୍ଦ୍ର ସ୍ୱାଇଁ, ଡି ପି ରଥଙ୍କ ସହ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତି ଓ ସହଯୋଗରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ରାମକୃଷ୍ଣ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ସାଧାରଣତନ୍ତ୍ର ଦିବସ ପାଳିଲା ଇଣ୍ଡଷ୍ଟ୍ରିଆଲ ମଜୁଦୁର ୟୁନିୟନ

**ରାଉରକେଲା,୨୮।୧(ସମିସ) :** ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜୁଦୁର ୟୁନିୟନ(ସିଆଇଟିୟୁ) ବେଦବ୍ୟାସ କାର୍ଯ୍ୟାଳୟ ଠାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ସିଆଇଟିୟୁ ରାଜ୍ୟ ଉପ ସଭାପତି ତଥା ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ ମଜୁଦୁର ୟୁନିୟନ ର ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସିମୁ ସମ୍ପାଦିକା ତାଜମୁନ ନେହାର ଉପସ୍ଥିତ ସମସ୍ତଙ୍କୁ ସମ୍ବିଧାନର ମୁଖବନ୍ଧ ପାଠ କରାଇ, ସମ୍ବିଧାନ ର ସୁରକ୍ଷା ପାଇଁ ଶପଥ କରାଇଥିଲେ। ସାଧାରଣତନ୍ତ୍ର ଦିବସ ପରିପେକ୍ଷୀରେ ଶ୍ରୀ ଅଲ୍ଲୀ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସିମୁ ସମ୍ପାଦକ ଯଯାତି କେଶରୀ ସାହୁ, ଅଜିତ ଏକ୍କା, ଅଜିତ କୁମାର ଦାଶ, ଯୀରୋଦ ବେହେରା, ରଞ୍ଜନ ବେହେରା, ଶୁଧାଂଶୁ ଜେନା ପ୍ରମୁଖ ସାଧାରଣତନ୍ତ୍ର ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ବେଦବ୍ୟାସ, କଲୁଙ୍ଗା ଓ କୁଆଁରମୁଣ୍ଡ ଅଞ୍ଚଳ ଥିବା ସମସ୍ତ କଳ କାରଖାନାର ଶ୍ରମିକମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ନୂଆ ବସଷ୍ଟାଣ୍ଡରୁ ପୁଣି ଗଞ୍ଜେଇ ଜବତ


ରାଉରକେଲା, ୨୮।୧(ସମିସ) : ରାଉରକେଲା ନୂଆ ବସଷ୍ଟାଣ୍ଡରୁ ପୁଣି ଥରେ ଗଞ୍ଜେଇ ଜବତ ହୋଇଥିବା ସୂଚନା ମିଳିଛି। ଏକ ଘରୋଇ ବସରେ ଝାଡ଼ଖଣ୍ଡକୁ ନିୟମିତ ଗଞ୍ଜେଇ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଆଜି ରାତିରେ ରେଶମି ବସରେ ଗଂଜେଇ ଚୋରା ଚାଲାଣ ବେଳେ ସାଧାରଣ ଲୋକେ ପୁଲିସ ଓ ଅବକାରୀ ବିଭାଗ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଏହାପରେ ପୁଲିସ ଓ ଅବକାରୀ ବିଭାଗ ଅଧିକାରୀମାନେ ପହଞ୍ଚି ୧୦ କିଲୋଗ୍ରାମ ଓଜନର ଗଂଜେଇ ଜବତ କରିଥିବା ସୂଚନା ମିଳିଛି। ବସଷ୍ଟାଣ୍ଡରେ ଥିବା କିଛି ଟିକେଟ ବ୍ରୋକର ଓ ଏଜେଣ୍ଟ ଏପରି ଗଞ୍ଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି।

# ଉଇ ଫର୍ ୟୁ ୟୁଥ୍ କ୍ଲବ୍ର ବାର୍ଷିକୋତ୍ସବ

**ରାଉରକେଲା,୨୮।୧(ସମିସ):** ରାଉରକେଲାର ଅଗ୍ରଣୀ ସାମାଜିକ ସଂସ୍ଥା ଉଇ ଫର୍ ୟୁ ୟୁଥ୍ କ୍ଲବ୍ର ୩ୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଛେଣ୍ଡ ବିଏସ୍ଏନ୍ଏଲ୍ ଛକ ନିକଟସ୍ଥ ବିଜ୍ଞାନ ଉଦ୍ୟାନ ନିକଟରେ ଆୟୋଜିତ ଏହି ଉତ୍ସବରେ ସହରର ଜଣାଶୁଣା ସମାଜସେବୀ ଡକ୍ଟର ପୂଜା ପତି, ଡକ୍ଟର ତରୁଣଦିତ୍ୟ ମିଶ୍ର ଏବଂ ଛୋଟ ଏବଂ ବଡ଼ପରଦାର ଚିତ୍ରତାରକା ପ୍ରଶାନ୍ତ କୁମାର ପତି ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ହେଉଥିବା ବିଭିନ୍ନ ସାମାଜିକ କାର୍ଯ୍ୟ ଏବଂ ସମାଜସେବାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସଂସ୍ଥାର ଶରତ ଚନ୍ଦ୍ର ଧଳ, ପ୍ରତାପ ଜେନା, ସଂସ୍ଥାର ସମ୍ପାଦକ ରାଶିରଞ୍ଜନ ବାରିକ, ସଭାପତି କୈଳାସ ବେହେରା, ଅଭୟ ସାହୁ, ଗିରିଜା ଗୋସ୍ୱାମୀ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ସଂଯୋଜକ ପ୍ରବୀର କୁମାର ଜେନା ସ୍ୱାଗତ ଭାଷଣ




ଦେଇଥିଲେ। ସମାଜ ସେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସଂସ୍ଥାର ଅଂଶୁମାନ ରଣା, ଦ ହ୍ୟୁମାନିଟି ଫାଉଣ୍ଡେସନ ଏବଂ ଆଶାଦୀପ ସ୍ୱତନ୍ତ୍ର ସ୍କୁଲକୁ ସେବା ରତ୍ନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ତ୍ରିବେଣୀ କଳା ସଙ୍ଗମ, ଶ୍ରୀଜଗନ୍ନାଥ କଳା ପରିଷଦ, ନମ୍ରତା ଡ୍ୟାନ୍ସ ଗ୍ରୁପ, ଦୀପମାଲା ଲାକ୍ରା, ଦୀପକ ଶ୍ରେଷ୍ଠ ଏବଂ ପୁଷ୍ପାଞ୍ଜଳି ଜେନାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଝିଲିମା ମହାନ୍ତି ମଞ୍ଚ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବିଶ୍ୱଜିତ ଘୋଷ, ମାନସ ରଞ୍ଜନ ପ୍ରଧାନ, ଆଶୁତୋଷ ବିଶ୍ୱାଳ, ରୁଦ୍ର ବିଶ୍ୱାଳ, ଦୀପ୍ତି ରଞ୍ଜନ ବାରିକ, ବବୁଲୁ, ପ୍ରଶାନ୍ତ ସାହୁ, କୁନା, ରାହୁଲ ପଲେଇ, ଉତ୍ତମ ବାରିକ, ଚିନୁ ଭାଇ, ପ୍ରଦୀପ ବାରିକ, ବୀରେନ୍ଦ୍ର ବେହେରା, ରାଜଲକ୍ଷ୍ମୀ ସାହୁ, ମିଙ୍କି, ଦେବୀକା, ତନୁ, ଶୁଭମ, କବିତା, ସମୀକ୍ଷା, ରବୀନ, ପିଙ୍କୁ, ରଞ୍ଜିତ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କାର ଗୁଳିମାଡ଼; ୫ ଆହତ



ନୂଆଦିଲ୍ଲୀ,୨୮।୧(ଏଜେନ୍ସି): ଶ୍ରୀଲଙ୍କା ନୌସେନାର ଗୁଳିମାଡ଼ରେ ୫ ଭାରତୀୟ ମତ୍ସ୍ୟଜୀବୀ ମଙ୍ଗଳବାର ଆହତ ହେବା ଘଟଣାକୁ ନେଇ ଭାରତ ସରକାରଙ୍କ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ଡେଫ୍ଟ ଦ୍ୱୀପ ନିକଟରେ ମଙ୍ଗଳବାର ସକାଳେ ଏକ ବୋଟ୍‌ରେ କିଛି ଭାରତୀୟ ମତ୍ସ୍ୟଜୀବୀ ସମୁଦ୍ରରୁ ମାଛ ମାରୁଥିଲା ବେଳେ ଶ୍ରୀଲଙ୍କା ନୌସେନା ଅଧିକାରୀମାନେ ସେମାନଙ୍କୁ ଧରିବାକୁ ପିଛା କରିଥିଲେ। କିନ୍ତୁ ଏହି ସମୟରେ ସେମାନେ ଗୁଳିମାଡ଼ କରିବାରୁ ୫ ମତ୍ସ୍ୟଜୀବୀ ଆହତ ହୋଇଥିଲେ। ୫ ଆହତ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବା କୁହାଯାଉଛି। ସେମାନଙ୍କୁ ଜାଫନାସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଏହି ଘଟଣା ପରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ଶ୍ରୀଲଙ୍କା ନୌସେନାର ଏଭଳି କାର୍ଯ୍ୟାନୁଷ୍ଠାନ ଉପରେ ଆପତ୍ତି ଉଠାଇ ବୈଦେଶିକ ମନ୍ତ୍ରାଳୟ ନୂଆଦିଲ୍ଲୀରେ ଅବସ୍ଥାପିତ ହାଇକମିସନରଙ୍କୁ ସମନ ଜାରି କରିଛି। ଭାରତୀୟ ମତ୍ସ୍ୟଜୀବୀଙ୍କୁ ଧରିବା ପାଇଁ ଶ୍ରୀଲଙ୍କା ନୌସେନା ଯେଭଳି ଗୁଳିମାଡ଼ କରିଛି ତାହା ଆଦୌ ସମୀଚିନ ନୁହେଁ ବୋଲି ମନ୍ତ୍ରାଳୟ କହିଛି। ଜାଫନା ଟିଚିଙ୍ଗ ହସ୍ପିଟାଲରେ ଆହତଙ୍କ ଚିକିତ୍ସା ଚାଲିଥିଲା ବେଳେ ଜାଫାନାରେ ଭାରତୀୟ ବାଣିଜ୍ୟ ଦୂତାବାସର ଅଧିକାରୀ ଆହତ ମତ୍ସ୍ୟଜୀବୀଙ୍କୁ ଭେଟିଛନ୍ତି।

# 'ୱାଚ୍ ଟାୱାର ଭୁଶୁଡ଼ି ୭ ମୃତ, ୪୦ରୁ ଅଧିକ ଶ୍ରଦ୍ଧାଳୁ ଆହତ



ଲକ୍ଷ୍ନୌ,୨୮।୧(ଏଜେନ୍ସି): ଉତ୍ତର ପ୍ରଦେଶର ବାଗପତ ଜିଲ୍ଲାରେ ମଙ୍ଗଳବାର ଏକ ଧାର୍ମିକ କାର୍ଯ୍ୟକ୍ରମରେ ଅଘଟଣ ଯୋଗୁଁ ୭ ଜଣଙ୍କ ମୃତ୍ୟୁ ହେବା ସହିତ ୪୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ଛାଡି ଦିଆଯାଇଥିଲା ବେଳେ ଅନ୍ୟମାନଙ୍କ ଚିକିତ୍ସା ଜାରି ରହିଛି। ମିଳିଥିବା ଖବର ଅନୁସାରେ ବାଗପତ ଜିଲ୍ଲା ବାରଉତ୍ ଟାଉନରେ ଜୈନ ସଂପ୍ରଦାୟ ପକ୍ଷରୁ ମଙ୍ଗଳବାର ଭଗବାନ ଆଦିନାଥଙ୍କ ନିର୍ବାଣ ଲଡ୍ଡୁ ମହୋତ୍ସବ ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲା ବେଳେ ଏଠାକରେ କାଠରେ ନିର୍ମିତ ଏକ 'ୱାଚ ଟାୱାର' ଭୁଶୁଡ଼ି ପଡ଼ିଥିଲା। ଏହି ଟାୱାର ଭୁଶୁଡ଼ି ପଡ଼ିବାରୁ ଦଳାଚକଟା ସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ୭ ଜଣଙ୍କ ମୃତ୍ୟୁ ହେବା ସହିତ ୪୦ରୁ ଅଧିକ ଲୋକ ଆହତ ହୋଇଥିଲେ ବୋଲି ବାଗପତ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଟାୱାର ତଳେ ଚାପି ହୋଇ ଆହତ ହୋଇଥିବା ଲୋକଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆହତମାନଙ୍କ ମଧ୍ୟରେ ପ୍ରାୟ ୧୫ ଜଣ ପୁଲିସ କର୍ମୀ ରହିଥିବା କୁହାଯାଇଛି। ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

# ଆତିଶୀଙ୍କ ବିରୋଧରେ ବିଜେପିର ମାନହାନୀ ମାମଲା ଖାରଜ



ନୂଆଦିଲ୍ଲୀ,୨୮।୧(ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ମାର୍ଲେନାଙ୍କ ଏକ ରାଜନୈତିକ ଟିପ୍ପଣୀକୁ ନେଇ ବିଜେପି ପକ୍ଷରୁ ତାଙ୍କ ବିରୋଧରେ ରୁଜୁ କରାଯାଇଥିବା ମାମଲାକୁ ଦିଲ୍ଲୀ ରାଉଜ ଆଭେନ୍ୟୁ କୋର୍ଟ ଖାରଜ କରିଦେଇଛନ୍ତି। ଆତିଶୀଙ୍କ ବିରୋଧରେ ବିଜେପି ନେତା ପ୍ରବୀଣ ଶଙ୍କର କପୁର ଏକ ମାନହାନୀ ମାମଲା ଦାଏର କରିବା ପରେ ମାଜିଷ୍ଟ୍ରେଟ କୋର୍ଟ ଆତିଶୀଙ୍କୁ ସମନ ଜାରି କରିଥିଲେ। କିନ୍ତୁ ଆପ୍ ପକ୍ଷରୁ ଏହି ମାମଲାକୁ ଚ୍ୟାଲେଞ୍ଜ କରାଯିବା ପରେ ରାଉଜ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାପରତି ବିଶାଳ ଗୋଗନେ ଏହି ମାମଲାର ଶୁଣାଣି କରି ଏହାକୁ ଖାରଜ କରିଦେଇଛନ୍ତି। ରାଜନୈତିକ ଟିକା ଟିପ୍ପଣୀକୁ ନେଇ ଯଦି ଏଭଳି ମାମଲା ରୁଜୁ କରାଯାଏ ତେବେ ପ୍ରତ୍ୟେକ ମୁହୂର୍ତ୍ତରେ ଶହ ଶହ ମାମଲା ରୁଜୁ ହେବ ବୋଲି ସେ କହିଛନ୍ତି। ଏହାଛଡ଼ା ଆତିଶୀ ଯେଉଁ ପ୍ରସଙ୍ଗକୁ ନେଇ ମନ୍ତବ୍ୟ ଦେଇଛନ୍ତି ସେଥିରେ ସେଭଳି କିଛି ତ୍ରୁଟି ନାହିଁ ଏବଂ ଏହା ତାଙ୍କର ସାମ୍ବିଧାନିକ ଅଧିକାର ବୋଲି କୋର୍ଟ କହିଛନ୍ତି।

### କେଜ୍ରିୱାଲଙ୍କୁ ରାହୁଲଙ୍କ ଟାର୍ଗେଟ

# ଛୋଟ କାର୍‌ରେ ଆସିଥିଲେ; ସିସ୍‌ମହଲରେ ରହିଲେ

ନୂଆଦିଲ୍ଲୀ,୨୮।୧(ଏଜେନ୍ସି): ଦିଲ୍ଲୀ ନିର୍ବାଚନକୁ ନେଇ ଆପ୍ ଏବଂ ବିଜେପି ମଧ୍ୟରେ ରାଜନୈତିକ ଯୁଦ୍ଧ ତୀବ୍ର ହୋଇଥିଲା ବେଳେ ଆପ୍ ମୁଖ୍ୟ କେଜ୍ରିୱାଲଙ୍କ ବିରୋଧରେ ପୁଣି ବିଷୋଦଗାର କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ରାହୁଲ ଏବେ ଦଳୀୟ ପ୍ରଚାର ପାଇଁ ବାହରିଥିଲା ବେଳେ ମଙ୍ଗଳବାର ଏକ ନିର୍ବାଚନୀ ସଭାରେ କେଜ୍ରିୱାଲଙ୍କୁ ଟାର୍ଗେଟ କରି ବର୍ଷିଛନ୍ତି। ରାହୁଲ ବିଜେପି ସହ ସ୍ୱର ମିଳାଇ ସିସ୍‌ମଲ କଥା ଉଠାଇଛନ୍ତି। ସେ କହିଛନ୍ତି ଯେ, ଯେଉଁ ନେତା ଏକଦା ଏକ ଛୋଟ କାର୍‌ରେ ଆସିଥିଲେ ସେ ସିସ୍‌ମଲ ଭଳି ରାଜପ୍ରାସାଦରେ ରହିଥିଲେ। କେଜ୍ରିୱାଲ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ସମୟରେ ସେ ତାଙ୍କ ୱାଗନ ଆର୍ କାର୍‌ରେ ଆସିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସିସ୍‌ମଲ ଭଳି ରାଜପ୍ରାସାଦରେ ରହିଥିଲେ। ଏହାଦ୍ୱାରା କେଜ୍ରିୱାଲଙ୍କ ନୈତିକତା କିଭଳି ରହିଛି ତାହା ଦିଲ୍ଲୀବାସୀ ବୁଝିବା କଷ୍ଟ ନୁହେଁ ବୋଲି ରାହୁଲ କହିଛନ୍ତି। ସେହିପରି ସବୁବେଳେ ଗରିବଙ୍କ କଥା କହୁଥିବା କେଜ୍ରିୱାଲ ଦିଲ୍ଲୀ ହିଂସା ବେଳେ କୁଆଡେ ଥିଲେ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଏହାବ୍ୟତୀତ ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାକୁ ନେଇ ମଧ୍ୟ ରାହୁଲ କେଜ୍ରିୱାଲ ଏବଂ ମନୀଷ ସିସୋଦିଆଙ୍କ ଉପରେ ବର୍ଷିଛନ୍ତି।

### ଦିଲ୍ଲୀ ନିର୍ବାଚନ

# ଏକଘରିକିଆ ହୋଇଗଲାଣି କଂଗ୍ରେସ

## 'ଯମୁନା' ରାଜନୀତିକୁ ନେଇ ଆପ୍-ବିଜେପି ମୁହାଁମୁହିଁ



ନୂଆଦିଲ୍ଲୀ,୨୮।୧(ଏଜେନ୍ସି): ଆସନ୍ତା ମାସ ୫ ତାରିଖରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏଥିପାଇଁ ଆଉ ମାତ୍ର ସପ୍ତାହେ ସମୟ ରହିଛି। ଯାହାକୁ ନେଇ ତିନି ପ୍ରମୁଖ ଦଳ ମଧ୍ୟରେ ରାଜନୈତିକ ଯୁଦ୍ଧ ଜୋରଦାର ହୋଇଛି। କିନ୍ତୁ ଏହି ନିର୍ବାଚନରେ କଂଗ୍ରେସ ଏବେ ଏକଘରିଆ ହୋଇପଡ଼ିଛି। ବିରୋଧୀ ଇଣ୍ଡିଆ ମେଣ୍ଟରେ କଂଗ୍ରେସ ଏବଂ ଆପ୍ ସାମିଲ ରହିଥିଲେ ହେଁ ଅରବିନ୍ଦ କେଜ୍ରିୱାଲଙ୍କୁ ଇଣ୍ଡିଆ ମେଣ୍ଟର ଦୁଇ ପ୍ରମୁଖ ଅଂଶୀଦାର ମମତା ବାନାର୍ଜୀଙ୍କ ଟିଏମସି ଏବଂ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ଦୃଢ ସମର୍ଥନ ଜଣାଇଛନ୍ତି। ଏପରିକି ଆଗାମୀ ଦିନରେ ଏହି ଦୁଇ ଦଳର ନେତା ଦିଲ୍ଲୀରେ ଆପ୍ ସମର୍ଥନରେ ନିର୍ବାଚନ ପ୍ରଚାର ମୈଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ହୋଇଛନ୍ତି। କେବଳ ଟିଏମସି କିମ୍ବା ସମାଜବାଦୀ ପାର୍ଟି ନୁହେଁ, ଶିବସେନା(ୟୁବିଟି), ଏନସିପି (ଶରଦ) ଭଳି ଆଉ କିଛି ଦଳ ମଧ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ସମର୍ଥନରେ ପ୍ରଚାର କରିବାକୁ ଅଣ୍ଟା ଭିଡିଛନ୍ତି। ଫଳରେ ଦିଲ୍ଲୀ ନିର୍ବାଚନକୁ ନେଇ କଂଗ୍ରେସ ଏକୁଟିଆ ହୋଇପଡ଼ିଛି। ଅନ୍ୟପକ୍ଷରେ ଯମୁନା ନଦୀ ଜଳକୁ ନେଇ ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ବିଜେପି ଏବଂ ଆମ ଆଦମୀ ପାର୍ଟି(ଆପ୍) ମଧ୍ୟରେ ଗତକାଲି ଠାରୁ ଆରମ୍ଭ ହୋଇଥିବା ରାଜନୀତି ଏବେ ଆହୁରି ତୀବ୍ର ହେବା ସହିତ ଦଳୀୟ ନେତା ମୁହାଁମୁହିଁ ହୋଇଛନ୍ତି। ଗତକାଲି ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଯମୁନା ଜଳ ବିଷାକ୍ତ ହେବା ନେଇ ବିଜେପିକୁ ନିଶାଣ କରି ବର୍ଷିଥିଲେ। ହରିୟାଣାରୁ ପ୍ରବାହିତ ହେଉଥିବା ଯମୁନା ନଦୀ ଜଳକୁ ସେଠାକାର ବିଜେପି ସରକାର ବିଷାକ୍ତ କରିବାରେ ଲାଗିଛନ୍ତି।

ଯମୁନା ନଦୀରେ ହରିୟାଣା ସରକାର ଏଭଳି ବିଷ ମିଶାଉଛନ୍ତି ଯେ ତାହାକୁ ଜଳ ବିଶୋଧନାଗାରରେ ମଧ୍ୟ ବିଶୋଧନ କରିବା ସମ୍ଭବ ହେଉ ନାହିଁ। ଦିଲ୍ଲୀ ଜଳବୋର୍ଡ ଏହି ବିଷୟ ଜାଣିବା ପରେ ହରିୟାଣାରୁ ଆସୁଥିବା ଜଳକୁ ବନ୍ଦ କରିଦେଇଛି। ଏହାଦ୍ୱାରା ଦିଲ୍ଲୀରେ ହଜାର ହଜାର ଲୋକଙ୍କ ଜୀବନ ରକ୍ଷା କରାଯାଇପାରିଛି। ନଚେତ ଏଭଳି ବିଷାକ୍ତ ପାଣି ପିଇ ସମୂହ ମୃତ୍ୟୁ ଘଟିଥାଆନ୍ତା ବୋଲି କେଜ୍ରିୱାଲ କହିଥିଲେ। ଏଭଳି ବିଷାକ୍ତ ପାଣି ଲୋକଙ୍କ ନିକଟରେ ନ ପହଞ୍ଚାଇବା ଉଦ୍ଦେଶ୍ୟରେ ଦିଲ୍ଲୀ ଜଳବୋର୍ଡ ପଦକ୍ଷେପ ନେଇଥିବାରୁ ଦିଲ୍ଲୀରେ ଜଳାଭାବ ସୃଷ୍ଟି ହେଉଛି। କିନ୍ତୁ ଜଳାଭାବକୁ ନେଇ ବିଜେପି ଆପ୍ ବିରୋଧରେ ରାଜନୀତିକ ଫାଇଦା ଉଠାଇବାକୁ ପଛାଇ ନାହିଁ ବୋଲି କହିଥିଲେ। କେଜ୍ରିୱାଲଙ୍କ ଏହି ଟିପ୍ପଣୀକୁ ନେଇ ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନିଙ୍କ ସମେତ ଅନ୍ୟ ବହୁ ବିଜେପି ନେତା କଡ଼ା ଜବାବ ରଖିଥିଲା ବେଳେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଅମିତ ଶାହ କେଜ୍ରିୱାଲଙ୍କ ବିରୋଧରେ ବର୍ଷିଛନ୍ତି।

କାଲାକାଜୀ ଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ଶାହ କହିଛନ୍ତି ଯେ,ଯଦି ଯମୁନା ଜଳ ବିଷାକ୍ତ ହୋଇଛି ତେବେ ଦିଲ୍ଲୀ ଜଳବୋର୍ଡ ଏ ସମ୍ପର୍କରେ ଦିଲ୍ଲୀବାସୀଙ୍କ ନିକଟରେ ଖୋଲାଖୋଲି ଭାବେ ରିପୋର୍ଟ ଦାଖଲ କରୁ। ଏହାବ୍ୟତୀତ ହରିୟାଣା ସରକାର ଯମୁନା ଜଳରେ ବିଷ ମିଶାଉଛନ୍ତି ବୋଲି କେଜ୍ରିୱାଲ ଯେଉଁ ଦାବି କରୁଛନ୍ତି, ଏହି ବିଷ ନାଁ କ'ଣ ତାହା ମଧ୍ୟ ସେ ଦିଲ୍ଲୀବାସୀଙ୍କୁ ଜଣାନ୍ତୁ ବୋଲି ଶାହ କହିଛନ୍ତି। ସେହିପରି ଯମୁନା ନଦୀର ବିଷାକ୍ତ ଜଳ ଜନ ସାଧାରଣଙ୍କ ନିକଟରେ ନ ପହଞ୍ଚାଇବାକୁ ଦିଲ୍ଲୀ ପ୍ରଶାସନ ଜଳ ବୋର୍ଡକୁ ନିର୍ଦ୍ଦେଶ ଦେଇଥିଲେ ବୋଲି କେଜ୍ରିୱାଲ କହୁଛନ୍ତି। ତେବେ ସରକାରୀ ନିର୍ଦ୍ଦେଶନାମାର ଏକ ନକଲ କେଜ୍ରିୱାଲ ସାଧାରଣରେ ପ୍ରକାଶ କରନ୍ତୁ ବୋଲି ବିଜେପିର ଆଉ କିଛି ବରିଷ୍ଠ ନେତା କହିଛନ୍ତି। ବିଜେପି ରାଜନୀତି କରୁନାହିଁ, କିନ୍ତୁ ରାଜନୈତିକ ଫାଇଦା ଉଠାଇବାକୁ କେଜ୍ରିୱାଲ ଏଭଳି ନାଟକ ରଚିବା ସହିତ ତାହା ମିଛ କହୁଛନ୍ତି ବୋଲି ସେମାନେ କହିଛନ୍ତି। ତେବେ ଯମୁନା ଜଳକୁ ନେଇ ଆପ୍-ବିଜେପି ମଧ୍ୟରେ ଚାଲିଥିବା ଏହି ରାଜନୀତି ବେଳକୁ ବେଳ ରୋଚକ ହେବାରେ ଲାଗିଛି।

### ଆଜି ମୌନୀ ଅମାବାସ୍ୟା

# ମହାକୁମ୍ଭରେ ବୁଡ଼ ପକାଇବେ ୧୦ କୋଟି ଶ୍ରଦ୍ଧାଳୁ



ପ୍ରୟାଗରାଜ,୨୮।୧(ଏଜେନ୍ସି): ପ୍ରୟାଗରାଜ ମହାକୁମ୍ଭରେ ଆସନ୍ତାକାଲି କୋଟି କୋଟି ଶ୍ରଦ୍ଧାଳୁଙ୍କ ଆଗମନ ହେବ। ବୁଧବାର ମୌନୀ ଅମାବାସ୍ୟାରେ ଅମୃତ ସ୍ନାନ ପାଇଁ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ଲାଗି ଦେଶ ବିଦେଶରୁ ପ୍ରାୟ ୧୦ କୋଟି ଶ୍ରଦ୍ଧାଳୁ ଏକାଠି ହେବେ ବୋଲି ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ମହାକୁମ୍ଭ ମେଳାରେ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରୟାଗରାଜ ଏବଂ ଏହାର ଆଖପାଖ ରେଳ ଷ୍ଟେସନରେ ୮ ରୁ ୧୦ ହଜାର ଆରପିଏଫ ବଳ ନିୟୋଜିତ କରାଯାଇଥିଲା ବେଳେ କୁମ୍ଭ ମେଳାରେ ନିୟୋଜିତ ହୋଇଥିବା ସୁରକ୍ଷାବଳଙ୍କ ବ୍ୟତୀତ ଅତିରିକ୍ତ କେନ୍ଦ୍ରୀୟ ଫୋର୍ସ ନିୟୋଜିତ କରାଯାଇଛି। ଏହାବ୍ୟତୀତ ଡ୍ରୋନ ଏବଂ ଏଆଇ କ୍ୟାମେରା ମାଧ୍ୟମରେ ଲୋକଙ୍କ ଗତିବିଧି ଉପରେ କଡ଼ା ଦୃଷ୍ଟି ରଖାଯାଇଛି। ଏହି ସ୍ୱତନ୍ତ୍ର ତିଥିରେ ଦେଶର ବିଭିନ୍ନ ଭାଗରୁ ଲୋକଙ୍କୁ ଅମୃତ ସ୍ନାନ ସକାଶେ ସୁଯୋଗ ଦେବା ଉଦ୍ଦେଶ୍ୟରେ ୩୬୦ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଛି।

**ବିଭିନ୍ନ ସ୍ଥାନରୁ ଚାଲିଛି ୩୬୦ଟି ଟ୍ରେନ**

**ସୁରକ୍ଷା କଡ଼ାକଡ଼ି କରିବାକୁ ବ୍ୟାପକ ବ୍ୟବସ୍ଥା**

# ଟ୍ରମ୍ପଙ୍କ ସୂଚନା; ଫେବୃଆରୀରେ ମୋଦୀଙ୍କୁ ଭେଟିବେ

ୱାଶିଂଟନ,୨୮।୧(ଏଜେନ୍ସି) : ଆସନ୍ତା ଫେବୃଆରୀ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତରେ ଯାଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବେ। ଏସ ସମ୍ପର୍କରେ ଟ୍ରମ୍ପ ନିଜେ ଘୋଷଣା କରିଛନ୍ତି। ହ୍ୱାଇଟ୍ ହାଉସରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିବେ ବୋଲି ସେ କହିଛନ୍ତି। ଏହି ସମୟରେ ଦୁଇ ଦେଶ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାର ସମ୍ଭାବନା ରହିଛି। ଟ୍ରମ୍ପ ମୋଦୀଙ୍କୁ ଆମେରିକା ଗସ୍ତ ପାଇଁ ନିମନ୍ତ୍ରଣ କରିବା ସହିତ ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ଭାରତୀୟଙ୍କ ପ୍ରତ୍ୟର୍ପଣ କ୍ଷେତ୍ରରେ ସହଯୋଗ କରିବେ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଏହି ପ୍ରସଙ୍ଗରେ ଯାହା ଉଚିତ ଭାବିବେ ତାହା କରିବେ ବୋଲି ଟ୍ରମ୍ପ କହିଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଓ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ଫୋନରେ କଥାବାର୍ତ୍ତା ହୋଇଥିଲା। ଏହି ଗସ୍ତ ସମ୍ପର୍କରେ ଦୁଇ ନେତା ଆଲୋଚନା କରିଥିଲା ବେଳେ ମଙ୍ଗଳବାର ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ପକ୍ଷରୁ ସୂଚନା ଦେଇଛନ୍ତି।

# ଟ୍ରେନ ଉପରେ ରିଲ୍ସ; ଚାଲିଗଲା ନାବାଳକ ଜୀବନ

କୋଲକାତା,୨୮।୧(ଏଜେନ୍ସି): ଟ୍ରେନ ଉପରେ ରିଲ୍ସ ବନାଇବାକୁ ଯାଇ ପଶ୍ଚିମବଙ୍ଗରେ ଜଣେ ୧୫ ବର୍ଷୀୟ ନାବାଳକର ମୃତ୍ୟୁ ହୋଇଛି। ପଶ୍ଚିମବଙ୍ଗର ପୂର୍ବ ବର୍ଦ୍ଧମାନ ଜିଲ୍ଲାସ୍ଥିତ ଜ୍ଞାନଦାସ କାନ୍ଦ୍ରା ରେଳ ଷ୍ଟେସନରେ ପଡ଼ି ରହିଥିବା ଏକ ପୁରୁଣା ରେଳ ବଗି ଉପରେ ଚଢି ଏହି ବାଳକ ଜଣକ ରିଲ୍ସ ବନାଉଥିଲେ। କିନ୍ତୁ ଉପରେ ହାଇଭୋଲ୍ଟେଜ୍ ବିଦ୍ୟୁତ ତାର ଯାଇଥିବାରୁ ବଗି ଉପରୁ ଓହ୍ଲାଇ ଆସିବାକୁ ଲୋକମାନେ ତାଙ୍କୁ କହିଥିଲେ ହେଁ ବାଳକ ଜଣକ ଏହାକୁ ଖାତିର କରି ନଥିଲେ। କିନ୍ତୁ ରିଲ୍ସ ସୁଟିଂ କରୁଥିଲା ବେଳେ ତାଙ୍କ ହାତ ବିଦ୍ୟୁତ ତାରରେ ଲାଗି ଯିବାରୁ ସେ ବଗି ତଳକୁ ଖସି ପଡ଼ିଥିଲେ। ପରେ ପରେ ତାଙ୍କ ନାକ ଓ ପାଟିରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା ବେଳେ ଲୋକମାନେ ବାଳକଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବାଳକ ଜଣଙ୍କୁ ଚିହ୍ନଟ କରାଯାଇଥିଲା ବେଳେ ତାଙ୍କ ନାମ ଇବ୍ରାହିମ ଚୌଧୁରୀ ଏବଂ ତାଙ୍କ ଘର କେତୁଗ୍ରାମର ଖାଜିଗ୍ରାମରେ ବୋଲି ଜଣାପଡ଼ିଛି।

# ବନ୍ଧୁକ, ବୋମା ସହିତ ଗାଜାକୁ ଫେରୁଛନ୍ତି ପାଲେଷ୍ଟେନୀୟ ନାଗରିକ !



## ପ୍ରଭାବିତ ହୋଇପାରେ ଅସ୍ତ୍ରବିରତି ଚୁକ୍ତି

ତେଲ ଆଭିଭ୍,୨୮।୧(ଏଜେନ୍ସି): ହମାସ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ୪୫ ଦିନିଆ ଅସ୍ତ୍ରବିରତି ପ୍ରକ୍ରିୟାକୁ ନେଇ ଏବେ ଉଭୟ ପକ୍ଷ ମଧ୍ୟରେ ବନ୍ଧକମାନଙ୍କୁ ମୁକ୍ତ କରିବା କାର୍ଯ୍ୟ ଚାଲିଛି। ଏହାସହିତ ଗାଜାରୁ ବିସ୍ଥାପିତ ହୋଇଥିବା ଲକ୍ଷ ଲକ୍ଷ ପାଲେଷ୍ଟାଇନ ନାଗରିକ ମଧ୍ୟ ଉତ୍ତର ଗାଜାକୁ ଫେରିବାକୁ ଇସ୍ରାଏଲ ସରକାର ଅନୁମତି ଦେଇଛନ୍ତି। ଗତ ଦୁଇ ଦିନ ମଧ୍ୟରେ ହଜାର ହଜାର ପାଲେଷ୍ଟନୀୟ ନାଗରିକ ନିଜ ସହରକୁ ଫେରିଥିଲା ବେଳେ ହମାସ ପୁଣି ଏଥିରେ ପ୍ରତିବନ୍ଧକ ହେବା ଭଳି ପରିସ୍ଥିତି ସୃଷ୍ଟି କରିଥିବା କୁହାଯାଇଛି। ଉତ୍ତର ଇଜିପ୍ଟ ସୀମାକୁ ଲାଗି ରହିଥିବା ବିଭିନ୍ନ କ୍ୟାମ୍ପରୁ ପାଲେଷ୍ଟେନୀୟ ନାଗରିକମାନେ ଫେରୁଥିଲା ବେଳେ ସେମାନଙ୍କ ଗାଡିରେ ହମାସ ବନ୍ଧୁକ ଏବଂ ବୋମା ଲୁଚାଇ ଆଣୁଛି ବୋଲି କେତେକ ଘଟଣାରୁ ଜଣାପଡ଼ିଛି। ବିଭିନ୍ନ ପଏଣ୍ଟରେ ଡ୍ରୋନ ଏବଂ ଏଆଇ କ୍ୟାମେରା ଯୋଗେ ଗାଡି ଯାଞ୍ଚ କରାଯାଉଛି। ଏହାସତ୍ତ୍ୱେ କିଛି ଗାଡି ଚେକ୍ ପଏଣ୍ଟ ନିୟମକୁ ଉଲ୍ଲଘଂନ କରି ପଳାଇ ଆସିଥିବା ଏବଂ ସେଗୁଡିକରୁ ଅସ୍ତ୍ରଶସ୍ତ୍ର ମିଳିଥିବା କୁହାଯାଇଛି। ଏଭଳି ଘଟଣା ଜଣାପଡ଼ିବା ପରେ ଇସ୍ରାଏଲ ପୁଣି ନକାରାତ୍ମକ ଆଭିମୁଖ୍ୟ ଗ୍ରହଣ କରିପାରେ ବୋଲି ଆଶଙ୍କା ବଢିଛି। ହମାସ ବନ୍ଧକ ରଖିଥିବା ସମସ୍ତ ଇସ୍ରାଏଲୀ ମହିଳାଙ୍କୁ ନ ଛାଡିଲେ ଉତ୍ତର ଗାଜାକୁ ପାଲେଷ୍ଟେନୀୟମାନଙ୍କୁ ଆସିବାକୁ ଦିଆଯିବ ନାହିଁ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ତିନି ଦିନ ତଳେ ସତର୍କ କରାଇ ଦେଇଥିଲେ। କିନ୍ତୁ ହମାସ ପୁଣି ସାଧାରଣ ଲୋକଙ୍କ ଗାଡିରେ ଲୁଚା ଚୋରାରେ ଅସ୍ତ୍ରଶସ୍ତ୍ର ଆଣିବା ଗାଜାବାସୀଙ୍କ ପାଇଁ ମହଙ୍ଗା ହୋଇପାରେ ବୋଲି କୁହାଯାଉଛି।

### ଇସ୍ରୋର ୧୦୦ତମ ମିଶନ ପାଇଁ କାଉଣ୍ଟଡାଉନ୍

# ଆଜି ମହାକାଶକୁ ଯାତ୍ରା କରିବ ଏନଭିଏସ୍-୦୨ ସାଟେଲାଇଟ୍



ନୂଆଦିଲ୍ଲୀ,୨୮।୧(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ(ଇସ୍ରୋ) ଆସନ୍ତାକାଲି ଇତିହାସ ରଚିବାକୁ ଯାଉଛି। ଇସ୍ରୋ ଏହାର ୧୦୦ତମ ମିଶନ ଭାବେ ବୁଧବାର ଜିଏସଏଲଭି-ଏଫ ୧୫ ରକେଟ୍ ଯୋଗେ ଏନଭିଏସ-୦୨ ଦିଗ ନିର୍ଣ୍ଣୟକାରୀ ଉପଗ୍ରହ ମହାକାଶକୁ ପ୍ରେରଣ କରିବ। ଇସ୍ରୋର ଏହି ଐତିହାସିକ ମୁହୂର୍ତ୍ତ ପାଇଁ ମଙ୍ଗଳବାର ଠାରୁ କାଉଣ୍ଟଡାଉନ୍ ଆରମ୍ଭ ହୋଇଛି। ଆନ୍ଧ୍ରପ୍ରଦେଶସ୍ଥିତ ଶ୍ରୀହରିକୋଟା ସତୀଶଧାବନ ଉତକ୍ଷପଣ କେନ୍ଦ୍ରରୁ ବୁଧବାର ସକାଳ ୬ଟା ୨୩ ମିନିଟ୍‌ରେ ଏହି ଉପଗ୍ରହ ମହାକାଶକୁ ଯାତ୍ରା କରିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିଲା ବେଳେ ଇସ୍ରୋ ମୁଖ୍ୟ ଡ. ଭି ନାରାୟଣନ୍ ନିଜ ଟିମ୍ ସହିତ ମଙ୍ଗଳବାର ତିରୁପତି ବାଲାଜୀ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଇସ୍ରୋର ନୂଆ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଡ,ନାରାୟଣନଙ୍କ ଏହା ପ୍ରଥମ ମିଶନ ହୋଇଥିବାରୁ ଏହାର ସଫଳତା ପାଇଁ ସେ ବାଲାଜୀଙ୍କ ଠାରେ ପ୍ରାର୍ଥନା କରିବା ସହିତ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଛନ୍ତି। ସେ ଜିଏସଏଲଭି-ଏଫ ୧୫ ରକେଟ୍‌ର ଏକ ନକଲ ନିଜ ସାଙ୍ଗରେ ନେବା ସହିତ ଏହାକୁ ବାଲାଜୀଙ୍କ ମନ୍ଦିରରେ ରଖି ପୂଜା କରିଛନ୍ତି। ୩.୪ ମିଟର ବ୍ୟାସ ବିଶିଷ୍ଟ ପ୍ରଥମଥର ପାଇଁ ଜିଏସଏଲଭି-ଏଫ ୧୫ ରକେଟ୍ ଏକ ମେଟାଲିକ୍ ପେଲୋଡ୍ ଭାବେ ମହାକାଶକୁ ଯାତ୍ରା କରୁଥିବାରୁ ଡ, ନାରାୟଣନ ଏହାର ସଫଳତା କାମନା କରିଛନ୍ତି। ଜିଏସଏଲଭି-ଏଫ ୧୫ /ଏନଭିଏସ-୦୨ ଭାରତର ନାଭ୍ଆଇସି କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ରହିଥିଲାବେଳେ ଏହି ମିଶନର ଗୁରୁତ୍ୱ ଯଥେଷ୍ଟ ରହିଛି। ସ୍ୱଦେଶୀ ଜ୍ଞାନ କୌଶଳରେ ପ୍ରସ୍ତୁତ ଏହି ରକେଟ୍ ଏନବିଏଏସ୍-୦୨ ଉପଗ୍ରହକୁ ଜିଓସିଂକ୍ରୋନ୍ସ ଟ୍ରାନ୍ସଫର ଅର୍ବିଟ୍‌କୁ ପଠାଇବ। ଏନବିଏଏସ-୦୨ ଉପଗ୍ରହ ଭାରତୀୟ ନାଭିଗେସନ ପ୍ରଣାଳୀର ଏହା ଅଂଶ। ଏହା ଦ୍ୱିତୀୟ ପିଢ଼ିର ଉପଗ୍ରହ, ଯାହାକି ନାଭିଗେସନ ମ୍ୟାପ୍ ପାଇଁ କାର୍ଯ୍ୟ କରିବ। ଏହି ଅବସରରେ ଡ, ନାରାୟଣନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରୋର ତୃତୀୟ ଲଞ୍ଚ ପ୍ୟାଡ୍ ପାଇଁ ୪୦୦ କୋଟି ଟଙ୍କା ମଞ୍ଜୁର କରିବାକୁ ନିଷ୍ପତ୍ତି ନେଇଥିବାରୁ ସେ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।

**ତିରୁପତି ବାଲାଜୀ ମନ୍ଦିରରେ ପୂଜାର୍ଚ୍ଚନା କଲେ ଇସ୍ରୋ ମୁଖ୍ୟ**

**୪୬ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହୋଇଛି ୯୯ ମିଶନ**

# ହରିୟାଣାରେ ଆୟୁଷ୍ମାନକୁ ଡବଲ ଇଞ୍ଜିନ୍ ଝଟକା

ନୂଆଦିଲ୍ଲୀ, ୨୮ ।୧: ଭାରତ ସରକାରଙ୍କର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସେବା ସ୍କିମ୍ ଆୟୁଷ୍ମାନ ଭାରତକୁ ଝଟକା ମିଳିଛି ହରିୟାଣାରେ। ବିଜେପି ଶାସିତ ହରିୟାଣା ସରକାର ଅର୍ଥ ଦେଉନଥିବାରୁ ରାଜ୍ୟରେ ସମସ୍ତ ଘରୋଇ ହସପିଟାଲ ଏହି ସ୍କିମ୍ ଜରିଆରେ ରୋଗୀମାନଙ୍କର ଚିକିତ୍ସା କରିବାକୁ ଅସହାୟତା ପ୍ରକାଶ କରିଛନ୍ତି। ସରକାରଙ୍କ ପାଖରେ ୪୦୦ କୋଟି ଟଙ୍କା ବକେୟା ପଡ଼ିଥିବାରୁ ସେମାନେ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଆସନ୍ତା ୩ ତାରିଖ ସୁଦ୍ଧା ସରକାର ସମସ୍ତ ବକେୟା ଅର୍ଥ ପ୍ରଦାନ ନକଲେ ସେମାନେ ଆୟୁଷ୍ମାନ ଯୋଜନାରେ ସେବା ଯୋଗାଇଦେବା ବନ୍ଦ କରିଦେବେ। ଭାରତୀୟ ମେଡିକାଲ ଆସୋସିଏସନ୍ ବା ଆଇଏମ୍ଏର ହରିୟାଣା ଶାଖା ପକ୍ଷରୁ ସରକାରଙ୍କୁ ଏଭଳି ଚେତାବନୀ ଦିଆଯାଇଛି। ରାଜ୍ୟରେ ମୋଟ୍ ୧୩୦୦ ଡାକ୍ତରଖାନା ଆୟୁଷ୍ମାନ ଯୋଜନାରେ ତାଲିକାଭୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬୦୦ ହେଉଛନ୍ତି ଘରୋଇ ହସପିଟାଲ। ଆଇଏମ୍ଏର ରାଜ୍ୟ ସଭାପତି ଡ. ମହାବୀର ଜୈନ କହିଛନ୍ତି ଯେ ମାସ ମାସ ଧରି ଘରୋଇ ଡାକ୍ତରଖାନାଙ୍କର ୪୦୦ କୋଟି ଟଙ୍କର ବିଲ୍ ସରକାରଙ୍କ ପାଖରେ ପଡ଼ି ରହିଛି। ସରକାରଙ୍କୁ ଅନୁରୋଧ କଲେ ମଧ୍ୟ କିଛି ଫଳ ମିଳୁନାହିଁ। ସରକାରଙ୍କୁ ଗୁହାରି କଲେ ମିଳୁଛି ମାତ୍ର ୧୦ ପ୍ରତିଶତ ଅର୍ଥ। ଏଭଳି ସ୍ଥିତିରେ ଘରୋଇ ହସପିଟାଲ ଆୟୁଷ୍ମାନ କାର୍ଡଧାରୀଙ୍କୁ ସେବା ଯୋଗାଇ ପାରିବେ ନାହିଁ। ରାଜ୍ୟରେ ଏବେ କୋଟିଏ ୨୦ ଲକ୍ଷ ଆୟୁଷ୍ମାନ କାର୍ଡଧାରୀ ଅଛନ୍ତି। ଫେବୃରୀ ୩ରୁ ସେମାନଙ୍କୁ ଘରୋଇ ହସପିଟାଲରେ ଆଉ ଚିକିତ୍ସା କରାଯିବ ନାହିଁ। ସେ କହିଲେ ଯେ କିଛିଦିନ ତଳେ ସଂଘ ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏସଂପର୍କରେ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ଫାଇଦା ମିଳୁନାହିଁ। ତେଣୁ ତିନି ତାରିଖରୁ ସେବା ବନ୍ଦ କରିବା ଛଡ଼ା ଅନ୍ୟ କୌଣସି ବାଟ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ବହୁର୍ଚ୍ଚିତ ଏହି ଯୋଜନାରୁ ଲାଭ ପାଉଥିବା ଲୋକମାନଙ୍କର ଚିକିତ୍ସାକୁ ନେଇ ଏବେ ପ୍ରଶ୍ନ ଉଠିଲାଣି। ଏହି ଯୋଜନାରେ ଉଭୟ କେନ୍ଦ୍ର ଏବ ରାଜ୍ୟ ସରକାର ମିଳିତ ଭାବେ ପାଣ୍ଠି ଯୋଗାଉଛନ୍ତି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବା ବେଳେ ଆୟୁଷ୍ମାନକୁ ନେଇ ଯେଉଁଭଳି ପରିସ୍ଥିତି ସୃଷ୍ଟି ହେବାକୁ ଗଲାଣି, ଆଗାମୀ ଦିନ ପାଇଁ ଏହା ଶୁଭ ସୂଚନା ନୁହେଁ ବୋଲି କୁହାଯାଉଛି। ଓଡ଼ିଶାରେ ମଧ୍ୟ ଏହି ଯୋଜନା ଲାଗୁ ହେବାକୁ ଯାଉଥିବାରୁ ହିତାଧିକାରୀମାନଙ୍କ ମଧ୍ୟରେ ଏହି ଖବରକୁ ନେଇ ଆଶଙ୍କା ପ୍ରକାଶ ପାଇଲାଣି। ଓଡ଼ିଶାରେ କାର୍ଯ୍ୟକାରୀ ହୋଇଥିବା ବିଏସ୍‌କେୱାଇ ବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କ୍ଷେତ୍ରରେ ଏଭଳି ପରିସ୍ଥିତି କେବେ ବି ଦେଖିବାକୁ ମିଳିନଥିଲା। ହିତାଧିକାରୀ ଚିକିତ୍ସା ପାଇବା ମାତ୍ରେ ହସପିଟାଲମାନଙ୍କୁ ରାଜ୍ୟ ସରକାର ତୁରନ୍ତ ବିଲ୍ ବାବଦ ଅର୍ଥ ପଇଠ କରିଦେଉଥିଲେ।

- **ଚିକିତ୍ସା ପାଇଁ ଅମଙ୍ଗ ୬୦୦ ଘରୋଇ ହସ୍ପିଟାଲ**
- **ଅର୍ଥ ନଦେଲେ ୩ରୁ ଚିକିତ୍ସା ସେବା ବନ୍ଦ ପାଇଁ ଚେତାବନୀ**

## ମହାପ୍ରଭୁଙ୍କ ସମ୍ପତ୍ତି ଜବରଦଖଲ କରି ପ୍ଲଟିଂ ଉଦ୍ୟମ

### କୁମ୍ଭାରପଡ଼ା ଥାନାରେ ଏତଲା ଦେଲା ଶ୍ରୀମନ୍ଦିର ପ୍ରଶାସନ

**ପୁରୀ,୨୮।୧(ସମିସ):** ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ଥିବା ଜମି ବେଆଇନ ଭାବରେ ଜବରଦଖଲ କରି ପ୍ଲଟିଂ କରି ବିକ୍ରି ପାଇଁ ଉଦ୍ୟମ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ନଜରକୁ ଆସିଛି। ଏ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁମ୍ଭାରପଡା ଥାନାରେ ଏତଲା ଦାଖଲ କରାଯାଇଛି। ଏହି ଅଭିଯୋଗ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନଜରକୁ ଆସିବା ପରେ ସେ ଏ ନେଇ ପ୍ରାଥମିକ ତଦନ୍ତ କରିବାକୁ ଉନ୍ନୟନ ପ୍ରଶାସକ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଘଟଣା ସମ୍ପର୍କରେ ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ ସହ ମଧ ଆଲୋଚନା କରିଛନ୍ତି। ତାଳବଣିଆ ମୌଜା ଖାତା ନମ୍ବର ୭୯୧, ପ୍ଲଟ ନଂ- ୮୨୭, ୮୨୪, ୮୨୧, ୮୨୩, ୮୨୫, ୮୨୧/୧୮୧୭ରେ ଏହି ବେଆଇନ ଜବରଦଖଲ କରାଯାଇଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ କହିଛନ୍ତି ଯେ ମହାପ୍ରଭୁଙ୍କ ନାମରେ ଥିବା ଜମିକୁ ବେଆଇନ୍ ଭାବେ ହାତେଇବାକୁ ହେଉଥିବା କୌଣସି ଉଦ୍ୟମକୁ କଦାପି ବରଦାସ୍ତ କରାଯିବ ନାହିଁ। ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବରୁ ମାଟିତୋଟା ଅଞ୍ଚଳରେ ହୋଇଥିବା ଏଭଳି ଜମି ଚଞ୍ଚକତା ଉଦ୍ୟମ ବିରୋଧରେ ବାସେଳିସାହି ଥାନାରେ ଏତଲା ହୋଇଥିବା ବେଳେ ପୁରୀ ପୁଲିସ ମଧ ଦ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇ ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

ତେଣୁ ପୁଣିଥରେ ଜନସାଧାରଣଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସତର୍କ କରାଯାଉଛି ଯେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତିର ଏଭଳି ବେଆଇନ ହସ୍ତାନ୍ତର ସମ୍ପୂର୍ଣ୍ଣ ଭାବେ ଅବୈଧ। ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତି ନିଜେ ଠକେଇ ଶିକାର ହେବା ସହ ଆଇନ ଅନୁଯାୟୀ ଦଣ୍ଡନୀୟ ମଧ ହେବେ। ତେଣୁ ଏଭଳି ବେଆଇନ ହସ୍ତାନ୍ତରରୁ ବ୍ୟକ୍ତି କିମ୍ବା ଅନୁଷ୍ଠାନ କ୍ଷାନ୍ତ ରହିବା ଜରୁରୀ। ଜମିଜମା କ୍ରୟ ସମୟରେ ଆବଶ୍ୟକ ଅନୁଭବ କଲେ ଶ୍ରୀମନ୍ଦିର ପ୍ରଶାସନକୁ ମଧ ଯାଞ୍ଚ ପାଇଁ ଯୋଗାଯୋଗ କରିପାରିବେ। ମହାପ୍ରଭୁଙ୍କ ଜମିଜମା ସୁରକ୍ଷା ପାଇଁ ଆଗାମୀ ଦିନରେ ସମସ୍ତ ରେକର୍ଡର କମ୍ପ୍ୟୁଟରୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ସମସ୍ତ ଯାଞ୍ଚ ତଥା ଆବେଦନ ପ୍ରକ୍ରିୟା ଖୁବ୍‌ଶୀଘ୍ର ଅନଲାଇନ୍ ହେବାକୁ ଯାଉଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

■ ଓଆରଏଚ୍‌ଡିସି ଦୁର୍ନୀତି ମାମଲା

## ପୂର୍ବତନ ଆଇଏଏସ୍ ବିନୋଦଙ୍କ ସମେତ ୭ଜଣଙ୍କୁ ୩ବର୍ଷ ଜେଲ୍

**ଭୁବନେଶ୍ୱର, ୨୮।୧(ସମିସ):** ପୂର୍ବତନ ଆଇଏସ୍ ତଥା ଓଆରଏଚ୍‌ଡିସିର ଏମ୍‌ଡି ବିନୋଦ କୁମାରଙ୍କ ସମେତ ୭ଜଣଙ୍କୁ ଦଣ୍ଡାଦେଶ ହୋଇଛି। ସେମାନଙ୍କୁ ୩ବର୍ଷ ଜେଲଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଭୁବନେଶ୍ୱର ସ୍ପେଶାଲ ଭିଜିଲାନ୍ସ କୋର୍ଟ। ଦଣ୍ଡାଦେଶ ପାଇଥିବା ଅନ୍ୟ ଜଣ ହେଲେ ପୂର୍ବତନ କମ୍ପାନୀ ସଚିବ ସ୍ୱସ୍ତି ରଞ୍ଜନ ମହାପାତ୍ର, ପୂର୍ବ ଆକାଉଟାଣ୍ଟ ଅଧିକାରୀ ପ୍ରଦୀପ କୁମାର ରାଉତ, ପୂର୍ବତନ ଜୁନିଅର ଋଣ ଅଧିକାରୀ ସତ୍ୟପ୍ରକାଶ ବେହେରା, ପୂର୍ବତନ ସିଷ୍ଟମ୍ ଆନାଲିଷ୍ଟ ଜ୍ଞାନେନ୍ଦ୍ର ସ୍ୱାଇଁ, ପୂର୍ବତନ ପୁନରୁଦ୍ଧାର ସହାୟକ ଉମେଶ ଚନ୍ଦ୍ର ସ୍ୱାଇଁ ଏବଂ ସିଟି ବିଲ୍ଡର ଏମ୍‌ଡି ଲିଙ୍ଗରାଜ ପାତ୍ର। ଏହି ଦଣ୍ଡାଦେଶକୁ ମିଶାଇ ୧୧ଟି ମାମଲାରେ ବିନୋଦ ଏବଂ ଅନ୍ୟମାନଙ୍କୁ ଦଣ୍ଡାଦେଶ ହୋଇଛି। ବିନୋଦ ଓଆରଏଚ୍‌ଡିସି ଏମ୍‌ଡି ଥିବା ବେଳେ ସିଟି ବିଲ୍ଡର ଲିଙ୍ଗରାଜ ପାତ୍ରଙ୍କୁ ଅନୁକମ୍ପା ଦେଖାଇଥିଲେ। ବେଆଇନ୍ ଭାବେ ଜାଲ ଦସ୍ତାବିଜ୍ ଦାଖଲ କରି ଅଣହିତାଧିକାରୀଙ୍କୁ ଲୋନ୍ ମଞ୍ଜୁରୀ କରିଥିଲେ। ଯେଉଁଥିପାଇଁ ଓଆରଏଚ୍‌ଡିସିକୁ ୨ଶହ କୋଟିର କ୍ଷତି ହୋଇଥିଲା। ବିନୋଦ ଏବଂ ଅନ୍ୟ ସହଯୋଗୀମାନଙ୍କ ନାମରେ ୨୧ଟି ମାମଲା ରହିଥିଲା। ବର୍ତ୍ତମାନ ୧୧ଟି ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇ ୩ବର୍ଷ ଦଣ୍ଡାଦେଶ ପାଇଛନ୍ତି।

## ଉତ୍ତମ ଚିକିତ୍ସା ପାଇଁ ବିଶ୍ୱଭୂଷଣଙ୍କୁ ଆନ୍ଧ୍ରକୁ ଏୟାରଲିଫ୍ଟ

### ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା

**ଭୁବନେଶ୍ୱର,୨୮।୧(ସମିସ):** ଆନ୍ଧ୍ରପ୍ରଦେଶର ପୂର୍ବତନ ରାଜ୍ୟପାଳ ତଥା ବିଜେପିର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ଅସୁସ୍ଥ ହୋଇପଡ଼ିଛନ୍ତି। ଉତ୍ତମ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରରୁ ହାଇଦ୍ରାବାଦକୁ ଏୟାରଲିଫ୍ଟ କରାଯାଇଛି। ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ଗ୍ୟାସ ଜନିତ ସମସ୍ୟାରୁ ଅସୁସ୍ଥ ପରେ ତାଙ୍କର ଚିକିତ୍ସା ଚାଲିଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବିଶ୍ୱଭୂଷଣ ଦୀର୍ଘ ଦିନ ଧରି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ବିଶ୍ୱଭୂଷଣଙ୍କ ଅସୁସ୍ଥତା ଖବର ଶୁଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏକ୍ସ ଯୋଗେ କହିଛନ୍ତି ଯେ ବରିଷ୍ଠ ରାଜନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଖବର ଶୁଣି ମୁଁ ଅତ୍ୟନ୍ତ ଚିନ୍ତିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ ଏବଂ ଦୀର୍ଘ ଜୀବନ କାମନା କରୁଛି। ସେହିପରି ନବୀନ ପଟ୍ଟନାୟକ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ଜୀବନ ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ଉଲ୍ଲେଖ କରିଛନ୍ତି।

## ବଳରାମ ଯୋଜନାର ଋଣ ପରିମାଣ ବଢ଼ିଲା

### ମିଳୁଥିଲା ୧ଲକ୍ଷ ୬୦ ହଜାର, ଏବେ ମିଳିବ ୨ଲକ୍ଷ

**ଭୁବନେଶ୍ୱର, ୨୮।୧(ସମିସ):** ଭୂମିହୀନ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ସଶକ୍ତ କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ପୂର୍ବରୁ ଏହି ବର୍ଗର ଚାଷୀମାନଙ୍କୁ 'ବଳରାମ ଯୋଜନା'ରେ ସରକାର ରିହାତି ଦରରେ ୧ଲକ୍ଷ ୬୦ ହଜାର ଟଙ୍କା ବନ୍ଧକମୁକ୍ତ ଋଣ ଯୋଗାଇ ଦେଉଥିଲେ। ଏବେ ଏହି ରାଶି ୨ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହି ଟଙ୍କାକୁ ଚାଷୀମାନେ ଚାଷ କାର୍ଯ୍ୟରେ ବିନିଯୋଗ କରି ଆର୍ଥିକସ୍ତରରେ ସ୍ୱାବଲମ୍ବୀ ହେବା ନେଇ ବିଶେଷଜ୍ଞମାନେ ଆଶାପୋଷଣ କରିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କର ନୂଆ ନିର୍ଦ୍ଦେଶନାମା ପରେ ରାଜ୍ୟ କୃଷି ବିଭାଗ ପକ୍ଷରୁ ଆଜି 'ବଳରାମ' ଯୋଜନାର ହିତାଧିକାରୀଙ୍କ ଦେଉଥିବା ଋଣ ପରିମାଣକୁ ୨ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।


**AFFIDAVIT**

By virtue of an affidavit sworn before the executive magistrate, Karanjia dt. 27.1.27 that I sri Raj Kumar Ram word no 10,Karanjia, N. A. C. Karanjia that my doughter 's name is Tanisha Ram, but wronglly mentioned in Adhar Card is Lisha Ram. That I declare her name is actually Tanisha Ram. Henceforth, she will be known as Tanisha Ram for all purpose.

**Sd/- Raj Kumar Ram**

**AFFIDAVIT**

By virtue of an affidavit Sl. No. 296, dtd. 20.01.2025 before the Notary Public, Umerkote, Dist.- Nabarangpur, I, Deba Kalar have changed my name from Gangaram Deba Kalar to Deba Kalar as both the names belongs to same and one person. Henceforth I shall be known as Deba Kalar instead of Gangaram Deba Kalar for all purposes.

**Sd/- Deba Kalar**

**AFFIDAVIT**

By virtue of an affidavit Sl. No. 4, dtd. 27.01.2025 in the court of the Tahasildar-cum-Executive Magistrate, Phiringia, Dist.- Kandhamal, I, Suchitra Kanhar have changed my name from Sumati Kanhar to Suchitra Kanhar. Henceforth I shall be known as Suchitra Kanhar instead of Sumati Kanhar for all purposes.

**Sd/- Suchitra Kanhar**


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶା ଉତ୍କୃଷ୍ଟ...

କରିଛି ଓ ଓଡ଼ିଶା ସହ ବାଣିଜ୍ୟ ଓ ପାରମ୍ପରିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଆସିଆନ୍ ରାଷ୍ଟ୍ରଗୁଡ଼ିକ ମଧ ଆଗ୍ରହୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋକେମିକାଲ୍ସ, ବନ୍ଦର ଭିତ୍ତିକ ବିକାଶ, ମତ୍ସ୍ୟ ଚାଷ, ସୂଚନା ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ବୟନଶିଳ୍ପ, ପର୍ଯ୍ୟଟନ, ଖଣି, ଅକ୍ଷୟ ଶକ୍ତି ଇତ୍ୟାଦି ବିଭିନ୍ନ ଶିଳ୍ପରେ ଓଡ଼ିଶା ଭାରତର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେଉଛି। ସମୟର ଚାହିଦା ଓ ଆବଶ୍ୟକତା ଅନୁଯାୟୀ ଆମକୁ ବଦଳିବାର ଆବଶ୍ୟକତା ରହିଛି। ସୌର, ପବନ, ଜଳବିଦ୍ୟୁତ୍ ଏବଂ ସବୁଜ ହାଇଡ୍ରୋଜେନ୍ ସମେତ ସବୁଜ ପ୍ରଯୁକ୍ତି ବିଦ୍ୟା ଏବଂ ସବୁଜ ଭବିଷ୍ୟତ ଉପରେ ଭାରତ ଗୁରୁତ୍ୱ ଦେଉଛି, ଯାହା ବିକଶିତ ଭାରତର ଶକ୍ତି ନିରାପତ୍ତାକୁ ଶକ୍ତି ପ୍ରଦାନ କରିବ। ଏହି କ୍ଷେତ୍ରରେ ଓଡ଼ିଶାରେ ପ୍ରଚୁର ସମ୍ଭାବନା ରହିଛି। ଜାତୀୟସ୍ତରରେ ସବୁଜ ହାଇଡ୍ରୋଜେନ୍ ଏବଂ ସୌର ଶକ୍ତି ମିଶନ ଆରମ୍ଭ ହୋଇଛି ଏବଂ ଏହି ସମୟରେ ଓଡ଼ିଶା ଅକ୍ଷୟ ଶକ୍ତି ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନୀତିଗତ ନିଷ୍ପତ୍ତି ନେବାକୁ ଯାଉଛି। ପାରାଦୀପ ଓ ଗୋପାଳପୁରରେ ଉତ୍ସର୍ଗୀକୃତ ଶିଳ୍ପ ପାର୍କ ଏବଂ ନିବେଶ ଜୋନ୍ ବିକଶିତ କରାଯାଉଛି, ଯାହା ଏହି ଅଞ୍ଚଳରେ ପୁଞ୍ଜିନିବେଶର ଯଥେଷ୍ଟ ସମ୍ଭାବନାକୁ ଦର୍ଶାଉଛି। ନୀଳ ଅର୍ଥନୀତି କ୍ଷେତ୍ରରେ ଓଡ଼ିଶା ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବାକୁ ଯାଉଛି । ତେଣୁ ଏକ ଆଧୁନିକ ଇକୋସିଷ୍ଟମ ସୃଷ୍ଟି କରିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଶିଳ୍ପ ସହଯୋଗୀ ଏବଂ ଓଡ଼ିଶା ସରକାର ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ସମଗ୍ର ବିଶ୍ୱର ଲୋକମାନେ ଭାରତକୁ ବୁଝିବା ଏବଂ ଭାରତରୁ ଶିଖିବା ପାଇଁ ଆଗ୍ରହୀ। ଭାରତକୁ ବୁଝିବା ପାଇଁ ହଜାର ହଜାର ବର୍ଷର ଐତିହ୍ୟ ଓ ଇତିହାସ ଥିବା ଓଡ଼ିଶା ଏକ ମହାନ ସ୍ଥାନ । ୫୦୦ କିଲୋମିଟର ଦୀର୍ଘ ଉପକୂଳ, ୩୩ ପ୍ରତିଶତରୁ ଅଧିକ ଜଙ୍ଗଲ ଓ ପରିବେଶ ପର୍ଯ୍ୟଟନ ଓ ଦୁଃସାହସିକ ପର୍ଯ୍ୟଟନର ଅସୀମ ସମ୍ଭାବନା ଥିବା ଓଡ଼ିଶାର ପର୍ଯ୍ୟଟନ ସମ୍ଭାବନାକୁ ଅନୁସନ୍ଧାନ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ପ୍ରଧାନମନ୍ତ୍ରୀ ଆହୁରି ମଧ କହିଛନ୍ତି ଯେ ବିକଶିତ ଭାରତ ଗଠନରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ କେନ୍ଦ୍ର ସରକାର ଯଥାସମ୍ଭବ ସହାୟତା ଯୋଗାଇ ଦେଉଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ସେ ଓଡ଼ିଶା ଓ ଏହାର ଅଧିକାଂଶ ଜିଲ୍ଲାକୁ ପ୍ରାୟ ୩୦ଥର ଗସ୍ତ କରିଛନ୍ତି। ଏହା କେବଳ ଓଡ଼ିଶାବାସୀଙ୍କ ଭଲ ପାଇବା ପାଇଁ ସମ୍ଭବ ହୋଇପାରିଛି। ଓଡ଼ିଶାର ଜନସାଧାରଣଙ୍କ ସାମର୍ଥ୍ୟ ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ରହିଛି। ସମସ୍ତ ଅଂଶୀଦାରଙ୍କ ଦ୍ୱାରା କରାଯାଇଥିବା ପୁଞ୍ଜିନିବେଶ ଉଭୟ ସେମାନଙ୍କ ବ୍ୟବସାୟ ଏବଂ ଓଡ଼ିଶାର ପ୍ରଗତିକୁ ନୂତନ ଉଚ୍ଚତାକୁ ନେବ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କାମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମନ୍ତ୍ରିମଣ୍ଡଳର ସଦସ୍ୟ ଓ ବହୁ ଶିଳ୍ପପତି ଉପସ୍ଥିତ ଥିଲେ।

## ବିଜେପି ସର୍ବାଧିକ...

ସୂଚନାଯୋଗ୍ୟ ଯେ ଗତବର୍ଷ ଫେବୃଆରୀରେ ସୁପ୍ରିମକୋର୍ଟ ନିର୍ବାଚନୀ ବଣ୍ଡକୁ ବେଆଇନ ଓ ଅସାମ୍ବିଧାନିକ ଘୋଷଣା କରିଥିଲେ। ୨୦୧୮ ରେ ଆରମ୍ଭ ହୋଇଥିବା ଏହି ସ୍କିମ୍ ଯୋଗୁଁ ବଡ଼ ଧରଣର ଦୁର୍ନୀତି ହେଉଥିଲା ବୋଲି ବିଭିନ୍ନ ସଂଗଠନ ଅଭିଯୋଗ କରିଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ଦଳମାନଙ୍କ ଆୟ ବିଶେଷତଃ ନିର୍ବାଚନୀ ବଣ୍ଡ ଯୋଗୁଁ ବୃଦ୍ଧି ପାଇଥିଲା। ୨୦୨୪ ଏପ୍ରିଲରୁ ଜୁନ୍ ମଧ୍ୟରେ ୭ଟି ପର୍ଯ୍ୟାୟରେ ହୋଇଥିବା ସାଧାରଣ ନିର୍ବାଚନରେ ବିଜୟୀ ହୋଇ ଏନ୍‌ଡିଏ ମେଣ୍ଟ କ୍ରମାଗତ ତୃତୀୟଥର ଲାଗି କ୍ଷମତାସୀନ ହୋଇଥିଲା।

ବିଜେପି ଦାଖଲ କରିଥିବା ତଥ୍ୟ ଅନୁଯାୟୀ ଦଳର ନିଜସ୍ୱ ସ୍କିମ୍ ଆଜୀବନ ସହଯୋଗ ନିଧି ଜରିଆରେ ପାର୍ଟିକୁ ୨୩୬ କୋଟି ଟଙ୍କା ମିଳିଥିବା ବେଳେ ଅନ୍ୟାନ୍ୟ ସୂତ୍ରରୁ ମିଳିଥିଲା ୨ହଜାର ୪୨ କୋଟି ଟଙ୍କା। ଲୋକମାନଙ୍କଠାରୁ ଚାନ୍ଦା ଆକାରରେ ୨୪୦ କୋଟି ଟଙ୍କା ଆସିଥିବା ବେଳେ ବଡ଼ ବଡ଼ କଂପାନୀ ଦେଇଥିଲେ ୧୮୯୦ କୋଟି ଟଙ୍କା। କେତେକ ସଂସ୍ଥା ଦେଇଥିଲେ ୧୦୧ କୋଟି ଟଙ୍କା। ୩୧ ମାର୍ଚ୍ଚ ୨୦୨୪ ସୁଦ୍ଧା ବିଜେପି ହାତରେ ୧୦୯ କୋଟି ନଗଦ ଥିବାବେଳେ ବ୍ୟାଙ୍କ ବାଲାନ୍ସ ଥିଲା ୧୬୨୭ କୋଟି ଟଙ୍କା। ୫୩୭୭ କୋଟି ଟଙ୍କାର ଫିକ୍ସଡ ଡିପୋଜିଟ୍ ଥିଲା।

କଂଗ୍ରେସର ମୋଟ୍ ଆୟ ମଧ୍ୟରୁ ୧୭୦ କୋଟି ବିଭିନ୍ନ କର୍ପୋରେଟ୍ ସଂସ୍ଥା ଦେଇଥିବା ବେଳେ ଟ୍ରଷ୍ଟ ଜରିଆରେ ୬.୪ କୋଟି ଏବଂ ବଣ୍ଡ ଜରିଆର ମିଳିଥିଲା ୮୨୮ କୋଟି ଟଙ୍କା। ବିଭିନ୍ନ ବ୍ୟକ୍ତି ବିଶେଷ ୧୧୩ କୋଟି ଦେଇଥିବା ବେଳେ ଅନ୍ୟାନ୍ୟ ସୂତ୍ରରୁ ଆସିଥିଲା ୧୨ କୋଟି ଟଙ୍କା।

ସେହିଭଳି ଏହି ନିର୍ବାଚନ ବର୍ଷରେ ବିଜେପି ଖର୍ଚ୍ଚ କରିଛି ୨୨୧୧.୭ କୋଟି ଟଙ୍କା, ଯାହକି ୨୦୨୨-୨୩ ତୁଳନାରରେ ୬୨ ଭାଗ ଅଧିକ। ପୂର୍ବବର୍ଷ ଦଳ ୧୩୬୧.୭କୋଟି ଟଙ୍କା ଖର୍ଚ୍ଚ କରିଥିଲା। ନିର୍ବାଚନ ବର୍ଷରେ ମୋଟ୍ ବ୍ୟୟ ମଧ୍ୟରୁ ୧୭୫୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ନିର୍ବାଚନ ବାବଦରେ। ବିଜ୍ଞାପନ ଓ ପ୍ରଚାର ପାଇଁ ୧୧୯୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୧୯୭ କୋଟି ଟଙ୍କା ଗସ୍ତ ଖର୍ଚ୍ଚରେ ଲାଗିଥିଲା। ଦଳୀୟ ପ୍ରାର୍ଥୀମାନଙ୍କୁ ୧୯୧ କୋଟିର ଆର୍ଥିକ ସହାୟତା ଦିଆଯାଇଥିଲା ବୋଲି ଦଳ ପକ୍ଷରୁ କୁହାଯାଇଛି।

ସେହିଭଳି ଏହି ନିର୍ବାଚନ ବର୍ଷ (୨୦୨୪)ରେ କଂଗ୍ରେସ ଖର୍ଚ୍ଚ କରିଥିଲା ୧୦୨୫ କୋଟି ଟଙ୍କା। ଗତବର୍ଷ ତୁଳନାରେ ଏହାଥିଲା ୧୨୦ ପ୍ରତିଶ୍ରତ ବୃଦ୍ଧି। ଅର୍ଥାତ ଦଳ ଖର୍ଚ୍ଚ କରିଥିଲା ୫୫୮ କୋଟି ଟଙ୍କା। ସେଥିମଧ୍ୟରୁ କେବଳ ରାହୁଲଙ୍କ ଭାରତ ଯୋଡ଼ୋ ନ୍ୟାୟଯାତ୍ରା ପାଇଁ ଖର୍ଚ୍ଚୋ ହୋଇଥିଲା ୪୯.୬ କୋଟି ଟଙ୍କା। ନିର୍ବାଚନ ପୂର୍ବ ସର୍ଭେ ପାଇଁଦଳ ଖର୍ଚ୍ଚ କରିଥିଲା ୫ କୋଟି ଟଙ୍କା।

## ବଢ଼ିବ ତାତି...

କଟକ, ଖୋର୍ଦ୍ଧା, ଯାଜପୁର, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼ ଏବଂ ଗଞ୍ଜାମ ଜିଲ୍ଲାକୁ କୁହୁଡ଼ି ଯୋଗୁଁ ସତର୍କତା ଜାରି କରାଯାଇଛି। ଏହି ସବୁ ଜିଲ୍ଲାରେ ଦୃଶ୍ୟମାନ କ୍ଷମତା ୫୦ମିଟରରୁ କମ୍ ରହିବାର ସମ୍ଭାବନା ରହିଛି। କିଛି ସ୍ଥାନରେ ଜିରୋ-ଭିଜିବିଲିଟି ଅନୁଭୂତ ହେବା ନେଇ ମଧ ସତର୍କତା ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ପାରଳାଖେମୁଣ୍ଡିରେ ସର୍ବାଧିକ ୩୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ରାଉରକେଲାରେ ସର୍ବନିମ୍ନ ୮.୨ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

ସେହିପରି ଦେଶରେ ଘନ କୁହୁଡି ତାଲିକାରେ ପାରାଦୀପ, ଗୋପାଳପୁର, ପୁରୀରେ ଜିରୋ-ଭିଜିବିଲିଟି ଅନୁଭୂତ ହୋଇଥିବା ନେଇ ସୂଚନା ଦିଆଯାଇଛି। ଭୁବନେଶ୍ୱର ବିମାନବନ୍ଦରରେ ଆଜି ଦୃଶ୍ୟମାନ କ୍ଷମତା ୧୦୦ ମିଟର ରହିଥିବା ଜଣାପଡ଼ିଛି। ଗତ ୨-୩ ଦିନ ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ତାତି ଅନୁଭୂତ ହେଉଥିଲା। ଏହି ସମୟରେ ଅନେକ ସ୍ଥାନରେ ତାପମାତ୍ରା ପ୍ରାୟ ୩୫ ଡିଗ୍ରୀ ପର୍ଯ୍ୟନ୍ତ ରହିଥିଲା। ୨ଦିନ ହେବ ଏଥିରେ ପରିବର୍ତ୍ତନ ଆସିଥିବା ବେଳେ ଏବେ ସାମାନ୍ୟ ହ୍ରାସ ହୋଇଛି। ମାତ୍ର ପୁଣିଥରେ ଏହି ପ୍ରଭାବ ଆରମ୍ଭ ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

## ସାଢ଼େ ୪ କୋଟି...

ପାହ୍ୟା ପ୍ରଦାନ କରିବାକୁ ବିଜେପି ନିଜ ନିର୍ବାଚନୀ ଇସ୍ତାହାରରେ ଦର୍ଶାଇଥିଲା। ହେଲେ ଦଳ ଏଠାରେ ଶାସନକୁ ଆସିବା ପରେ ନିଜର ପ୍ରତିଶୃତି ଭୁଲି ଯାଇଛି; ମାତ୍ର ରାଜ୍ୟବାସୀ ଏହା ଭୁଲି ନାହାନ୍ତି। ବିଜେଡି ପ୍ରାୟ ୨ ଦଶନ୍ଧି ଧରି ନିରନ୍ତର ଭାବରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ପାଇଁ ଦାବି କରି ଆସୁଛି। ଓଡ଼ିଶା ଭଳି ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟକୁ ଏହି ମାନ୍ୟତା ପ୍ରଦାନ କରାଯାଉ ନ ଥିବାରୁ ଅନେକ ସମୟରେ ଚାଷୀମାନେ ଉପଯୁକ୍ତ କ୍ଷତିପୂରଣ ପାଇବାରୁ ବଞ୍ଚିତ ରହୁଛନ୍ତି। ଅନୁରୂପ ଭାବରେ ପୋଲାଭରମ୍ ଓ ମହାନଦୀ ପ୍ରସଙ୍ଗରେ କେନ୍ଦ୍ରର ଅବିଚାର, ସ୍ୱାମୀନାଥନ୍ କମିଟିର ସୁପାରିସ ଆଧାରରେ ଏମ୍ଏସ୍‌ପି ବୃଦ୍ଧି, ଜାତୀୟ ରାଜପଥ ଓ ଜାତୀୟ ଜଳପଥ ବିକାଶ, କୋଇଲା ରାଜଭାଗ ବୃଦ୍ଧି, କେନ୍ଦୁପତ୍ରରୁ ଜିଏସ୍‌ଟି ଉଚ୍ଛେଦ ଆଦି ପ୍ରସଙ୍ଗ ଉଠାଇବାକୁ ନବୀନ ଦଳୀୟ ସାଂସଦମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସଂସଦୀୟ ଦଳ ବୈଠକ ସମ୍ପର୍କରେ ବିଜେଡି ପକ୍ଷରୁ କୁହାଯାଇଛି ଯେ ପୋଲାଭରମ ଓ ମହାନଦୀ ଜଳ ବିବାଦ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓଡ଼ିଶାର ସ୍ୱାର୍ଥ ସହ ଜଡ଼ିତ। ମାତ୍ର କେନ୍ଦ୍ର ସରକାର ଉଭୟ ପ୍ରସଙ୍ଗରେ ଓଡ଼ିଶା ପ୍ରତି ଅବହେଳା ଓ ଅବିଚାର କରି ଚାଲିଛନ୍ତି। ସେହିପରି କୋଇଲା ରାଜଭାଗ ବୃଦ୍ଧି ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ କେନ୍ଦ୍ର ସରକାର ଏଡ଼ାଇ ଚାଲିଛନ୍ତି । ୧୦ ବର୍ଷ ହେବ କୋଇଲା ରାଜଭାଗ ସଂଶୋଧନ ହୋଇ ନ ଥିବାରୁ ଓଡ଼ିଶା ବାର୍ଷିକ ଏ ବାବଦରେ ପ୍ରାୟ ୧୦ ହଜାର କୋଟି ଟଙ୍କା କ୍ଷତି ସହୁଛି। ଏହି ଅର୍ଥ ମିଳିପାରିଲେ ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଲାଗିପାରିବ। ସେହିପରି ରାଜ୍ୟରେ ଖଣିଖାଦାନ ଯୋଗୁଁ ଜଳ, ବାୟୁ ଓ ମୃତ୍ତିକା ପ୍ରଦୂଷଣ ଆଦି ହେଉଛି। ଏଥିପାଇଁ ରାଜ୍ୟକୁ ଗ୍ରୀନ ଟ୍ୟାକ୍ସ ପ୍ରଦାନ ପାଇଁ ଦୀର୍ଘ ଦିନ ହେବ ତତ୍‌କାଳୀନ ବିଜେଡ଼ି ସରକାର ଦାବି କରି ଆସିଛନ୍ତି। କେନ୍ଦ୍ର ଯଦି ଏହି ଗ୍ରୀନ ଟିକସ ପ୍ରଦାନ କରେ ତେବେ ରାଜ୍ୟର ଖଣିପ୍ରବଣ ଜିଲ୍ଲାଗୁଡ଼ିକରେ ଏହି ଅର୍ଥ ବିନିଯୋଗ କରାଯାଇପାରନ୍ତା ଓ ଏହାଦ୍ୱାରା କୋଟି କୋଟି ଲୋକ ଉପକୃତ ହୋଇପାରନ୍ତେ। ସେହିପରି ବିଭିନ୍ନ ଜାତୀୟ ରାଜପଥ ନିର୍ମାଣରେ ଅହେତୁକ ବିଳମ୍ବ ଓ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ସାଧାରଣ ଲୋକମାନେ ଅତିଷ୍ଠ। ଜାତୀୟ ଜଳପଥ ପ୍ରସଙ୍ଗରେ ଓଡ଼ିଶା ଅବହେଳିତ । ଏହି ପ୍ରସଙ୍ଗରେ ଦଳୀୟ ସାଂସଦମାନେ ସଂସଦରେ ସ୍ୱର ଶାଣିତ କରିବାକୁ ସୁପ୍ରିମୋ ନିର୍ଦ୍ଦେଶ ଦେଇଛନ୍ତି ।

ଅନୁରୂପ ଭାବେ ସମ୍ବଲପୁର, କୋରାପୁଟ ଓ ବାଲେଶ୍ୱରଠାରେ ଏମ୍ସ ପ୍ରତିଷ୍ଠା ପାଇଁ ଦଳ ଦାବି କରିବ । ଦୀର୍ଘଦିନ ହେଲା ଅନୁସୂଚୀତ ଜନଜାତି ବର୍ଗରେ ସାମିଲ ହେବା ପାଇଁ ରାଜ୍ୟର ଶତାଧିକ ସମ୍ପ୍ରଦାୟର ଦାବି କେନ୍ଦ୍ରରେ ପଡ଼ି ରହିଛି। ଏ ସମ୍ପର୍କରେ କେନ୍ଦ୍ର ଉପରେ ଚାପ ସୃଷ୍ଟି କରିବା ସହ ହୋ, ମୁଣ୍ଡାରୀ, ଭୂମିଜ, ସଉରା ଓ କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ୍ କରିବାକୁ ଦଳ ଦାବି କରିବ। ସେହିପରି କେନ୍ଦୁପତ୍ରକୁ ଜିଏସ୍‌ଟି ମୁକ୍ତ ଦାବିକୁ ଦଳ ଦୋହରାଇବା ସହ ସମସ୍ତ ଜିଲ୍ଲାକୁ ରେଳ ଯୋଗାଯୋଗ ଓ ରାଜ୍ୟର ୧୦୦ ପ୍ରତିଶତ ଅଞ୍ଚଳରେ ମୋବାଇଲ ସେବା ସୁନିଶ୍ଚିତ କରିବାକୁ ଦଳୀୟ ସାଂସଦମାନେ ଦାବି କରିବେ।

ବୈଠକରେ ଦଳର ସମସ୍ତ ସାଂସଦ ଆର୍ଥିକ ସ୍ୱାସ୍ଥ୍ୟ ସୂଚକାଙ୍କରେ ଓଡ଼ିଶା ଦେଶରେ ଏକ ନମ୍ବର ସ୍ଥାନ ଅଧିକାର କରିଥିବାରୁ ନବୀନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ତତ୍‌କାଳନୀ ମୁଖ୍ୟମନ୍ତ୍ରୀ ନବୀନଙ୍କ ବିତ୍ତୀୟ ପରିଚାଳନା ଏବେ ବି ଓଡ଼ିଶାକୁ ଦେଶରେ ସମ୍ମାନଜନକ ସ୍ଥିତିରେ ରଖିପାରିଛି ବୋଲି ସାଂସଦମାନେ କହିଛନ୍ତି। ବୈଠକ ଶେଷରେ ଦଳ ପକ୍ଷରୁ ପ୍ରସ୍ତୁତ ହୋଇଥିବା ରଣନୀତି ଓ ବିଜେଡି ଉତ୍ଥାପନ କରିବା ପ୍ରସଙ୍ଗ ସମ୍ପର୍କରେ ଦଳର ସାଂସଦ ଡଃ ସସ୍ମିତ ପାତ୍ର ସୂଚନା ଦେଇଛନ୍ତି। ସଂସଦୀୟ ଦଳ ବୈଠକରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ସୁଲତା ଦେଓ, ଦେବାଶିଷ ସାମନ୍ତରାୟ, ମୁନ୍ନା ଖାଁ, ଶୁଭାଶିଷ ଖୁଣ୍ଟିଆ ଉପସ୍ଥିତ ଥିଲେ ଓ ନିରଞ୍ଜନ ବିଶି ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

## ସେବାଶ୍ରମ ହାଇସ୍କୁଲର...

କରୁଥିବା ଅଭିଯୋଗ ହୋଇଛି। ଏପରିକି, ଛାତ୍ରମାନଙ୍କ ପରିବାରକୁ ମଧ ସ୍କୁଲ ତରଫରୁ ଏନେଇ କୌଣସି ସୂଚନା ଦିଆଯାଇନଥିବା ଜଣାଯାଇଛି। ଆଜି ଏହି ଘଟଣା ପଦାକୁ ଆସିବା ପରେ ଅଭିଭାବକମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଏହି ସେବାଶ୍ରମ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପଢୁଛନ୍ତି। ହଷ୍ଟେଲରେ ପ୍ରାୟ ୪୦୦ ଛାତ୍ର ରହି ଅଧ୍ୟୟନ କରୁଛନ୍ତି। ଜାନୁଆରୀ ୨୪ ତାରିଖରେ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ ସମୟରେ ନବମ ଶ୍ରେଣୀର କିଛି ଛାତ୍ରଙ୍କ ସହ ଅଷ୍ଟମ ଓ ସପ୍ତମ ଶ୍ରେଣୀର କିଛି ଛାତ୍ରଙ୍କ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣା ପରେ ଶୁକ୍ରବାରଠାରୁ ଅଷ୍ଟମ ଓ ସପ୍ତମ ଶ୍ରେଣୀର ଉପରୋକ୍ତ ୫ ଛାତ୍ର ହଷ୍ଟେଲରୁ ନିଖୋଜ ହୋଇଯାଇଛନ୍ତି।

ଏ ସମ୍ପର୍କରେ ପ୍ରଧାନଶିକ୍ଷକ ସୁନୀଲ କୁମାର ବୁରୁଡିଙ୍କୁ ପଚାରିବାରୁ ଛାତ୍ରମାନେ ନିଖୋଜ ଥିବା ଘଟଣା ସତ ବୋଲି ସ୍ୱୀକାର କରିବା ସହ ଏନେଇ ଥାନାରେ ଅଭିଯୋଗ କରାଯାଇନାହିଁ ବୋଲି ସେ କହିଛନ୍ତି। ତେବେ ଛାତ୍ରମାନଙ୍କୁ ବୁଧବାର ସକାଳ ସୁଦ୍ଧା ହଷ୍ଟେଲକୁ ଫେରାଇ ଅଣାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବତୋଷ ସ୍ୱାଇଁ କହିଛନ୍ତି ଯେ ଏନେଇ ଥାନାରେ ଏତଲା ଦିଆଯାଇଛି। ତେବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ପ୍ରଧାନଶିକ୍ଷକଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ଛାତ୍ରମାନେ ନିଖୋଜ ଘଟଣା ପଛରେ ଅନ୍ୟ କିଛି ରହସ୍ୟ ରହିଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୮ରେ ଏହି ହଷ୍ଟେଲରେ ଦୁଇ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ସହ ଜଣେ ଛାତ୍ରଙ୍କୁ ଛୁରାମାଡ଼ ହୋଇଥିଲା। ଗୁରୁତର ଅବସ୍ଥାରେ ଦୀର୍ଘଦିନ ଧରି ଉକ୍ତ ଛାତ୍ରଜଣଙ୍କ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ଏଭଳି ଗତ ୫ ମାସ ମଧ୍ୟରେ ଏହି ହଷ୍ଟେଲରେ ବିଭିନ୍ନ ଘଟଣା ଘଟିଥିବା ନଜରକୁ ଆସିଥିଲା। ଜିଲ୍ଲା ମଙ୍ଗଳ ଅଧିକାରୀ ପୂର୍ବର ସମସ୍ତ ଘଟଣା ପ୍ରତି ଅବଗତ ଥିଲେ ମଧ ହଷ୍ଟେଲ ସମସ୍ୟାର ସମାଧାନ ଓ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ନିରବତା ଅବଲମ୍ବନ କରିବାକୁ ନେଇ ମଧ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ହଷ୍ଟେଲ ତଥା ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ଆକ୍ସନ୍ ମୋଡ୍‌ରେ...

କହୁଛନ୍ତି, ତାହା ବୋର୍ଡ ରେକର୍ଡରେ କେଉଁଠି ହେଲେ ଉଲ୍ଲେଖ ନାହିଁ। ତେଣୁ କେଜ୍ରିୱାଲ ଯାହା କହୁଛନ୍ତି, ତାହାର ପ୍ରମାଣ ଦିଅନ୍ତୁ।

ଗତ ସାଧାରଣ ନିର୍ବାଚନରେ ଅନେକ ଗୁରୁତର ଅଭିଯୋଗ ହୋଇଥିଲେ ମଧ ନିର୍ବାଚନ କମିସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ନିରବ ରହିଥିବା ବେଳେ ଦିଲ୍ଲୀ ନିର୍ବାଚନରେ କେଜ୍ରିୱାଲଙ୍କ ବିରୋଧରେ ଯେଉଁଭଳି ତତ୍ପରତା ଦେଖାଇଛନ୍ତି, ତାହା ସମସ୍ତଙ୍କୁ ବିସ୍ମିତ କରିଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଆଜିର ଆଉ ଏକ ଉଲ୍ଲଖନୀୟ କଥା ହେଉଛି ଯେ ବିଜେପି ଏବଂ କଂଗ୍ରେସ କେଜ୍ରିୱାଲଙ୍କ ବିରୋଧରେ ହାତ ମିଳାଇଛନ୍ତି।


**Office of the Divisional Forest Officer, Nabarangpur (KL) Division.**
Memo No. 200 / 1 KL / 2025 Dated 24.01.2025

**SHORT TENDER CALL NOTICE FOR HIRING OF PRIVATE VEHICLES FOR OFFICIAL USE IN NABARANGPUR (KL) DIVISION.** MM-438

Seal Tenders are invited on or before 10.02.2025 by 11:00 AM from interested Individuals/ Service Providers/ Registered Travel Agencies for providing 08 Nos. of vehicles of following descriptions which shall confirm to the terms & conditions enclosed as annexure I for use in the office of DFO (KL) Nabarangpur jurisdiction on monthly rent basis. The sealed Tenders will be opened on 11.02.2025 at 11.00 AM in the O/o DFO (KL) Nabarangpur.

| Sl. No. | Name of the (KL) Division/Range Office | Type of vehicle to be hired | No. of vehicle to be hired | Period of hired vehicle |
|---|---|---|---|---|
| 1 | Divisional Forest Officer, Nabarangpur (KL) Division | Scorpio (S-11 model & higher) | 1No. | 12 Months |
| 2 | Nabarangpur KL Range | Mahindra Bolero/ TUV(A/c) | 1No. | 4 Months |
| 3 | Dabugam KL Range | Mahindra Bolero/ TUV(A/c) | 1No. | 4 Months |
| 4 | Umerkote KL Range | Mahindra Bolero/ TUV(A/c) | 1No. | 4 Months |
| 5 | Borigumma KL Range | Mahindra Bolero/ TUV(A/c) | 1No. | 4 Months |
| 6 | Papadahandi KL Range | Mahindra Bolero/ TUV(A/c) | 1No. | 4 Months |
| 7 | Chandahahandi KL Range | Mahindra Bolero/ TUV(A/c) | 1No. | 4 Months |
| 8 | Raighar KL Range | Mahindra Bolero/ TUV(A/c) | 1No. | 4 Months |

Details can be collected during office hours from the office of the DFO (KL) Nabarangpur Division.

Divisional Forest Officer,
Nabarangpur (KL) Division.

OIPR-08018/11/0001/2425

**AFFIDAVIT**

By virtue of an Affidavit sworn before the Executive Magistrate, Bhubaneswar, on dated 28.01.2025 CF No: 06, I Akshaya Kumar Behera, S/o Dhusasan Behera, At: Padmapur, Po: Gambharimunda, Banpur, Dist: Khurdha, Odisha: 752035 declare that I am the father of minor daughter ISPITA BEHERA. On behalf of my minor daughter I changed her name from ISPITA BEHERA to IPSITA BEHERA. Henceforth, she shall be known as IPSITA BEHERA for all future purposes.

**AFFIDAVIT**

By virtue of an affidavit Sl. No. 159, dtd. 13.01.2025 in the court of the Executive Magistrate, Banpur, Dist.- Khordha, I, Pradeep Kumar Raul have changed my name from Pradeep Raul to Pradeep Kumar Raul. Henceforth I shall be known as Pradeep Kumar Raul for all purposes.

**Sd/- Pradeep Kumar Raul**

**AFFIDAVIT**

I, Pragyan Paramita Pattanaik, W/o- Satyajit Pattanaik, resident of Flat No- C/405, Lordsway Balabhadra Apartment, Siula, Po- Pipili, Dist-Puri, Pin- 752104, Odisha declared by this CF No. 58, dtd- 13/12/2019 that now onwards I shall be known as **PRAGYAN PARAMITA DAS** for all future purposes.

**AFFIDAVIT**

I, Shantilata Behera, W/o- Dhirendra Sundar Das, resident of Plot No- HIG/24/11, Panchasakha Nagar, Dumduma, Ps- Khandagiri, Dist-Khurda, Pin- 751019, Odisha declared by this affidavit No. 73AA 389903, dtd- 25/01/2025 that now onwards I shall be known as **SHANTIPRIYA DAS** for all future purposes.

**AFFIDAVIT**

By virtue of an affidavit Sl. No. 153, sworn before the Executive Magistrate, Banpur, dated- 13/01/2025. I, **Chittaranjan Mahapatra**, aged about 45 yrs, S/o- Laxmidhar Mahapatra, resident of Vill- Bidyadharpur, Po/Ps- Balugaon, Dist- Khordha, Odisha- 752030 declare that in my CBSE certificate my name mentioned **Cittaranjan Mahapatra** whereas in other documents **Chittaranjan Mahapatra.** Henceforth **Chittaranjan Mahapatra** and **Cittaranjan Mahapatra** is one and same person.

**AFFIDAVIT**

I Sweta Rath, age- 19 yrs., D/o- Sudipta Kumar Rath, Vill- Padampur, Ward No.I, Ps- Padampur, Dist.- Bargarh. That my name has been wrongly mentioned as Sushree Sweta Rath in place of Sweta Rath and my father name Sudipta Rath inplace of Sudipta Kumar Rath in my Aadhar Card. In all educational documents my name is mentioned as Sweta Rath and my father's name is Sudipta Kumar Rath. Hence it is necessary to correct my Aadhar card.

**AFFIDAVIT**

I,Basudeb Jena, S/o- Mitu Jena, resident of At- Kaithapalla, Po- Biribadi, Ps-Nachuni, Dist- Khurda, Pin- 752027, Odisha declared by this affidavit No-17, dated- 24/01/2025, that now onwards I shall be known as **BASUDEV JENA** for all future purposes.

**AFFIDAVIT**

I Utkala Kumar Aich, S/o - Prabir Kumar Aich, Resident of Bilipada, Po - Bhotoka, Ps - Kuakhia, Kabirpur, Dist - Jajpur, Odisha, PIN - 755009 declare by this affidavit No- 73AA700428 on dated 05.11.2024 that now onwards I shall be known as **UTKAL KUMAR AICH** for all future purposes.


**AFFIDAVIT**

By virtue of an affidavit before R.K. Behera, Notary, Udala/ in the court of Executive Magistrate, Udala, Mayurbhanj on dt.28-01-2025, I Salge Kisku aged about 22 years,d/o-Bhugulu Kisku of vill/PO.-Silaghati, PS.-Khunta,Dist. Mayurbhanj,Odisha declare that my and my father's actual & correct name is Salge Kisku, d/o-Bhugulu Kisku and my dob. is 26-07-2002 in my School TC. But in my Aadhar card my name, father's name & my Dob. has been wrongly mentioned as Pada Kisku, d/o- Bhuguku Shing, dob. as 16-03-2002. Salge Kisku & Pada Kisku is one & same person(myself) of dob. 26-07-2002 . Also Bhugulu Kisku & Bhuguku Shing is one and same person(my father). Henceforth I shall be known as Salge Kisku, d/o- Bhugulu Kisku, dob. 26-07-2002 for all purposes.

**AFFIDAVIT**

By virtue of an affidavit before the Executive Magistrate, Kaptipada, Udala, Mayurbhanj on dt. 20-12-2024, I Dilip Kumar Patra, aged about 39 years, S/O- Sashidhar Patra of vill.-Balijoda, PO.-Silaghati, PS.-Khunta, Dist. Mayurbhanj, Odisha declare that my daughter's actual & correct name is Anuradha Patra and her Dob. is 14-01-2013, which is mentioned in her school records of Balijoda Guddiha U.P. School. But in Aadhar card her name & spelling of address, Dob. are mentioned wrongly as Sarmista Patra, D/o. Dillip Patra, at- Balijoda, po- Shilaghati and her Dob. as 14-01-2012. The two names and Dob are belongs to one person that is my daughter. Henceforth she shall be known as Anuradha Patra of Dob 14-01-2013 for all purposes.

# ସମ୍ପାଦକୀୟ



ଯଦି ତୁମ ପାଖରେ ଆତ୍ମବିଶ୍ୱାସ ଅଛି, ତେବେ ଜୀବନରେ ସଫଳତା ନିଶ୍ଚୟ ମିଳିବ ।
- ମାର୍କ ଟ୍ୱେନ୍

ସକାଳ
THE SAKALA

## ବ୍ୟବସ୍ଥାର ବିବଶତା

ପରୀକ୍ଷା ପୂର୍ବରୁ ପରୀକ୍ଷାର୍ଥୀଟିଏ ସର୍ବୋଚ୍ଚ ର୍ୟାଙ୍କ ପାଇବାର ଘୋଷଣା କରି ଫଳପ୍ରକାଶ ପରେ ଫେଲ୍ ହୋଇଥିବା ଜଣାପଡ଼ିବା ପରେ ଅବସ୍ଥା ଯାହା ହୁଏ, ତାହାର ଅନେ୍ବହୁତ ସାମଞ୍ଜସ୍ୟ ଏବେ ରାଜ୍ୟର ଖରିଫ୍ ଧାନସଂଗ୍ରହ ପ୍ରକ୍ରିୟାରେ ଦେଖିବାକୁ ମିଳିଛି । ଚଳିତ ଖରିଫ୍ ଧାନ ସଂଗ୍ରହ ଋତୁ ଥିଲା ଓଡ଼ିଶାରେ ନୂଆ କରି କ୍ଷମତାକୁ ଆସିଥିବା ବିଜେପି ସରକାର ପାଇଁ ପ୍ରଥମ ପରୀକ୍ଷାର ବେଳ । କିନ୍ତୁ ସରକାର ମାତ୍ରାଧିକ ଆତ୍ମବିଶ୍ୱାସ ବଳରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ବିରଳ ଘୋଷଣା କରିସାରିଥିଲେ ଯେ ଏଥର ଆଉ କଟ୍‌ନିଛଟ୍‌ନି ହେବ ନାହିଁ । ବନ୍ଦ ହେବା ଦୂର ଥାଉ, ଚଳିତ ବର୍ଷ କଟ୍‌ନିଛଟ୍‌ନି ପରିମାଣ ପୂର୍ବବର୍ଷଗୁଡ଼ିକଠାରୁ ଟପି ଗଲା । ଶୀର୍ଷସ୍ଥାନ ଦଖଲର ବାହୁସ୍ଫୋଟ ମାରି ଫେଲ୍ ହେବା ପରେ ପରୀକ୍ଷାର୍ଥୀଟିଏ ଫଳପୁସ୍ତିକାର ମୁଦ୍ରଣଗତ ତ୍ରୁଟିକୁ ଦାୟୀ କରିବା ପରି ସରକାର ଏବେ ପ୍ରଶାସନ ଓ ଅଧିକାରୀମାନଙ୍କୁ ଦାୟୀ କରିଛନ୍ତି । ସରକାରଙ୍କ ନୀତିଗତ ନିଷ୍ପତ୍ତିକୁ ଆଇଏଏସ୍ ଅଧିକାରୀମାନେ ମାନୁ ନାହାନ୍ତି ବୋଲି ମନ୍ତ୍ରିପରିଷଦର ଜଣେ ସଦସ୍ୟ ଗଣମାଧ୍ୟମରେ ପ୍ରକାଶ କରିବା ପରେ ସରକାର କେତେ ଅସହାୟ ତାହା ଆଉ ବୁଝାଇ କହିବା ଆବଶ୍ୟକ ନୁହେଁ ।

ବ୍ୟବସ୍ଥାକୁ ସୁସଂହତ କରିବାକୁ ଉଦ୍‌ଘୋଷଣା କରିଥିବା ଚଳିତ ସରକାର ଅମଳରେ ମଣ୍ଡି ବ୍ୟବସ୍ଥାରେ ସବୁଠାରୁ ଅଧିକ ଅନିୟମିତତା ଦେଖିବାକୁ ମିଳିଛି । ମଣ୍ଡି ଖୋଲିବା ପୂର୍ବରୁ ଟୋକନ୍ ଆବଣ୍ଟନ ପ୍ରକ୍ରିୟା ସରିବା କଥା । କିନ୍ତୁ ଏ ପର୍ଯ୍ୟନ୍ତ ଚାଷୀମାନେ ଟୋକନ୍‌କୁ ଚାହିଁ ବସିଛନ୍ତି । ଯେଉଁମାନେ ଟୋକନ୍ ପାଇଛନ୍ତି ସେମାନଙ୍କ ଧାନ ମଣ୍ଡିରେ ବିକ୍ରି ହୋଇ ନ ପାରି ପଡ଼ିରହିଛି । ଚାଷୀଙ୍କ ଭାଗ୍ୟ ଏବେ ସମ୍ପୂର୍ଣ୍ଣ ରୂପେ ମିଲର୍‌ଙ୍କ ଇଚ୍ଛା ଉପରେ ନିର୍ଭର କରୁଛି । ଏଭଳି ସ୍ଥିତିରେ ଦଲାଲ୍‌ରାଜ୍‌ର ପ୍ରାଦୁର୍ଭାବ ବଢ଼ିବା ସ୍ୱାଭାବିକ । ତେଣୁ ଦଲାଲ୍‌ରାଜ୍ ଉଚ୍ଛେଦ ହେବ ବୋଲି ମଧ୍ୟ ବିଭାଗୀୟ ମନ୍ତ୍ରୀ ପୂର୍ବରୁ କରିଥିବା ଘୋଷଣା ପ୍ରଭାବହୀନ ସାବ୍ୟସ୍ତ ହୋଇଛି । ଧାନ ସଂଗ୍ରହ ବ୍ୟବସ୍ଥା ସହିତ ସମ୍ପୃକ୍ତ ଆନ୍ତଃବିଭାଗୀୟ ବିବୃତିରେ ତାଳମେଳ ରହୁନଥିବାରୁ ଚାଷୀଙ୍କ ତୁଳନାରେ ସରକାର ଅଧିକ ଅସହାୟ ବୋଲି ପ୍ରମାଣିତ ହେଉଛି ।

ନିକଟରେ ରାଜ୍ୟ ସରକାର ପ୍ରବାସୀ ଭାରତୀୟମାନଙ୍କୁ ସଙ୍ଖୋଳିବାରେ କୌଣସି ହେଳା କଲେ ନାହିଁ । ଏବେ ପୁଣି ଆରମ୍ଭ ହୋଇଛି ନିବେଶକମାନଙ୍କୁ ଅଭ୍ୟର୍ଥନା କରିବାର ଅଧ୍ୟାୟ । କୃଷି ତୁଳନାରେ ଶିଳ୍ପାୟନର ଅବଦାନ ରାଜ୍ୟ କିମ୍ବା ଦେଶର ଅର୍ଥନୀତିରେ ଅଧିକ ହୋଇପାରେ । ଶିଳ୍ପାୟନ ବର୍ତ୍ତମାନର ଏକ ଅପରିହାର୍ଯ୍ୟ ଆବଶ୍ୟକତା । କିନ୍ତୁ କେବଳ ଶିଳ୍ପାୟନରେ ମଣିଷ ବଞ୍ଚିପାରିବ ନାହିଁ । ବଞ୍ଚିବା ପାଇଁ ତା'କୁ ନିହାତି ଖାଦ୍ୟ ଦରକାର । କୃଷି ବିନା ଯେ ଖାଦ୍ୟ ନିରାପତ୍ତା ସମ୍ଭବ ନୁହେଁ । ତେଣୁ ଶିଳ୍ପାୟନ ସହିତ ସମାନ୍ତରାଳ ଭାବେ କୃଷି ଓ କୃଷକକୁ ମଧ୍ୟ ଗୁରୁତ୍ୱ ଦେବାକୁ ହେବ । ବିଡ଼ମ୍ବନା ହେଉଛି ରାଜନେତାମାନେ କ୍ଷମତା ହାସଲ ପାଇଁ ଚାଷୀଙ୍କ ସମସ୍ୟାକୁ ନିର୍ବାଚନ ବେଳେ ସମ୍ବେଦନଶୀଳ ପ୍ରସଙ୍ଗ କରନ୍ତି ଏବଂ କ୍ଷମତାକୁ ଆସିବା ପରେ ଅନ୍ନଦାତାଙ୍କ ସମସ୍ୟା ଭୁଲି ଯାଆନ୍ତି ।

ମଣ୍ଡିରେ କଟ୍‌ନିଛଟ୍‌ନି ପରିମାଣ ବଢ଼ିବା ପଛରେ ଅଦିନିଆ ବର୍ଷାକୁ ଦୋଷ ଦିଆଯାଉଛି । କିନ୍ତୁ ଟୋକନ୍ ବ୍ୟବସ୍ଥାରେ ଅନିୟମିତତା ଯୋଗୁଁ ଦିନଦିନ ଧରି ମଣ୍ଡିରେ ପଡ଼ିରହିଥିବା ଧାନ କାହିଁକି ବିକ୍ରି ହୋଇପାରୁନାହିଁ ସେଥିପାଇଁ କିଏ ଉତ୍ତରଦାୟୀ ହେବ ଏ ଉତ୍ତର ବୋଧହୁଏ ସରକାରଙ୍କ ପାଖରେ ନ ଥିବ । ଏଠି କହି ରଖିବା ଉଚିତ ହେବ ଯେ ଅଦିନିଆ ବର୍ଷାକୁ ରାଜ୍ୟ ସରକାର ରାଜ୍ୟ ବିପର୍ଯ୍ୟୟ ଘୋଷଣା କରିଛନ୍ତି । ଏପଟେ ବିପର୍ଯ୍ୟୟ ପାଣ୍ଠି ଖର୍ଚ୍ଚ ନ ହୋଇ ପଡ଼ି ରହିଛି । ବର୍ଷା ଜନିତ ପ୍ରଭାବରୁ ଯଦି ବର୍ଷାଭିଜା ଧାନ କିଣି ମିଲରମାନେ କ୍ଷତି ସହିବାକୁ ଚାହୁଁନାହାନ୍ତି ଏବଂ ପରୋକ୍ଷରେ ଏହି କ୍ଷତି ଚାଷୀଙ୍କୁ ସହିବାକୁ ପଡୁଛି, ଏହି ପୃଷ୍ଠଭୂମିରେ ସରକାରଙ୍କ ଭୂମିକା ଉପରେ ପ୍ରଶ୍ନଚିହ୍ନଟିଏ ଲାଗୁଛି । ସରକାରଙ୍କ ଇଚ୍ଛା ଶକ୍ତି ଥିଲେ ବର୍ଷାଜନିତ ଫସଲ କ୍ଷତିପୂରଣ ଭଳି ମଣ୍ଡିରେ କଟ୍‌ନିଛଟ୍‌ନି ଜନିତ ଚାଷୀର କ୍ଷତିକୁ ବିପର୍ଯ୍ୟୟ ପାଣ୍ଠିରୁ ଭରଣା କରାଯାଇପାରିବ । ଆମର ଆଶା ଓ ବିଶ୍ୱାସ ଏଭଳି ସରକାରୀ ନିଷ୍ପତ୍ତିରେ ବାବୁମାନେ ପ୍ରତିବନ୍ଧକ ସାଜିବେ ନାହିଁ ।

ଯେଉଁ ବାସ୍ତବତାକୁ ସରକାର ଇଚ୍ଛାକୃତ ଭାବେ ହୃଦୟଙ୍ଗମ କରିବାକୁ ଚାହୁଁନାହାନ୍ତି ତାହା ହେଉଛି - କଟ୍‌ନିଛଟ୍‌ନି ପଛରେ ଥିବା ବହୁବିଧ କାରଣ, ଯାହାର ଚିରସ୍ଥାୟୀ ସମାଧାନ ତତ୍କାଳ ସମ୍ଭବ ନୁହେଁ । ତେଣୁ ଏଥିପାଇଁ ପୂର୍ବ ସରକାରକୁ କେବଳ ଦାୟୀ କଲେ ଲୋକହସା ହେବା ହିଁ ସାର ହେବ । ଧାନ ସଂଗ୍ରହ ଏକ ଜଟିଳ ପ୍ରକ୍ରିୟା । ଏହା ମଧ୍ୟ ସରକାରଙ୍କ ପାଇଁ ଏକ ବାଧ୍ୟବାଧକତା । ଏଥିସହିତ ଜଡ଼ିତ ରହିଛି ସମାଜର ସର୍ବବୃହତ୍ ବର୍ଗ ବା କୃଷିଜୀବୀଙ୍କ ଜୀବନ-ଜୀବିକା । ତେଣୁ ବ୍ୟବସ୍ଥାକୁ କିପରି ଦୀର୍ଘମିଆଦୀ ସୂତ୍ରରେ ସୁସଂହତ କରାଯାଇପାରିବ ସେ ଦିଗରେ ଡବଲ୍ ଇଞ୍ଜିନ ସରକାର ଗୁରୁତ୍ୱ ଦେବାକୁ ପଡ଼ିବ । ଭାଗଚାଷୀଙ୍କ ପାଇଁ ଏ ପର୍ଯ୍ୟନ୍ତ ଆଇନ ଆଣିବା ଲାଗି ସହମତି ସୃଷ୍ଟି ହୋଇପାରିନାହିଁ । ଏ ଦିଗରେ ନୀତିନିୟମ, ଆଇନକାନୁନ୍ ବାଧକ ବୋଲି ଅଭିଯୋଗ ଆଣିବା ସରକାରୀ ଉଦାସୀନତାକୁ ଅଧିକ ସ୍ପଷ୍ଟ କରୁଛି । ଯଦି ସମ୍ବିଧାନରୁ ୩୭୦ ଧାରା ଉଚ୍ଛେଦ ପାଇଁ ଅଧ୍ୟାଦେଶ ଆସିପାରିଲା, ଆମର ଅନ୍ନଦାତାଙ୍କ ହିତାର୍ଥେ ଆଇନ ସଂଶୋଧନ କରିବାରେ କିଏ ବାଧା ସୃଷ୍ଟି କରୁଛି? ଓଡ଼ିଶାରେ ଭାଗଚାଷୀଙ୍କ ପାଇଁ ସରକାର ଆଇନ ଆଣନ୍ତୁ । ଉତ୍ତରାଖଣ୍ଡରେ ୟୁସିସି ବିଧେୟକ ତତ୍କାଳ ଆଇନରେ ପରିଣତ ହେବା ଅନୁରୂପ ବର୍ତ୍ତମାନର ଡବଲ୍ ଇଞ୍ଜିନ ସରକାରରେ ଓଡ଼ିଶାର ଭାଗଚାଷୀ କଲ୍ୟାଣ ସଂକ୍ରାନ୍ତ ବିଧେୟକ ପାରିତ ହେବାରେ ବିଶେଷ ଅସୁବିଧା ହେବ ନାହିଁ ।

ସର୍ବୋପରି ଆଡ଼ମ୍ବରପୂର୍ଣ୍ଣ ସମ୍ମିଳନୀ ଆୟୋଜନ ମଧ୍ୟରେ କ୍ଷେତର ସବୁଜିମା ହଜି ନ ଯାଉ । ଶିଳ୍ପାୟନର ସ୍ୱପ୍ନ ଭିତରେ କୃଷକର ବାସ୍ତବ ସମସ୍ୟା ଗୌଣ ନ ହେଉ । କଥାରେ ଅଛି ଚାଷ ହୁରୁଡ଼ିଲେ ବରଷେ । ଯଦି ଚାଷୀ ହୁରୁଡ଼େ ତେବେ ପୁଣି ଫେରିବା ସମ୍ଭାବନା କ୍ଷୀଣ । କ୍ରମାଗତ ଅଣହେଳା ଯୋଗୁଁ ଯଦି କୃଷିଜୀବୀମାନେ, ବିଶେଷକରି ଭାଗଚାଷୀମାନେ ଚାଷରୁ ମୁହଁ ଫେରାଇ ନିଅନ୍ତି, ତେବେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିରେ ସୁଧାର ଆଣିବା କାଠିକର ପାଠ ହେବ । ଏହି ସମସ୍ୟା କେବଳ ଗୋଟିଏ ବର୍ଷର କିମ୍ବା ଗୋଟିଏ ସରକାରର ନୁହେଁ । ଏଣୁ ଦଳମତ ନିର୍ବିଶେଷରେ ଏହି ସମସ୍ୟାର ସମାଧାନର ସୂତ୍ର ତ୍ୱରିତ ଖୋଜିବା ଆବଶ୍ୟକ । ପରିବେଶ ଅନୁକୂଳ ଓ ବିପର୍ଯ୍ୟୟ ସହନଶୀଳ କୃଷି ଦିଗରେ ସରକାର ବାସ୍ତବବାଦୀ ଯୋଜନା ପ୍ରସ୍ତୁତ କରିବାର ଏବେ ସମୟ ଆସିଛି । ଏହାଦ୍ୱାରା ଚାଷ ଓ ଚାଷୀର କ୍ଷୟକ୍ଷତି ଏବଂ କଟ୍‌ନିଛଟ୍‌ନି ସମସ୍ୟାକୁ ଯଥାସମ୍ଭବ ହ୍ରାସ କରିହେବ ।

## ମୃତ୍ୟୁଦଣ୍ଡର ପ୍ରାସଙ୍ଗିକତା

**ଗଦାଧର ବଳ**

କଲିକତା ଆର.ଜି. ମେଡିକାଲ କଲେଜରେ କାର୍ଯ୍ୟରତ ଜୁନିୟର ଡାକ୍ତର ଅଭୟା ହତ୍ୟା ମାମଲାରେ ଦୋଷୀ ସଞ୍ଜୟ ରାୟଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରା ନ ଯାଇ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯିବା ଅନେକ ଲୋକଙ୍କୁ ବ୍ୟଥିତ କରିଛି । ସେହି ଏକାଦିନରେ ଥିରୁଅନନ୍ତପୁର ଜିଲ୍ଲା ଅଦାଲତ ପ୍ରେମିକକୁ ବିଷ ଦେଇ ହତ୍ୟା କରିଥିବା ଅଭିଯୋଗରେ ଗ୍ରିଷ୍ମା ଏସଙ୍କୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡାଦେଶ ଦେଇଥିବାରୁ ସଞ୍ଜୟ ରାୟଙ୍କ ମାମଲା ଭିନ୍ନ ନୁହଁ ବୋଲି ଭାବାବେଗବଶତଃ ଲୋକମାନେ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ରାଜନୈତିକ ଆରୋପ-ପ୍ରତ୍ୟାରୋପ ମଧ୍ୟରେ ପଶ୍ଚିମବଙ୍ଗ ସରକାର ଆଜୀବନ ଜେଲକୁ ମୃତ୍ୟୁଦଣ୍ଡରେ ପରିବର୍ତ୍ତନ ପାଇଁ ସର୍ବୋଚ୍ଚ ଅଦାଲତରେ ଏକ ଜନସ୍ୱାର୍ଥ ମାମଲା ଦାୟର କରଛନ୍ତି । ଏହି ମାମଲାରେ ମୃତ୍ୟୁଦଣ୍ଡାଦେଶ ନ ଦେଇ ଆଜୀବନ କାରାଦଣ୍ଡାଦେଶ କାହିଁକି ଦେଲେ ସେ କଥା ବିଚାରପତି ଅନିର୍ବାଣ ଦାସ ରାୟରେ ଉଲ୍ଲେଖ କରି କହିଛନ୍ତି ଯେ ଏହି ଘଟଣା ବିରଳରୁ ବିରଳତମ ନୁହଁ । ବିଚାରପତିଙ୍କ ମତ କେତେଦୂର ନ୍ୟାୟ ସଙ୍ଗତ ତାହା ଉପରକୋର୍ଟମାନଙ୍କରେ ପ୍ରମାଣିତ ହେବ । ତେବେ ମୃତ୍ୟୁଦଣ୍ଡ ଆଦେଶ କାହିଁକି ଦିଆଯାଇ ପାରିବ ନାହିଁ, ତା'ର ଇତିହାସ ତର୍ଜମା କଲେ ଜଣାଯାଏ ଯେ ଭାରତବର୍ଷରେ ସର୍ବୋଚ୍ଚ ଦଣ୍ଡ (କ୍ୟାପିଟାଲ ପନିସ୍‌ମେଣ୍ଟ) ଭାବରେ ମୃତ୍ୟୁଦଣ୍ଡକୁ ଅଭିହିତ କରାଯାଇଥିଲେ ହେଁ ବିଶ୍ୱରେ ଅନେକ ରାଷ୍ଟ୍ର ଏହାକୁ ନେଇ ବିଭିନ୍ନ ସମୟରେ ଚିନ୍ତା ପ୍ରକଟ କରି ଆସିଛନ୍ତି । ବିଶେଷକରି ନାଗରିକର ଜୀବନ ସୁରକ୍ଷା ରାଷ୍ଟ୍ରର ପ୍ରମୁଖ ଦାୟିତ୍ୱ ଥିବା ବେଳେ କାହାରି ଜୀବନ ନେବା କେତେ ଦୂର ସମୀଚୀନ ତାହା ସବୁବେଳେ ଚର୍ଚ୍ଚାର ବିଷୟ ହୋଇ ରହିଆସିଛି ।

ଧର୍ମଶାସ୍ତ୍ର, ଚାଣକ୍ୟଙ୍କ ଅର୍ଥଶାସ୍ତ୍ର ଆଦିରେ ମୃତ୍ୟୁଦଣ୍ଡ ଆଦେଶ ଦେବାର କ୍ଷମତା କେବଳ ରାଜାଙ୍କ ପାଖରେ ସୀମିତ ଥିଲା । ଏପରିକି ମନୁ ସଂହିତାରେ କୁହାଯାଇଛି ଅପରାଧ ନିୟନ୍ତ୍ରଣ, ସାମାଜିକ ସୁରକ୍ଷା ପାଇଁ ମୃତ୍ୟୁଦଣ୍ଡ ଅନିବାର୍ଯ୍ୟ । ଦଣ୍ଡବିଧି ଆଇନ ଦର୍ଶନରେ ବିଶ୍ୱାସ ରଖେ । ହିନ୍ଦୁ ଆଇନରେ କିଛି ନିର୍ଦ୍ଦିଷ୍ଟ ଅପରାଧ ପାଇଁ ମୃତ୍ୟୁଦଣ୍ଡ ଦେବାର ବ୍ୟବସ୍ଥା ଥିଲେ ବି ଏହା ଦଣ୍ଡ ଦେବାର ବିକଳ୍ପ ନୁହେଁ ବୋଲି କୁହାଯାଇଛି । ଏପରିକି ପ୍ରତିଶୋଧ ପାଇଁ ଏହି ଦଣ୍ଡ ପ୍ରଦାନ ସର୍ବାଗ୍ରେ ଗ୍ରହଣୀୟ ନୁହଁ ।

ଇସଲାମିକ ଆଇନ ଅନୁଯାୟୀ 'ସାରିଆ' ଓ 'ହାଦିସ' ପ୍ରଚଳିତ । ଏହି ଆଇନରେ କୁହାଯାଇଛି ହଦ୍ (ଜଘନ୍ୟ ଅପରାଧ) ପାଇଁ ଯେସାକୁ ତେସା ନୀତି ଆବଶ୍ୟକ । ଆକବରଙ୍କ ରାଜତ୍ୱ କାଳରେ ମୃତ୍ୟୁଦଣ୍ଡ ଆଦେଶ କ୍ୱଚିତ ଥିବା ବେଳେ ଆଉରଙ୍ଗଜେବଙ୍କ ଶାସନ କାଳରେ ସାରିଆ ଆଇନ କଡ଼ାକଡ଼ି ଲାଗୁ ହୋଇଥିଲା । ୧୮୬୦ ମସିହାରେ ବ୍ରିଟିଶ୍ ଶାସନ ଅମଳରେ 'ଭାରତୀୟ ପିଙ୍ଗଳ ବିଧି' ପ୍ରଣୟନ କରାଯାଇ ମୃତ୍ୟୁଦଣ୍ଡ ପ୍ରଣୀତ ହୋଇଛି ଏବଂ ଏହାବଳରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ଫାଶୀ ଦିଆଯାଇଛି । ସ୍ୱାଧୀନତା ପରେ ମଧ୍ୟ ଏହି ଦଣ୍ଡବିଧି ପ୍ରଚଳିତ ଥିବା ବେଳେ ସେଥିରେ କେତେକ ସଂଶୋଧନ ସହିତ 'ଭାରତୀୟ ନ୍ୟାୟ ସଂହିତା' ଗତବର୍ଷରୁ ପ୍ରଣୀତ ହୋଇଛି ।

ତଥ୍ୟ ଅନୁଯାୟୀ, ଦେଶ ସ୍ୱାଧୀନ ହେବା ପରେ ୧୯୪୭ ମସିହାରୁ ଏଯାଏଁ ଭାରତରେ ମୋଟ ୧୭୬ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି । ସ୍ୱାଧୀନ ଭାରତରେ ୧୯୪୭ ମସିହାରେ ପ୍ରଥମ ଥର ରଘୁବୀର ସିଂଙ୍କୁ ଜବଲପୁର କେନ୍ଦ୍ରୀୟ ଜେଲରେ ଫାଶୀ ଦଆ ଯାଇଥିଲା । ୨୦୨୦ ମସିହାରେ ଶେଷ ଥର ପାଇଁ ଲୋମହର୍ଷଣକାରୀ ଦିଲ୍ଲୀ ନିର୍ଭୟା ମାମଲାରେ ୫ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ତା' ପୂର୍ବରୁ ୨୦୧୫ ମସିହାରେ ୟାକୁବ ମେନନ, ୨୦୧୩ରେ ଅଫଜଲ ଗୁରୁ, ୨୦୧୨ରେ ଅଜମଲ କସାବ, ୨୦୦୪ରେ ଧନଞ୍ଜୟ ଚାଟାର୍ଜିଙ୍କୁ ମୃତ୍ୟୁଦଣ୍ଡ ଦିଆ ଯାଇସାରିଛି । ଏବେ ଆମ ଦେଶରେ ହତ୍ୟା, ନାବାଳିକା ଧର୍ଷଣ ଓ ହତ୍ୟା, ଅପହରଣ, ଆତଙ୍କବାଦୀ କାର୍ଯ୍ୟରେ ଲିପ୍ତ ଓ ୨୦୧୩ରେ ନିର୍ଭୟା ମାମଲା ପରେ ଧର୍ଷଣ ଅପରାଧ, ଏପରି କି ବେଆଇନ ନିଶା କାରବାର ପାଇଁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି ।

ଆମ ଦେଶର ପ୍ରଚଳିତ ଆଇନ ଅନୁଯାୟୀ ମୃତ୍ୟୁଦଣ୍ଡରେ ଦଣ୍ଡିତ ଅଭିଯୁକ୍ତର ଦଣ୍ଡ କାର୍ଯ୍ୟକାରୀ ପାଇଁ ଆଦେଶ ଦେଇଥିବା ବିଚାରପତି ସେହିରାଜ୍ୟର ଉଚ୍ଚ ନ୍ୟାୟାଳୟକୁ ଅନୁମୋଦନ ପାଇଁ ପଠାଇବେ । ଅନୁମତି ମିଳିଲେ ସେ ଆଦେଶ ବିରୁଦ୍ଧରେ ସଂପୃକ୍ତ ଅଭିଯୁକ୍ତ ସର୍ବୋଚ୍ଚ ଅଦାଲତରେ ଅପିଲ ବା ଆବେଦନ କରିପାରିବେ । ଯଦି ସର୍ବୋଚ୍ଚ ଅଦାଲତ ମୃତ୍ୟୁଦଣ୍ଡ ଆଦେଶକୁ କାଏମ ରଖନ୍ତି, ତେବେ ଅଭିଯୁକ୍ତ ସମ୍ବିଧାନର ଅନୁଚ୍ଛେଦ ୭୨ ଅନୁଯାୟୀ, ରାଷ୍ଟ୍ରପତି କିମ୍ବା ଅନୁଚ୍ଛେଦ ୧୬୧ ଅନୁଯାୟୀ ସଂପୃକ୍ତ ରାଜ୍ୟର ରାଜ୍ୟପାଳଙ୍କ ନିକଟରେ ରାଜକ୍ଷମା ପାଇଁ ଆବେଦନ କରିପାରିବେ । ସେମାନେ ଚାହିଁଲେ ମୃତ୍ୟୁଦଣ୍ଡାଦେଶକୁ ସ୍ଥଗିତ ରଖି ପାରିବେ କିମ୍ବା କୋହଳ କରି ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିପାରିବେ । ଏମିତି ପ୍ରକ୍ରିୟାରେ ବିଳମ୍ବ ହେଉଥିବାରୁ ୨୦୧୪ ମସିହାରେ ଶତ୍ରୁଘ୍ନ ଚୌହାନ ବନାମ ଭାରତ ସରକାର ମାମଲା ବଚାର କରି ସର୍ବୋଚ୍ଚ ଅଦାଲତ କ୍ଷୋଭ ପ୍ରକାଶ କରିବା ସହ ମୃତ୍ୟୁଦଣ୍ଡକୁ ଆଜୀବନ ଜେଲଦଣ୍ଡରେ ପରିବର୍ତ୍ତନ କରି ଦେଇଥିଲେ ।

ତେବେ ୧୯୭୩ ମସିହାରେ ଜଗମୋହନ ସିଂ ବନାମ ଉତ୍ତର ପ୍ରଦେଶ ମାମଲାରେ ବିଚାର କରି ସର୍ବୋଚ୍ଚ ଅଦାଲତ ସର୍ବୋଚ୍ଚ ଦଣ୍ଡ (କ୍ୟାପିଟାଲ ପନିସ୍‌ମେଣ୍ଟ)ର ସଂଜ୍ଞା ନିରୂପଣ କରିଥିବା ବେଳେ ୧୯୮୦ ମସିହାରେ 'ବଚନ ସିଂ ବନାମ ପଞ୍ଜାବ' ମାମଲାରେ ମତ ରଖିଛନ୍ତି ଯେ ଯଦି ଅପରାଧୀ ଅତ୍ୟନ୍ତ ସ୍ୱର୍ଣକାତର ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥାଏ, ତେବେ ବି କ୍ୱଚିତ କ୍ଷେତ୍ରରେ ମୃତ୍ୟୁଦଣ୍ଡ ଦିଆଯାଇ ପାରିବ । ମାତ୍ର ମୃତ୍ୟୁଦଣ୍ଡ କ୍ୱଚିତ କ୍ଷେତ୍ରରେ ପ୍ରଯୁଜ୍ୟ ଓ କେବଳ ଅମାନବୀୟ ଅପରାଧରେ ସଂପୃକ୍ତ ଅପରାଧୀକୁ ଏହି ଦଣ୍ଡ ଦିଆ ଯାଇ ପାରିବ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି । ଏହି ରାୟ ଆଧାରରେ ନିମ୍ନ ଅଦାଲତ ମୃତ୍ୟୁଦଣ୍ଡ ଆଦେଶ ଦେବା ବେଳେ ଖୁବ ସର୍ତ୍ତକତା ଅବଲମ୍ବନ କରିଥା'ନ୍ତି ।

ବିଶ୍ୱର ଅନେକ ଦେଶରେ ମୃତ୍ୟୁଦଣ୍ଡର ପ୍ରକ୍ରିୟା ଭିନ୍ନ ଭିନ୍ନ । ଫାଶୀ, ବନ୍ଧୁକ ଗୁଳିରେ, ବିଷାକ୍ତ ଇନ୍‌ଜେକସନ ଦ୍ୱାରା, ପଥର ଫୋପାଡ଼ି, ବୈଦ୍ୟୁତିକ ଆଘାତ ଦ୍ୱାରା କିମ୍ବା ଗାଡ଼ି ଧକ୍କାରେ ଅଭିଯୁକ୍ତମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯିବାର ବ୍ୟବସ୍ଥା ବିଶ୍ୱର ବିଭିନ୍ନ ଦେଶରେ ରହିଛି । ଆଇନରେ ଥିବା ମୃତ୍ୟୁଦଣ୍ଡ ଆଳରେ ରାଜନୈତିକ ଆକ୍ରୋଶ ରଖି ବିଶ୍ୱରେ ଅନେକ ରାଷ୍ଟ୍ରର ଶାସକମାନେ ନିଜର ପ୍ରତିଦ୍ୱନ୍ଦ୍ୱୀ ଓ ନିରୀହ ନାଗରିକଙ୍କୁ ହତ୍ୟା କରିଥିବାର ଉଦାହରଣ ରହିଛି । ବିଶ୍ୱ ଇତିହାସକୁ ତର୍ଜମା କଲେ ଜଣାଯାଏ ୧୯୩୬ -୧୯୩୮ ମସିହା ମଧ୍ୟରେ ସୋଭିଏତ ସଂଘରେ ଏମିତି ଘଟଣା ସର୍ବାଧିକ ଘଟିଛି । ଚୀନ, ଇରାନ ଓ ସାଉଦୀ ଆରବ ପରି ଦେଶରେ ସର୍ବାଧିକ ମୃତ୍ୟୁଦଣ୍ଡ ଦିଆଯାଇଛି । ଅନ୍ୟପକ୍ଷରେ ୨୦୨୧ ମସିହା ସୁଦ୍ଧା ୫୬ ଗୋଟି ଦେଶରେ ମୃତ୍ୟୁଦଣ୍ଡକୁ ସଂପୂର୍ଣ୍ଣ ନିଷେଧ କରାଯାଇଛି । ବିଶ୍ୱ ଜନସଂଖ୍ୟାର ଅର୍ଦ୍ଧାଧିକ ବସବାସ କରୁଥିବା ଦେଶ ସମୂହ ଯଥା ଭାରତ, ଚୀନ, ଆମେରିକା, ସୋଭିଏତ ରୁଷ, ଜାପାନ, ଭିଏତନାମ, ଇଣ୍ଡୋନେସିଆ, ଇଜିପ୍ଟ, ବାଂଲାଦେଶ, ନାଇଜେରିଆ, ପାକିସ୍ତାନ, ଇଥିଓପିଆ, କଙ୍ଗୋ ଭଳି ଦେଶରେ ଅଦ୍ୟାବଧି ମୃତ୍ୟୁଦଣ୍ଡ ପ୍ରଚଳିତ ।

ସର୍ବୋଚ୍ଚ ଦଣ୍ଡ ସବୁବେଳେ ବିବାଦ ଘେରରେ ରହି ଆସିଛି । ଆମନେଷ୍ଟି ଇଣ୍ଟରନ୍ୟାଶ୍ନାଲ' ପରି ଆର୍ନ୍ତଜାତିକ ସଂଗଠନ ମୃତ୍ୟୁଦଣ୍ଡକୁ ସର୍ବାଗ୍ରେ ଅମାନବୀୟ କହି ଆସୁଥିବା ବେଳେ ୧୯୪୮ ମସିହାରୁ ଜାତିସଂଘ ଦ୍ୱାରା ପ୍ରଣୀତ ଅର୍ନ୍ତଜାତୀୟ ମାନବିକ ଅଧିକାର ଚୁକ୍ତିର ମୃତ୍ୟୁଦଣ୍ଡ ବିରୁଦ୍ଧାଚରଣ କରୁଥିବାର ଅଭିଯୋଗ ହେଉଛି । ୪୬ ଦେଶ ସଦସ୍ୟତାରେ ଗଠିତ ୟୁରୋପୀୟ ସଂଘର 'ଚାର୍ଟାର ଅଫ ଫଣ୍ଡାମେଣ୍ଟାଲ୍ ରାଇଟସ୍ ଅଫ ଦି ୟୁରୋପିଆନ ୟୁନିୟନ' ଅନୁଚ୍ଛେଦ ୨ରେ ମୃତ୍ୟୁଦଣ୍ଡକୁ ସଂପୂର୍ଣ୍ଣ ବାରଣ କରାଯାଇଛି ।

ଯେସାକୁ ତେସା ନୀତି ତାଲିବାନୀ ଶାସନର ମାନସିକତା । ସଭ୍ୟ ସମାଜରେ ଜୀବନ ଦେବାର କ୍ଷମତା ମଣିଷ ପାଖରେ ନଥିବା ବେଳେ ଜୀବନ ନେବାର ନୀତି ସର୍ବାଗ୍ରେ ଗ୍ରହଣୀୟ ନ ହେବା ଉଚିତ । ବରଂ ଆଜୀବନ ଜେଲ ବା ଜୀବନ ଥିବା ଯାଏଁ ଅପରାଧୀ ଜେଲରେ ରହିଲେ ଜେଲ୍‌ର ଚାରି କାନ୍ଥ ଭିତରେ ନିଜର ଅପରାଧ ପାଇଁ ଅନୁତାପ ଦାବାଗ୍ନିରେ ଜଳି ଜଳି ଜୀବନ ଅତିବାହିତ କରିବାର ଯନ୍ତ୍ରଣା ଅନ୍ୟ ଅପରାଧୀମାନଙ୍କୁ ସମାନ ଅପରାଧ କରିବାରେ ବାଧକ ହେବ ।

(ଆଇନଜୀବୀ)
ଭଦ୍ରକ, ମୋ: ୯୪୩୭୧୨୮୮୪୧

## କେତେ ସମୟ କାମ କରିବା?

**ସରୋଜ କାନ୍ତ ଚୌଧୁରୀ**

କର୍ପୋରେଟ ସଂସ୍ଥାମାନଙ୍କରେ କର୍ମଚାରୀମାନେ କେତେ ସମୟ କାମ କରିବା ଉଚିତ? ଏହି ବିତର୍କଟି ଗଣମାଧ୍ୟମରେ ଏବେ ବହୁତ ଜୋର ଧରିଛି । କିଛିମାସ ପୂର୍ବରୁ ଦେଶର ଜଣେ ଜଣାଶୁଣା ଶିଳ୍ପପତି, ପରିଚାଳନା ବିଶେଷଜ୍ଞ ଇନ୍‌ଫୋସିସ୍ ଭଳି ପ୍ରଯୁକ୍ତିବିଦ୍ୟା ସଂସ୍ଥାର ସହ-ସଂସ୍ଥାପକ ନାରାୟଣମୂର୍ତ୍ତୀ ସପ୍ତାହକୁ ୭୦ଘଣ୍ଟା କାମ କରିବାକୁ ଆହ୍ୱାନ ଦେଇ ବିତର୍କଟି ଆରମ୍ଭ କରିଥିଲେ ଏବଂ ଏବେ ଏଲ୍ ଆଣ୍ଡ ଟି ଭଳି ଅନ୍ୟ ଏକ ପ୍ରମୁଖ ଶିଳ୍ପ ସଂସ୍ଥାର ଅଧ୍ୟକ୍ଷ ଏସ୍ ଏନ୍ ସୁବ୍ରମଣ୍ୟନ୍ ଆହୁରି ପାଦେ ଆଗେଇ ଯାଇ ସପ୍ତାହରେ ୯୦ଘଣ୍ଟା କାମ କରିବା ସପକ୍ଷରେ ମତ ଦେଇଛନ୍ତି । ଏପରିକି ସେ ନିଜେ ରବିବାରେ କାମ କରନ୍ତି ବୋଲି ଦର୍ଶାଇ ସେ ଦିନଟିକୁ ମଧ୍ୟ ସପ୍ତାହାନ୍ତ ଛୁଟିରୁ ବାଦ୍ ଦେବାକୁ ଆହ୍ୱାନ ଦେଇଛନ୍ତି । ଏଥିସମ୍ବନ୍ଧୀୟ ତାଙ୍କର ମନ୍ତବ୍ୟ 'ତୁମେ ଘରେ ବସି କ'ଣ କର? ତୁମେ କେତେ ସମୟ ତୁମର ସ୍ତ୍ରୀକୁ ଚାହିଁ ରହିପାରିବ' ସାମାଜିକ ଗଣମାଧ୍ୟମରେ ବହୁଳ ଭାବରେ ସମାଲୋଚିତ ହୋଇ ଚାଲିଛି ।

ସପ୍ତାହକୁ ୭୦ ଘଣ୍ଟା କାମ କରିବା ଅର୍ଥ ସପ୍ତାହନ୍ତ କୌଣସି ଛୁଟି ନ ଥାଇ ଦିନକୁ ଦଶଘଣ୍ଟା ଏବଂ ସପ୍ତାହକୁ ନବେ ଘଣ୍ଟା କାମ ଅର୍ଥାତ ସେହିପରି ଦିନକୁ ତେର ଘଣ୍ଟାର କାମ । ମୁମ୍ବାଇ, ବାଙ୍ଗାଲୋର, ହାଇଦ୍ରାବାଦ, ଦିଲ୍ଲୀ, ଚେନ୍ନାଇ ଏପରିକି କଲିକତା, ଭୁବନେଶ୍ୱର ଭଳି ସହରାଞ୍ଚ । ଏବେ ଯାହାସବୁ କର୍ପୋରେଟ ସଂସ୍ଥାର କେନ୍ଦ୍ର ଭାବେ ଗଢ଼ିଉଠିଛି, ସେଠାରେ ଅଧିକାଂଶ କର୍ମଚାରୀ କାର୍ଯ୍ୟସ୍ଥଳୀକୁ ଯାଇ ଆସି ଦିନକୁ ଅତିକମରେ ବାରଘଣ୍ଟା ସଂସ୍ଥା କାର୍ଯ୍ୟରେ ବିନିଯୋଗ କରୁଛନ୍ତି । ଅଘୋଷିତ ଅବସ୍ଥାରେ କାର୍ଯ୍ୟ ସମୟର ଏହା ପ୍ରକୃତ ସ୍ଥିତି ଅବଶ୍ୟ । ଏବେ ଯାହା ନାରାୟଣ ମୂର୍ତ୍ତି ବା ସୁବ୍ରମଣ୍ୟମ କହୁଛନ୍ତି, ତାହା ସପ୍ତାହନ୍ତ ଛୁଟିକୁ ନଦେବା ପାଇଁ ବୋଧହୁଏ । ନାରାୟଣ ମୂର୍ତ୍ତି ହୁଅନ୍ତୁ ଅଥବା ସୁବ୍ରମଣ୍ୟନ୍ ବିକଶିତ ହେବା ଦିଗରେ ଭାରତର ଅର୍ଥନୈତିକ ତଥା ବୈଷୟିକ ପ୍ରଗତିକୁ ଆଗେଇ ନେବା ପାଇଁ ଏହିଭଳି ମତପୋଷଣ କରିଥାଇ ପାରନ୍ତି । କିନ୍ତୁ ଏହା କହିବା ମଧ୍ୟରେ ସେମାନେ ସାଧାରଣ କର୍ମଜୀବୀଟିର ପାରିବାରିକ ଜୀବନ ଏବଂ ତଦ୍‌ଜନିତ ସାମାଜିକ ଶୃଙ୍ଖଳାକୁ ଅଣଦେଖା କରିଛନ୍ତି କହିଲେ ଭୁଲ୍ ହେବ ନାହିଁ । ଅନ୍ୟପକ୍ଷରେ ସୁବ୍ରମଣ୍ୟନ୍‌ଙ୍କ ମତ ମଧ୍ୟ ତାଙ୍କର ପୁରୁଷ ପ୍ରଧାନ ମନୋଭାବକୁ ସ୍ପଷ୍ଟ କଲା ଭଳି ଜଣାପଡୁଛି । କାରଣ ଦେଶର କାର୍ଯ୍ୟବଳ ମଧ୍ୟରେ ଶତକଡ଼ା ତିରିଶ ଭାଗ ଯେ ମହିଳା, ତାହା ତାଙ୍କ ମତ ମନ୍ତବ୍ୟ ପରିସରକୁ ଆସୁନାହିଁ । ପାରିବାରିକ ଜୀବନର ସମତୁଲ ପ୍ରଗତି ହିଁ ସାମାଜିକ ପ୍ରଗତି ଏବଂ ଏହିଭଳି ସାମାଜିକ ପ୍ରଗତିରେ ଦେଶର ସାମଗ୍ରିକ ବିକାଶ ସମ୍ଭବ । କାର୍ଯ୍ୟଚାପ ଯୋଗୁଁ ଆତ୍ମହତ୍ୟାର ଖବର ନିତିପ୍ରତି ଯେ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରୁଛି ତାହା ବୋଧହୁଏ ସେମାନଙ୍କର ଦୃଷ୍ଟିକୁ ଆସିନାହିଁ । ଏହିଭଳି ଚାପଗ୍ରସ୍ତ ଅସମତୁଲ ଜୀବନ ଧାରା ଯୋଗୁଁ ବାଙ୍ଗାଲୋର, ବମ୍ବେ, ହାଇଦ୍ରାବାଦ ଭଳି ମେଟ୍ରୋ ନଗରୀମାନଙ୍କରେ ତିରିଶ ଭାଗ ପରିବାରରେ ବିବାହ ବିଚ୍ଛେଦ ଘଟୁଛି ।

ସ୍ୱାମୀ ସ୍ତ୍ରୀ ଉଭୟ ଚାକିରି କରିଥିଲେ ତାଙ୍କର ଦୈନିକ ସମୟ ନିର୍ଘଣ୍ଟରେ ପିଲାଛୁଆଙ୍କ ଯତ୍ନ ନେବା, ତାଙ୍କ ପଢ଼ାପଢ଼ି ବ୍ୟବସ୍ଥା କରିବା, ବୃଦ୍ଧ ବାପା ମାଆ ଯଦି ଥା'ନ୍ତି ତାଙ୍କ କଥା ବୁଝିବାର ବ୍ୟବସ୍ଥାରେ ଅଧିକ ସମୟ କାର୍ଯ୍ୟାଳୟରେ ରହିବା ସମ୍ଭବ ନୁହେଁ । ସପ୍ତାହନ୍ତ ଛୁଟିର ଆବଶ୍ୟକତା ପରିବାର ପାଇଁ ଅତ୍ୟନ୍ତ ଆବଶ୍ୟକ । କାର୍ଯ୍ୟରତ ମହିଳାଙ୍କ କ୍ଷେତ୍ରରେ ପାରିବାରିକ, ବିଶେଷକରି ସ୍ୱାମୀଙ୍କ ସହଯୋଗ ଯେ ନିହାତି ଦରକାର, ଏଥିରେ ଦ୍ୱିମତ ନାହିଁ । ସେହିପରି କାର୍ଯ୍ୟସ୍ଥଳୀରେ ଅଧିକ ସମୟ ସେମାନଙ୍କୁ ରଖିବା ଦ୍ୱାରା ଆନୁଷଙ୍ଗିକ ଅନେକ ସମାସ୍ୟା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଶିଶୁମାନେ ଯେଉଁମାନଙ୍କୁ ଦେଶର ଭବିଷ୍ୟତ ବୋଲି କୁହାଯାଉଛି ସେମାନେ କିଭଳି ବିକଶିତ ଭାରତର ସୁନାଗରିକ ହୋଇ ତିଆରି ହେବେ? ଅନ୍ୟପକ୍ଷରେ ସ୍ୱଳ୍ପ ବେତନରେ କାର୍ଯ୍ୟ କରୁଥିବା କେବଳ ଜଣେ ସ୍ୱାମୀ ହେଉ ବା ସ୍ତ୍ରୀ, ସମୟ ଥିଲେ ମଧ୍ୟ ଅର୍ଥନୈତିକ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସାମାଜିକ ଉତ୍ତରଦାୟିତ୍ୱ ଯୋଗୁଁ ଅଧିକ ସମୟ କାର୍ଯ୍ୟ କରିବାରେ ବହୁ ବାଧା ଅଛି । ଜରୁରିକାଳୀନ ପରିସ୍ଥିତିରେ ସାମୟିକ ଅଧିକ କାର୍ଯ୍ୟ ସଂପୃକ୍ତ ବ୍ୟକ୍ତିକୁ ହୁଏତ ବ୍ୟସ୍ତ ନ କରିପାରେ, କିନ୍ତୁ ଉପଯୁକ୍ତ କ୍ଷତିପୂରଣ ବଦଳରେ ଦୀର୍ଘକାଳୀନ ଏହି ବ୍ୟବସ୍ଥା ମାନସିକ ସ୍ତରରେ ଚାପ ସୃଷ୍ଟି କରିବ ।

ନାରାୟଣ ମୂର୍ତ୍ତି ଏବଂ ସୁବ୍ରମଣ୍ୟନ୍‌ଙ୍କ ଭଳି ସଂସ୍ଥାପକ ଅଥବା ଅଧକ୍ଷଙ୍କ ଭଳି ପ୍ରତିଷ୍ଠିତ ବ୍ୟକ୍ତି, ଯେଉଁମାନେ ପରିବାର ଗଢ଼ିସାରିଛନ୍ତି ଏବଂ ତାଙ୍କ ପିଲାମାନଙ୍କୁ ପ୍ରତିଷ୍ଠିତ କରିସାରିଛନ୍ତି ଏବେ ଦେଶକୁ ବିକଶିତ କରିବା ଦିଗରେ ମନୋନିବେଶ କରିବାକୁ ଏଭଳି କାର୍ଯ୍ୟାସକ୍ତ କଥା କହିବାରେ ଅସ୍ୱାଭାବିକତା ନ ଥାଇପାରେ । କିନ୍ତୁ ତାହା ବାସ୍ତବଧର୍ମୀ ନୁହେଁ । ଅଧିକନ୍ତୁ ଏହା ମଧ୍ୟ ବିଚାର କରିବାର କଥା ଯେ କର୍ପୋରେଟ ସଂସ୍ଥାର ଅଧ୍ୟକ୍ଷ ବା ମୁଖ୍ୟ ନିର୍ବାହୀଙ୍କ ପାଇଁ ଯାନବାହନ, ସଚିବ, ବ୍ୟକ୍ତିଗତ କର୍ମଚାରୀ ଥିବା ବେଳେ ଜଣେ ସାଧାରଣ କର୍ମଚାରୀଙ୍କ ପାଇଁ ଏସବୁ ବ୍ୟବସ୍ଥା ଅଛି କି? ତେଣୁ ଜଣେ ସାଧାରଣ କର୍ମଚାରୀଙ୍କୁ ସପ୍ତାହାନ୍ତ ଛୁଟି ନନେଇ ୭୦ଘଣ୍ଟା, ୯୦ଘଣ୍ଟା କାମ କରିବାକୁ ଉପଦେଶ ଦେବା ନିରର୍ଥକ । କରୋନା ସମୟରେ ବିଭିନ୍ନ କର୍ପୋରେଟ୍ ସଂସ୍ଥା, ବିଶେଷକରି ଆଇଟି ସେକ୍ଟରରେ ବାସସ୍ଥାନରୁ କାମ କରିବାପାଇଁ ଅନୁମତି ମିଳିଥିଲା, ଯାହା ଏବେ ବି ନାରାୟଣ ମୂର୍ତ୍ତିଙ୍କ ଇନ୍‌ଫୋସିସ୍ ଭଳି କେତେକ ସଂସ୍ଥାରେ ଜାରି ରହିଛି । କିନ୍ତୁ ପରବର୍ତ୍ତୀ ସମୟରେ ଏହା ପାରିବାରିକ ଜୀବନକୁ ବିପର୍ଯ୍ୟସ୍ତ କରିଦେଲା । ମନେ ହେଲା ଘର ହିଁ କାର୍ଯ୍ୟସ୍ଥଳୀ । ଏଥିରେ ପାରିବାରିକ ଜୀବନର ସ୍ଥାନ ନାହିଁ । କର୍ପୋରେଟ୍ ସଂସ୍ଥା ଏତଦ୍ୱାରା କର୍ମଚାରୀଙ୍କ ପାରିବାରିକ ସୁଖ ସୁବିଧାକୁ ଅଣଦେଖା କରି ଲାଭବାନ ହୋଇପାରିଲେ । ଏ ବାବଦରେ କର୍ପୋରେଟ ସଂସ୍ଥା ବିଶେଷ କରି ଆଇ.ଟି ସଂସ୍ଥାମାନେ କର୍ମଚାରୀମାନଙ୍କୁ କୌଣସିପ୍ରକାର କ୍ଷତିପୂରଣ ମଧ୍ୟ ଦେଲେ ନାହିଁ । ତେଣୁ ଏବେ ତଥାକଥିତ ବିକଶିତ ଭାରତ ପାଇଁ ସ୍ୱପ୍ନ ଦେଖୁଥିବା ପରିଚାଳକ ଗୋଷ୍ଠୀ ଏଭଳି ଏକଦିଗଦର୍ଶୀ ମତ ପୋଷଣ କରିବାର ଯଥାର୍ଥତା ଅଗ୍ରହଣୀୟ ମନେହୁଏ ।

(ପୂର୍ବତନ ପ୍ରଶାସନିକ ଅଧିକାରୀ)
କଟକ, ମୋ: ୯୪୩୭୩୬୦୯୮୧

## ଖମ୍ବାକାର ସୁଦର୍ଶନ

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ମହାପରାକ୍ରମଶାଳୀ ସୁଦର୍ଶନ ମହାବିଷ୍ଣୁଙ୍କର ଆୟୁଧ ପୁରୁଷ । କଳିଯୁଗରେ ବିଷ୍ଣୁଙ୍କୁ ଶ୍ରୀଜଗନ୍ନାଥ ରୂପରେ ରତ୍ନସିଂହାସନରେ ବିଜେ ହୋଇଥିବା ଦେଖି ସୁଦର୍ଶନ ଚିନ୍ତା କଲେ ଯେ ଚତୁର୍ଭୁଜ ବିଷ୍ଣୁ ତ ମୋତେ ଚକ୍ରରୂପେ ନ ପେଶିଲେ ଯଶ ଅର୍ଜନ କରିପାରୁ ନ ଥିଲେ । ବର୍ତ୍ତମାନ ହସ୍ତପଦ ବିହୀନ ଠାକୁର ମୋର ବିନା ସହାୟତାରେ କ୍ରିୟାଶୀଳ ହେବା କ'ଣ ସମ୍ଭବ! ସୁଦର୍ଶନଙ୍କ ମନର କଥା ଅନ୍ତର୍ଯାମୀ ମହାପ୍ରଭୁ ଜାଣିପାରିଲେ । ସେ ଭକ୍ତର ଗୋଇଠା ମାଡ଼ ସହନ୍ତି, କିନ୍ତୁ କାହାର ଗର୍ବ ସହି ପାରନ୍ତି ନାହିଁ । ତେଣୁ ସୁଦର୍ଶନଙ୍କୁ ଶିକ୍ଷା ଦେବା ପାଇଁ ମହାବୀର ହନୁମାନଙ୍କୁ ଡାକି ଆଣିବାକୁ ଆଦେଶ ଦେଲେ ।

ସୁଦର୍ଶନ ଭାବିଲେ - 'ହନୁମାନ କୋଉ ତ୍ରେତୟା ଯୁଗରେ କ'ଣ ଟିକିଏ କରିଦେଇ ଥିଲେ ବୋଲି ଆଜିଯାଏଁ ତାଙ୍କୁ ମନେ ରଖି ଡକେଇବାର ଆବଶ୍ୟକତା କ'ଣ ଯେ? ପ୍ରଭୁଙ୍କର କୋଉ କାମଟା ଅଚଳ ହୋଇ ଯାଉଛି ଯେ ଜଣେ ବୃଦ୍ଧ ବାନରକୁ ଏତେ ଦୂରରୁ ଡକେଇବା ଦରକାର ପଡୁଛି! ତା'ପରେ ମୁଁ ଜଣେ ଏତେ ବଡ଼ ପରାକ୍ରମଶାଳୀ ବ୍ୟକ୍ତିତ୍ୱ । ଗୋଟେ ସାମାନ୍ୟ ବାନରକୁ ଡକେଇବା ପାଇଁ ମୋତେ ପଠେଇ ମହାପ୍ରଭୁ କିଛି ଠିକ କରୁନାହାନ୍ତି । ଆଉ କାହାକୁ ଗୋଟେ ପଠେଇ ଥିଲେ ହୋଇ ନ ଥାଆନ୍ତା!' କିନ୍ତୁ ମହାପ୍ରଭୁଙ୍କ ଆଦେଶ ଅବମାନନା କରିବାର ସାହସ ତାଙ୍କର ନ ଥିଲା । ତେଣୁ ଅନିଚ୍ଛା ସତ୍ତ୍ୱେ ସେ ହନୁମାନଙ୍କ ପାଖକୁ ଚାଲିଲେ ।

ମହାବୀର ହନୁମାନ ବସି ରାମନାମ ଜପ କରୁଥିଲେ । ସୁଦର୍ଶନ ତାଙ୍କର ଉପସ୍ଥିତି ଘୋଷଣା କରିବା ପରେ ଆଖି ଖୋଲିଲେ ଓ ସୁଦର୍ଶନଙ୍କୁ ସମ୍ଭାଷଣ କଲେ । ସୁଦର୍ଶନ କୌଣସି ଔପଚାରିକତା ନ ଦେଖାଇ ସିଧାସିଧା କହିଲେ- 'ଆପଣଙ୍କୁ ମହାପ୍ରଭୁ ଜଗନ୍ନାଥ ଡକେଇଛନ୍ତି । ତତ୍‌କ୍ଷଣାତ ଯିବାକୁ ପଡ଼ିବ । କିନ୍ତୁ ମୁଁ ଯାହା ଦେଖୁଛି, ଆପଣଙ୍କ ବୃଦ୍ଧାବସ୍ଥା ଯୋଗୁଁ ଏତେ ଦୂର ଯିବା କଷ୍ଟକର ହୋଇପାରେ । ଆପଣ ଯଦି ଚାହାନ୍ତି, ମୁଁ ଆପଣଙ୍କୁ ନେଇଯିବାର ବନ୍ଦୋବସ୍ତ କରିପାରେ ।' 'ମହାପ୍ରଭୁଙ୍କ ଦର୍ଶନ ପାଇଁ ମୁଁ କାହାର ସହାୟତା ଆବଶ୍ୟକ କରେ ନାହିଁ । ଠିକ ସମୟରେ ମୁଁ ଯାଇ ପ୍ରଭୁଙ୍କ ଛାମୁରେ ଉପସ୍ଥିତ ହେବି' - ହନୁମାନ ଉତ୍ତର ଦେଲେ ।

ସୁଦର୍ଶନ ଶ୍ରୀମନ୍ଦିରକୁ ଫେରିଆସିଲେ ଏବଂ ହନୁମାନଙ୍କର ପଥରୋଧ କରିବା ପାଇଁ ନିଜକୁ ଚତୁର୍ଦ୍ଧା ବିଭକ୍ତ କରି ଶ୍ରୀମନ୍ଦିରର ଚାରି ଦ୍ୱାରକୁ ବନ୍ଦ କରିଦେଲେ । ହନୁମାନ ଅନ୍ୟ ଉପାୟ ନ ଦେଖି ଉତ୍ତର ଦ୍ୱାରରେ ବସି ମହାପ୍ରଭୁଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ । ସଙ୍ଗେସଙ୍ଗେ ତାଙ୍କ ଅଙ୍ଗରୁ ଛଅଟି ନୂଆ ହାତ ସୃଷ୍ଟି ହେଲେ ଏବଂ ସେ ଅଷ୍ଟଭୁଜ ହୋଇଗଲେ । ସେ ଚାରି ହାତରେ ଚାରିଦ୍ୱାର ଅବରୁଦ୍ଧ କରିଥିବା ଚାରିଚକ୍ରଙ୍କୁ ଧରିନେଲେ । ବାକି ଦୁଇ ହାତରେ ଗଦା ଧାରଣ କରି ଅନ୍ୟ ଦୁଇହାତ ଯୋଡ଼ି ପ୍ରଣତ ମୁଦ୍ରାରେ ମନ୍ଦିରରେ ପ୍ରବେଶ କଲେ । ରତ୍ନ ସିଂହାସନରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପ୍ରଣିପାତ କଲେ । ଆସିବାରେ ଡେରି ହେବାର କାରଣ ମହାପ୍ରଭୁ ପଚାରିବାରୁ ହନୁମାନ ସମସ୍ତ ବୃତ୍ତାନ୍ତ କହିଲେ । ସୁଦର୍ଶନଙ୍କ ଗର୍ବ ଗଞ୍ଜନ ପାଇଁ ଆବଶ୍ୟକ ହେଉଥିବା ବାହାନା ମହାପ୍ରଭୁଙ୍କୁ ମିଳିଗଲା । ସେ ତାଙ୍କୁ ଡାକି କହିଲେ- 'ସୁଦର୍ଶନ! ହନୁମାନ ମୋର ଜଣେ ବିଶିଷ୍ଟ ଭକ୍ତ । ମୁଁ ତାଙ୍କୁ ତୁମ ଦ୍ୱାରା ଡକେଇ ପଠେଇ ଥିଲି । ତା' ସତ୍ତ୍ୱେ ତୁମେ ଚାରିଦ୍ୱାର ବନ୍ଦ କରି ତାଙ୍କ ରାସ୍ତାରେ ପ୍ରତିବନ୍ଧକ ସୃଷ୍ଟି କଲ । ତେଣୁ ମୁଁ ତୁମକୁ ଖମ୍ବାକାର କରି ମୋର ବାମ ଭାଗରେ ସ୍ଥାନିତ କରୁଛି ।'

ସୁଦର୍ଶନ ଦୁଃଖରେ ମ୍ରିୟମାଣ ହୋଇପଡ଼ିଲେ ଏବଂ ନିଜର ଭୁଲ ପାଇଁ କ୍ଷମା ପ୍ରାର୍ଥନା କଲେ । କ୍ଷମାଶୀଳ ମହାବାହୁ ସୁଦର୍ଶନଙ୍କୁ କ୍ଷମା କରି କହିଲେ- 'ମୋର ଆଦେଶ ଅନ୍ୟଥା ହେବ ନାହିଁ । ତୁମେ ଖମ୍ବାକାର ହୋଇ ମୋର ବାମ ପାଖରେ ବିରାଜମାନ କରିବ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ଭିତରୁ ଜଣେ ହେବ । ମୁଁ ତୁମକୁ ମୋର ମନ୍ଦିରର ଶୀର୍ଷଦେଶରେ ନୀଳଚକ୍ରରୂପେ ସ୍ଥାନିତ କରିବି । ଦୂରରୁ ନୀଳଚକ୍ର ଦର୍ଶନ କଲେ ମୋତେ ଦର୍ଶନ କରିବାର ପୁଣ୍ୟ ଲାଭ ହେବ । ନୀଳଚକ୍ରକୁ ଦେଖି ମୋ ଉଦ୍ଦେଶ୍ୟରେ ଭୋଗ ପ୍ରସାଦ ଅର୍ପଣ ହେଲେ ମୁଁ ତାହା ଚକ୍ରମଣୋହିରେ ଗ୍ରହଣ କରିବି । ହନୁମାନ ଅଷ୍ଟଭୁଜ ହୋଇ ଚାରିହାତରେ ଚକ୍ର ଧାରଣ କରି ଉତ୍ତର ଦ୍ୱାରରେ ଆରାଧିତ ହେବେ । ତାଙ୍କୁ ଦେଖି ଭକ୍ତମାନେ ଗର୍ବ ପରିହାର କରିବା ପାଇଁ ଏକ ବାର୍ତ୍ତା ପାଇବେ ।'

ସୁଦର୍ଶନଙ୍କ ଗର୍ବଗଞ୍ଜନ କରିଥିଲେ ବୋଲି ତପସ୍ୱୀ ହନୁମାନଙ୍କ ଧ୍ୟାନ ମନ୍ତ୍ରରୁ ପ୍ରମାଣ ମିଳେ - 'ଓଁ ହନୁମତେ ସୁଦର୍ଶନ ଦର୍ପ ଗଞ୍ଜନାୟ ନମଃ । ଚକ୍ରାକାର ସୁଦର୍ଶନଙ୍କୁ ଖମ୍ବାକାର ଦେଖିଲେ ଭକ୍ତମାନେ ଭ୍ରମିତ ହେବାର ସମ୍ଭାବନା ଥିଲା । ତେଣୁ ଏ ଲୋକକଥାରେ ତା'ର ପୃଷ୍ଠଭୂମିର ବର୍ଣ୍ଣନା କରାଯାଇଛି ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପାଟଣାଗଡ଼ରେ ଆଦିବାସୀ ମହାମେଳି

# ୩୧ ଦଫା ସମ୍ବଳିତ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ

**ପାଟଣାଗଡ଼,୨୮ ।୧(ସମିସ):**



ନିଜର ଅଧିକାର ଦାବିକରି ମଙ୍ଗଳବାର ପାଟଣାଗଡ଼ରେ ଆଦିବାସୀମାନଙ୍କର ଏକ ମହାମେଳୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବ୍ରହ୍ମପୁରାସ୍ଥିତ ଆଦିବାସୀଭବନ ଠାରେ ସଶସ୍ତ୍ର ଆଦିବାସୀ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବାହାରି ସହରର ମୁଖ୍ୟ ରାସ୍ତାଉପରେ ବିଭିନ୍ନ ସ୍ଲୋଗାନ ଦେଇ ଯାତ୍ରା ପଡ଼ିଆକୁ ପହଞ୍ଚିଥିଲେ। ବ୍ଲକ୍ ସଭାପତି ଭୂବନେଶ୍ୱର କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟ ଅତିଥି, ପଶ୍ଚିମଓଡ଼ିଶାର ଆଦିବାସୀ କଲ୍ୟାଣ ମହାସଂଘର ମହାସଚିବ ବାଳକୃଷ୍ଣ ଶବର, ଜିଲ୍ଲା ଆଦିବାସୀ କଲ୍ୟାଣସଂଘ ସଭାପତି ଶ୍ୟାମସୁନ୍ଦର ଭୋଇ, ହେମେନ୍ଦ୍ର ନାଥ ହସିଂବା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏକ ୩୧ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ସୁନୀଲ କୁମାର ମେହେରଙ୍କୁ ପ୍ରଦାନ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ଆଦିବାସୀ ଜାତିଗତ ପ୍ରମାଣ ହାତେଇ ବିଭିନ୍ନ ସରକାରୀ ଓ ବେସରକାରୀ ଚାକିରି କରୁଥିବା କୁଲି ସମ୍ପ୍ରଦାୟକୁ ତୁରନ୍ତ ଚାକିରିରୁ ବହିଷ୍କାର ଓ ଜାତିଗତ ପ୍ରମାଣପତ୍ର ଦେବା ବନ୍ଦ କରିବା, ଜଙ୍ଗଲ ଜମିପଟ୍ଟା ଓ ଭୂମିହୀନମାନଙ୍କୁ ଘରଡିହ ପ୍ରଦାନ କରିବା, ନକଲି ଆଦିବାସୀ ହଟାଇବା, ରାସନକାର୍ଡ ପ୍ରଦାନ କରିବା, ସେବାଶ୍ରମ, କନ୍ୟାଶ୍ରମ, ଅନ୍ୱେଷା ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ, ଖାଲି ପଡିଥିବା ପଦପୂରଣ କରିବା, ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ସହ ଦାଦନ ଶ୍ରମିକ ମୃତ୍ୟୁବରଣ ଘଟଣାରେ ସଂପୃକ୍ତ ସର୍ଦ୍ଦାରକୁ ଗିରଫ କରିବା, ଗନ୍ଧମାର୍ଦ୍ଦନକୁ ଜାତୀୟ ସମ୍ପତ୍ତି ଭାବେ ଘୋଷଣା କରିବା ସହ ସ୍ଥାୟୀ ସୁରକ୍ଷା କରିବା, ଆଦାନୀ କିଣିଥିବା ଜମିକୁ ବାତିଲ କରିବା, ଦେଶି ମଦ ଭାଟି ବନ୍ଦ କରିବା, ଆଦିବାସୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ହତ୍ୟା ମାମଲାରେ ଅଭିଯୁକ୍ତ ତୁରନ୍ତ ଗିରଫ କରିବା, ଏସସି ଏସ୍‌ଟି ନିବାରଣ ଆଇନରେ ଦୀର୍ଘ ଦିନରୁ ପଡିରହିଥିବା କ୍ଷତିପୂରଣ ତୁରନ୍ତ ପ୍ରଦାନ କରିବା, ଅଣ ଆଦିବାସୀମାନେ ଆଦିବାସୀ ଜମି ଜବରଦଖଲ ଉଚ୍ଛେଦ କରିବା, ନୂଆପଡ଼ା ଭାୟା ପାଟଣାଗଡ଼ ନୂତନ ରେଳ ଲାଇନର ଯଥା ଶୀଘ୍ର କାର୍ଯ୍ୟକ୍ଷମ କରାଇବା, ୨୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ବନ୍ଦ କରିବା ସହ ଅନ୍ୟାନ୍ୟ ଦାବି ରହିଥିଲା। ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ। ଆଦିବାସୀ ମହାମେଳୀରେ ୫ ହଜାରରୁ ଉର୍ଦ୍ଧ୍ୱ ପୁରୁଷ ସାମିଲ ହୋଇଥିଲେ। ଏଥିରେ ବେଲପଡ଼ା ସଭାପତି ରସିକ ମିର୍ଦ୍ଧା , ଏନ୍‌ଏସି ସଭାପତି ଚନ୍ଦ୍ରମଣି ଶବର ମଞ୍ଚାସିନ ଥିଲେ। ଏଥିରେ ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ, ଲଳିତ ମଲ୍ଲିକ,ଘନ ଭୋଇ, ଗୌରାଙ୍ଗ ବରିହା ଚୁଡ଼ାମଣି ଧରୁଆ, ପିଣ୍ଟୁ ବୁଡେକ, ହୃଷୀକେଶ ଭୋଇ , ପ୍ରମୁଖ ସହଯୋଗ କରିଥିଲେ। ଗିରିରାଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ସମିତି ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଦେଓଗାଁ,୨୮।୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଅଧୀନ ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ବାର୍ଷିକ କ୍ରୀଡ଼ା ସ୍ଥାନୀୟ ନେହରୁ ଖେଳପଡିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ସଟ୍‌ପୁଟ ଥ୍ରୋ, ଡିସକସ୍ ଥ୍ରୋ, ଜ୍ୟାଭଲିନ ଥ୍ରୋ, ଉଚ୍ଚଡିଆଁ, ଲମ୍ବଡିଆଁ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ପ୍ରତିଯୋଗିତାକୁ ଦେବାଶିଷ ବିଶ୍ୱାଳ, ଶୁଶୀଲ କୁମାର ପ୍ରଧାନ, ବ୍ୟାସଦେବ ପ୍ରଧାନ ଓ ମୋହନ ରଣା ପ୍ରମୁଖ ପରିଚାଳନା କରିଥିଲେ। ବାଳିକା ବିଭାଗରେ ରଞ୍ଜିତା ରାଉତ ଓ ବାଳକ ବିଭାଗରେ ମନିଷ କୁମାର ପୋଢ଼ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। କ୍ରୀଡ଼ା ଉତ୍ସବକୁ ପ୍ରତାପ କୁମାର ମିଶ୍ର, ରାଜ କୁମାର ବେରିଆ, ସୁନୀତା ମଲ୍ଲିକ, ମୀନତି ସରଭଙ୍ଗ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ବଳଦେବ ମାଝୀ ତଥା ଅନ୍ୟମାନେ ସହଯୋଗ କରିଥିଲେ।

## ଜବରଦଖଲ ଉଚ୍ଛେଦ କଲା ମ୍ୟୁନିସିପାଲିଟି

ବଲାଙ୍ଗିର,୨୮।୧(ସମିସ): ବଲାଙ୍ଗିର ସହର ପାଟଣେଶ୍ୱଣୀ ମନ୍ଦିର ଛକଠାରୁ ହସ୍ପିଟାଲ ଗେଟ ପର୍ଯ୍ୟନ୍ତ ଡ୍ରେନ୍ ଜବରଦଖଲ ଉଚ୍ଛେଦ କରିଛି ବଲାଙ୍ଗିର ମ୍ୟୁନିସିପାଲିଟି। ମଙ୍ଗଳବାର ସକାଳେ ମ୍ୟୁନିସିପାଲିଟି ତରଫରୁ ଡ୍ରେନ୍ ଉପରକୁ ମାଡ଼ିଥିବା ଦୋକାନଗୁଡ଼ିକ ଉଚ୍ଛେଦ କରାଯାଇଥିଲା। ପ୍ରକାଶ ଯେ ଜବରଦଖଲ ଯୋଗୁଁ ଏଠାରେ ଥିବା ଡ୍ରେନରୁ ନର୍ଦ୍ଦମା ପାଣି ନିଷ୍କାଷନ ହୋଇପାରୁ ନାହିଁ। ଯାହାଫଳରେ ଡ୍ରେନ୍ ବ୍ଲକେଜ୍ ଅସୁବିଧା ଉତ୍ପନ୍ନ ହେଉଛି। ତେଣୁ ଜବରଦଖଲ ଉଚ୍ଛେଦ କରି ସେଠାରେ ନୂତନ ଭାବରେ ଡ୍ରେନ ନିର୍ମାଣ କରାଯିବ ବୋଲି ମ୍ୟୁନିସିପାଲିଟି ତରଫରୁ ସୂଚନା ରହିଛି।

● ଛାତ୍ରୀଙ୍କୁ ଅସଦାଚରଣ ଘଟଣା

## ଗିରଫ ହେଲେ ପ୍ରଧାନଶିକ୍ଷକ

ବଲାଙ୍ଗିର,୨୮।୧(ସମିସ): ବଲାଙ୍ଗିର ଜିଲ୍ଲା ସଦରଥାନା ଅଧୀନ ରେଙ୍ଗାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରୀମାନଙ୍କୁ ସେଠାକାର ପ୍ରଧାନଶିକ୍ଷକ ଅଶୋକ ତ୍ରିପାଠୀ ଅସଦାଚଦରଣ କରୁଥିବା ଅଭିଯୋଗ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଏବଂ ଅବିଭାବକ ତଥା ଗ୍ରାମବାସୀମାନେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସଦର ପୁଲିସ ଏହାକୁ ଗୁରୁତର ସହିତ ନେଇ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ମଙ୍ଗଳବାର ସକାଳେ ତାଙ୍କୁ ଗିରଫ କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା କରିବାପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

## ଲୁଣିବାହାଲ ପଞ୍ଚାୟତ ରାସ୍ତାରୁ ଜବରଦଖଲ ଉଚ୍ଛେଦ

ଚାରିଛକ,୨୮ ।୧(ସମିସ):ହରଭଙ୍ଗା ତହସିଲ ଅର୍ନ୍ତଗତ ଲୁଣିବାହାଲ ପଞ୍ଚାୟତ ରାସ୍ତାରୁ ମଙ୍ଗଳବାର ସରକାରୀ ଜମିରୁ ଜବରଦଖଲ ଉଛେଦ କାର୍ଯ୍ୟକରାଯାଇଛି। ଜବରଦଖଲ ଉଛେଦ କାର୍ଯ୍ୟରେ ୪ଟି ଜେସିବି ସହିତ ୪ଟି ଟ୍ରାକ୍ଟର ନିୟୋଜିତ ହୋଇଛନ୍ତି। ସରକାରୀ ଜମି ଜବରଦଖଲ କରିଥିବା ୧୫ଜଣ ଲୋକଙ୍କୁ ନୋଟିସ ପରେ ମାପଚୁପ୍ କରାଯାଇ ଉଛେଦ କାର୍ଯ୍ୟ ସମ୍ପାଦନ କରାଯାଇଛି।ଆଜିର ଜବରଦଖଲ ଉଛେଦ କାର୍ଯ୍ୟ ସମୟରେ ହରଭଙ୍ଗା ତହସିଲଦାର ବିଭୁପ୍ରସାଦ ସିଂ, ଅତିରିକ୍ତ ତହସିଲଦାର ସମ୍ବିତ କୁମାର ସାମଲ,ପୁରୁଣାକଟକ ଆଇଆଇସି ଶାରଦା ପ୍ରସନ୍ନ ଦାଶ,ସୁପରଫାଇଜର ଜ୍ୱଳନ୍ତ ନାଏକ,ଆରଆଇ ଲକ୍ଷ୍ମୀପ୍ରିୟା ସାହୁ,ମନୋହର ମଲ୍ଲିକ ପ୍ରମୁଖ ସାମିଲ ଥିଲେ।



## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ

ଲଛିପୁର, ୨୮।୧(ସମିସ)| ସୋନପୁର ବ୍ଲକ ଲଛିପୁରରେ ପଞ୍ଚାୟତ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଉତ୍ସବରେ ଅଧ୍ୟକ୍ଷ ଅରୁଣ କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ଷଡ଼ଙ୍ଗୀ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଗୋପବନ୍ଧୁ ଯୁବକ ସଂଘରେ ଉପସଭାପତି ସନ୍ଦୀପ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ଆରଆଇ କାର୍ଯ୍ୟାଳୟରେ ଆରଆଇ ସୁନିଲ କୁମାର ଘିବେଲା,ସେବା ସମବାୟ ସମିତିରେ ସଭାପତି ରଞ୍ଜିତ କୁମାର ସା, ଭୀମଭୋଇ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ହେମସାଗର ମାଝୀ, ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରାଜକୁମାରୀ ମେହେର,ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସାମସ୍ତ ୱାର୍ଡସଭ୍ୟଙ୍କ ଉପସ୍ଥିତିରେ ସରପଞ୍ଚ ଜ୍ୟୋତିରଞ୍ଜନ ନୂଆଇଁ, ପୁଲିସ ଥାନାରେ ଆଇଆଇସି ଭୋଜରାଜ ସା ,ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ବଳରାମ ପୂଜାରୀ ,ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଭୀମଭୋଇ ବିଦ୍ୟାପୀଠ ଖେଳ ପଡ଼ିଆରେ ଆୟୋଜିତ ମୁଖ୍ୟ ସମାରୋହରେ ସରପଞ୍ଚ ଶ୍ରୀ ନୂଆଇଁ ଜାତୀୟ ପତାକା ଉତ୍ତୋଳନ ଓ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଏଥିରେ ତୀର୍ଥବାସୀ ମେହେର ମୁଖ୍ୟଅତିଥି ଓ କବି ବନବାସ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

**ତରଭା :** ତରଭା ଷ୍ଟେଟ ବ୍ୟାଙ୍କରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଶାଖା ପରିଚାଳକ ସୁଶାନ୍ତ କୁମାର ସାହୁ ଜାତୀୟ ପତାକା ଉତ୍ତୋଳନ କରିବା ପରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ତରଭା ପ୍ୟାକ୍ସରେ ସଭାପତି ସନସିତ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ପ୍ୟାକ୍ସ ସମ୍ପାଦକ ଦେବେନ୍ଦ୍ର ସା ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

**ଖଡ଼ିଆଳ :** ସ୍ଥାନୀୟ ଜାତୀୟ ଦିବସ ପାଳନ କମିଟି ଆନୁକୂଲ୍ୟରେ ଖଡ଼ିଆଳ ବ୍ଲକ୍ ସ୍ତରୀୟ ସାଧାରଣତନ୍ତ୍ର ଦିବସ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ପାଳିତ ହୋଇଯାଇଛି। ଏହି ଅବସରରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ବିଦ୍ୟାଳୟଠାରୁ ଆରମ୍ଭ କରି ମହାବିଦ୍ୟାଳୟସ୍ତର ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ପରେଡ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଚାରକ ଭାବେ ମେଜର୍ ଡକ୍ଟର ରାମଚନ୍ଦ୍ର ମିଶ୍ର , ଅବସରପ୍ରାପ୍ତ ବିଏସ୍‌ଏଫ୍ ତଥା ସହ ସଂପାଦକ ଅଜିତ ଚନ୍ଦ୍ର ପ୍ରଧାନ ଓ ଅକ୍ଷୟ କୁମାର ରଥ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ଜାତୀୟ ଦିବସ ପାଳନ କମିଟିର ସଭାପତି ତଥା ତହସିଲଦାର ନରସିଙ୍ଗ ଗାଦବା, ସଂପାଦକ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଚରଣ ନାଏକ , ଉପଦେଷ୍ଟା ତଥା ଖଡ଼ିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ , ଆଇ.ଆଇ.ସି ଦିଲ୍ଲୀପ କୁମାର ସାହୁ , ବିଧାୟକ ପ୍ରତିନିଧି ଅକ୍ଷୟ କୁମାର ନନ୍ଦ , ପ୍ରାକ୍ତନ ନଗରପାଳ ନିମାଇଁ ଚରଣ ତାଣ୍ଡି , ଶିକ୍ଷାବିତ୍ ସତୀଶ କୁମାର ପଟ୍ଟନାୟକ , ଉପସଭାପତି ପ୍ରଦୋଷ କୁମାର ସାହୁ , ନାଟ୍ୟକାର ଜିତେନ୍ଦ୍ର ନାଥ ପଟ୍ଟନାୟକ , ଉପଦେଷ୍ଟା ଗୌତମ ତାଣ୍ଡି , ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋତିଲାଲ ବେହେରା କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର , ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଜ୍ଞାନ ବିଦ୍ୟାଳୟର ଚେୟାରମ୍ୟାନ ନବୀନ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

### ତରଭା ମନରେଗା ଯୋଜନାର ଜନଶୁଣାଣି ଶିବିର

## ଜଳଛାୟା, ଉଦ୍ୟାନ, ବନ ବିଭାଗ କାର୍ଯ୍ୟଦକ୍ଷତା ନେଇ ଉଠିଲା ପ୍ରଶ୍ନ

**ତରଭା,୨୮।୧(ସମିସ)** ତରଭା ବ୍ଲକ କାର୍ଯ୍ୟାଳୟ ପରିସରରେ ସୁବର୍ଣ୍ଣପୁର ଅତିରିକ୍ତ କାର୍ଯ୍ୟନିବାହୀ ଅଧିକାରୀ ଜିଲ୍ଲା ପରିଷଦ ପଲ୍ଲବୀ ରାଣୀ ରାଜଙ୍କ ଅଧ୍ୟକ୍ଷତାରେ ତରଭା ବ୍ଲକସ୍ତରୀୟ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ବନ୍ଧୀୟ ଜନଶୁଣାଣିରେ ତରଭା ବ୍ଲକର ପ୍ରତ୍ୟେକ ପଞ୍ଚାୟତର ପିଇଓ ମାନେ ନିଜ ପଞ୍ଚାୟତର ଆର୍ଥିକ ବର୍ଷ ୨୦୨୪/୨୫ ଉପରେ କାର୍ଯ୍ୟ ଖସଡ଼ା ସୂଚନା ପ୍ରଦାନ କରିଥିଲେ। ବ୍ଲକରେ ମୋଟରେ ୧୯୪୪୬ଜଣ ଜବକାର୍ଡଧାରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୮୬୭୧ ଜଣଙ୍କୁ କାର୍ଯ୍ୟ ଦେବାକୁ ଯୋଜନା ଥିବାବେଳେ ୮୬ ୪୯ ଜଣଙ୍କୁ ଏ ବର୍ଷ କାମ ଯୋଗାଇ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୩୦ ପରିବାର ୧୦୦ ଦିନର କାର୍ଯ୍ୟ ଦିବସ ସମ୍ପୂର୍ଣ୍ଣ କରିଛନ୍ତି । ୨୦୨୪/୨୫ ଆର୍ଥିକ ବର୍ଷରେ ୩୭୫୮ ଟି ପ୍ରକଳ୍ପ ମଧ୍ୟରୁ ୯୦୬ ଟି ସମ୍ପୂର୍ଣ୍ଣ କରାଯାଇଛି । ୪୪.୦୪ଶତକଡା ଜବକାର୍ଡ ଧାରୀ ମହିଳାମାନେ ମନରେଗା ଯୋଜନାରେ କାମ କରିଛନ୍ତି। ଏହି ଅବସରରେ କାମସାରିବା ପରେ ଠିକ ସମୟରେ କେତେକଙ୍କ ପ୍ରାପ୍ୟ ପଡ଼ି ନଥିବା ଅଭିଯୋଗ ହୋଇଥିବା ବେଳେ ଲାଇନ ଡିପାର୍ଟମେଣ୍ଟର ଜଳଛାୟା, ବନ ବିଭାଗ , ଉଦ୍ୟାନ ବିଭାଗ ଭଳି ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ଅନେକ ପ୍ରଶ୍ନ ଉଠିଥିଲା । ଏହି ବିଭାଗ ଦ୍ୱାରା କାର୍ଯ୍ୟକାରୀ ପ୍ରକଳ୍ପରେ ନାମଫଳକ ନଥିବା ଏବଂ ପ୍ରକଳ୍ପ ଗୁଡିକରେ ଅନେକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଡିଓ ଗଙ୍ଗାରାମ ବୁଡ଼େକ ସ୍ୱାଗତ ଭାଷଣ ଦେଇଥିବାବେଳେ ଏପିଓ ସମିତ ମହାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏଇଏସ୍ ମହାବିଦ୍ୟାଳୟରେ ଜାତୀୟ ମତଦାତା ଦିବସ

ତରଭା, ୨୮।୧(ସମିସ): ସ୍ଥାନୀୟ ଏଇଏସ ମହାବିଦ୍ୟାଳୟ ପରିସର ଇଂରାଜୀ ବିଭାଗର ପ୍ରାଧ୍ୟାପକ ଅନୁଜ ଭୁକ୍ତଙ୍କ ଅଧ୍ୟକ୍ଷତାରେ ଜାତୀୟ ମତଦାତା ଦିବସ ଏବଂ ମହିଳା ସୁରକ୍ଷାକୁ ନେଇ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅଧ୍ୟାପିକା ବିନତୀ ମିଶ୍ର, ଅଧ୍ୟାପିକା ଡ. ସରୋଜିନୀ ପଧାନ, ଅଧ୍ୟାପିକା ଡ.ସବିତା ମିଶ୍ର , ଅଧ୍ୟାପିକା ମୋନାଲିସା ପଧାନ, ଅଧ୍ୟାପିକା ସୁନିତା ପଧାନ ବିଭିନ୍ନ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଶାନ୍ତ ନାହାକ, ବିଭୀଷଣ ପଧାନ, ଶୁଭମ ସାହୁ, ରଶ୍ମିତା ଖମାରୀ, ପ୍ରଶାନ୍ତ ନାଗ , ପ୍ରଦ୍ୟୁମ୍ନ ସାହୁ ଯୋଗଦେବା ସହ କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ରାଜନୀତି ବିଭାଗର ଅଧ୍ୟାପିକା ସୌମ୍ୟଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବେଆଇନ ଚିପ୍ସ ଓ ଡଷ୍ଟ ଚାଲାଣ :୭ ହାଇୱା ଜବତ



ଚାରିଛକ,୨୮ ।୧(ସମିସ): ହରଭଙ୍ଗା ତହସିଲ ଅନ୍ତର୍ଗତ ଚାରିଛକ-ହରଭଙ୍ଗା ପୂର୍ତ୍ତ ରାସ୍ତାର କରଞ୍ଜାକଟା ନିକଟରୁ ମଙ୍ଗଳବାର ରାଜସ୍ୱ ଓ ପୁଲିସ ମିଳିତ ଭାବେ ଚଢ଼ଉ କରି ଏଆରଏସ୍‌ଏସ କମ୍ପାନୀର ୭ଟି ଚିପିସ ଏବଂ ଡଷ୍ଟ ବୋଝେଇ ହାଇୱାକୁ ଜବତ କରିଥିବା ଜଣାପଡିଛି। ଜବତ ପରେ ପୁରୁଣାକଟକ ପୁଲିସକୁ ସମସ୍ତ ଗାଡିକୁ ଜିମା ଦିଆଯାଇଛି। ଖବରପାଇ ବୌଦ୍ଧ ଖଣି ଅଧିକାରୀ ମନୋହର ମହନ୍ତ ପୁରୁଣାକଟକ ଥାନାରେ ପହଞ୍ଚି ଗାଡ଼ି ଗୁଡିକର କାଗଜପତ୍ର ଯାଞ୍ଚ କରୁଛନ୍ତି। ଗତ କିଛିଦିନ ହେଲା ହରଭଙ୍ଗା ଅଞ୍ଚଳରୁ ବେନିୟମ ଭାବେ ଲଘୁ ଖଣିଜ ସାମଗ୍ରୀ ଚୋରା ଚାଲାଣ ନେଇ ଏନ୍‌ଫୋର୍ସମେଣ୍ଟ ଟିମ୍ ବିଭିନ୍ନ ସମୟରେ ଲଗାତାର ଚଢ଼ଉ ଜାରି ରଖିଛି।

## ଦୁର୍ଘଟଣାରେ ଦୁଇ ଗୁରୁତର


ବୌଦ୍ଧ,୨୮ ।୧(ସମିସ): ମଙ୍ଗଳବାର ଦିନ ୧୧ ଘଣ୍ଟା ସମୟରେ ଜାତୀୟ ରାଜପଥ ନଂ ୫୭ ର ବୌଦ୍ଧ ଥାନା ଫିସେରୀ କାର୍ଯ୍ୟାଳୟ ନିକଟରେ ସାଇକଲକୁ ବାଇକ୍ ଧକ୍କା ଦେବା ଫଳରେ ଦୁଇ ଜଣ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ଟାଟା ପାୱାର ସପ୍ଲାଏ କମ୍ପାନୀର ଜଣେ କର୍ମଚାରୀ ଭବାନୀ ଶଙ୍କର ପାଣିଗ୍ରାହୀ ବାଇକ ଯୋଗେ ବୌଦ୍ଧ ଆଡକୁ ଆସୁଥିବା ବେଳେ ସାଇକଲ ଆରୋହୀ ମର୍ଯାଦାପୁର ଗ୍ରାମର ଗଣେଶ୍ୱର ବେହେରାଙ୍କ ସହ ଧକ୍କା ହୋଇଥିଲା। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ।ସ୍ଥାନୀୟ ଲୋକେ ଉଦ୍ଧାର କରି ବୌଦ୍ଧ ଡାକ୍ତର ଖାନା ପଠାଇଥିଲେ।

## ବୌଦ୍ଧ ଏନ୍‌ଏସିର ନୂତନ ନିର୍ବାହୀ ଅଧିକାରୀ



ବୌଦ୍ଧ,୨୮ ।୧(ସମିସ): ବୌଦ୍ଧ ଏନ୍‌ଏସିର ନୂତନ ନିର୍ବାହୀ ଅଧିକାରୀ ଭାବେ ଓଡିଶା ରାଜସ୍ୱ ସେବାର ବରିଷ୍ଠ ପ୍ରଶାସନିକ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଦାୟିତ୍ୱରେ ଥିବା ଓଡିଶା ପ୍ରଶାସନିକ ସେବାର ଅଧିକାରୀ ସ୍ୱସ୍ତିକ ଜମାଦାର ରାୟଗଡା ଜିଲ୍ଲା ଗୁଣୁପୁରକୁ ବିଡିଓ ଭାବେ ବଦଳି ହେବାପରେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଏନ୍‌ଏସିର ନିର୍ବାହୀ ଅଧିକାରୀ ଥିବା ଶ୍ରୀ ପ୍ରଧାନଙ୍କୁ ବୌଦ୍ଧ ଏନ୍‌ଏସିର ନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଥିଲା। ନୂତନ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନ କାର୍ଯ୍ୟରେ ଯୋଗଦେବା ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି।

## ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ଉପରେ ସଚେତନତା




ବୌଦ୍ଧ,୨୮ ।୧(ସମିସ):ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ମଦନ ମୋହନ ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଶିଶୁ ମଙ୍ଗଳ ସମିତି ସଦସ୍ୟ ରାଜୀବ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଥିବା ଆଇନଗତ ବ୍ୟବସ୍ଥା ଓ ତାର ଉପାଦେୟତା ସମ୍ପର୍କରେ ଆଲୋଚନା ହୋଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ବ୍ୟକ୍ତିବିଶେଷ ସେହି ଶିଶୁମାନଙ୍କ ଉପଯୁକ୍ତ ଯତ୍ନ ନେବାକୁ, ସେମାନଙ୍କୁ କୌଣସି ଶାରୀରିକ,ମାନସିକ ନିର୍ଯାତନା ନଦେବାକୁ, ଶିଶୁଙ୍କୁ ସୁରକ୍ଷା ଦେବାକୁ ପରାମର୍ଶ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବୌଦ୍ଧ ସହର ଅନ୍ତର୍ଗତ ବିଭିନ୍ନ ୱାର୍ଡର ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ଷ୍ଟାଡିୟମ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି



ସିନାପାଲି,୨୮।୧(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସୀମାନ୍ତ ସିଂଙ୍ଗଝର ଗ୍ରାମରେ କ୍ରୀଡ଼ାର ବିକାଶ ପାଇଁ ଗ୍ରାମବାସୀଙ୍କ ଉଦ୍ୟମରେ ଚାଲିଥିବା ବୁଢ଼ାରଜା ଖେଳପଡ଼ିଆ ଉନ୍ନତିକରଣ ଏବଂ ଷ୍ଟାଡିୟମ ନିର୍ମାଣ ପାଇଁ ଉଚ୍ଚଶିକ୍ଷା ଓ ଯୁବବ୍ୟାପାର ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଖେଳର ବିକାଶ ପାଇଁ ଗ୍ରାମର ସ୍ୱର୍ଗତ ଗୌନ୍ତିଆଙ୍କ ପରିବାର ତରଫରୁ ଗତ ପୂର୍ବରୁ ୪.୦୬ ଡିସିମିଲ ଜାଗା ଦାନ ସୂତ୍ରରେ ପ୍ରଦାନ କରିଛନ୍ତି। ଏହି ସ୍ଥାନରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅବସରରେ ଗ୍ରାମର ଅନନ୍ତରାମ ମାଝି, ରମେଶ ଅଗ୍ରୱାଲ, ନରେନ୍ଦ୍ର ନାଏକ, ରଥେଶ୍ୱର ବୈଠାରୁ, ରାମ ବିଶି, ମୋହିତ ବିଶି, ବିରଞ୍ଚି ନାଏକ, ପ୍ରେମଚାନ୍ଦ ବୈଠାରୁ, ଗଗନ ନାଏକ, ଭୂତେଶ୍ୱର ବୈଠାରୁ, ଦେବବ୍ରତ ମାଝୀ ଓ ଚନ୍ଦ୍ର ମାଝୀ ସମେତ ମନ୍ତ୍ରୀଙ୍କୁ ଭେଟି ଦାବି କରିଛନ୍ତି।

## ୭୬ ୟୁନିଟ୍ ରକ୍ତ ସଂଗ୍ରହ



ଭବାନୀପାଟଣା, ୨୭ ।୧(ସମିସ):ସ୍ଥାନୀୟ ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ କର୍ମଚାରୀ ଭବନରେ ଜିଲ୍ଲା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କଳାହାଣ୍ଡି ଶାଖା, ଶ୍ରୀ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର କମିଟି ପୁରୁଣାପଡା, ଭବାନୀପାଟଣା ଆଞ୍ଚଳିକ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମିଳିତ ସହଯୋଗରେ ୭୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଉଦ୍‌ଘାଟନ କରିଥିଲେ। ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ବୈତାରୁ ଦୀପ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ ପରିଡା, ଯୋଜନା ଅଧିକାରି ଶ୍ରୀକାନ୍ତ ଦଳେଇ, ହଳଧର ନିଆଲ (ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ), ତହସିଲଦାର ଶୁଭସ୍ମିତା ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡା ବିଭୁନ୍ଦୁ ଦଳ ଓ ଡା ଅନୁରାଗ ମିଶ୍ର ପରିଚାଳନା କରିଥିଲେ।

### ଡାକ୍ତରଖାନାରେ ଚାକିରି ଓ ବଦଳି କରାଇଦେବା ନାମରେ ମାତିଛନ୍ତି ଦଲାଲ

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନାମ ବ୍ୟବହାର କରି ଟଙ୍କା କାରବାର

**ବଲାଙ୍ଗିର,୨୮ ।୧(ସମିସ):**

ରାଜ୍ୟରେ ଥିବା ବିଭିନ୍ନ ଡାକ୍ତରଖାନାରେ ଚାକିରି ଓ ବଦଳି କରାଇଦେବାକୁ କହି ଟଙ୍କା କାରବାର କରୁଛନ୍ତି ଦଲାଲ। ଚାକିରି କରାଇବା ଓ ବଦଳି କରାଇବା ନାମରେ ଲକ୍ଷଲକ୍ଷ ଟଙ୍କାର କାରବାର କରାଯାଉଥିବା ଅଭିଯୋଗ ହୋଇଛି। ଏହି କାରବାରରେ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଲୋଇସିଂହା ବିଧାୟକଙ୍କ କିଛି ନିକଟତମ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଛି। ସଫେଇ ଠାରୁ ଆରମ୍ଭ କରି ଅନ୍ୟ ଜିଲ୍ଲାର ଡାକ୍ତରଖାନାକୁ ବଦଳି କରିବା ପର୍ଯ୍ୟନ୍ତ ଏହି ଦଲାଲମାନେ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ନିଜକୁ ମନ୍ତ୍ରୀଙ୍କ ଖାସ୍‌ଲୋକ କହି ଏହି କାରବାର ଚଳାଇଥିବା ବେଳେ ଏହା ଜାଣିବା ପରେ ମଧ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ କିମ୍ବା ତାଙ୍କ ପ୍ରତିନିଧି କିଛି ସ୍ପଷ୍ଟ କରିନାହାନ୍ତି। ଫଳରେ ଏହି କାରବାରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନୀରବ ସମର୍ଥନ ରହିଥିବା ଆଲୋଚନା ହେଉଛି। ବଲାଙ୍ଗିର ଜିଲ୍ଲା ଲୋଇସିଂହା ବିଧାନସଭା ଆସନରୁ ବିଜୟୀ ହୋଇ ବର୍ତ୍ତମାନ ଡ. ଲୁକେଶ ମହାଲିଙ୍ଗ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ଅଛନ୍ତି। ତେବେ ଜିଲ୍ଲାରେ ଏବେ ଡାକ୍ତରଖାନାରେ ବିଭିନ୍ନ ପଦରେ ନିଯୁକ୍ତି ଓ ବଦଳି ନାମରେ କିଛି ଲୋକ ଟଙ୍କା କାରବାର ଆରମ୍ଭ କରିଥିବା ଜଣାପଡ଼ିଛି। ମନ୍ତ୍ରୀଙ୍କ ସହ ଫଟୋ, ସଚିବାଳୟର ଫଟୋ ଦେଖାଇ ଜଣେ ଯୁବକ ଏହି କାରବାର କରିଥିବାବେଳେ ସେ ମନ୍ତ୍ରୀଙ୍କ ପାଖଲୋକଙ୍କ ସହ ବୁଲାବୁଲି କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ତେବେ ସମ୍ପୃକ୍ତ ବ୍ୟକ୍ତିଜଣକ ଜଣେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ନୟାଗଡ଼ରୁ ଭୁବନେଶ୍ୱର ବଦଳି କରିଦେବା ପାଇଁ ଲକ୍ଷାଧିକ ଟଙ୍କା ଦାବି କରିଥିବାବେଳେ ମନ୍ତ୍ରୀଙ୍କ ପ୍ୟାଡ୍‌ର ଚିଠି ଦେଖାଇ ୫୦ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଛି।

ଏପରିକି ଲୋଇସିଂହା ଗାଁର ଜଣେ ଯୁବକଙ୍କୁ ମଧ୍ୟ ଡାକ୍ତରଖାନାରେ ଚାକିରି କରାଇଦେବା ନାମରେ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ କୌଣସି ମାମଲା ହୋଇ ନ ଥିବାବେଳେ ସେ ଦେଇଥିବା ଚିଠି ଅସଲି ନା ନକଲି ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଏ ବିଷୟରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପାଖରେ ଖବର ଅଛି ନା ନାହିଁ ତାହା ମଧ୍ୟ ଅସ୍ପଷ୍ଟ। କେବଳ ଏହି ଘଟଣା ନୁହଁ ଏହିଭଳି ଭାବେ ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ପରେ ହିଁ ତାଙ୍କ ର କିଛି ଖାସ ଅନୁଗତ ବିଶେଷ କରି ଡାକ୍ତରଖାନା ଚାକିରି, କର୍ମଚାରୀଙ୍କ ବଦଳି କରିବା ନାମରେ ବହୁ ଟଙ୍କା ସଂଗ୍ରହ କରୁଥିବା ଅଭିଯୋଗ ହୋଇଛି। କାର୍ଯ୍ୟାନୁଷ୍ଠାନ ଭୟରେ ସେମାନେ ମୁହଁ ଖୋଲୁ ନ ଥିବାବେଳେ ଏହି ସବୁ ବିଷୟ ଜାଣି ମଧ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଚୁପ୍ ରହୁଥିବା ଦେଖିବାକୁ ମିଳିଛି। ଏନେଇ ମନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ବ୍ୟସ୍ତତା କାରଣରୁ ତାଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

ଆସିଲେନି ୱାର୍ଡ ସଭ୍ୟସଭ୍ୟା

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ବାତିଲ



**ସୁନ୍ଦରଗଡ଼/ବାଲିଶଙ୍କରା,୨୮।୧(ସମିସ)**

ବାଲିଶଙ୍କରା ବ୍ଲକ୍ ତୁମୁଲିଆ ସରପଞ୍ଚ ଦେବଲାଲ ଲାକ୍ରାଙ୍କ ବିରୋଧରେ ମଙ୍ଗଳବାର ହୋଇଥିବା ଅନାସ୍ଥା ପ୍ରସ୍ତାବରେ ୱାର୍ଡ ସଭ୍ୟସଭ୍ୟା ଯୋଗ ନଦେବାରୁ ତାହା ବାତିଲ ହୋଇଯାଇଛି। ପ୍ରିଜାଇଡିଂ ଅଫିସର ବାଲିଶଙ୍କରା ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ, ମାଜିଷ୍ଟ୍ରେଟ୍ ତହସିଲଦାର ଗୌରହରି ମହନ୍ତ, ପିଇଓ ଶ୍ୟାମ ମହାନନ୍ଦିଆ, ଜିପିଇଓ ପାସ୍କାଲ ଲାକ୍ରା, ତଲସରା ଥାନା ଅଧିକାରୀ ପୁଷ୍ପେନ୍ଦୁ ସାଗର ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟ ଅନୁସାରେ ୧୧ଟାରୁ ୧୨ଟା ମଧ୍ୟରେ ୱାର୍ଡ ସଭ୍ୟସଭ୍ୟାମାନେ ନ ଆସିବାରୁ ଅନାସ୍ଥା ପ୍ରସ୍ତାବକୁ ବାତିଲ କରିଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ତୁମୁଲିଆ ସରପଞ୍ଚଙ୍କ ନାମରେ ମନମୁଖୀ କାର୍ଯ୍ୟକଳାପ ଅଭିଯୋଗ କରି ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଅକ୍ଟୋବର ୨୯ ତାରିଖରେ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଉପଜିଲ୍ଲାପାଳଙ୍କ ଠାରେ ଆବେଦନ କରିଥିଲେ। ଆବେଦନର ଦସ୍ତଖତ ଯାଞ୍ଚ ପାଇଁ ଉପଜିଲ୍ଲାପାଳ ବାଲିଶଙ୍କରା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନଭେମ୍ବର ୮ ତାରିଖରେ ବ୍ଲକ୍ କର୍ତ୍ତୃପକ୍ଷ ୱାର୍ଡ ସଭ୍ୟ ସଭ୍ୟାଙ୍କ ଦସ୍ତଖତ ଯାଞ୍ଚ କରି ଉପଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟ ପାଇବା ପରେ ଜିଲ୍ଲାପାଳ ଡିସେମ୍ବର ୨୦ ତାରିଖରେ ଅନାସ୍ଥା ବୈଠକ ପାଇଁ ତାରିଖ ଧାର୍ଯ୍ୟ କରି ଏଥିରେ ଅଂଶଗ୍ରହଣ ନିମନ୍ତେ ସମସ୍ତ ୱାର୍ଡ ସଭ୍ୟସଭ୍ୟାଙ୍କୁ ଜଣାଇଥିଲେ। ଅନାସ୍ଥା ବୈଠକରେ ଅନେକ ସମୟ ଧରି ୱାର୍ଡ ସଭ୍ୟସଭ୍ୟା ଅପେକ୍ଷା ପରେ ବି ବାଲିଶଙ୍କରା ବିଡିଓ କିମ୍ବା ବ୍ଲକ୍ କର୍ମଚାରୀ ଆସିନଥିଲେ। ବହୁ ସମୟ ପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଗୌରହରି ମହନ୍ତ ତଲସରା ପୁଲିସ ସହ ଆସି ୱାର୍ଡ ସଭ୍ୟସଭ୍ୟାଙ୍କ ଦସ୍ତଖତ ଯାଞ୍ଚ ତ୍ରୁଟିପୂର୍ଣ୍ଣ ଥିବା ଦର୍ଶାଇଥିଲେ। ଏଥିସହ ଆବେଦନ ଉପରେ ହାଇକୋର୍ଟଙ୍କ ଆଦେଶକ୍ରମେ ଅନାସ୍ଥା ବୈଠକକୁ ସ୍ଥଗିତ ରଖିବା ପାଇଁ ଉପଜିଲ୍ଲାପାଳ କରିଥିବା ଚିଠିକୁ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଞ୍ଚାୟତ ନୋଟିସ ବୋର୍ଡରେ ଲଗାଇ ଚାଲିଯାଇଥିଲେ। ଏହାର ପ୍ରତିବାଦ କରି ୱାର୍ଡ ସଭ୍ୟସଭ୍ୟା ପଞ୍ଚାୟତ କାର୍ଯ୍ୟାଳୟରେ ତାଙ୍କର ଦସ୍ତଖତ ଯାଞ୍ଚ କରିବା ଓ ଅନାସ୍ଥା ପ୍ରସ୍ତାବ ବୈଠକ ଅନୁଷ୍ଠିତ କରିବା ଦାବିରେ ଧାରଣା ଦେଇଥିଲେ। ହେଲେ ଆଜି ହୋଇଥିବା ଅନାସ୍ଥା ପ୍ରସ୍ତାବରେ ୱାର୍ଡ ସଭ୍ୟ ସଭ୍ୟାମାନେ ନ ଆସିବାରୁ ତାହା ବାତିଲ କରାଯାଇଥିବା ଜଣାପଡ଼ିଛି।

ତ୍ରିପାକ୍ଷିକ ବୈଠକ ବିଫଳ

# ୧୦ ଦିନରେ ସମାଧାନ ନହେଲେ ଆନ୍ଦୋଳନ



**ସୁନ୍ଦରଗଡ,୨୮।୧(ସମିସ):** ଆଦିବାସୀ ଦଳିତ ଠିକାଦାର ଏବଂ ପରିବହନ ସଂସ୍ଥା ପକ୍ଷରୁ ବିଭିନ୍ନ ଦାବିରେ ହେମଗିରି ବ୍ଲକ୍‌ର ଡିବିଏଲ୍ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଧାରଣା ପରେ ମଙ୍ଗଳବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ବୈଠକ ହୋଇଛି। ଉପଜିଲ୍ଲାପାଳ ଦାଶରଥି ସରାବୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଡିବିଏଲ୍, ଏମ୍‌ସିଏଲ୍, ରାଜସ୍ୱ, ପରିବହନ, ସମନ୍ୱିତ ଆଦିବାସୀ ଉନ୍ନୟନ, ଆଦି ସଂସ୍ଥାର ଅଧିକାରୀଙ୍କ ସମେତ ଆଦିବାସୀ ଦଳିତ ଠିକାଦାର ଏବଂ ପରିବହନ ସଂସ୍ଥାର ସଭାପତି ଦିଲ୍ଲୀପ କୁମୁରା, ସମ୍ପାଦକ ସୁଶୀଲ ବାଗ, ସମାଜସେବୀ ଡା. ହିମାଂଶୁ ଷଡ଼ଙ୍ଗୀ, ରଞ୍ଜିତ ବୁଡ଼ା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଦୀର୍ଘ ସମୟ ଆଲୋଚନା ପରେ ସମାଧାନର ସୂତ୍ର ବାହାରି ନ ଥିଲା। ପ୍ରଶାସନ ୧୦ ଦିନ ସମୟ ମାଗିଥିଲା। ଫଳରେ ବୈଠକ ଏକପ୍ରକାର ବିଫଳ ହୋଇଛି। ଆୟୋଜିତ ତ୍ରିପାକ୍ଷିକ ବୈଠକରୁ କୌଣସି ସୁଫଳ ନ ମିଳିବାରୁ ସଙ୍ଗଠନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାବି ପୂରଣ ନ ହେଲେ କମ୍ପାନୀକୁ ବନ୍ଦ କରି ଦିଆ ଯିବାକୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ସ୍ଥାନୀୟ ଯୁବକ ଯୁବତୀଙ୍କୁ କମ୍ପାନୀରେ ସ୍ଥାୟୀ ଭାବେ ନିଯୁକ୍ତି ସମେତ ଅନ୍ୟ କେତେକ ଦାବିରେ ଡିବିଏଲ୍ ଅଫିସ୍ ପ୍ରାଙ୍ଗଣରେ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ଏଠାରେ ଉପଜିଲ୍ଲାପାଳ ଶ୍ରୀ ସରାବୁ ବୁଝାସୁଝା କରି ସମାଧାନର ପ୍ରତିଶ୍ରୁତି ଦେଇଥିଲେ।

# ଲ୍ୟାଣ୍ଡ ସର୍ଭେୟରଙ୍କୁ ରାତିସାରା ଅଟକ ରଖିଲେ ଗ୍ରାମବାସୀ

**ସୁନ୍ଦରଗଡ,୨୮।୧(ସମିସ):** ଲେଫ୍ରିପଡ଼ା ବନାଞ୍ଚଳ ଅନ୍ତର୍ଗତ ବନଗ୍ରାମବାସୀ ୪ ଜଣ ସିଏ ଲ୍ୟାଣ୍ଡ ସର୍ଭେୟରଙ୍କୁ ରାତିସାରା ଅଟକ ରଖିଥିବା ଜଣାପଡ଼ିଛି। ରେଳବାଇର ସଂପୃକ୍ତ ସର୍ଭେୟରମାନେ ଗ୍ରାମବାସୀଙ୍କୁ ସାମିଲ ନ କରି ସର୍ଭେ କରୁଥିବା ଅଭିଯୋଗ କରି ଏଭଳି ଅଟକ ରଖିଥିଲେ ବୋଲି କହିଛନ୍ତି ଗ୍ରାମବାସୀ। ପୁଲିସ ଘଟଣାସ୍ଥଳକୁ ପହଞ୍ଚି ବୁଝାସୁଝା କରିଥିଲେ ହେଁ ଗ୍ରାମବାସୀ ତାଙ୍କ କଥା ଶୁଣି ନ ଥିଲେ। ପରେ ଲେଫ୍ରିପଡ଼ା ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ପଟେଲଙ୍କ ସମେତ ରେଳବାଇ ଅଧିକାରୀମାନେ ଗ୍ରାମରେ ପହଞ୍ଚି ବୁଝାସୁଝା କରିବା ପରେ ସେମାନେ ଏହି ସର୍ଭେୟର ମାନଙ୍କୁ ଛାଡ଼ିଥିଲେ। ଗ୍ରାମବାସୀଙ୍କୁ କୌଣସି ସୂଚନା ବିନା ସର୍ଭେକୁ ସେମାନେ ବିରୋଧ କରିଥିଲେ।

# ଆସ୍ଥା ଗୃହ ଅନ୍ତେବାସିନୀଙ୍କ ମୃତ୍ୟୁ

**ସୁନ୍ଦରଗଡ଼,୨୮।୧(ସମିସ):** ସୁନ୍ଦରଗଡ଼ ଆସ୍ଥା ଗୃହର ଜଣେ ଅନ୍ତେବାସିନୀଙ୍କ ମୃତ୍ୟୁ ଘଟିଛି। ପ୍ରାୟ ଦେଢ଼ ମାସ ତଳେ ସଂପୃକ୍ତ ପ୍ରାୟ ୪୦ ବର୍ଷୀୟ ମାନସିକ ଅନଗ୍ରସର ମହିଳାଙ୍କୁ ରାଜଗାଙ୍ଗପୁର ଥାନା ପୁଲିସ ଉଦ୍ଧାର କରି ଆସ୍ଥା ଗୃହକୁ ପଠାଇ ଥିଲା। ଦେଢ଼ମାସ ଚିକିତ୍ସା ପରେ ବି ସେ ମାନସିକ ଭାବେ ସୁସ୍ଥ ହୋଇ ନ ଥିଲେ କି ତାଙ୍କ ପରିଚୟ ମିଳି ପାରି ନ ଥିଲା। ତିନିଦିନ ତଳେ ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିବା ପରେ ଆସ୍ଥା ଗୃହ କର୍ମକର୍ତ୍ତା ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ଆଉଜଣେ ଅସହାୟ ମହିଳାଙ୍କ ଶେଷକୃତ୍ୟ ସମ୍ପନ୍ନ କରି ମାନବିକତାର ନିଦର୍ଶନ ଦେଇଛନ୍ତି ଟିମ ଶ୍ମଶାନ ବନ୍ଧୁ। ପୁଲିସ ମୃତଦେହ ଜବତ କରିବା ସହ ଡାକ୍ତରଖାନାର ଶାବାଗାରରେ ସଂରକ୍ଷିତ ରଖାଇ ଶବ ଚିହ୍ନଟ ପାଇଁ ଉଦ୍ୟମ ଚଳାଇଥିଲା। ୯୬ ଘଣ୍ଟା ମଧ୍ୟରେ ଶବ ଚିହ୍ନଟ ନ ହେବାରୁ ନିୟମ ଅନୁଯାୟୀ ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଇଥିଲା। ଆସ୍ଥା ଗୃହ ସଚିବ ସ୍ନେହଲତା ପଟେଲ ଶ୍ମଶାନ ବନ୍ଧୁର ସଦସ୍ୟଙ୍କୁ ଶବ ସତ୍କାର ପାଇଁ ଲିଖିତ ଅନୁରୋଧ କରିବା ପରେ ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସମେତ ଚିଣ୍ଟୁ ରକ୍ସା ଓ ଦେବେନ୍ଦ୍ର ସାହୁ ମୁଖ୍ୟ ଚିକିତ୍ସାଳୟକୁ ଯାଇ ମହାପ୍ରୟାଣ ଯୋଗେ ସୁନ୍ଦରଗଡ଼ ସ୍ୱର୍ଗ ଦ୍ୱାରକୁ ଆଣିଥିଲେ। ଏହା ପରେ ସେମାନେ ନିତିନିୟମ ଓ ପରମ୍ପରାର ସହିତ ଶେଷକୃତ ସମ୍ପନ୍ନ କରିଛନ୍ତି। ସୁନ୍ଦରଗଡ଼ ଟ୍ରକ୍ ଓନର୍ସ ଆସୋସିଏସନ ପକ୍ଷରୁ ଶବସଂସ୍କାର ନିମନ୍ତେ ଶବ ସତ୍କାର ପାଇଁ କାଠ ଯୋଗାଇ ଦିଆଯାଇଥିଲା। ଏହି ଅବସରରେ ଟାଉନ ଥାନା ତଦନ୍ତ ଅଧିକାରୀ ଏଏସ୍‌ଆଇ ସୁକେଶ ମହାନ୍ତି ଉପସ୍ଥିତ ଥିଲେ। ଆସ୍ଥା ଗୃହ ସଚିବ ଶ୍ରୀମତୀ ପଟେଲ ଶ୍ମଶାନ ବନ୍ଧୁମାନଙ୍କର ଏତାଦୃଶ ମାନବିକ କାର୍ଯ୍ୟକୁ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଛନ୍ତି।



ଅନ୍ତିମ ସଂସ୍କାର କଲେ ଶ୍ମଶାନ ବନ୍ଧୁ

# ଟ୍ରାନ୍ସଫର୍ମର ଚୋରି ଅଭିଯୋଗ

**ବଡ଼ଗାଁ,୨୮।୧(ସମିସ):** ବଡ଼ଗାଁ ବ୍ଲକ୍ ପାମରା ପଞ୍ଚାୟତ ଓରାମପଡ଼ାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୋଲି ଚୋରମାନେ ତମ୍ବା ତାର ନେଇଥିବା ଗ୍ରାମବାସୀ ସ୍ଥାନୀୟ ସମିତିସଭ୍ୟ ଲଳିତ ଏକ୍କାଙ୍କ ନେତୃତ୍ୱରେ ପ୍ରଥମେ ବିଦ୍ୟୁତ ବିଭାଗ ଓ ପରେ ବଡ଼ଗାଁ ଥାନାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ତଫିକ ଏକ୍କା, ଅନିମା ବାର୍ଲା, କୁନୁ ଏକ୍କା, ବାସନ୍ତୀ ଏକ୍କା, ସୁଜାତା ଏକ୍କା ପ୍ରମୁଖ ଏହି ଅଭିଯୋଗ କରିଥିଲେ।

ତ୍ରିଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଜାମସେଦପୁର ଦଳ ଚାମ୍ପିଅନ



**କୁତ୍ରା,୨୮।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଖତକୁରବାହାଲଠାରେ ଲଖୱା ସମାଜ ପକ୍ଷରୁ ତ୍ରିଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଗଇରବାହାଲର ଅର୍ଜୁନ ଲେହରି ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଗିରିଧାରୀ ଲେହରି, ମୁରଲି ବରୁଆ, କିରଣ ସନ୍ୟାସୀ, ନିରଞ୍ଜନ ଲେହରି, ପରେଶ୍ ବରୁଆ, ପିତାମ୍ବର ପସିଆ, ବଦୁର ନାଗ, ଅଜୟ ନାଗ, ଦୁର୍ଗା ନାଗ ଓ ଶ୍ରୀଲାଲ ଯୋଗଦେଇ ଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଝାଡ଼ଖଣ୍ଡରୁ ଦୁଇଟି ଦଳ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଜାମସେଦପୁର ଦଳ ଚାମ୍ପିଅନ ହୋଇଥିବା ବେଳେ କରଲାକାନି-ଏ ଦଳ ରନର୍ସଅପ ହୋଇଥିଲା। କରଲାକାନି-ବି ଦଳ ତୃତୀୟ ଓ ଖତକୁରବାହାଲ ଦଳ ଚତୁର୍ଥ ସ୍ଥାନରେ ରହିଥିଲେ। ସମସ୍ତ ଦଳଙ୍କୁ ପୁରସ୍କାର ରୂପେ ଖାସି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟଟି ଖତକୁରବାହାଲ ଲଖୱା ସମାଜ ପକ୍ଷରୁ ଆୟୋଜିତ ହୋଇଥିଲା। ଏହି କମିଟିର ସଭାପତି ମଞ୍ଜିତ ଲେହରି ସମାଜ ମଧ୍ୟରେ ଥିବା ଲୋକମାନଙ୍କ ମଧ୍ୟରେ ବନ୍ଧୁତା ଓ ସମ୍ପର୍କରେ ଦୃଢ଼ତା ଆଣିବା ପାଇଁ ଏହି ଆୟୋଜନ କରାଯାଇ ଥିବାର ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଆହୁରି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବାର ଅଛି ବୋଲି ମଧ୍ୟ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟଟିକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ କମିଟିର ସଦସ୍ୟ ସଞ୍ଜିତ ଲେହରି, ରଞ୍ଜିତ ଲେହରି, ପବନ ଲେହରି, ଶିବା ଲେହରି, ସତ୍ୟବାନ ଗଞ୍ଜୁ, ଧରମବିର ବରୁଆ, ସଞ୍ଜିବ ବରୁଆ, ରୋହିତ ଲେହରି, ସାଜନ ବରୁଆ, ବିଷ୍ଣୁ ଲେହରି, ନିଖିଲ ଲେହରି, ବିରେନ ବରୁଆ ଓ ସୁରେଶ ବରୁଆ ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଚଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**କୁତ୍ରା,୨୮।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ପଞ୍ଚରାଠାରେ ଅନୁଷ୍ଠିତ ପଞ୍ଚଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ପମରା ଦଳ ଚାମ୍ପିଅନ ହୋଇଥିବାବେଳେ ଆମଗୋଭା ଦଳ ରନର୍ସଅପ୍ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ବିଧାୟକ ଡଃ ସିଏସ୍ ରାଜନ ଏକ୍କା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅମରେଶ ମାଝୀ, ଡଃ ସୁଦର୍ଶନ ସିଂହ ଓ ପଞ୍ଚରା ସମିତିସଭ୍ୟ ଦମନିକ ଲାକ୍ରା ଯୋଗଦେଇ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ବିଜୟୀ ଦଳକୁ ନଗଦ ୧୫ହଜାର ଟଙ୍କା ଓ ଟ୍ରଫି ଦିଆଯାଇଥିଲା। ରନର୍ସଅପ୍ ଦଳକୁ ନଗଦ ୧୨ହଜାର ଟଙ୍କା ଓ ଟ୍ରଫି ଦିଆଯାଇଥିଲା। ପ୍ରଥମ ସେମିଫାଇନାଲ ପମରା ଓ ମହାବୀର-୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଏହି ଖେଳରେ ପମରା ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ଆମଗୋଭା ଓ ସଙ୍କରାପୋଷ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଆମଗୋଭା ବିଜୟୀ ହୋଇଥିଲା। ଫାଇନାଲ ଖେଳରେ ପାମରା ଦଳ ଆମଗୋଭା ଦଳକୁ ହରାଇ ଚାମ୍ପିଅନ ହୋଇଥିଲା। ଟୁର୍ଣ୍ଣାମେଣ୍ଟଟିକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ କ୍ଲବ୍‌ର ସଦସ୍ୟ ଦୀପକ କୁମାର ସାହୁ, ହୃଷିକେଶ ପ୍ରଧାନ, ଭବାନୀ ପ୍ରଧାନ, ଦୀପକ ବାରିକ, ଚନ୍ଦନ ପୁରୋହିତ, ସଞ୍ଜୟ ପ୍ରଧାନ ଓ ଶେଖର ଭୋଇ ସହଯୋଗ କରିଥିଲେ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ବଡ଼ଗାଁ,୨୭।୧(ସମିସ):** ବଡ଼ଗାଁ ବ୍ଲକ୍ କିଞ୍ଜିରକେଲା ଗାଁ'ର ଜଣେ ଯୁବକ ବାଇକ୍‌ରେ ଫୁଲବାରୀ ରାହାସଯାତ୍ରା ଦେଖିବାକୁ ଯାଉଥିଲାବେଳେ ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ କିଞ୍ଜିରକେଲାର ଜଲସନ ଖଡ଼ିଆ (୩୫) ସେ ଦୁଇ ସାଙ୍ଗଙ୍କ ସହିତ ଯାତ୍ରା ଦେଖିବାକୁ ଯାଉଥିଲେ। ଦୁଇ ସାଙ୍ଗ ସୁରଜ ଡୁଙ୍ଗଡୁଙ୍ଗ ଓ ଆକାଶ ବାଗ ମଧ୍ୟ ଆହତ ହୋଇଛନ୍ତି। ବଡ଼ଗାଁ ପୁଲିସ ଏସ୍‌ଆଇ ଖଗପତି ବିଶ୍ୱାଳ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ସେହିପରି ଆଉ ଏକ ଦୁର୍ଘଟଣା ବାଇବାଇ ନିକଟରେ ଘଟିଥିଲା। କୁଲଗା ଗାଁ'ର ଆଇଜକ ଲାକ୍ରା (୫୬) ବାଇକ୍‌ରେ ଯାଉଥିଲାବେଳେ ଏକ ବାଛୁରୀ ହଠାତ୍ ଆସିଯିବା ଯୋଗୁଁ ପଡ଼ିଯାଇ ତାଙ୍କର ଗୋଡ଼ ଭାଙ୍ଗି ଯାଇଛି। ତାଙ୍କୁ ଚିକିତ୍ସା ପାଇଁ ସୁନ୍ଦରଗଡ଼ ନିଆଯାଇଛି।

# ସରକାରୀ କଲେଜରେ ଡିଜିଟାଲ ଦକ୍ଷତା ବିକାଶ କାର୍ଯ୍ୟକ୍ରମ




**ସୁନ୍ଦରଗଡ଼,୨୮।୧(ସମିସ):** ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ ସେଲ୍ ଆନୁକୂଲ୍ୟରେ ଡିଜିଟାଲ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରି କାର୍ଯ୍ୟକ୍ରମର ଗୁରୁତ୍ୱ ଓ ବିବିଧ ଦିଗ ସଂପର୍କ ରେ ଆଲୋକପାତ କରିଥିଲେ। ବିଷୟ ବିଶେଷଜ୍ଞ ଭାବରେ ୟୁନିଟେକ୍ ଇଞ୍ଜିନିୟରିଂ ସଂସ୍ଥା ର ନିର୍ଦ୍ଦେଶକ ହର୍ଷ ଆରିୟା ଯୋଗ ଦେଇ ଓଡ଼ିଶା ରାଜ୍ୟ ଦକ୍ଷତା ବିକାଶ କେନ୍ଦ୍ରର ଡିଜିଟାଲ ପୋର୍ଟାଲ୍ ର ଗୁରୁତ୍ୱ ,ପଞ୍ଜିକରଣର ଆବଶ୍ୟକତା ଉପରେ ବିସ୍ତୃତ ବୁଝାଇଥିଲେ। ଭୂତତ୍ତ୍ୱ ବିଜ୍ଞାନ ବିଭାଗର ମୁଖ୍ୟ ଶିବ ପ୍ରସାଦ ମହାନ୍ତି ଏହାକୁ ସଂଯୋଜନା କରିଥିବାବେଳେ ବରିଷ୍ଠ ପ୍ରାଧ୍ୟାପକ ଡ. କୁଳମଣି ବେହେରା, ସହକାରୀ ପ୍ରଫେସର ଡ. ବିନୋଦ ବିହାରୀ ମଲ୍ଲିକ, ସହକାରୀ ପ୍ରଫେସର ନୂତନ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନ ନାଗରିକ ମଞ୍ଚ ପକ୍ଷରୁ ୫ ସମ୍ବର୍ଦ୍ଧିତ

**ବଡ଼ଗାଁ,୨୮।୧(ସମିସ):** ବଡ଼ଗାଁ ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବଡ଼ଗାଁ ଦୁର୍ଗାମଣ୍ଡପଠାରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବଡ଼ଗାଁ 'କ' ଜିଲ୍ଲା ପରିଷଦ ସଭ୍ୟ ଅମୀୟ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଶିକ୍ଷାବିତ୍ ରାମଚନ୍ଦ୍ର ନାୟକ, କ୍ରୀଡ଼ାବିତ୍ ତଥା କଳାକାର ଭିକାରୀ ଚରଣ ସା, ଭାରତୀୟ ସେନା ସେବା ନିବୃତ୍ତ ଯବାନ ଅମିନ କିସାନ, ମହିଳା ସମାଜସେବୀ ମାତିଲଦା କୁଲ୍ଲୁ, ସାମ୍ବାଦିକ ଅଶୋକ ଷଡ଼ଙ୍ଗୀ। ବଡ଼ଗାଁ ବିଡିଓ ସୁମତି ପଣ୍ଡା, ତହସିଲଦାର ଝରଣା ପ୍ରଧାନ, ବରିଷ୍ଠ ନାଗରିକ ସଙ୍ଘ ସଭାପତି ଦିଲ୍ଲୀପ ପୁରୋହିତ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

ସେହିପରି ବଡ଼ଗାଁ ବ୍ଲକ୍‌ରେ ଅଧକ୍ଷା ଦୁଲାରୀ ସୋରେଙ୍ଗ, ବଡ଼ଗାଁ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଧୃଳେଶ୍ୱର ସାହୁ, ବଡ଼ଗାଁ ଡିଗ୍ରୀ କଲେଜରେ ଅଧକ୍ଷା ବନଜାରାଣୀ ଷଡ଼ଙ୍ଗୀ, ବଡ଼ଗାଁ ଆଇଟିଆଇ ଓ ନର୍ସିଂ କଲେଜରେ ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ, ବଡ଼ଗାଁ ଥାନା ଅଧିକାରୀ ଆଶିଷ କୁମାର ଜେନା, ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ପବିତ୍ର ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ସମସ୍ତ ଗ୍ରାମପଞ୍ଚାୟତରେ ସରପଞ୍ଚମାନେ ପତାକା ଉତ୍ତୋଳନ କରିଥିଲେ।

# ମହିଳା କଲେଜରେ ସାଇବର ସଚେତନତା କାର୍ଯ୍ୟକ୍ରମ



**ସୁନ୍ଦରଗଡ଼,୨୮।୧(ସମିସ):** ସୁନ୍ଦରଗଡ଼ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଆନୁକୂଲ୍ୟରେ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଇନ୍ଦିରା ଗଡ଼ନାୟକ ସଭାପତିତ୍ୱ କରି ସାଇବର ଠକେଇରୁ ସଚେତନ ରହିବା ଦିଗରେ ଛାତ୍ରୀଙ୍କୁ ବୁଝାଇଥିଲେ। ଭୁବନେଶ୍ୱରର ଭାରତୀୟ ରିଜର୍ଭ ବ୍ୟାଙ୍କ ମ୍ୟାନେଜର ସନ୍ତୋଷ କୁମାର ମିଶ୍ର ଏବଂ ଏସ୍‌ବିଆଇ ଗଗନ ବିହାରୀ ଭୋଇ ସାଇବର ଅପରାଧ ରୋକିବା ପାଇଁ ଛାତ୍ରୀଙ୍କୁ ସଚେତନତା କରାଇଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ସୁନୀଲ ଚନ୍ଦ୍ର ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗଣିତ ବିଭାଗର ସହକାରୀ ପ୍ରଫେସର କରନ କୁମାର ପ୍ରଧାନ ଛାତ୍ରୀଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ସଞ୍ଜିତା ଅଭିଜିତା ଧନ୍ୟବାଦ ଦେଇଥିଲେ।

ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ଦୁର୍ଘଟଣା ହ୍ରାସ ନେଇ ସଚେତନତା ଉପରେ ଗୁରୁତ୍ୱ

**ସୁନ୍ଦରଗଡ଼,୨୮।୧(ସମିସ)**

ଆଜି ଆଭାସି ମାଧ୍ୟମରେ ଜିଲ୍ଲାପାଳ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଡ଼କ ଦୁର୍ଘଟଣା ହ୍ରାସ ଓ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଦୁର୍ଘଟଣା ହ୍ରାସ ନେଇ ସଚେତନତାକୁ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ସୁନ୍ଦରଗଡ ଆଞ୍ଚଳିକ ପରିବହନ ଅଧିକାରୀ ପର୍ଶୁରାମ ସାହୁ ଏବଂ ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ବିଭବ ସାମନ୍ତସିଂହାର ନିଜ ନିଜ ଅଞ୍ଚଳରେ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପିପିଟି ମାଧ୍ୟମରେ ଉପସ୍ଥାପନ କରିଥିଲେ। ଗତ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ବିଭିନ୍ନ କାର୍ଯ୍ୟ, ଜିଲ୍ଲାରେ ୨୦୨୩ ଏବଂ ୨୦୨୪ ବର୍ଷର ମୋଟର ଯାନ ଦୁର୍ଘଟଣା, ବିଭାଗୀୟ ଏନ୍‌ଫୋର୍ସମେଣ୍ଟ, ପୁଲିସ ବିଭାଗ ସହିତ ଯୁଗ୍ମ ଏନ୍‌ଫୋର୍ସମେଣ୍ଟ, ଡ୍ରାଇଭିଂ ଲାଇସେନ୍ସ ରଦ୍ଦ, ରାତ୍ରିକାଳୀନ ପାଟ୍ରୋଲିଂ, ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିବା, ବେନିୟମ ପାର୍କିଂ, ଦୁର୍ଘଟଣା ହ୍ରାସ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ, ଚଳିତ ବର୍ଷର ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସେହିପରି ବୈଠକରେ ମୋଟର ଯାନ ଦୁର୍ଘଟଣାକୁ ହ୍ରାସ କରିବା ନିମନ୍ତେ ବିଭାଗ ଦ୍ୱାରା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି ବୋଲି ସୂଚନା ଦେଇଥିଲେ। ବିଭିନ୍ନ ପିକ୍‌ନିକ୍‌ସ୍ଥଳ ମାନଙ୍କରେ ମଦ୍ୟପାନ କରି ଗାଡ଼ି ନ ଚଳାଇବା, ସଡ଼କ ସୁରକ୍ଷା ନିୟମର ଅନୁପାଳନ କରିବା ଆଦି ନେଇ ସଚେତନତା ସୃଷ୍ଟି ଦିଗରେ ଗୁରୁତ୍ୱାରୋପ କରା ଯାଇଥିଲା। ସାଧାରଣ ଜନତା ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପାଇଁ ପେଟ୍ରୋଲ ପମ୍ପ ନିକଟରେ ଟ୍ରାଫିକ୍ ଜାମ୍ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାପାଳ ମହାଜନ ନିର୍ଦ୍ଦେଶ ଦେଇଥିଲେ । ସଡ଼କ ସୁରକ୍ଷା ମାସ ୨୦୨୫ ପାଇଁ ସୁନ୍ଦରଗଡ଼ ଜିଲ୍ଲାରେ ନିଆଯାଇଥିବା ପଦକ୍ଷେପ ବିଷୟରେ ଆଲୋଚନା ହୋଇଥିଲା। ଚଳିତ ୧ରୁ ୨୬ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ଜିଲ୍ଲାରେ ସଡ଼କ ସୁରକ୍ଷା ରଥ, ବାଇକ୍ ରାଲି, ସ୍କୁଲ ଓ କଲେଜରେ ସଚେତନତା କାର୍ଯ୍ୟକ୍ରମ, ପୁଲିସ ସହଯୋଗରେ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ, ଯାନବାହନରେ ରିଫ୍ଲେକ୍ଟିଭ୍ ଟେପ୍ ଲଗେଇବା, ମାଗଣା ଚକ୍ଷୁ ପରୀକ୍ଷା ଶିବିର ଓ ଜାତୀୟ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ଆଦି ଅନୁଷ୍ଠିତ ହୋଇଥିଲା ବୋଲି ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା। ସେହିଭଳି ହାଇୱେ ମାନଙ୍କରେ ଟ୍ରାଫିକ୍ ଜାମ୍‌ରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ସମସ୍ତ ବ୍ୟକ୍ତି ବିଶେଷ, ଗାଡ଼ି ମାଲିକ, ଟ୍ରକ ମାଲିକ ମାନେ ଫାସ୍ ଟ୍ୟାଗ ରିଚାର୍ଜ କରିବାକୁ ଜିଲ୍ଲାପାଳ ନିବେଦନ କରିଛନ୍ତି।

ପଦାରେ ପଡ଼ିଲା ଷଡ଼ଯନ୍ତ୍ର

ତୁରନ୍ତ ରାଇସ୍ ମିଲ୍ ଖୋଲିବାକୁ ଚାଷୀଙ୍କ ଦାବି

# ମିଲ୍ ଖୋଲିବାକୁ ପ୍ରଦୂଷଣ ବୋର୍ଡ ଦେଲା ଆଦେଶ



**ମନମୁଣ୍ଡା,୨୮ ।୧(ସମିସ):** ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ପଦମପୁରଠାରେ ଚାଲିଥିବା ନବକିଶନ ରାଇସ ମିଲକୁ ଠିକ୍ ଧାନକ୍ରୟ ସମୟରେ ବନ୍ଦ କରାଯିବା ନେଇ ହୋଇଥିବା ଷଡଯନ୍ତ୍ର ଶେଷରେ ପଦାରେ ପଡ଼ିଛି। ପ୍ରଦୂଷଣ ବୋର୍ଡ ଓ ଏନ୍‌ଜିଟି ନିକଟରେ ହୋଇଥିବା ଏକ ଅଭିଯୋଗ ଆଧାରରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ଅତିରିକ୍ତ ଜିଲାପାଳଙ୍କ ନେତୃତ୍ୱରେ ଏକ ଟିମ୍ ସମ୍ପୃକ୍ତ ରାଇସ ମିଲରେ ପହଞ୍ଚି ଅନୁଧ୍ୟାନ କରିଥିଲେ। କିନ୍ତୁ ଅଭିଯୋଗକାରୀଙ୍କ ଉପସ୍ଥିତିରେ ମିଲ ପରିଦର୍ଶନ ହୋଇନଥିବା ସଂପର୍କରେ ଅଭିଯୋଗ ହେବାପରେ ପୁନର୍ବାର ଅତିରିକ୍ତ ଜିଲାପାଳଙ୍କ ନେତୃତ୍ୱରେ ରାଇସମିଲ ପରିଦର୍ଶନ କରାଯାଇଥିଲା। ଜିଲାରେ ଠିକ୍ ଧାନମଣ୍ଡି ଖୋଲିବାପରେ ଉପରସ୍ତରରେ ଏକ ବଡଧରଣର ଷଡଯନ୍ତ୍ର କରାଯାଇ ଏହି ମିଲକୁ ପ୍ରଦୂଷଣ ବୋର୍ଡ ପକ୍ଷରୁ ବନ୍ଦ କରାଯିବାକୁ ନୋଟିସ ଦିଆଯିବା ସହିତ ୩୩ କେଭି ବିଦ୍ୟୁତ ସଂଯୋଗ ମଧ୍ୟ କାଟି ଦିଆଯାଇଥିଲା। ଫଳରେ ପ୍ରାୟ ୨୫ ଗୋଟି ମଣ୍ଡିରେ ଧାନକ୍ରୟରେ ସମସ୍ୟା ସୃଷ୍ଟି ହୋଇଥିଲା। ଏହି ଅଞ୍ଚଳର ଚାଷୀମାନେ ତୁରନ୍ତ ବନ୍ଦ ଥିବା ରାଇସମିଲକୁ ଚାଲୁ କରିବାକୁ ଦାବି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରିନଥିଲେ। ତେଣୁ ଦ୍ୱିତିୟଥର ପ୍ରଦୁଷଣବୋର୍ଡ ପକ୍ଷରୁ ମିଲ ପରିଦର୍ଶନ ସମୟରେ ସ୍ଥାନୀୟ ଚାଷୀମାନେ ଉତ୍ୟକ୍ତ ହୋଇ ରାଇସ ମିଲ ବାହାରେ ବିକ୍ଷୋଭ କରିବା ସହିତ ପାଟିତୁଣ୍ଡ କରିଥିଲେ।ତୁରନ୍ତ ବନ୍ଦଥିବା ରାଇସମିଲକୁ ଚାଲୁ କରିବାକୁ ଚାଷୀମାନେ ଦାବି କରିଥିଲେ। ଅପରାହ୍ନରେ ଚାଷୀମାନେ ଦାବିପତ୍ର ପ୍ରଦାନ କରିବାକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଫେରିଥିବା ଜଣାଯାଇଛି। ଉକ୍ତ ମିଲ ବନ୍ଦ ଥିବା ଯୋଗୁଁ ଧାନବିକ୍ରିରେ ସମସ୍ୟା ସହିତ ସ୍ଥାନୀୟ ଲୋକମାନେ ଜିବିକା ହରାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ତେବେ ଜିଲାରେ ଚାଲିଥିବା ଅନ୍ୟ ରାଇସ ମିଲଗୁଡିକ ତୁଳନାରେ ସଂପୃକ୍ତ ରାଇସ ମିଲରେ ପ୍ରଦୂଷଣ ନେଇ ହୋଇଥିବା ଅଭିଯୋଗ ଭିତ୍ତିହୀନ ବୋଲି ଜଣାପଡିଛି। ତେଣୁ ବ୍ୟବସାୟିକ ସ୍ୱାର୍ଥସିଦ୍ଧି କାରଣରୁ ଏହି ମିଲ ବିରୋଧରେ ଷଡଯନ୍ତ୍ର କରାଯାଇ ପ୍ରଦୂଷଣ ବୋର୍ଡ ଏବଂ ଏନଜିଟିରେ ମାମଲା ଦାଏର କରାଯାଇଥିବା ଆଲୋଚନା ହେଉଅଛି। ତେବେ ଅଧିକାରୀମାନେ ରାଇସମିଲ ପରିସର ତଦନ୍ତ କରିବାର କିଛି ଘଣ୍ଟା ମଧ୍ୟରେ ପ୍ରଦୂଷଣ ବୋର୍ଡ ପକ୍ଷରୁ ଦିଆଯାଇଥିବା କ୍ଲୋଜର ନୋଟିସକୁ ଅପସାରଣ କରିନିଆଯାଇଥିବା ଜଣାଯାଇଛି। ତେଣୁ ଖୁବଶିଘ୍ର ଏହି ରାଇସମିଲ ପୁନଃ କାର୍ଯ୍ୟକ୍ଷମ ନେଇ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯିବାର ସମ୍ଭାବନା ପ୍ରକାଶ ପାଇଛି।

## ନୂଆପଡ଼ାରେ ଜିଲ୍ଲା ଉନ୍ନୟନ ସମିତି ବୈଠକ

ନୂଆପଡ଼ା,୨୮ ।୧(ସମିସ): ସ୍ଥାନୀୟ ସଦଭାବନା ସଭା ଗୃହରେ ଜିଲ୍ଲା ଉନ୍ନୟନ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଉତ ବିଗତ ବୈଠକର ବିବରଣୀ ପାଠ କରିଥିଲେ। ବିଗତ ମାସରେ ଉନ୍ନୟନ କାମରେ ଯେଉଁ ସବୁ ବାଧା ଅସୁବିଧା ରହିଥିଲା ସେସବୁର କେତେ ସମାଧାନ ହୋଇଛି ଜିଲ୍ଲାପାଳ ଜାଣିବାକୁ ଚାହିଁଥିଲେ। ଆସନ୍ତା ମାସ ପାଇଁ ବିଭିନ୍ନ ବିଭାଗର ଲକ୍ଷ୍ୟ ପୂରଣ ପାଇଁ ଜିଲ୍ଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆନ୍ତଃ ବିଭାଗୀୟ ବିସଙ୍ଗତି ଉପରେ ଆଲୋଚନା କରି ସେସବୁର ସମାଧାନ ରାସ୍ତା ବାହାର କରାଗଲା। ବିଭିନ୍ନ ଉନ୍ନୟନ କାର୍ଯ୍ୟକାରିହି ସଂସ୍ଥା ସେମାନଙ୍କ ସମସ୍ତ ଉନ୍ନତି ମୂଳକ କାମ ଠିକ୍ ସମୟରେ ସାରିବା ପାଇଁ ଜିଲ୍ଲାପାଳ ତାଗିଦ୍ କରିଥିଲେ। ବୈଠକରେ ପଞ୍ଚାୟତିରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ଜଳସେଚନ, ରାସ୍ତା ଓ ଗୃହନିର୍ମାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଉଠା ଜଳସେଚନ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ପ୍ରାଣୀ ସମ୍ପଦ, ପରିବହନ ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ଖଣି ଇତ୍ୟାଦି ସମସ୍ତ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା। ବିଭିନ୍ନ ଜଳସେଚନ ପ୍ରକଳ୍ପ, କେନାଲ ଉନ୍ନତିକରଣ, ଅଧ୍ୟାନ ଫସଲ ଚାଷ, ଜିଲ୍ଲା ସଂସ୍କୃତି ଭବନ ନିର୍ମାଣ, ଗ୍ରାମ୍ୟ ବିଦ୍ୟୁତ୍ କରଣ, ବିଭିନ୍ନ ବିଚ୍ଛାପିତ ଅଂଚଳର ସମସ୍ୟା, ଗୋଟମା ବିମାନ ଅବତରଣ କେନ୍ଦ୍ରର ଉନ୍ନତି କରଣ, ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଜମି ପଟ୍ଟା ଯୋଗାଇ ଦେବା ସହିତ ଚିକିତ୍ସାଳୟ ମାନଙ୍କର ନୂତନ କୋଠା ନିର୍ମାଣ ଇତ୍ୟାଦି ବିଷୟ ଉପରେ ବିଶଦ ଆଲୋଚନା ହୋଇଥିଲା। ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ ମହାଦେବ ବଡାଇକ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଣଜିତ୍ ନାଏକ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଗୁରୁପ୍ରସାଦ ଜେନାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସମସ୍ତ ନିର୍ବାହୀ ଯନ୍ତ୍ରୀ ଏବଂ ଲାଇନ୍ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉତ୍ସର୍ଗୀକୃତ ମନୋଭାବ ନେଇ ନିଜ ନିଜ ବିଭାଗର କାମ କରିବାକୁ ଜିଲ୍ଲାପାଳ ଆହ୍ୱାନ କରିଥିଲେ।

## ହରିପୁର ଗୁରୁକୁଳ ଆଶ୍ରମର ବାର୍ଷିକ ଉତ୍ସବ

ନୂଆପଡା, ୨୮ ।୧(ସମିସ): ସ୍ଥାନୀୟ ଗୁରୁକୁଳ ହରିପୁର,ଜୁନାନୀ , ନୂଆପଡ଼ାର ତ୍ରିଦିବସୀୟ ବାର୍ଷିକ ମହୋତ୍ସବ ପଞ୍ଚଦଶକମ୍ ପର୍ବ ତଥା ରକ୍ଷାବନ୍ଧନ ଠାରୁ ଆରମ୍ଭ ପଞ୍ଚଦଶତମ ଚତୁର୍ବେଦ ପାରାୟଣ ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି | ଅନେକ ସାଧୁସନ୍ଥ, ବିଦ୍‌ବାନ ଏବଂ ସଂଖ୍ୟାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଛି। ପ୍ରଥମ ଦିବସରେ ପୂଜ୍ୟ ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ ଓମ୍ ଧ୍ୱଜା ଉତ୍ତୋଳନ କରିଥିଲେ। ସ୍ଥାନୀୟ ଜିଲ୍ଲାପାଳ ମଧୁସୂଦନ ଦାଶ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବୀୟ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ନୂଆପଡ଼ା ବାର୍ ଆସୋସିଏସନର ସଭାପତି ତଥା ଗୁରୁକୁଳର ଅନନ୍ୟ ସହଯୋଗୀ ପ୍ରସନ୍ନ କୁମାର ପାଢ଼ୀ ବିଶେଷ ରୂପରେ ଉପସ୍ଥିତ ରହି ଗୁରୁକୁଳ ତରଫରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅଭିନନ୍ଦନ ପତ୍ର ପାଠ କରିଥିଲେ । ମଞ୍ଚାସୀନ ସାଧୁସନ୍ଥ ଚନ୍ଦନ ,ପୁଷ୍ପ, ଅକ୍ଷତ ଦ୍ୱାରା ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ଜିଲ୍ଲାପାଳଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଅଭିଭାଷଣ କ୍ରମରେ ଜିଲ୍ଲାପାଳ ଭାରତୀୟ ସଂସ୍କୃତିର ଉଚ୍ଚ ପ୍ରଶଂସା କରିଥିଲେ। ଗୁରୁକୁଳୀୟ ଅନୁଶାସନ ଓ ଶିକ୍ଷାଦାନ ପରମ୍ପରାରେ ଜିଲ୍ଲାପାଳ ପ୍ରଭାବିତ ହୋଇ ଗୁରୁକୁଳ ସହିତ ବରାବର ସଂପର୍କରେ ରହିବାର ପ୍ରତିଶ୍ରୁତି ଦେଇଥିଲେ । ସେହିପରି ଦ୍ୱିତୀୟ ଦିବସରେ ଗୁରୁକୁଳ ପରିସରରେ ଓମ୍ ଧ୍ୱଜା ଉତ୍ତୋଳନ ସହିତ ଗଣତନ୍ତ୍ର ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ସୂରଜ ସୂର୍ଯ୍ୟବଂଶୀ, ଉଚ୍ଚଶିକ୍ଷା ମନ୍ତ୍ରୀ, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ମୁଖ୍ୟ ଅତିଥି ରୂପରେ ଦ୍ୱିତୀୟ ଦିବସୀୟ ସଭାକାର୍ଯ୍ୟର ଶୁଭ ଉଦଘାଟନ କରିଥିଲେ। ପୂର୍ବତନ ସାଂସଦ ବସନ୍ତ ପଣ୍ଡା ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଅପରାହ୍ନ ୩ ଘଟିକାରେ ଗୁରୁକୁଳୀୟ ବ୍ରହ୍ମଚାରୀଙ୍କ ଦ୍ୱାରା ଚିତ୍ତାକର୍ଷକ ବ୍ୟାୟାମ, ବିଭିନ୍ନ ଆସନ , ଧନୁତୀର ଚାଳନା, ଶସ୍ତ୍ର ଚାଳନା ଉପସ୍ଥିତ ଅତିଥି ଓ ଆଗନ୍ତୁକ ମହାନୁଭବଙ୍କୁ ଅଭିଭୂତ କରିଥିଲା। ତୃତୀୟ ଦିବସରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଘବେନ୍ଦ୍ର ମୁଖ୍ୟ ଅତିଥି ରୂପରେ ଯୋଗଦେଇ ବ୍ରହ୍ମଚାରୀଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ । ଅଧିରାଜ ପାଣିଗ୍ରାହୀ, ବିଧାୟକ ,ଖରିଆର୍ ମଧ୍ୟ ଏହିଦିନ ଅନ୍ୟତମ ଅତିଥି ରୂପରେ ଯୋଗଦେଇଥିଲେ। ବିଦ୍‌ବାନ୍ ମାନଙ୍କ ମଧ୍ୟରେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବୈଦିକ ପ୍ରବକ୍ତା ଆଚାର୍ଯ୍ୟ ଆନନ୍ଦ ପୁରୁଷାର୍ଥୀ , ଯଜ୍ଞ ବିଜ୍ଞାନର ବିଶେଷ ଗବେଷକ ଡଃ ପ୍ରଦ୍ୟୁମ୍ନ କୁମାର ଶାସ୍ତ୍ରୀ , ରାଙ୍କିଙ୍କର ବିଦ୍‌ବତ୍ତାପୂର୍ଣ୍ଣ ଅଭିଭାଷଣରେ ଶ୍ରୋତୃମଣ୍ଡଳୀ ଉପକୃତ ହୋଇଥିଲେ ।

## ବାଲିବୋଝେଇ ଟ୍ରାକ୍ଟର ଜବତ ବେଳେ ଉତ୍ତେଜନା, ତହସିଲଦାରଙ୍କୁ ଗାଳିଗୁଲଜ

**ବୌଦ୍ଧ୨୮ ।୧(ସମିସ):** ବୌଦ୍ଧ ଜିଲ୍ଲା ସଦର ତହସିଲ ଦହ୍ୟା ରାଜସ୍ୱ ସର୍କଲ ଅନ୍ତର୍ଗତ ଅମୁରଡା ନଦୀ ଘାଟକୁ ବୌଦ୍ଧ ତହସିଲଦାର ଲଗ୍ନଜିତ ବେହେରା ଅପମୃତ୍ୟୁ ତଦନ୍ତରେ ଯାଇଥିବା ବେଳେ ଘାଟରେ ବାଲି ଚୋରା ଚାଲାଣ ହେଉଥିବା ଦେଖିବାକୁ ପାଇଥିଲେ। ଉକ୍ତ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକ ରଖି ପଚରାଉଚରା କରୁଥିବା ସମୟରେ ସ୍ଥାନୀୟ କିଛି ବ୍ୟକ୍ତି ଆସି ତହସିଲଦାର ଲଗ୍ନଜିତ ବେହେରାଙ୍କୁ ଗାଳିଗୁଲଜ କରିବା ସହ ଗଣ୍ଡଗୋଳ ସୃଷ୍ଟି କରିଥିଲେ ଏବଂ ବିଭିନ୍ନ ଧମକ ଚମକ ଦେଇଥିଲେ। ଯାହା ଫଳରେ ଉକ୍ତ ସ୍ଥାନରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଗଣ୍ଡଗୋଳକରୀମାନେ ଜୋରଜବରଦସ୍ତି ଜବତ ଟ୍ରାକ୍ଟରକୁ ଛଡାଇ ନେଇଥିବା ଜଣାପଡିଛି। ସୂଚନା ଥାଉ କି ଉକ୍ତ ବାଲିଘାଟରେ କୌଣସି ସରକାରୀ ଟେଣ୍ଡର ହୋଇ ନ ଥିବା ବେଳେ ଦିନଦିପ୍ରହରରେ ଟ୍ରାକ୍ଟର ସାହାଯ୍ୟରେ ଦୈନିକ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି ।ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଛି। ଜଣେ କାର୍ଯ୍ୟରତ ପ୍ରାଧିକୃତ ସରକାରୀ ଅଧିକାରୀଙ୍କୁ କାର୍ଯ୍ୟରେ ବାଧା ଦେବା, ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା, ଧମକ ଦେବା, ଜବତ ସାମଗ୍ରୀ ଜବରଦସ୍ତ ଛଡେଇ ନେବା ଇତ୍ୟାଦି ସଂକ୍ରାନ୍ତରେ ତହସିଲଦାର ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ପୁଲିସ ୨୯୬, ୧୧୫(୨), ୧୩୨, ୩୫୧(୩), ୩(୫)ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି।

## ୯ ୫ ମିଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



ଧର୍ମଗଡ,୨୮ ।୧(ସମିସ): ଧର୍ମଗଡ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଛିଲିପା ଜେନାଡଙ୍ଗରୀରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ କୃଷୀ ଅଧିକାରୀ ନିହାର ରଞ୍ଜନ ନାଏକ, ପ୍ରଧାନ ଶିକ୍ଷକ ଗିରୀଧାରି ସାହୁ, ଟେଣ୍ଟ ମାଲିକ ସଂଘ ସଭାପତି ଅନିରୁଦ୍ଧ ଲହଜଲଙ୍କ ଉଦ୍ୟମ କ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବତନ ଶିକ୍ଷକ ରାଧାମୋହନ ଦାସ, ରଜନୀକାନ୍ତ ମୁଣ୍ଡ, ଗୋପୀ ଚାନ୍ଦ ବାଗ, ହୃଦାନନ୍ଦ ସରାପ, ଛେଦି ପ୍ରସାଦ ମୁଣ୍ଡ, ସତ୍ୟ ନାରାୟଣ ପାତ୍ର ଓ ରାଜୀବ ଲୋଚନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ରିପୁଦମନ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଗଠନ ରାଜ୍ୟ ସଭାପତି



କର୍ଲାମୁଣ୍ଡା,୨୮ ।୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଗଠନର ରାଜ୍ୟସ୍ତରୀୟ ନିର୍ବାଚନ ଶେଷ ହୋଇଛି। ସଭାପତି ରୂପେ ରିପୁଦମନ ମିଶ୍ର ନିର୍ବାଚିତ ହୋଇଛନ୍ତି। ଏବେ ସେ ମଦନପୁର ରାମପୁର ଆଦର୍ଶ ବିଦ୍ୟାଳୟର ଗଣିତ ଶିକ୍ଷକ ଅଛନ୍ତି। ତାଙ୍କ ଘର କର୍ଲାମୁଣ୍ଡା ବ୍ଲକ ଟିଂଜା ଗ୍ରାମରେ। ଶ୍ରୀ ମିଶ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମଳୟ ମହାପାତ୍ରଙ୍କୁ ପରାସ୍ତ କରିଛନ୍ତି। ସେହିପରି ସାଧାରଣ ସମ୍ପାଦକ ରୂପେ ଶୁଭାଶିଷ ଦାସ, ଉପସଭାପତି ରୂପ ପ୍ରଫୁଲ୍ଲ ଗେରୁ, କୋଷାଧ୍ୟକ୍ଷ ଭାବେ ହରେକୃଷ୍ଣ ମହାପାତ୍ର, ଯୁଗ୍ମ ସମ୍ପାଦକ ରୂପେ ଅମ୍ବିକା ସାମଲ ଏବଂ ସହକାରୀ କୋଷାଧ୍ୟକ୍ଷ ରୂପେ ଗୁରୁ ବଦରବିନ୍ଦ ରାଉତ ନିର୍ବାଚିତ ହୋଇଛନ୍ତି।

## ରୋଷେଇ ଗ୍ୟାସ୍‌ରୁ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି



ବୌଦ୍ଧ,୨୮ ।୧(ସମିସ): ସୋମବାର ସନ୍ଧ୍ୟାରେ ବୌଦ୍ଧ ସହର ଅନ୍ତର୍ଗତ ରାଜନପାଲିର ଦସମତୀ ନାଏକ ଘରେ ରୋଷେଇ କରୁଥିବା ବେଳେ ଗ୍ୟାସ୍ ଟାଙ୍କିରେ ନିଆଁ ଲାଗି ଘରେ ଥିବା ସମସ୍ତ ଲୁଗାପଟା, ଟଙ୍କା ପଇସା ଓ ଖାଦ୍ୟ ଶସ୍ୟ ପୋଡି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଘରର ବାରଣ୍ଡାରେ ମୁଣ୍ଡ ଗୁଞ୍ଜୁଥିବା ଅନ୍ୟ ଜଣେ ଅସହାୟ ମହିଳା ମିଥିଳା ସେଠୀଙ୍କ ମଧ୍ୟ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପୋଡି ଯାଇଛି। ଖବରପାଇ ବୌଦ୍ଧ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆଜି ସକାଳେ କ୍ଷୟକ୍ଷତି ଆକଳନ ଓ କ୍ଷତିପୂରଣ ପାଇଁ ଦାବି କରିବା ପରେ ସଦର ରାଜସ୍ୱ ନିରୀକ୍ଷକ ଅନୀଲ୍ କୁମାର ପ୍ରଧାନ ସରଜମିନ୍ ତଦନ୍ତ କରିବା ସହ ଏକ ଜରି ପାଲ ପ୍ରଦାନ କରିଥିଲେ। ସେହିପରି ବୌଦ୍ଧ ଏନ୍‌ଏସି ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ସମ୍ପୃକ୍ତ ମହିଳାଙ୍କ ଘରେ ପହଞ୍ଚି ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ବୌଦ୍ଧ ନଗର ମଣ୍ଡଳ ବିଜେପି ସଭାପତି ଗଜେନ୍ଦ୍ର ସାହୁ ମଧ୍ୟ ଘଟଣା ସ୍ଥଳରେ ଉପସ୍ଥିତ ରହି ଉଭୟ ଅସହାୟ ବୃଦ୍ଧାଙ୍କୁ ସହାୟତା ପ୍ରଦାନ କରିଥିଲେ।

ହରଭଙ୍ଗା ମହୋତ୍ସବ ଦ୍ୱିତୀୟ ଦିବସ

## ଜ୍ୟୋତିଙ୍କ ଗୀତରେ ଝୁମିଲେ ଦର୍ଶକ

**ଚାରିଛକ,୨୮ ।୧(ସମିସ):** ହରଭଙ୍ଗା ହାଇସ୍କୁଲ ଖେଳପଡିଆରେ ତୃତୀୟ ହରଭଙ୍ଗା ଲୋକ ମହୋତ୍ସବ ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ସଂଗ୍ରାମ କେଶରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ହରଭଙ୍ଗା ବିଡିଓ ଶରତ କୁମାର ସେଠି, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ପାଣି ପ୍ରମୁଖ ମଞ୍ଚାସୀନ ଥିଲେ।ପ୍ରଥମେ ଦୀପ ପ୍ରଜ୍ୱଳନ କରାଯିବା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ସଂଜୀବ କୁମାର ସାହୁ ଅତିଥି ପରିଚୟ ସାଙ୍ଗକୁ ମଞ୍ଚ ପରିଚାଳନା କରିଥିବା ବେଳେ ନଟବର ପ୍ରଧାନ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ମୁଖ୍ୟଅତିଥି ତଥା ଜିଲ୍ଲାପାଳ ଶ୍ରୀ ପଣ୍ଡା ତାଙ୍କ ଅଭିଭାଷଣରେ ଏହା ଏକ ବଇଦରାଜ ଅଞ୍ଚଳ, ପାଇକ ମାଟି, ଏହି ଅଞ୍ଚଳ ଦେଇ ପାଇକମାନେ ଯାଉଥିଲେ, ଏଠାରେ ବିଶ୍ରାମ କରୁଥିଲେ। ବାବା ଆଦେଶ୍ୱରଙ୍କ କିମ୍ବଦନ୍ତିକୁ ରୁଦ୍ଧିମନ୍ତ କରିଥିଲେ। ହରଭଙ୍ଗାର ବିକାଶ ପାଇଁ ସବୁ ପ୍ରକାର ସାହାଯ୍ୟ ସହଯୋଗର ହାତବଢ଼ାଇବାକୁ ପ୍ରତିଶ୍ରୁତି ଦେଇଥିଲେ ।ଶେଷରେ ସଂଗ୍ରାମ କେଶରୀ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଇଣ୍ଡିଆନ ଆଇଡିଆଲ ସିଙ୍ଗର ଜ୍ୟୋତି ପ୍ରକାଶ ଓଝାଙ୍କ ଗୀତରେ ଦର୍ଶକଙ୍କୁ ମତୁଆଲ କରିଥିଲା। ବିଭିନ୍ନ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


## ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

କୋମନା,୨୮ ।୧(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସିଙ୍ଗାରିସ୍ଥିତ ମାୟାଧର ଫାର୍ମ ପରିସରରେ ଜିତାମିତ୍ର ହାଇସ୍କୁଲର ୧୯୮୧ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପରିବାର ଯୋଗଦେଇଥିଲେ। ବୈଠକ ମଦନ ମୋହନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ କମିଟି ଗଠିତ ହୋଇଥିଲା। ଏଥିରେ କୈଳାଶ ଚନ୍ଦ୍ର ଭୋଇ, ଶରତ ମିଶ୍ର,ସଦାନନ୍ଦ ସାହୁ,ପୁଷ୍ପା ସିଂ, ଗୁଡି ମିଶ୍ର,ଦେବାରଚନ ନିଆଳ,ପ୍ରଦୀପ ମହାଖୁଦ,ପଞ୍ଚାନନ ମୁଣ୍ଡ,ନୂତନ ଛାତ୍ରୀଆ,ହନୀପ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

## ରତ୍ନପଥର ପାଇଁ ଲୋକଙ୍କ ଭିଡ଼

ବୌଦ୍ଧ,୨୮ ।୧(ସମିସ): ବୌଦ୍ଧ ବ୍ଲକ୍ ବଘିଆପଡା ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟିଆପଡା ଗ୍ରାମରେ ରତ୍ନ ପଥର ମିଳିବା ଘଟଣା ପ୍ରଚାରିତ ହେବା ପରେ ସେହି ଅଞ୍ଚଳରେ ପଥର ସଂଗ୍ରହ ପାଇଁ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଦୁଇ ଦିନ ତଳେ ଖୁଣ୍ଟିଆପଡା ଠାରୁ ଯୋଗୀଭୋଗରା ରାସ୍ତା ନିର୍ମାଣ କାର୍ଯ୍ୟରେ ହାଇୱା ଯୋଗେ ମାଟି ପକାଇବା ସମୟରେ ସ୍ଥାନୀୟ ଲୋକେ ଧଳା ରଙ୍ଗର ଅର୍ଦ୍ଧ ସ୍ୱଚ୍ଛ ପଥର ଖଣ୍ଡ ପଡିଥିବା ଦେଖିବାକୁ ପାଇଥିଲେ। ଏଗୁଡିକ ମୂଲ୍ୟବାନ ରତ୍ନ ପଥର ଭାବି ଲୋକେ ସଂଗ୍ରହ କରିଥିଲେ। କିଛି ସମୟ ମଧ୍ୟରେ ଏହି ପଥର କିଲୋଗ୍ରାମ ପିଛା ୨୫ ଶହ ଟଙ୍କାରୁ ୫ ହଜାର ଟଙ୍କା ଲେଖାଏଁ ବିକ୍ରୟ ହେବ ବୋଲି ଆଖପାଖ ଅଞ୍ଚଳରେ ପ୍ରଚାର ହୋଇ ଯାଇଥିଲା। ଫଳରେ ରତ୍ନ ପଥର ସଂଗ୍ରହ ପାଇଁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ସୃଷ୍ଟି ହୋଇଛି ।ମଙ୍ଗଳବାର ମଧ୍ୟ ଅପରାହ୍ନ ସୁଦ୍ଧା ସ୍ଥାନୀୟ ଲୋକେ ବହୁ ପରିମାଣରେ ଏହି ପଥର ସଂଗ୍ରହ କରି ମହଜୁଦ୍ ରଖିଥିବା ସୂଚନା ମିଳିଛି।

## ରାସ୍ତା କଡ଼ରେ ପଡ଼ିଛି ବସ୍ତା ବସ୍ତା ସାନିଟାରୀ ନାପ୍‌କିନ୍



**କନ୍ଧମାଳ,୨୮ ।୧(ସମିସ):** ବିଦାଳୟରେ ଅଧ୍ୟୟନରତ କିଶୋରୀ ବାଳିକାଙ୍କ ବିଦ୍ୟାଳୟ ଉପସ୍ଥାନ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ କାର୍ଯ୍ୟକାରୀ କରାଯାଉଛି ମାଗଣା ସାନିଟାରୀ ନାପକିନ୍ ଯୋଜନା ଯାହାକି ଖୁସୀ ନମାରେ ନାମିତ। ଏହି ଯୋଜନା ଅନୁଯାୟୀ ପ୍ରତ୍ୟେକ ବିଦ୍ୟାଳୟରେ ଅଧ୍ୟୟନରତ ଷଷ୍ଠରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଙ୍କୁ ସାମିଲ କରାଯାଇ ପ୍ରତ୍ୟେକ ମାସରେ ନାପ୍‌କିନ ଦେବାକୁ ନିର୍ଦ୍ଦେଶ ରହିଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁଁ ଏହାରି ବଣ୍ଟନ କିପରି ହେଉଛି ତାହା ଏହି ଚିତ୍ରରୁ ସୁସ୍ପଷ୍ଟ। ସୋମବାର କନ୍ଧମାଳ ସଦରବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ଏକ କିଲୋମିଟର ଦୂର ଖଲିଆପାଲିଛକ ୪୧ ନଂ ରାଜ୍ୟରାଜପଥ କଡରେ ବସ୍ତ ବସ୍ତା ରାଜ୍ୟ ସରକାରଙ୍କ ଦ୍ୱାରା ବଣ୍ଟନ ହେବାକୁ ଥିବା ଏହି ଖୁସୀ ନାପ୍‌କିନ ପଡିଥିବା ଦେଖିବାକୁ ମିଳିଥିଲା। ଏତେ ପରିମାଣର ନାପକିନ୍ କେଉଁଠୁ ଆସିଲା ଏବଂ ରାସ୍ତା କଡରେ କିପରି ପଡିରହିଲା ତାହାରି କୌଣସି ସୂଚନା ମିଳି ପାରୁନଥିôବା ବେଳେ ଆଜି ଆଉ କିଛି ବସ୍ତା ରାସ୍ତା କଡରେ ଥିବା ଏକ କାନ୍ଥୁଲ ବାଡିରେ ପଡିଥିôବା ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ଏଭଳି ଏମ ମହତାଂକାକ୍ଷୀ ଯୋଜନାର ସଫଳତା ପାଇଁ ଦାୟୀତ୍ୱ ନିର୍ବାହ କରୁଥିବା ବିଭାଗ କେତେ ସଚେତନ ତାହା ଏଭଳି ରାସ୍ତା କଡେ ପଡିଥିବା ବସ୍ତା ବସ୍ତା ସେନିଟାରୀ ନେପକିନ୍‌ରୁ ସୁସ୍ପଷ୍ଟ। ଏଭଳି ଏକ ସମ୍ବେଦନୀଳ ଘଟଣା ସଂପର୍କେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବା ସହ ଏହି ଯୋଜନାର ସୁଫଳ ନିମନ୍ତେ ଦୃଷ୍ଟି ଦେବାକୁ ଦାବି ହେଉଛି।

ଅସୁରଗଡ଼ ଲୋକ ମହୋତ୍ସବ ଚତୁର୍ଥ ଦିବସ

## 'ଛି ଛି ଛି ରେ ନନୀ ଛି' ଗୀତରେ ଝୁମିଲେ ଦର୍ଶକ

**ମନମୁଣ୍ଡା,୨୮ ।୧(ସମିସ):** ମନମୁଣ୍ଡାରେ ଅନୁଷ୍ଠିତ ଦ୍ୱିତୀୟ ଅସୁରଗଡ ଲୋକ ମହୋତ୍ସବର ଚତୁର୍ଥ ଦିବସରେ୧୫ ଟି ସାଂସ୍କୃତିକ ଦଳ ଲୋକନୃତ୍ୟ ଚିତ୍ତାକର୍ଷକ ଉଚ୍ଚକୋଟୀର ତଥା ଖୁବ୍ ଆକର୍ଷଣୀୟ ରହିଥିଲା ।ସୁନାମଧନ୍ୟ ସାଂସ୍କୃତିକ ଦଳଙ୍କ ପରିବେଷଣରେ ଦର୍ଶକ ମତୁଆଲ ଥିବା ଦେଖିବାକୁ ମିଳିଥିଲା। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥି ପୂର୍ବତନ କନ୍ଧମାଳ ବିଧାୟକ ମହିଧର ରଣା, ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଜୋନ ନଂ-୨ ଜିଲ୍ଲାପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ। ତୃତୀୟ ଦିନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା,ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ମନମୁଣ୍ଡା ବିଦ୍ୟୁତ୍ ବିଭାଗ ଏସଡିଓ କାନ୍ଦାରିପୁ ଦିଲେଶ୍ୱର୍ ଆଚାର୍ଯ୍ୟ, ଜିଲ୍ଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର, ମୁଖ୍ୟବକ୍ତା ପ୍ରାଧ୍ୟାପକ ଡା.ଜ୍ୟୋତିରଂଜନ ବହିଦାର ପ୍ରମୁଖ ମହୋତ୍ସବ ବର୍ଣ୍ଣାଢ଼୍ୟ ଓ ଭବ୍ୟ ତଥା ବିରାଟ ଭାବେ ଆୟୋଜନ କରାଯାଇଥିବା ନେଇ ମଧ୍ୟ ଖୁବ୍ ପ୍ରଶଂସା କରିଥିଲେ। ଜିଲ୍ଲାସ୍ତରୀୟ ମହୋତ୍ସବ ପରି ୧୬୫ ଟି ଷ୍ଟଲ୍ ଖୋଲାଯାଇଥିବା ଆହୁରି ଅନେକ ଛୋଟ ବଡ଼ ଦୋକାନ ମଧ୍ୟ ମହୋତ୍ସବରେ ଥିବାବେଳେ ଆମୋଦ ପ୍ରମୋଦ ପାଇଁ ମିନା ବଜାର ମଧ୍ୟ ରହିଥିବାରୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ଭିଡ ଦେଖିବାକୁ ମିଳୁଛି। ପ୍ରକାଶ ଥାଉକି, ୨୫ ତାରିଖ ଦିନ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡ଼ାଙ୍ଗ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, କନ୍ଧମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ସମାଜସେବୀ ସୁଧୀର ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସ ରେ ବୀରମହାରାପୁରର ବିଧାୟକ ରଘୁନାଥ ଜଗଦଳା , ସମ୍ମାନିତ ଅତିଥିଭାବେ ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, କଂଗ୍ରେସ ନେତା ସରୋଜ କୁମାର ପ୍ରଧାନ, କବି ନରେନ୍ଦ୍ର କୁମାର ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦୁଇଦିନ ରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୫ ଟି ସାଂସ୍କୃତିକ ଦଳ ସେମାନଙ୍କ ଲୋକ ନୃତ୍ୟ ଇତ୍ୟାଦି ପରିବେଷଣ କରିଥିଲେ।

ସାଂସ୍କୃତିକ ସନ୍ଧ୍ୟା ବର୍ଣ୍ଣାଳୀ ଭାରତୀୟମ୍

## ସଂଗୀତ ଓ ନୃତ୍ୟରେ ଝୁମିଲେ ଦର୍ଶକ



ନୂଆପଡ଼ା,୨୮ ।୧(ସମିସ):

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସ୍ଥାନୀୟ ପୁଲିସପଡ଼ିଆରେ ନୃତ୍ୟଗୀତ ଭରା ସାଂସ୍କୃତିକ ସନ୍ଧ୍ୟା ଭାରତୀୟମ୍ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଖରିଆରରୋଡ ଏନ୍‌ଏସି ଅଧ୍ୟକ୍ଷା ଡ.ସୋନିଆ ଜୈନ ପ୍ରମୁଖ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଭିକି ଟାଇଗର ଟିମ୍, ସରକାରୀ ଉଚ୍ଚ ବିଦ୍ୟାଳୟ ଆମାନାରା, ଆଇଟିଆଇ, ଖରୀଆର ରୋଡ୍, ପିଏମ୍ ଶ୍ରୀ ନବୋଦୟ ବିଦ୍ୟାଳୟ, ତରବୋଡ, ସରକାରୀ ବିଦ୍ୟାଳୟ ସାଇପଲା, ଆଇଟିଆଇ ନୂଆପଡ଼ା ଏବଂ ସଂଗୀତ ସାଧନା, ଲୋଇସିଂହା ବିଭିନ୍ନ ଚିତ୍ତାକର୍ଷକ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ଭୁବନେଶ୍ୱରରୁ ଆସିଥିବା ସୁଶ୍ରୀ ବର୍ଣ୍ଣାଳି ହୋତା ଏବଂ ଟ୍ରୁପ୍ ବିଳମ୍ବିତ ରାତି ପର୍ଯ୍ୟନ୍ତ ନୃତ୍ୟ ସଙ୍ଗୀତରେ ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲେ। ମଧୁମିତା ମହାନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବରିଷ୍ଠ ରାଜସ୍ୱ ସହାୟକ ବିଭୁଦତ୍ତ ମିଶ୍ର ସଭା ସଂଯୋଜନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମହରା ସମାରୋହର ଆୟୋଜନ କରିଥିଲେ।

ସକାଳ
THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୫୩ ● ପାଉଣ୍ଡ ୧୦୭.୭୨
- ୟୁରୋ ୯୦.୩୧ ● ୟେନ୍ ୦.୫୫

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୭୫,୫୬୦ (ନୂଆଦିଲ୍ଲୀ)
- ରୁପା : ୯୯,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୯୦୧.୦୦
- ନିଫ୍ଟି ୨୨,୯୫୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



**'ଉତ୍କର୍ଷ ଓଡ଼ିଶା' ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ -୨୦୨୫**

# ପ୍ରଥମ ଦିନରେ ୪.୫ ଲକ୍ଷ କୋଟିର ପ୍ରସ୍ତାବ

ଭୁବନେଶ୍ୱର,୨୮ ।୧(ସମିସ)

'ଉତ୍କର୍ଷ ଓଡ଼ିଶା' ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ -୨୦୨୫ରେ ଦେଶର ବିଭିନ୍ନ କ୍ଷେତ୍ରରେ ନିବେଶକମାନେ ଯୋଗଦେଇଛନ୍ତି। ଏହି ଶିଳ୍ପ ମହାକୁମ୍ଭର ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଶିଳ୍ପ କ୍ଷେତ୍ରର ମହାରଥୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ କ୍ଷେତ୍ରର ନେତୃବୃନ୍ଦଙ୍କ ମଧ୍ୟରେ ଜେଏସ୍‌ପି ମୁଖ୍ୟ ନବୀନ ଜିନ୍ଦଲ,ଜେଏସ୍‌ଡବ୍ଲ୍ୟୁ ମୁଖ୍ୟ ସଜ୍ଜନ ଜିନ୍ଦଲ, ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ, ବିର୍ଲା ଗ୍ରୁପ୍ ମୁଖ୍ୟ କୁମାର ମଙ୍ଗଳମ୍ ବିର୍ଲା, ଗୌତମ ଆଦାନୀଙ୍କ ପୁଅ କରଣ ଆଦାନୀ ଏବଂ ଟାଟା ଷ୍ଟିଲର ଗ୍ଲୋବାଲ୍ ସିଇଓ ଟିଭି ନରେନ୍ଦ୍ରନ୍ ଉପସ୍ଥିତ ଥିଲେ। ଏହି ଶିଳ୍ପ ମହାକୁମ୍ଭର ପ୍ରଥମ ଦିନରେ ରାଜ୍ୟକୁ ଆସିଛି ବହୁ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ। କାର୍ଯ୍ୟକ୍ରମରେ ଶିଳ୍ପପତି ମାନେ ରାଜ୍ୟ ସରକାରଙ୍କ ସହ ୫୪ଟି ବୁଝାମଣାପତ୍ର (ଏମ୍‌ଓୟୁ)ରେ ସ୍ୱାକ୍ଷର କରିଛନ୍ତି। ଏଥିରେ ମୋଟ ସାଢ଼େ ଚାରି ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଏଥିରେ ଆଦାନୀ



ଗ୍ରୁପ ପକ୍ଷରୁ ସର୍ବାଧିକ ୨.୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହାଛଡା ଆଇଟି ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ୨୦,୯୦୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ମିଳିଛି। ମୋଟାମୋଟି ଭାବେ ପ୍ରଥମ ଦିନରୁ ଇସ୍ପାତଠାରୁ ଆରମ୍ଭ କରି ବନ୍ଦର,,ଆଇଟି/ଆଇଟିଏସ୍, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର୍ ଏବଂ ଡାଟା ସେଣ୍ଟର ଆଦ କ୍ଷେତ୍ରରେ ନିବେଶ ପ୍ରସ୍ତାବ ଆସିଥିବା ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

'ଉତ୍କର୍ଷ ଓଡ଼ିଶା' ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ -୨୦୨୫ର ଉଦ୍‌ଘାଟନୀ ଦିବସରେ ଯେଉଁ ପ୍ରାୟ ୧୦୦ରୁ ଅଧିକ ନିବେଶ ସ୍ୱୀକୃତି(ଇଣ୍ଟେଣ୍ଟ) ଆସିଛି ସେଥିରୁ ରାଜ୍ୟକୁ ସାଢ଼େ ଚାରି ଲକ୍ଷ କୋଟି ଟଙ୍କାର ପୁଞ୍ଜିପ୍ରବାହ ହେବ। ଆସନ୍ତା ୫ ବର୍ଷରେ ଆଦାନୀ ଗ୍ରୁପ ରାଜ୍ୟରେ ୨.୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ସେହିପରି ଜିନ୍ଦଲ ଗ୍ରୁପ୍ ଅନୁଗୁଳସ୍ଥିତ ଷ୍ଟିଲ ପ୍ଲାଣ୍ଟ ସମ୍ପ୍ରସାରଣ ପାଇଁ ୭୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶ ଲାଗି ଘୋଷଣା କରିଥିବାବେଳେ ଆଦିତ୍ୟ ବିର୍ଲା ଗ୍ରୁପ ବିର୍ଲା ଗ୍ରୁପ କପର ଫଏଲ୍ ପ୍ଲାଣ୍ଟ ସ୍ଥାପନ ପାଇଁ ଏମ୍‌ଓୟୁ ସ୍ୱାକ୍ଷର କରିଛି। ଜେଏସ୍‌ପି ଅଧ୍ୟକ୍ଷ ନବୀନ ଜିନ୍ଦଲ କେନ୍ଦୁଝରରେ ଷ୍ଟିଲ ପ୍ଲାଣ୍ଟ ବସାଇବାନ୍ଇେ କମ୍ପାନୀର ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି। ଆହୁରିମଧ୍ୟ କେନ୍ସ ଟେକ୍ନୋଲୋଜି ଓଡ଼ିଶାର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ୧,୫୦୦ କୋଟି ଟଙ୍କା ନିବେଶ ପ୍ରତିଶ୍ରୁତି ଦେଇଛି। କନ୍‌କ୍ଲେଭ୍‌ରେ ବିଶେଷ କରି ଆଇଟି/ଆଇଟିଏସ୍, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର୍, ଡାଟା ସେଣ୍ଟର୍ ଏବଂ ଅନ୍ୟାନ୍ୟ ସହଯୋଗୀ କ୍ଷେତ୍ରଗୁଡ଼ିକରେ ପାଖାପାଖି ୨୦,୯୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। ଏହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ସୁନିଶ୍ଚିତ କରିବ।ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ପ୍ରମୁଖ ଶିଳ୍ପପତିଙ୍କ ସମେତ ପ୍ରାୟ ୭୫୦୦ ପ୍ରତିନିଧି ଯୋଗଦେଇଛନ୍ତି।

- କେନ୍ଦୁଝରରେ ଷ୍ଟିଲ ପ୍ଲାଣ୍ଟ ବସାଇବ ଜିନ୍ଦଲ ଗ୍ରୁପ
- ଶିଳ୍ପ ପତି ସ୍ୱାକ୍ଷର କଲେ ୫୪ ଏମ୍‌ଓୟୁ
- ଆଦାନୀ ଗ୍ରୁପର ସର୍ବାଧିକ ୨.୩ ଲକ୍ଷ କୋଟିର ନିବେଶ ପ୍ରସ୍ତାବ
- ଆଇଟି ଏବଂ ଇଲେକ୍ଟ୍ରୋନିକ୍ସରେ ୨୦,୯୦୦ କୋଟିର ନିବେଶ ପ୍ରତିଶ୍ରୁତି

## ଶ୍ରୀମନ୍ଦିରକୁ ହିରୋ ମୋଟୋକର୍ପର ନୂଆ ସ୍କୁଟର ଦାନ



ପୁରୀ,୨୮।୧(ସମିସ): ହିରୋ ମୋଟୋକର୍ପର ଅଧିକୃତ ଶୋ'ରୁମ୍ ପୁରୀର ସଞ୍ଜୀବ ହିରୋ ପକ୍ଷରୁ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନକୁ ନୂଆ ସ୍କୁଟର ଡେଷ୍ଟିନି-୧୨୫ ଏକ୍ସଟେକ୍ ପ୍ରଦାନ କରାଯାଇଛି। ପୁରୀ ବଜାରକୁ ପ୍ରବେଶ ପୂର୍ବରୁ ପ୍ରଥମ ଗାଡି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ କମ୍ପାନୀ ପକ୍ଷରୁ ଦାନ ଦିଆଯାଇଛି। ମହାପ୍ରଭୁଙ୍କ ସେବା କାର୍ଯ୍ୟରେ ବିଶେଷକରି ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ଉଦ୍ଦେଶ୍ୟରେ ଏହା ବ୍ୟବହାର କରାଯିବ। ସନ୍ଧ୍ୟାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ଦିର ପ୍ରଶାସନକୁ ଏହାର ଚାବି ହସ୍ତାନ୍ତର କରାଯାଇଛି। ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଅମିତ୍ କୁମାର ମଲ୍ଲିକ, ହିରୋ ମୋଟୋକର୍ପର ଜୋନାଲ ହେଡ୍ ଲକ୍ଷ୍ମୀ ସାହା ନାଲୁରା, ଏରିଆ ମ୍ୟାନେଜର ଉଜ୍ଜ୍ୱଳ କୋହଲି ଏହି ସ୍କୁଟର ଚାବି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢୀ, ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର କୁମାର ମହାନ୍ତି, ପୁରୀ ସଞ୍ଜୀବ ହିରୋର ମ୍ୟାନେଜର ଅମ୍ବିକା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସଞ୍ଜୀବ ହିରୋର ଏମ୍‌ଡି ଶ୍ରୀ ମଲ୍ଲିକ କହିଛନ୍ତି, ଅନେକ ନୂତନ ଫିଚର୍ସ ସହ ହିରୋ ମୋଟୋକର୍ପ ପକ୍ଷରୁ ଏହି ସ୍କୁଟର ବାଜରକୁ ଆସିଛି। ବୁଧବାର ଟାଉନ ହଲ୍‌ସ୍ଥିତ ଶୋ' ରୁମ୍‌ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଏହା ବଜାରକୁ ପ୍ରବେଶ କରିବ। ତେବେ ଏହାର ଅବ୍ୟବହିତ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଥମ ଗାଡି ପ୍ରଦାନ କରାଯାଇଛି। ଆଶା ରଖିଛୁ ମହାପ୍ରଭୁଙ୍କ ସେବାରେ ଏହି ଗାଡିଟି ବ୍ୟବହାର ହେବ। ଏହାର ୱାରେଣ୍ଟି, ଇନ୍ସୁରାନ୍ସ, ମେଣ୍ଟେନାନ୍ସ ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ କମ୍ପାନୀ ପକ୍ଷରୁ ବହନ କରାଯିବ ବୋଲି ଏମ୍‌ଡି ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ସଞ୍ଜୀବ ହିରୋ ପକ୍ଷରୁ ପୂର୍ବରୁ ଶ୍ରୀମନ୍ଦିରକୁ ଏକ ଗ୍ଲାମର ମୋଟରସାଇକେଲ ମଧ୍ୟ ପ୍ରଦାନ କରାଯାଇଥିଲା।

## 'ଦେଶ ବିଦେଶର ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରୁଛି ଓଡ଼ିଶା'

ଭୁବନେଶ୍ୱର,୨୮।୧(ସମିସ): ଓଡ଼ିଶା ଆଜି କେମିକାଲ, ପେଟ୍ରୋ-କେମିକାଲ ଏବଂ ପ୍ଲାଷ୍ଟିକ ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଗ୍ରଗତି କରୁଛି ଏବଂ ଦେଶ ବିଦେଶର ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରୁଛି । ଓଡ଼ିଶା ଆଜି କେବଳ ଦେଶ ମଧ୍ୟରେ ଶିଳ୍ପ ଉତ୍ପାଦନକୁ ପହଞ୍ଚାଇପାରିଛି ତାହା ନୁହେଁ, ଅନ୍ତର୍ଜାତୀୟ କ୍ଷେତ୍ରରେ ମଧ୍ୟ ନିଜ ପାଇଁ ଏକ ସ୍ୱତନ୍ତ୍ର ବଜାର ସୃଷ୍ଟି କରିପାରିଛି। ଉତ୍କର୍ଷ ଓଡ଼ିଶା ସମ୍ମିଳନୀ-୨୦୨୫ ଅବସରରେ ଆୟୋଜିତ କେମିକାଲ, ପେଟ୍ରୋ କେମିକାଲ ଓ ପ୍ଲାଷ୍ଟିକ୍ ଶୀର୍ଷକ ଆଲୋଚନା ଚକ୍ର ଅବସରରେ ପୁଞ୍ଜି ନିବେଶକ ଓ ଶିଳ୍ପ ସଂସ୍ଥାର ପ୍ରତିନିଧିମାନଙ୍କୁ ଉଦବୋଧନ ଦେବା ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏନେଇ ମତବ୍ୟକ୍ତ କରିଛନ୍ତି।

## ଓଡ଼ିଶାର ଶହେତମ ଜନ୍ମ ଦିନରେ ଶହେ ଷ୍ଟାର୍ଟଅପ୍ ଲକ୍ଷ୍ୟ: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୮।୧(ସମିସ)



ଓଡ଼ିଶା ୨୦୩୬ ମସିହାରେ ଏହାର ଶହେ ତମ ଜନ୍ମ ଦିବସ ପାଳନ କରିବାକୁ ଯାଉଛି। ସେହି ସମୟ ସୁଦ୍ଧା ୧୦୦ କୋଟି ଟଙ୍କାର ୧୦୦ ଷ୍ଟାର୍ଟଅପ୍ ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ ଷ୍ଟାର୍ଟ ଅପଗୁଡ଼ିକୁ ନିବେଶକଙ୍କ ସହ ସମନ୍ୱୟ ସ୍ଥାପନ କରିବା ପାଇଁ ଆବଶ୍ୟକୀୟ ସମ୍ବଳ, ସହଯୋଗ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଯେପରି ରାଜ୍ୟରୁ ୧୦୦ ଜଣ ଉଦ୍ୟମୀ ବାହାରିବେ ବୋଲି ମଙ୍ଗଳବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରରେ ଆୟୋଜିତ ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ଯୋଗ ଦେଇ ଏହା କହିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଖୁବ୍ ଶୀଘ୍ର ଷ୍ଟାଟ୍‌ଅପ୍ ପଲିସି ଆସିବ। ଏଥିପାଇଁ ଯୁବ ଉଦ୍ୟମୀଙ୍କ ସହ ଆଲୋଚନା କରାଯିବ। ସେହିପରି ବିଶ୍ୱବିଦ୍ୟାଳୟରେ ପାଠପଢା ଗବେଷଣା ଆଧାରିତ ହେଲେ ଯୁବପିଢିଙ୍କ ମଧ୍ୟରେ ଷ୍ଟାର୍ଟଅପର ସୃଜନଶୀଳତା ବଢିବ। ଓଡ଼ିଶାରେ ଆଇଆଇଟି ଭୁବନେଶ୍ୱର, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଏନଆଇଟି ରାଉରକେଲା ଭଳି ନାମୀଦାମୀ ଅନୁଷ୍ଠାନ ରହିଛି। ଏହି ଜ୍ଞାନ କେନ୍ଦ୍ରଗୁଡ଼ିକ ଆମ ଯୁବବର୍ଗଙ୍କ ଭବିଷ୍ୟତ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଉତ୍କର୍ଷ ଓଡ଼ିଶାରେ ଅନେକ କ୍ଷୁଦ୍ର, ମଧ୍ୟମ ଓ ବୃହତ ଶିଳ୍ପର ନିବେଶକମାନେ ସାମିଲ ହୋଇଛନ୍ତି। ରାଜ୍ୟରେ ପୁଞ୍ଜିନିବେଶ ବଢିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ତେବେ ଆମ ପାଇଁ ପ୍ରାଥମିକ ଚ୍ୟାଲେଞ୍ଜ ହେଉଛି ରାଜ୍ୟର ସମସ୍ତ ସମ୍ଭାବନାକୁ ଓଡ଼ିଶାରେ ଉପଯୋଗ କରିବା ପାଇଁ ପଡ଼ିବ, ତାହା ହିଁ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଓ ରଣନୀତି। ଓଡ଼ିଶାରେ ଷ୍ଟାର୍ଟଅପକୁ ନେଇ ଅନେକ ଗୁଡ଼ିଏ ଏମଓୟୁ ସ୍ୱାକ୍ଷର ହେବା ଖୁସିର ବିଷୟ। ଓଡ଼ିଶା ପାଖରେ ଯେଉଁ ସମ୍ଭାବନା ଅଛି ସେଥିରେ ଆମେ ଷ୍ଟାର୍ଟଅପ୍ ଆଧାରିତ ଅର୍ଥନୀତି ରାଜ୍ୟ ହୋଇ ପାରିବ। ଉତ୍କର୍ଷ ଓଡ଼ିଶା କେବଳ ଏକ କାର୍ଯ୍ୟକ୍ରମ ନୁହେଁ। ଏହା ପୂର୍ବୋଦୟର ଗର୍ବ ଓ ଗୌରବ। ପୂର୍ବୋଦୟ ମିଶନକୁ ସଫଳ କରିବା ପାଇଁ ଉତ୍କର୍ଷ ଓଡ଼ିଶାର ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି ।

## ଟିଟାନିୟମ୍ ଡାଇଓକ୍ସାଇଡ୍ ପ୍ଲାଣ୍ଟ ପାଇଁ ଫାଲକନ୍ ଗ୍ରୁପର ଏମ୍‌ଓୟୁ



ଭୁବନେଶ୍ୱର,୨୮ ।୧(ସମିସ): ଫାଲକନ୍ ଗ୍ରୁପର ଏକ ୟୁନିଟ୍ ଫାଲକନ୍ ହୋଲ୍ଡିଂସ୍ ପ୍ରାଇଭେଟ୍ ଲିମିଟେଡ ରାଜ୍ୟରେ ଏକ ଟିଟାନିୟମ୍ ଡାଇଓକ୍ସାଇଡ୍ (ଟିଆଇ୦୨) ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯାଉଛି। ଏହି ପ୍ରକଳ୍ପ ପାଇଁ 'ଉତ୍କର୍ଷ ଓଡ଼ିଶା' ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ -୨୦୨୫ରେ ଆଜି ଗ୍ରୁପ ପକ୍ଷରୁ ୧୦୫୦ କୋଟି ଟଙ୍କାର ନିବେଶ ଯୋଜନା କରାଯାଇଛି। କରାଯିବାର ସ୍ଥିର ହୋଇଛି । ଏହି ପ୍ଲାଣ୍ଟରେ ଉତ୍ପାଦନ କ୍ଷମତା ବାର୍ଷିକ ୩୦,୦୦୦ ଟନ୍ ରହିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଫାଲକନ୍ ହୋଲ୍ଡିଂସ୍ ପ୍ରାଇଭେଟ୍ ଲିମିଟେଡର ଡାଇରେକ୍ଟର ପାର୍ଥଜୀତ ପଟ୍ଟନାୟକ ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ପେଣ୍ଟ୍ସ, କୋଟିଙ୍ଗ, ପ୍ଲାଷ୍ଟିକ୍ସ ଏବଂ ବସ୍ତ୍ର ଶିଳ୍ପରେ ଟିଆଇ୦୨ ର ଉତ୍ପାଦନ ଆବଶ୍ୟକତା ପୂରଣ କରାଯିବ। ଏହାସହ ୪୫୦ କୋଟିର ମଲ୍ଟି-ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ କମ୍ପ୍ଲେକ୍ସ ଏବଂ ଏଆଇ ଏବଂ ରୋବୋଟିକ୍ ଚିକିତ୍ସା ସୁବିଧା ସହିତ ୫୦୦ ଶଯ୍ୟା ବିଶିଷ୍ଟ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ ମଧ୍ୟ ଖୋଲିବ। ଆର୍ଥିକ ସମୃଦ୍ଧ ବୃଦ୍ଧି କରିବା ସହିତ ଏହି ନିବେଶ ସୃଷ୍ଟି କରିବ ୫୦୦୦ ରୁ ଉର୍ଦ୍ଧ ରୋଜଗାର। ଏହି ଅବସରରେ ପାର୍ଥଜୀତ ପଟ୍ଟନାୟକ କହିଛନ୍ତି ଯେ, ଟିଆଇ୦୨ ପ୍ଲାଣ୍ଟ ଓଡିଶାର ଉଦ୍ୟୋଗ ଏବଂ ଆର୍ଥିକ ବିକାଶରେ ଏକ ମୁଖ୍ୟ ଅଂଶ ହେବ। ଏହି ପ୍ରକଳ୍ପ ଓଡିଶାକୁ ଶ୍ରେଷ୍ଠ ବ୍ୟବସାୟ ଗନ୍ତବ୍ୟ ଭାବେ ପ୍ରସିଦ୍ଧ କରିବାକୁ ସାହାଯ୍ୟ କରିବ

## କେନ୍ଦୁଝରରେ ଇସ୍ପାତ କାରଖାନା ସ୍ଥାପନ କରିବ ଜେଏସ୍‌ପି

ଭୁବନେଶ୍ୱର, ୨୮।୧(ସମିସ): ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାର (ଜେଏସପି) ଆଗାମୀ ବର୍ଷଗୁଡିକରେ ଓଡ଼ିଶାରେ ଆହୁରି ୭୦,୦୦୦ କୋଟି ଟଙ୍କା ନିବେଶ କରିବାକୁ ଯୋଜନା କରିଛି। ଏଥିରେ କମ୍ପାନୀ କେନ୍ଦୁଝର ଜିଲାରେ

**ଓଡ଼ିଶାରେ ୭୦ ହଜାର କୋଟି ନିବେଶ କରିବ ଗ୍ରୁପ**



ଏକ ଇସ୍ପାତ କାରଖାନା ସ୍ଥାପନ କରିବାକୁ ପ୍ରସ୍ତାବ ରଖିଛି। ଏହା ରାଜ୍ୟର ଶିଳ୍ପ ଅଭିବୃଦ୍ଧି ଏବଂ ସାମୁଦାୟିକ ବିକାଶକୁ ଅଧିକ ସୁଦୃଢ଼ କରିବ। 'ଉତ୍କର୍ଷ ଓଡ଼ିଶା' ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ -୨୦୨୫ କାର୍ଯ୍ୟକ୍ରମରେ ଯୋଗ ଦେଇ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ ଆଜି ଏହି ଘୋଷଣା କରିଛନ୍ତି। ଏହି ଅବସରରେ ଶ୍ରୀ ଜିନ୍ଦଲ କହିଛନ୍ତି ଓଡ଼ିଶାବାସୀଙ୍କ ବିକାଶ ସହ ଓଡ଼ିଶାକୁ ଶିଳ୍ପକ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ଆମର ଲକ୍ଷ୍ୟ। ଏହି ଅତିରିକ୍ତ ୭୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ କେବଳ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ଓଡ଼ିଶାର ହଜାର ହଜାର ପରିବାରର ଜୀବନଧାରଣର ମାନରେ ଉନ୍ନତି ଆଣିବ ଏବଂ ଭାରତକୁ ଅଧିକ ଆତ୍ମନିର୍ଭରଶୀଳ କରିବ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ କେନ୍ଦୁଝର ଜିଲ୍ଲାରେ ଏକ ଇସ୍ପାତ କାରଖାନା ସ୍ଥାପନ ପାଇଁ ଆମେ ପ୍ରୟାସ କରୁଛୁ ବୋଲି ସେ କହିଛନ୍ତି। ଜେଏସପି ପୂର୍ବରୁ ଅନୁଗୁଳରେ ଇସ୍ପାତ ଉତ୍ପାଦନ ପାଇଁ ଭାରତର ପ୍ରଥମ କୋଲ ଗ୍ୟାସିଫିକେସନ୍ ପ୍ଲାଣ୍ଟ ପରିଚାଳନା କରୁଛି, ଯାହା ପରିବେଶ ଅନୁକୂଳ ହେବ ସହିତ ଆମଦାନୀ ହେଉଥିବା କୋକିଂ କୋଲ ଉପରେ ନିର୍ଭରଶୀଳତା କମ୍ କରିପାରିଛି । ଅନୁଗୁଳ ଇସ୍ପାତ କାରଖାନାର କ୍ଷମତା ଚଳିତ ବର୍ଷ ଦ୍ୱିଗୁଣିତ ହୋଇ ବାର୍ଷିକ ୬ ନିୟୁତ ଟନରୁ ବାର୍ଷିକ ୧୨ ନିୟୁତ ହେବ ଏବଂ ୨୦୩୦ ସୁଦ୍ଧା ଏହା ବାର୍ଷିକ ୨୫.୨ ନିୟୁତ ଟନରେ ପହଞ୍ଚିବ, ଯାହା ବିଶ୍ୱର ସର୍ବବୃହତ ଇସ୍ପାତ କାରଖାନା ହେବ।

## ରାଜ୍ୟରେ ପ୍ରତିଷ୍ଠା ହେବ ଏଆଇ କମ୍ପ୍ୟୁଟ୍ ଫେସିଲିଟି ଓ ଡାଟା ସେଣ୍ଟର

ଭୁବନେଶ୍ୱର, ୨୮ ।୧(ସମିସ)



**ରେଲରେ ୭୩ ହଜାର କୋଟି, ଦୂରସଞ୍ଚାରରେ ୫୦୩୩ କୋଟି, ଆଇଟିରେ ୭ ହଜାର କୋଟି ନିବେଶ**

ଦେଶର ସେମିକଣ୍ଡକ୍ଟର ବିକାଶ ଯାତ୍ରାରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପାଇଁ ଓଡ଼ିଶାକୁ ଖୁବଶୀଘ୍ର ଏକ ଆଇଟି କେନ୍ଦ୍ରସ୍ଥଳୀରେ ପରିଣତ କରାଯିବ। ଓଡ଼ିଶା ସରକାର ଏଥିପାଇଁ ଭୁବନେଶ୍ୱର ମଧ୍ୟଭାଗରେ ୩ ଲକ୍ଷ ବର୍ଗଫୁଟ ଜମି ଆବଣ୍ଟନ କରିଛନ୍ତି ଏବଂ ଆଇଟି ଶିଳ୍ପର ବିକାଶ ପାଇଁ ଖୁବଶୀଘ୍ର ଆଉ ୧୨ ଲକ୍ଷ ବର୍ଗଫୁଟ ଜମି ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି । ଆଇଟି କମ୍ପାନୀଗୁଡ଼ିକ ପାଇଁ ମୋଟ୍ ୧୫ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ଉଚ୍ଚ ମାନର ସୁବିଧା ଯୋଗାଇ ଦିଆଯିବ ବୋଲି ଉତ୍କର୍ଷ ଓଡ଼ିଶା - ମେକ ଇନ୍ ଓଡ଼ିଶା ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

ସମ୍ମିଳନୀରେ ଆଇଟି/ଆଇଟିଇଏସ/ଇଏସଡିଏମ ଉପରେ ଆୟୋଜିତ କ୍ଷେତ୍ରୀୟ ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଓଡ଼ିଶା ଏକ ବଜେଟ ବଳକା ରାଜ୍ୟ। ଓଡ଼ିଶାରେ ରେଳବାଇ କ୍ଷେତ୍ରରେ ୭୩ ହଜାର କୋଟି ଟଙ୍କା ଏବଂ ଦୂରସଞ୍ଚାର କ୍ଷେତ୍ରରେ ୫୦୩୩ କୋଟି ଟଙ୍କା ନିବେଶ କରାଯାଇଥିବାବେଳେ ଆଇଟି କ୍ଷେତ୍ରରେ ୭ହଜାର କୋଟି ଟଙ୍କା ନିବେଶ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ସେମିକଣ୍ଡକ୍ଟର ମିଶନ ବେଶ୍ ପ୍ରଗତି ହାସଲ କରିଛି। ମାତ୍ର ୬୦ରୁ ୯୦ ଦିନ ମଧ୍ୟରେ ୫ଟି ପ୍ରକଳ୍ପକୁ ମଞ୍ଜୁରି ମିଳିସାରିଛି।

ଇଣ୍ଡିଆ ଏଆଇ କମ୍ପ୍ୟୁଟ୍ କେନ୍ଦ୍ର ଠାରେ ୧୮ ହଜାର ଜିପିୟୁ ସୃଷ୍ଟି କରିବା ଲାଗି ଭାରତକୁ କମ୍ପ୍ୟୁଟ୍ ବିଡ୍ ମିଳିସାରିଛି । ଏହା ଧାର୍ଯ୍ୟ ଲକ୍ଷ୍ୟ ୧୦ହଜାର ଜିପିୟୁ ଠାରୁ ବେଶ ଅଧିକ ହେବ। ରାଜ୍ୟ ସରକାରଙ୍କ ସହଯୋଗରେ ଓଡ଼ିଶାରେ ମଧ୍ୟ ଏଆଇ କମ୍ପ୍ୟୁଟ୍ ଫେସିଲିଟି ଓ ଡେଟା ସେଣ୍ଟର ପ୍ରତିଷ୍ଠା କରିବ ବୋଲି ଶ୍ରୀ ବୈଷ୍ଣବ ଘୋଷଣା କରିଛନ୍ତି।

## ରାୟଗଡ଼ାରେ ବେଦାନ୍ତ କରିବ ଆଲୁମିନିୟମ୍ ପ୍ରକଳ୍ପ

ଭୁବନେଶ୍ୱର,୨୮।୧(ସମିସ): ବେଦାନ୍ତ ଲିମିଟେଡ୍ ରାଜ୍ୟର ରାୟଗଡାଠାରେ ଏକ ଆଲୁମିନିୟମ୍ ପ୍ରକଳ୍ପ ନିର୍ମାଣ କରିବ। କମ୍ପାନୀ ଓଡିଶା ସରକାରଙ୍କ ସହ ୧ ଲକ୍ଷ କୋଟି ଟଙ୍କାର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ର ଉଦ୍‌ଘାଟନୀ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବେଦାନ୍ତ ଲିମିଟେଡ ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସମଗ୍ର ରାଜ୍ୟରେ ବିଶ୍ୱସ୍ତରୀୟ ଆଲୁମିନିୟମ ଉତ୍ପାଦନ କାରଖାନା ପ୍ରତିଷ୍ଠା ଓ ନିରନ୍ତର ବିକାଶକୁ ପ୍ରୋତ୍ସାହନ ଦେଇ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏହି ପରିବର୍ତ୍ତନକାରୀ ପ୍ରତିବଦ୍ଧତାର ଲକ୍ଷ୍ୟ। ଏହି ସହଭାଗିତା ମଧ୍ୟରେ ବାର୍ଷିକ ୩ ନିୟୁତ ଟନ୍ ଆଲୁମିନିୟମ ପ୍ଲାଣ୍ଟ ଏବଂ ଆଲୁମିନିୟମ ପାର୍କର ବିକାଶ ଅନ୍ତର୍ଭୁକ୍ତ ରହିଛି ଯାହା ଆଲୁମିନିୟମ୍ ଉତ୍ପାଦର ଡାଉନଷ୍ଟ୍ରିମ୍ ଉତ୍ପାଦନକାରୀଙ୍କ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବାକୁ ଯାଉଛି। ଏହି ପଦକ୍ଷେପ କେବଳ ବିଶ୍ୱ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୁଦୃଢ଼ କରିବ ନାହିଁ, ବରଂ ୨ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ଅଗ୍ରୱାଲ ସୂଚନା ଦେଇଛନ୍ତି।

**ନିବେଶ ହେବ ୧ ଲକ୍ଷ କୋଟି**





# ଗେମିଂ ଇଣ୍ଡଷ୍ଟ୍ରିରେ କ୍ୟାରିୟର

ଗେମିଂ ଇଣ୍ଡଷ୍ଟ୍ରି ଏକ ମନୋରଞ୍ଜନ କ୍ଷେତ୍ର । ଆଜିର ଡିଜିଟାଲ ଯୁଗରେ ଦିନକୁ ଦିନ ଏହାର ଚାହିଦା ବୃଦ୍ଧି ପାଉଛି । ବଜାରକୁ ନୂଆ ଓ ଉନ୍ନତମାନର ଭିଡିଓ ଗେମ୍ ଆସୁଛି । ଅନ୍ୟପକ୍ଷରେ ଗେମ୍ ମାଧ୍ୟମରେ ପିଲାମାନେ ସେମାନଙ୍କର ସୃଜନଶୀଳତା ଦେଖାଉଛନ୍ତି । ତେବେ ଗେମ୍‌ର ଚାହିଦାକୁ ଦୃଷ୍ଟିରେ ରଖି ଏହି ଉଦ୍ୟୋଗରେ ବିଭିନ୍ନ ପ୍ରକାର କ୍ୟାରିୟର ବିକଳ୍ପ ଅଛି ।





**ଡେଭ୍‌ଲପର୍:** ଭିଡିଓ ଗେମ୍ ତିଆରି କରିବା କ୍ଷେତ୍ରରେ ଗେମ୍ ଡେଭଲପର ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି । ଏଥିରେ ଗେମ୍ ଡିଜାଇନ୍, ପ୍ରୋଗ୍ରାମିଂ, ଟେଷ୍ଟିଂ ଏବଂ ଗେମ୍ ଲଞ୍ଚ୍ କରିବା କାମ ସାମିଲ ଅଛି ।

**ଡିଜାଇନର:** ଗେମ୍ ଡିଜାଇନର ଖେଳର କାହାଣୀ, ନିୟମ ଏବଂ ଗେମ୍ ପ୍ଲେ'କୁ ଡିଜାଇନ କରିଥାନ୍ତି । ସେହିପରି ଗେମ୍ ଖେଳିବାକୁ ଯେମିତି ମଜା ଲାଗିବ, ସେକଥାକୁ ସେମାନେ ସୁନିଶ୍ଚିତ କରିଥାନ୍ତି ।

**ଆର୍ଟିଷ୍ଟ:** ଗେମ୍‌କୁ ଅଧିକ ଆକର୍ଷଣୀୟ କରିଥାନ୍ତି ଗେମ୍ ଆର୍ଟିଷ୍ଟ । ସେମାନେ ଗେମ୍ ପାଇଁ ଗ୍ରାଫିକ୍ସ, ଆନିମେସନ ଏବଂ ଭିଜୁଆଲ ଇଫେକ୍ଟସ୍ ତିଆରି କରନ୍ତି । ସେହିପରି ଗେମ୍ କିଭଳି ଅଧିକ ଆକର୍ଷଣୀୟ ଲାଗିବ, ସେ ଦିଗରେ ସେମାନେ ଯତ୍ନବାନ ହୋଇଥାନ୍ତି ।

**ପ୍ରୋଗ୍ରାମର:** ଗେମ୍ ପ୍ରୋଗ୍ରାମର ଗେମ୍‌ର କୋଡିଂ ଏବଂ ପ୍ରୋଗ୍ରାମିଂର ମୁଖ୍ୟ କାମ ତୁଲାନ୍ତି । ଗେମ୍‌ରେ ମେକାନିକ୍‌କୁ ସେମାନେ ଲାଗୁ କରିଥାନ୍ତି ।

**ପ୍ରଡ୍ୟୁସର:** ଗେମ୍‌ର ସମସ୍ତ କାମର ଦାୟିତ୍ୱ ନେଇଥାନ୍ତି ଗେମ୍ ପ୍ରଡ୍ୟୁସର । ସମୟ ଓ ବଜେଟ୍ ମଧ୍ୟରେ ଗେମ୍ ଯେଭଳି ପୂରା ହେବ, ତାହା ସେମାନେ ନିର୍ଦ୍ଧାରଣ କରିଥାନ୍ତି ।

**ଆନିମେଟର:** ଗେମ୍‌ର ଚରିତ୍ର ଓ ଉପାଦାନ ଉପରେ ଗୁରୁତ୍ୱ ଦିଅନ୍ତି ଗେମ୍ ଆନିମେଟର । ଗେମ୍‌କୁ ଅଧିକ ଇଣ୍ଟରଆକ୍ଟିଭ୍ କରିବା ସେମାନଙ୍କ କାମ ।

**ଗେମ୍ ସାଉଣ୍ଡ ଡିଜାଇନର:** ଗେମ୍ ଖେଳିବା ବେଳେ ସେଥିରୁ ଶବ୍ଦ ନ ଆସିଲେ ମଜା ଲାଗେ ନାହିଁ । ଗେମ୍ ଖେଳିବା ବେଳେ ସାଉଣ୍ଡରେ ଯେପରି କୌଣସି ସମସ୍ୟା ନ ଆସିବ, ତାହା ସାଉଣ୍ଡ ଡିଜାଇନର ସ୍ଥିର କରନ୍ତି ।

# ନୂଆ ଭାଷା ଶିଖିବାର ଲାଭ




ଅଧିକାଂଶ ହିନ୍ଦୀ ଓ ଇଂରାଜୀ ଭାଷାରେ କଥାବାର୍ତ୍ତା କରିବାକୁ ବେଶି ପସନ୍ଦ କରୁଛନ୍ତି । ତେବେ ଏହି ଦୁଇ ଭାଷାକୁ ଛାଡ଼ିଲେ ବି କିଛି ଜଣ ଅନ୍ୟ ବିଦେଶୀ ଭାଷା ଶିଖିବାକୁ ଆଗ୍ରହ ପ୍ରକାଶ କରନ୍ତି । ଏହାକୁ ବିଚାରକୁ ନେଲେ ପିଲାଙ୍କୁ ଫ୍ରେଞ୍ଚ୍ ଭାଷା ମଧ୍ୟ ଶିଖାଇପାରିବେ । ବିଶ୍ୱରେ ପ୍ରାୟ ୨୮୪.୯ ମିଲିୟନ ଲୋକ ଫ୍ରେଞ୍ଚ୍ ଭାଷାରେ କଥା କହୁଛନ୍ତି । ସେହିପରି ଫୋବର୍ସ ଅନୁସାରେ, ୨୦୬୫ ସୁଦ୍ଧା ଫ୍ରେଞ୍ଚ୍ କହୁଥିବା ଲୋକଙ୍କ ସଂଖ୍ୟା ୧ ବିଲିୟନରୁ ଅଧିକ ହୋଇଯିବ । ଅବଶ୍ୟ ପିଲାଙ୍କୁ ଅନ୍ତଃରାଷ୍ଟ୍ରୀୟ ଭାଷା ଶିଖିବାରେ ଅନେକ ଲାଭ ଅଛି । ତେବେ ଏ ବାବଦରେ ଲୋକେ ସେତେ ବେଶି ସଚେତନ ନ ଥାନ୍ତି ।

- ନୂଆ ଭାଷା ଶିଖିବା ଦ୍ୱାରା ପିଲାଙ୍କ ଲେଖିବା, ପଢ଼ିବା ଓ ଶୁଣିବା କ୍ଷମତା ବଢ଼ିଥାଏ ।
- ଅନ୍ୟ ଭାଷା ମାଧ୍ୟମରେ ଲୋକମାନେ ସେମାନଙ୍କ ସଂସ୍କୃତି ଓ ପରମ୍ପରାକୁ ଜାଣିପାରନ୍ତି ।
- କୌଣସି ବିଦେଶୀ ଭାଷା ଶିଖିବା ଦ୍ୱାରା ମସ୍ତିଷ୍କ ବିକଶିତ ହୁଏ ।
- ତେବେ ଅନ୍ତଃରାଷ୍ଟ୍ରୀୟ ଭାଷା ତୁଳନାରେ ଫ୍ରେଞ୍ଚ୍ ଭାଷା ଶିଖିବା ସହଜ । ଭାରତରେ ଏ ଲାଗି ଅନେକ ଇନ୍‌ଷ୍ଟିଚ୍ୟୁଟ୍ ମଧ୍ୟ ଅଛି ।
- ନୂଆ ଭାଷା ଶିଖିବା ଦ୍ୱାରା ସୃଜନାତ୍ମକ ଜ୍ଞାନକୌଶଳ ବୃଦ୍ଧି ପାଏ । କେବଳ ସେତିକି ନୁହେଁ, ଏହା ଦ୍ୱାରା ଆତ୍ମବିଶ୍ୱାସ ସ୍ତର ମଧ୍ୟ ବୃଦ୍ଧି ପାଏ ।

# ଉତ୍ତମ ପାଠକର ଲକ୍ଷଣ



ସମସ୍ତେ ଭଲ ପାଠକ ହୋଇ ନ ଥାନ୍ତି । ଜଣେ ଉତ୍ତମ ପାଠକ ସାଧାରଣ ପାଠକଙ୍କଠାରୁ ବାରି ହୋଇ ପଡ଼େ । ଜଣେ ଉତ୍ତମ ପାଠକ କେବଳ ଶବ୍ଦକୁ ପଢ଼ି ନ ଥାଏ, ବରଂ ସେହି ଶବ୍ଦ ପଛରେ ଲୁଚି ରହିଥିବା ଅର୍ଥକୁ ମଧ୍ୟ ଜାଣିବାକୁ ଚେଷ୍ଟା କରିଥାଏ । କେବଳ ସେତିକି ନୁହେଁ, ସେ ଲେଖକର ମନକୁ ବୁଝିବାକୁ ଚେଷ୍ଟା କରିଥାଏ ଏବଂ କାହାଣୀ ଭିତରେ ନିଜକୁ ହଜାଇ ଥାଏ । ସେହିପରି ଉତ୍ତମ ପାଠକଟିଏ ସବୁବେଳେ ନୂଆ ନୂଆ ଶବ୍ଦ ଜାଣିବାକୁ ଆଗ୍ରହୀ ଥାଏ । ଏହାସହ ସେହି ଶବ୍ଦକୁ ନିତିଦିନ ଜୀବନରେ ବ୍ୟବହାର କରିଥାଏ । ଉତ୍ତମ ପାଠକଙ୍କର କେହି ଧ୍ୟାନ ବିଚ୍ୟୁତ କଲେ, ତାହା ଉପରେ ଗୁରୁତ୍ୱ ନ ଦେଇ ନିଜ ପଢ଼ା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ ।

ଅନ୍ୟପଟେ ଉତ୍ତମ ପାଠକ କେବଳ କାହାଣୀ ପଢ଼ି ନ ଥାଏ, ବରଂ ସେହି କାହାଣୀ ପଛରେ ଲୁଚି ରହିଥିବା ଶକ୍ତି ଓ ଦୁର୍ବଳତାକୁ ବୁଝିବାକୁ ଚେଷ୍ଟା କରେ । ଗୋଟିଏ କାହାଣୀକୁ ଶେଷ କରିବା ପାଇଁ ଜଣେ ଭଲ ପାଠକ ସମୟ ବାହାର କରିଥାଏ ଏବଂ ତରବରିଆ ଭାବେ କୌଣସି ନିଷ୍ପତ୍ତି ନେଇ ନ ଥାଏ । ବହି ମାଧ୍ୟମରେ ସେ ବିଶ୍ୱକୁ ଜାଣିବାକୁ ଚେଷ୍ଟା କରିଥାଏ । ତେବେ ଉତ୍ତମ ପାଠକଟିଏ ଯାହା କିଛି ପଢ଼େ, ସେଥିରୁ ପ୍ରେରିତ ହୋଇ ନିଜେ କିଛି ନୂଆ ଲେଖିବା ପାଇଁ ଚେଷ୍ଟା କରେ । ଏହାଦ୍ୱାରା ପାଠକଙ୍କ ସୃଜନଶୀଳତା ମଜଭୁତ ହୋଇଥାଏ ।

# କଲେଜ ଜୀବନର ଭୁଲ୍

କଲେଜ ଜୀବନ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଜୀବନରେ ନୂଆ ଅଭିଜ୍ଞତା ଆଣିଥାଏ । ସ୍କୁଲ ଜୀବନର ଗତାନୁଗତିକ ବନ୍ଧନ ଏଠାରେ ନ ଥାଏ । ନା ଥାଏ ଶିକ୍ଷକଙ୍କ ଆକଟ ନା କଡ଼ା ଶୃଙ୍ଖଳା । ଏଥିରେ ପିଲାଙ୍କୁ ସ୍ୱାଧୀନତା ସହିତ ଦାୟିତ୍ୱବୋଧକୁ ସାମ୍ନା କରିବାକୁ ପଡ଼ିଥାଏ । ତେବେ କଲେଜରେ ସାମିଲ ହେବା ପରେ ପିଲାମାନେ କିଛି ଭୁଲ୍ ଏମିତି କରି ବସନ୍ତି, ଯାହାକି ସେମାନଙ୍କ ପାଠପଢ଼ାକୁ ପ୍ରଭାବିତ କରିଥାଏ ।

- କଲେଜ ପିଲା ପାଠପଢ଼ାକୁ ସମୟରେ ଶେଷ ନ କରି ତାହାକୁ ପରୀକ୍ଷା ଶେଷ ସମୟରେ ଛାଡ଼ିଦିଅନ୍ତି । ଏହାଦ୍ୱାରା ପରୀକ୍ଷାରେ ଚାପ ବୃଦ୍ଧି ପାଏ ।
- କଲେଜ ଜୀବନ ଓ ମଜାମସ୍ତି ଜୀବନ ମଧ୍ୟରେ ତାରତମ୍ୟ ରକ୍ଷା କରିପାରନ୍ତି ନାହିଁ । ଫଳରେ ଏହାକୁ ନେଇ ପଢ଼ାରେ ବହୁ ଅସୁବିଧାକୁ ସାମ୍ନା କରିବାକୁ ପଡ଼ିଥାଏ ।
- କଲେଜ ପିଲା ସେମାନଙ୍କ ଜୀବନଶୈଳୀକୁ ଖରାପ କରିଥାନ୍ତି । ସମୟରେ ନ ଶୋଇବା, ଖାଦ୍ୟପାନୀୟରେ ଧ୍ୟାନ ନ ରଖିବା ଦ୍ୱାରା ପଢ଼ା ପ୍ରଭାବିତ ହୁଏ ।
- ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବା ଜରୁରି, କିନ୍ତୁ ପଢ଼ାକୁ ଅଣଦେଖା କରିବା ଅନୁଚିତ ।
- ନୂଆ ବିଷୟକୁ ଶିଖିବାକୁ ଭୟ କରିବା ଅନୁଚିତ । ଏହା ଭବିଷ୍ୟତ ପାଇଁ ଉପଯୋଗୀ ।
- କଲେଜ ପିଲାଙ୍କ ପାଖରେ ସୀମିତ ବଜେଟ୍ ଥାଏ । ଏଣୁ ଏହାକୁ ଧ୍ୟାନରେ ରଖି ଖର୍ଚ୍ଚ କରିବା ଉଚିତ ।
- ମଜାମସ୍ତି ପାଇଁ ଅନେକ ସମୟରେ କଲେଜ କ୍ଲାସ୍ ବନ୍ଦ କରନ୍ତି, କିନ୍ତୁ ଏହାଦ୍ୱାରା ପଢ଼ା ପ୍ରଭାବିତ ହୁଏ ।



# ଚାପ ହ୍ରାସ ପାଇଁ ମେଡିଟେସନ ଆପ୍

ଆଜିକାଲି ବିଭିନ୍ନ ପ୍ରକାର ଆପ୍ ଲୋକଙ୍କ କାମକୁ ଏକପ୍ରକାର ସହଜ ଓ ସରଳ କରୁଛି । ଏହି କ୍ରମରେ କର୍ମମୟ ଓ ଚାପଗ୍ରସ୍ତ ଜୀବନର ଚାପ କମ୍ କରିବା ପାଇଁ ବି କିଛି ଆପ୍ ଅଛି । ଯାହାକୁ ଆପଣାଇ ଜଣେ ନିଜ ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆଣିପାରିବେ ।




**ସତ୍ୱ:** ଏହା ହେଉଛି ଏକ ଲୋକପ୍ରିୟ ମେଡିଟେସନ ଆପ୍ । ଏହା ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପାଇଁ ଉପଲବ୍ଧ । ଏଥିରେ ମେଡିଟେସନ ଗୀତ, ଟାଇମର ଏବଂ ଟ୍ରାକର ସହିତ ମେଡିଟେସନ କରିବାର ନିର୍ଦ୍ଦେଶ ଏବଂ ମନ୍ତ୍ର ସାମିଲ ଅଛି ।

**କାମ୍:** ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ଲାଗି ଉପଲବ୍ଧ ଥିବା ଏହି ଆପ୍‌ର ଚାହିଦା ଅଛି । ମୃଦୁ ବ୍ୟାୟାମ, ଶ୍ୱାସକ୍ରିୟା କରିବାର କୌଶଳ ଏବଂ ଆରାମ କରିବାରେ ସାହାଯ୍ୟ କରିବା ପାଇଁ ଏଥିରେ ଏକ ଲମ୍ବା ତାଲିକା ସାମିଲ ଅଛି । ସେହିପରି ଏଥିରେ ଏକ ସ୍ଲିପ୍ ଷ୍ଟୋରିଜ୍ ବିଭାଗ ଅଛି । ଯାହାକି ଉତ୍ତମ ନିଦ୍ରା ପ୍ରଦାନ ଦିଗରେ ସାହାଯ୍ୟ କରେ ।

**ହେଡ୍‌ସ୍ପେସ୍:** ଏହି ଆପ୍ ମେଡିଟେସନ କରିବାର ମୂଳ କଥା ଶିଖାଏ । ଏହାବାଦ୍ ଏହାର ସାଉଣ୍ଡଟ୍ରାକ୍ ଲାଇବ୍ରେରୀ ଉତ୍ତମ ନିଦ୍ରା ପ୍ରଦାନ କରେ । ଅବସାଦ, ଚିନ୍ତା, ଶାରୀରିକ ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ବିକାଶ ଆଦି ଏହାର ଦେୟ ସଂସ୍କରଣରେ ସାମିଲ ଅଛି ।

**ସେରେନିଟି:** ଏହା ଧ୍ୟାନ ଏବଂ ମନନଶୀଳତାର କୌଶଳ ପ୍ରଦାନ କରେ । ଏହାର ଉଦ୍ଦେଶ୍ୟ ଜୀବନରେ ଶାନ୍ତି ଭାବନା ଆଣିବା । ନିଦ ପ୍ରଦାନ ଲାଗି ମଧ୍ୟ ଏହା ଗାଇଡ୍ କରିଥାଏ ।

**ଦ ମାଇଣ୍ଡଫୁଲ୍‌ନେସ୍ ଆପ୍:** ଏହା ଆଇଓଏସ୍ ଏବଂ ଆଣ୍ଡ୍ରଏଡ୍ ଦୁଇଟି ଡିଭାଇସ୍ ଲାଗି ଉପଲବ୍ଧ । ଏହାର ଦେୟ ସଂସ୍କରଣରେ ସାମିଲ ହେଲେ ଶିକ୍ଷକଙ୍କ ଦ୍ୱାରା ଅଧିକ ମେଡିଟେସନ ସେସନ ଓ କୋର୍ସର ସୁବିଧା ମିଳେ । ଏହି ପ୍ରକାରେ ଏହା ଚିନ୍ତା ଓ ଥକ୍କାପଣକୁ ଲାଘବ କରିବାରେ ସାହାଯ୍ୟ କରେ ।

# ୟୁଟ୍ୟୁବ୍‌ରୁ ସରକାରୀ ଚାକିରି


ନିଜ ଭିତରେ ଦୃଢ଼ ଇଚ୍ଛାଶକ୍ତି ଏବଂ ଆତ୍ମବିଶ୍ୱାସ ଥିଲେ, ଯେକୌଣସି କାର୍ଯ୍ୟରେ ସଫଳତା ହାସଲ କରିବା ସହଜ । ଏକଥାକୁ ସତ କରି ଦେଖାଇଛନ୍ତି ବିହାରର ସଚିନ କୁମାର । ସେଲ୍‌ଫ ଷ୍ଟଡି ଏବଂ ୟୁଟ୍ୟୁବ୍ ମାଧ୍ୟମରେ ପାଠପଢ଼ି ସେ ଗୋଟିଏ ନୁହେଁ, ତିନିଟି ସରକାରୀ ଚାକିରିରେ ସଫଳତା ହାସଲ କରିଛନ୍ତି । ତାଙ୍କର ମନୋନୟନ ଜିଡି, ବିହାର ପୁଲିସ୍ ଏବଂ ଦିଲ୍ଲୀ ପୁଲିସ୍‌ରେ ହୋଇଛି । ତାଙ୍କର ଏହି ସଫଳତା ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ।

ଚନ୍ଦପୁର ଗାଁର ବାସିନ୍ଦା ହେଲେ ସଚିନ କୁମାର । ତାଙ୍କ ବାପା ସେନାରୁ ଅବସର ନେଇଛନ୍ତି । ବାପାଙ୍କଠାରୁ ସଚିନ ଖୁବ୍ ପ୍ରଭାବିତ ହୋଇଥିବା କହନ୍ତି । ପିଲାବେଳୁ ହିଁ ସେ ତାଙ୍କ ବାପାଙ୍କ ଭଳି ପୋଷାକ ପିନ୍ଧିବା ସ୍ୱପ୍ନ ଦେଖି ଆସୁଥିଲେ । ସେ ତାଙ୍କର ଏହି ସ୍ୱପ୍ନକୁ ପୂରଣ କରିବା ପାଇଁ ପରିଶ୍ରମ କରିବା ଛାଡ଼ି ନ ଥିଲେ । ଦିନକୁ ସେ ୮-୧୦ ଘଣ୍ଟା ପାଠ ପଢୁଥିଲେ । ତେବେ ପଢ଼ିବା ଲାଗି ସେ କୋଚିଂ କିମ୍ବା ଅନ୍ୟ କୌଣସି ସହରକୁ ଯିବାକୁ ଚାହିଁ ନ ଥିଲେ । ସେ ଘରେ ନିଜେ ପଢୁଥିଲେ । ଏହାସହ ସେ ଏ ଲାଗି ୟୁଟ୍ୟୁବ୍‌ର ସାହାଯ୍ୟ ନେଉଥିଲେ । ଏ ବାବଦରେ ତାଙ୍କୁ ବେଶୀ କିଛି ଖର୍ଚ୍ଚ ବହନ କରିବାକୁ ପଡ଼ି ନ ଥିବା ସେ କହିଛନ୍ତି । ସେହିପରି ସେ ଘରେ ଯେଭଳି ଭାବେ ନିଜକୁ ପ୍ରସ୍ତୁତ କରୁଥିଲେ, ଅନ୍ୟ କେହି ବି ଚାହିଁଲେ, ସେଭଳି ନିଜକୁ ପ୍ରସ୍ତୁତ କରିପାରିବେ ବୋଲି ସେ ପରାମର୍ଶ ଦେଇଛନ୍ତି ।

ଶେଷରେ ତାଙ୍କୁ ତାଙ୍କ ପରିଶ୍ରମର ଫଳ ମିଳିଥିଲା । ସେ ତିନିଟି ସରକାରୀ ଚାକିରି ପାଇଁ ଚୟନ ହୋଇଛନ୍ତି । ତାଙ୍କର ମନୋନୟନ ଜିଡି, ବିହାର ପୁଲିସ ଏବଂ ଦିଲ୍ଲୀ ପୁଲିସ୍‌ରେ ହୋଇଛି । ଏହାକୁ ନେଇ ସେ ଖୁବ୍ ଖୁସି ଅଛନ୍ତି । ତା'ସହ ତାଙ୍କ ପରିବାର ସଚିନଙ୍କ ପାଇଁ ଗର୍ବ କରୁଛନ୍ତି । କେବଳ ସେତିକି ନୁହେଁ, ବରଂ ଏକକାଳୀନ ତିନିଟି ସରକାରୀ ଚାକିରି ହେବାରୁ ଗାଁ ଲୋକମାନେ ତାଙ୍କ ଉପରେ ବେଶ୍ ଖୁସି ଅଛନ୍ତି । ଅନ୍ୟପଟେ ତାଙ୍କର ଏଭଳି ପ୍ରସ୍ତୁତି ଏବେ ଅନ୍ୟ ଯୁବପିଢ଼ିଙ୍କୁ ପ୍ରେରିତ କରିଛି । ସେଥିପାଇଁ ଏବେ ଅନ୍ୟମାନେ ପଢ଼ା ଲାଗି ଟିପ୍ସ ନେବା ପାଇଁ ତାଙ୍କ ପାଖକୁ ଆସୁଛନ୍ତି । ସଚିନଙ୍କ ମତରେ ସବୁବେଳେ ନିଜ ଭିତରେ ଆତ୍ମବିଶ୍ୱାସ ରଖିବା ଜରୁରି । କୌଣସି କାମ ହୋଇପାରିବ ନାହିଁ ଭାବିବା ଅନୁଚିତ । ଏଣୁ ଲକ୍ଷ୍ୟପଥରେ ଅଟଳ ରହି ଆଗକୁ ବଢ଼ିବା ପାଇଁ ସେ ଯୁବପିଢ଼ିଙ୍କୁ ପରାମର୍ଶ ଦେଇଛନ୍ତି ।



# କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସ



**Across**
3. What did R.W, Melvin, and T.J steal from Mr.Barnet's store?
4. What is the Chuch gathering called?
7. What state does Uncle Hammer live in?
11. What new item did the children have in school this year?
16. What is their dog's name?
17. What is their horse's name?
18. How much of the cotton was burned?
20. In what state does Papa work on the railroad?
23. What is the name of the Logan's school
24. What did Uncle Hammer get the children for Christmas?
25. What is Mr.Logan's first name?

**Down**
1. Who did the Logan's ask for money to pay taxes?
2. What special thing did Uncle Hammer get Stacey?
5. Who is the oldest Logan kid?
6. How many acres of land do the Logan's own?
8. What crop do the Logan's grow?
9. Who is a neat freak?
10. How old is Stacey
12. How old is Cassie
13. What is T.J's little brother's name?
14. What is Mama's real name?
15. Who was Lilian Jean's brother?
19. What kind of car did Uncle Hammer have?
21. What do people compare Mr.Morrison to?
22. What is their donkey's name?

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

## ବରୁଣ ଚକ୍ରବର୍ତ୍ତୀଙ୍କ ଯାଦୁକରୀ ବୋଲିଂ ବ୍ୟର୍ଥ

# ତୃତୀୟ ଟି-୨୦ରେ ଜିତିଲା ଇଂଲଣ୍ଡ



ରାଜକୋଟ,୨୮ ।୧(ଏଜେନ୍ସି): ଏଠାରେ ଇଂଲଣ୍ଡ ସହ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ଟି-୨୦ ମ୍ୟାଚ୍‌ରେ ଭାରତ ୨୬ ରନ୍‌ରେ ପରାଜିତ ହୋଇଛି । ପରାଜୟସତ୍ତ୍ୱେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୨-୧ରେ ଅଗ୍ରଣୀ ବଜାୟ ରଖିଛି । ଏହି ମ୍ୟାଚ୍ ପରେ ଇଂଲଣ୍ଡର ଉତ୍ସାହ ବୃଦ୍ଧି ପାଇଛି । ସିରିଜ୍‌ର ଚତୁର୍ଥ ମ୍ୟାଚ୍ ପୁଣେରେ ଶୁକ୍ରବାର ଓ ପଞ୍ଚମ ମ୍ୟାଚ୍ ମୁମ୍ବଇରେ ରବିବାର ଖେଳାଯିବ । ପରାଜୟ ସତ୍ତ୍ୱେ ମ୍ୟାଚ୍‌ରେ ୨୪ ରନ୍ ଦେଇ ୫ଟି ୱିକେଟ ନେଇଥିବା ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି ।

ଏହି ମ୍ୟାଚ୍‌ରେ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ଯାଦୁକରୀ ବୋଲିଂର ମୁକାବିଲା କରି ନ ପାରି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୭୧ ରନ୍ କରିଥିଲା । ଜବାବରେ ଭାରତ ସମାନ ସଂଖ୍ୟକ ଓଭର ଖେଳି ୧୪୫ ରନ୍ କରିବାକୁ ସମର୍ଥ ହୋଇଥିଲା । ଭାରତ ପକ୍ଷରୁ କୌଣସି ବ୍ୟାଟର ପ୍ରାଧାନ୍ୟ ବିସ୍ତାର କରି ପାରି ନ ଥିଲେ । ଧୈର୍ଯ୍ୟର ସହ ବ୍ୟାଟିଂ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ୩୫ ବଲରୁ ସର୍ବାଧିକ ୪୦, ଅଭିଷେକ ଶର୍ମା ୨୪ ଓ ତିଲକ ବର୍ମା ୧୮ ରନ୍ କରିଥିଲେ । ଫର୍ମରେ ନଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୪ ରନ୍ ଓ ଓପନର ସଞ୍ଜୁ ସାମସନ ୩ ରନ୍ କରି କ୍ରମାଗତ ତୃତୀୟଥର ବ୍ୟାଟିଂରେ ଫେଲ ମାରିଛନ୍ତି । ୱାଶିଂଟନ ସୁନ୍ଦର (୬) ଓ ଅକ୍ଷର ପଟେଲ (୧୫)ଙ୍କ ଭଳି ଅଲରାଉଣ୍ଡର ଏହି ସିରିଜ୍‌ରେ ଏଯାଏ କ୍ଲିକ୍ କରି ପାରି ନାହାନ୍ତି । ଏହି ମ୍ୟାଚ୍‌ରେ ଇଂଲଣ୍ଡ ପକ୍ଷରୁ ଜାମି ଓଭରଟନ୍ ସର୍ବାଧିକ ୩ଟି, ଜୋଫ୍ରା ଆର୍ଚରଙ୍କ ଓ ବ୍ରାଇଡନ କାର୍ସ ୨ଟି ଲେଖାଏଁ ୱିକେଟ ନେଇଛନ୍ତି ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ : ୧୭୧/ ୯ , ୨୦ ଓଭର (ବେନ୍ ଡକେଟ-୫୧, ଲିଆମ ଲିଭିଙ୍ଗଷ୍ଟୋନ୍-୪୩, ବରୁଣ ଚକ୍ରବର୍ତ୍ତୀ-୫/୨୪, ହାର୍ଦ୍ଦିକ ପାଣ୍ଡ୍ୟା-୨/୩୩) ।

ଭାରତ : ୧୪୫/ ୯ , ୨୦ଓଭର (ହାର୍ଦ୍ଦିକ ପାଣ୍ଡ୍ୟା-୪୦, ଅଭିଷେକ ଶର୍ମା-୨୪, ଜାମି ଓଭରଟନ୍-୨/୨୮ , ଜୋଫ୍ରା ଆର୍ଚର-୨/୩୩) ।

### ବେନ ଡକେଟଙ୍କ ଦ୍ରୁତ ଅର୍ଦ୍ଧଶତକ

ଟସ୍ ଜିତିବା ପରେ ଭାରତ ପ୍ରତିପକ୍ଷ ଇଂଲଣ୍ଡକୁ କ୍ରମାଗତ ତୃତୀୟ ମ୍ୟାଚ୍‌ରେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା । ଇଂଲଣ୍ଡ ପ୍ରଥମେ ଫର୍ମରେ ନ ଥିବା ଫିଲିପ ସଲ୍ଟଙ୍କ ୱିକେଟ ୭ ରନ୍‌ରେ ହରାଇଥିଲା । ଏହା ପରେ ବେନ ଡକେଟ ଓ ଜୋସ୍ ବଟଲରଙ୍କ ମଧ୍ୟରେ ୭୬ ରନ୍‌ର ଏକ ଭଲ ପାର୍ଟନରସିପ୍ ହୋଇଥିଲା । ୨୪ ରନ୍ କରିଥିଲାବେଳେ ବଟଲରଙ୍କୁ ଆଉଟ କରି ସ୍ପିନର ବରୁଣ ଏହି ଯୋଡିକୁ ଭାଙ୍ଗିଦେଇଥିଲେ । ଏହା ପରେ ଇଂଲଣ୍ଡର ବ୍ୟାଟିଂ ଲାଇନ୍ ତାସ୍ ଘର ପରି ଭୁଷୁଡି ପଡ଼ିଥିଲା । ଏକଦା ୧ ୱିକେଟରେ ୮୩ ରନ୍ କରିଥିବା ଇଂଲଣ୍ଡ ୧୨୭ ରନ୍‌ରେ ୮ ୱିକେଟ ହରାଇଥିଲା । ଏହି ୭ଟି ୱିକେଟ ମଧ୍ୟରୁ ବରୁଣ ଏକାକୀ ୫ଜଣ ଖେଳାଳିଙ୍କୁ ଆଉଟ କରି ଇଂଲଣ୍ଡର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ । ସେ ୪ ଓଭର କୋଟରେ ୨୪ ରନ୍ ଦେଇ ୫ଟି ୱିକେଟ ପାଇଥିଲେ । ଇଂଲଣ୍ଡ ପକ୍ଷରୁ ଅନ୍ୟ ଦୁଇ ଖେଳାଳି ଓପନର ବେନ୍ ଡକେଟ ୨୮ ବଲ୍‌ରେ ୫୧ ଓ ଲିଆମ ଲିଭିଙ୍ଗଷ୍ଟୋନ୍ ୨୪ ବଲ୍‌ରେ ୪୩ ରନ୍ କରିବା ଫଳରେ ଦଳ ଏକ ଚ୍ୟାଲେଞ୍ଜିଂ ସ୍କୋର କରିଥିଲା । ଶେଷ ୱିକେଟରେ ଆଦିଲ ରସିଦ୍ ଓ ମାର୍କ ଉଡ୍ ଅପରାଜିତ ରହି ୨୦ ରନ୍ ଉଠାଇଥିଲେ । ଭାରତୀୟ ବୋଲରଙ୍କ ମଧ୍ୟରେ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି, ରବି ବିଷ୍ଣୋଇ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ ।

## ବୁମ୍‌ରା ଆଇସିସି କ୍ରିକେଟର ଅଫ୍ ଦି ଇୟର




ଦୁବାଇ,୨୮ ।୧(ଏଜେନ୍ସି): ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କ୍ରିକେଟର ଅଫ୍ ଇୟର ବିବେଚିତ ହୋଇଛନ୍ତି । ସେ ପ୍ରଥମ ଭାରତୀୟ ଦ୍ରୁତ ବୋଲର ଭାବେ ଏହି ସମ୍ମାନ ହାସଲ କରିଛନ୍ତି । ପୂର୍ବରୁ ୨୦୧୮ ରେ ଶେଷଥର ପାଇଁ ଭାରତୀୟ ଭାବେ କୋହଲିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଟ୍ରାଭିସ ହେଡ, ଜୋ ରୁଟ୍ ଓ ହ୍ୟାରୀ ବ୍ରୁକ୍‌ଙ୍କୁ ପଛରେ ପକାଇ ସେ ଏହି ପୁରସ୍କାର ପାଇଛନ୍ତି । ସୋମବାର ସେ ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଥିଲେ । ସେହିପରି ନ୍ୟୁଜିଲାଣ୍ଡ ଆମେଲିଆ କେର ମହିଳା କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି । ବୁମ୍‌ରାଙ୍କ ପୂର୍ବରୁ ରାହୁଲ ଦ୍ରାବିଡ, ସଚିନ ତେନ୍ଦୁଲକର, ରବିଚନ୍ଦ୍ରନ ଅଶ୍ୱିନ ଓ କୋହଲି ଏହି ପୁରସ୍କାର ପାଇଥିଲେ । ଗତବର୍ଷ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ରେ ସେ ୮ଟି ମ୍ୟାଚ୍ ଖେଳି ୧୫ ୱିକେଟ ନେଇଥିଲେ ଓ ସେ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ । ତାଙ୍କ ପ୍ରଦର୍ଶନ ବଳରେ ଭାରତ ୧୭ ବର୍ଷ ପରେ ଟି-୨୦ ବିଶ୍ୱକପ୍ ଜିତିଥିଲା । ସେହିପରି ବର୍ଡର-ଗାଭାସ୍କର ଟ୍ରଫିରେ ସେ ୫ଟି ଟେଷ୍ଟ ଖେଳି ୩୨ ୱିକେଟ ନେଇଥିଲେ । ଗତବର୍ଷ ସେ ୧୩ଟି ଟେଷ୍ଟ ଖେଳି ୭୧ ୱିକେଟ ଅକ୍ତିଆର କରି ଅସାଧାରଣ ପ୍ରଦର୍ଶନ କରିଥିଲେ ।

## ନେତୃତ୍ୱ ନେବାକୁ ମନା କଲେ କୋହଲି


ନୂଆଦିଲ୍ଲୀ,୨୮ ।୧(ଏଜେନ୍ସି): ଗୁରୁବାରଠାରୁ ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଦିଲ୍ଲୀ ଓ ରେଳବାଇ ମଧ୍ୟରେ ରଣଜୀ ଟ୍ରଫିଏଲିଟ୍ ଗ୍ରୁପ୍ ଡି' ମୁକାବିଲା ଆରମ୍ଭ ହେବ । ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଦିଲ୍ଲୀ ତରଫରୁ ଏହି ମ୍ୟାଚ୍ ଖେଳିବେ । ତେଣୁ ଏହି ମ୍ୟାଚ୍‌ର ଗୁରୁତ୍ୱ ବଢିଯାଇଛି ଓ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । କୋହଲିଙ୍କୁ ମ୍ୟାଚ୍‌ର ନେତୃତ୍ୱ ନେବାକୁ ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ସେ ନେତୃତ୍ୱ ନେବାକୁ ମନା କରିଦେଇଛନ୍ତି । ଆୟୁଷ ବାଦୋନୀ ନେତୃତ୍ୱ ଜାରି ରଖନ୍ତୁ ବୋଲି କୋହଲି କହିଥିଲେ । ୨୦୧୨ ପରେ ଅର୍ଥାତ୍ ଦୀର୍ଘ ୧୩ ବର୍ଷ ପରେ କୋହଲି ରଣଜୀ ଖେଳିବାକୁ ଯାଉଛନ୍ତି ।

## ଅଲ୍ ହିଲାଲ୍ ଛାଡ଼ିଲେ ନେମାର




ଦୁବାଇ,୨୮ ।୧(ଏଜେନ୍ସି): ବିଶ୍ୱର ଖ୍ୟାତନାମା ଫୁଟବଲ ଖେଳାଳି ନେମାର ସାଉଦି ଆରବ କ୍ଲବ୍ ଅଲ-ହିଲାଲ ଛାଡିଛନ୍ତି । ଆପୋଷ ବୁଝାମଣା ମଧ୍ୟରେ ସେ କ୍ଲବ୍ ଛାଡ଼ିବାକୁ କର୍ତ୍ତୃପକ୍ଷଙ୍କୁ ରାଜି କରାଇଛନ୍ତି । ଏହି କ୍ଲବ୍‌ରେ ଯୋଗଦେବା ପରେ ନେମାର ମାତ୍ର ୭ଟି ମ୍ୟାଚ୍ ଖେଳିବାକୁ ସମର୍ଥ ହୋଇଛନ୍ତି । ନିଜ ଦେଶ ବ୍ରାଜିଲ୍‌ରେ ଖେଳୁଥିବାବେଳେ ସେ ଆହତ ହୋଇ ଏକ ବର୍ଷ ଖେଳି ପାରି ନ ଥିଲେ । ଫିଟ୍ ହୋଇ କ୍ଲବ୍‌ରେ ଯୋଗଦବାପରେ ୨ଟି ମ୍ୟାଚ୍ ଖେଳି ପୁନର୍ବାର ଆହତ ହୋଇଥିଲେ । ତାଙ୍କ ପକ୍ଷେ ଆଉ ଖେଳିବା ସମ୍ଭବ ହେଉ ନ ଥିବାରୁ ସେ କ୍ଲବ୍ ଛାଡ଼ିଛନ୍ତି । ବ୍ରାଜିଲ୍‌ରେ ତାଙ୍କ ପୁରୁଣା କ୍ଲବ୍ ସାଣ୍ଟୋସ୍ ସହ ସେ ଖେଳିପାରନ୍ତି ବୋଲି ଅନୁମାନ କରାଯାଉଛି ।

## ଡେଭିସ୍ କପ୍‌ରୁ ଓହରିଲେ ଜୋକୋଭିଚ୍



ଜାଗ୍ରେବ୍,୨୮ ।୧(ଏଜେନ୍ସି): ବିଶ୍ୱବିଖ୍ୟାତ ଟେନିସ ଖେଳାଳି ସର୍ବିଆ ଡେଭିସ୍ କପ୍ ଟିମ୍‌ରୁ ଓହରିଯାଇଛନ୍ତି । ଡେନ୍‌ମାର୍କ ସହ ଜାନୁଆରୀ ୩୧ରୁ ଫେବୃଆରୀ ୨ ତାରିଖଯାଏ ଏହି ମ୍ୟାଚ୍‌ଟି ଖେଳାଯିବାର ଥିଲା । ବଳାଗଣ୍ଠିରେ ଆଘାତ ଲାଗିବାରୁ ସେ ନିକଟରେ ଅଷ୍ଟ୍ରେଲିଆ ଓପନ ଗ୍ରାଣ୍ଡସ୍ଲାମ୍ ସେମିଫାଇନାଲୁ ଓହରିଯାଇଥିଲେ । ଏବେ ସେ ଏହି ଆଘାତ ସମସ୍ୟାରୁ ମୁକୁଳି ନ ଥିବାରୁ ଡେଭିସ କପ୍ ଖେଳିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ଜଣାଇଥିଲେ । ଗତ କିଛି ବର୍ଷ ହେଲା ମୁଁ ବାରମ୍ବାର ଆହତ ହେଉଛି । ଏହାର କାରଣ ଖୋଜୁଛି ଓ ଫିଟ୍‌ହେଲେ ପୁଣିଥରେ ପ୍ରତିଯୋଗିତାମୂଳକ ଟେନିସ୍‌କୁ ଫେରିବି ବୋଲି ଜୋକୋଭିଚ୍ କହିଛନ୍ତି ।

## ମାର୍କାରୋଭ୍ ଭାରତୀୟ ଜାଭେଲିନ୍ କାର୍ଯ୍ୟକ୍ରମର ମୁଖ୍ୟ



ଜାଗ୍ରେବ୍,୨୮ ।୧(ଏଜେନ୍ସି): ପୂର୍ବତନ ବିଶ୍ୱଚାମ୍ପିଅନ ଖେଳାଳି ରୁଷିଆ ସର୍ଗି ମାର୍କାରୋଭ୍ ଭାରତରେ ଜାଭେଲିନ୍ କାର୍ଯ୍ୟକ୍ରମର ମୁଖ୍ୟ ଭାବେ ନିଯୁକ୍ତ ହୋଇଛନ୍ତି । ପଟିଆଲାରେ ଥିବା ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସରେ ରହି ଭାରତର ଜାଭେଲିନ ଖେଳାଳି କିପରି ଅନ୍ତର୍ଜାତୀୟସ୍ତରରେ ସଫଳତା ପାଇବେ ତାହା ଉପରେ କାମ କରିବେ ବୋଲି ଆଥଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି । ନୀରଜ ଚୋପ୍ରାଙ୍କ କୋଚ୍ ପଦରୁ ଡଃ କ୍ଲସ୍ ବାର୍ଟୋନିଏଜ୍ ଓହରିଯିବା ପରେ ଭାରତ ଜଣେ ନୂଆ କୋଚ୍‌ଙ୍କୁ ଖୋଜୁଥିଲା । ମାର୍କାରୋଭଙ୍କ ସହ ଯୋଗାଯୋଗପରେ ସେ କୋଚ୍ ନ ହୋଇ ଭାରତରେ ଜାଭେଲିନ୍ କାର୍ଯ୍ୟକ୍ରମ ବୁଝିବାକୁ ରାଜି ହୋଇଥିଲେ ।

## ହକି ଇଣ୍ଡିଆ ଲିଗ୍: ଗୋନାସିକାର ଅଭିଯାନ ଶେଷ



ରାଉରକେଲା,୨୮ ।୧(ସମିସ): ଚଳିତ ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଟିମ୍ ଗୋନାସିକା ସୁଟ୍‌ଆଉଟ୍‌ରେ ୩-୧ ଗୋଲରେ ହାଇଦରାବାଦ ତୁଫାନ୍ସକୁ ପରାସ୍ତ କରିଛି । ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ୩-୩ ଗୋଲରେ ଅମୀମାଂସିତ ରହିଥିଲା । ଫଳରେ ସୁଟ୍‌ଆଉଟର ସହାୟତା ନିଆଯାଇଥିଲା । ଗୋନିସିକା ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିସାରିଥିବା ବେଳେ କେବଳ ସମ୍ମାନ ପାଇଁ ଏହି ମ୍ୟାଚ୍ ଖେଳିଥିଲା । ବିଜୟ ସହ ଗୋନାସିକା ଏଥର ଅଭିଯାନ ଶେଷ କରିଛି । ଗୋନାସିକ ୧୦ ମ୍ୟାଚ୍ ଖେଳି ୧୨ ପଏଣ୍ଟ ପାଇ ତାଲିକାର ୭ମ ସ୍ଥାନରେ ରହିଛି । ଅନ୍ୟପଟେ ତୁଫାନ୍ସ ୧୦ ମ୍ୟାଚ୍ ଖେଳି ୧୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ସେମି ଆଶାକୁ ଆହୁରି ଦୃଢ଼ କରିଛି ।

■ ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ

## ସୁପର ସିକ୍ସରେ ସ୍କଟ୍‌ଲାଣ୍ଡକୁ ହରାଇଲା ଭାରତ



କ୍ୱାଲାଲମ୍ପୁର,୨୮ ।୧(ଏଜେନ୍ସି): ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍‌ରେ ଗତଥରର ଚାମ୍ପିଅନ ଭାରତ ସୁପର-୬ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ସ୍କଟଲାଣ୍ଡକୁ ୧୫୦ ରନରେ ପରାସ୍ତ କରିଛି । ଏହାପୂର୍ବରୁ ଭାରତ ସୁପର-୬ର ପ୍ରଥମ ମ୍ୟାଚ୍‌ରେ ରବିବାର ବାଂଲାଦେଶକୁ ୮ ୱିକେଟରେ ପରାସ୍ତ କରିଥିଲା । ଭାରତୀୟ ଓପନର ଗୋଙ୍ଗାଡି ତ୍ରିଶା ଅପରାଜିତ ୧୧୦ ରନର ବିସ୍ଫୋରକ ଶତକୀୟ ପାଳି ଖେଳିବା ସହ ୩ ୱିକେଟ ଅକ୍ତିଆର କରି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଏଥିସହ ସେ ବିଶ୍ୱକପ୍ ଇତିହାସରେ ପ୍ରଥମ ଶତକ ଅର୍ଜନ କରି ଦେଶକୁ ଗୌରବାନ୍ୱିତ କରିଛନ୍ତି । ପିତା ଜମି ବିକ୍ରି କରି ତାଙ୍କ ପାଇଁ ଟ୍ରେନିଂର ବ୍ୟବସ୍ଥା କରିଥିଲେ । ଏବେ ସେ ପିତାଙ୍କ ସ୍ୱପ୍ନକୁ ସାକାର କରିଛନ୍ତି ।

### ତ୍ରିଶାଙ୍କ ଐତିହାସିକ ଶତକ

ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ଗୋଟିଏ ୱିକେଟ ହରାଇ ୨୦୮ ରନ କରିଥିଲା । ଦଳ ତରଫରୁ ଗୋଙ୍ଗାଡି ୫୯ ବଲରେ ୧୩ ଚୌକା ଓ ୪ ଛକା ସହ ୧୧୦ ରନକରି ଅପରାଜିତ ରହିଥିଲେ । ଅନ୍ୟତମ ଓପନର ଜି କମଳିନୀ ୫୧ ରନ କରି ଆଉଟ ହୋଇଥିଲେ । ଜବାବରେ ସ୍କଟଲାଣ୍ଡ ୧୪ ଓଭରରେ ମାତ୍ର ୫୮ ରନକରି ଆଉଟ ହୋଇ ଆତ୍ମସମର୍ପଣ କରିଥିଲା । ଦଳର ୮ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନଥିଲେ ଓ ୩ ଜଣ ଖାତା ଖୋଲି ପାରି ନଥିଲେ । ବୋଲିଂରେ ଭାରତ ପାଇଁ ଆୟୂଷୀ ଶୁକ୍ଲା ୪, ବୈଷ୍ଣବୀ ଶର୍ମା ୩, ଗଙ୍ଗାଡି ୩ ୱିକେଟ ନେଇଥିଲେ ।

## ୭ମଥର କଟକ ଆସିବ ଇଂଲଣ୍ଡ

**ବାରବାଟୀ ଏକଦିବସୀୟ ଆଉ ୧୨ ଦିନ**

କଟକ,୨୮ ।୧(ସମିସ): ଐତିହାସିକ ବାରବାଟୀ ଷ୍ଟାଡିୟମରେ ଆଉ ୧୨ ଦିନ ପରେ ଫେବ୍ରୁଆରୀ ୯ରେ ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ । ଧିରେଧିରେ କଟକ ସମତେ ସମଗ୍ର ରାଜ୍ୟରେ କ୍ରିକେଟ୍ କ୍ରେଜ୍ ବଢ଼ିବାରେ ଲାଗିଲାଣି । ଇଂଲଣ୍ଡ ଏବଂ ଘରୋଇ ଭାରତୀୟ ଖେଳାଳିଙ୍କୁ ସ୍ୱାଗତ ଜଣାଇବା ପାଇଁ ସାଜସଜ୍ଜା ମଧ୍ୟ ଆରମ୍ଭ ହେଲାଣି । ଚଳିତଥରକୁ ମିଶାଇ ଇଂଲଣ୍ଡ ୭ମ ଥର ନିମନ୍ତେ କଟକ ଆସୁଛି । ପୂର୍ବରୁ ୬ଟି ଏକଦିବସୀୟ ମ୍ୟାଚ୍ ଏଠାରେ ଖେଳିଥିବା ଏହି ୟୁରୋପୀୟ ରାଷ୍ଟ୍ର ମିଶ୍ରିତ ଫଳାଫଳ ପାଇଛି । ୩ଟି ହାରିଛି ଆଉ ୩ଟି ଜିତିଛି ।

୧୯୮୨ ଜାନୁଆରୀ ୨୭ରେ ବାରବାଟୀ ଷ୍ଟାଡିୟମରେ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିଲା । ଏକଦିବସୀୟ ଫର୍ମାଟରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଘରୋଇ ଭାରତକୁ ଭେଟିଥିଲା ଇଂଲଣ୍ଡ । ଲିଟିଲ ମାଷ୍ଟର ସୁନୀଲ ଗାଭାସ୍କର ଭାରତର ନେତୃତ୍ୱ ନେଇଥିବାବେଳେ ଇଂଲଣ୍ଡର ଅଧିନାୟକ ଥିଲେ କିଥ୍ ଫ୍ଲେଚର । ଏଥିରେ ଭାରତକୁ ବିଜୟ ମିଳିଥିଲା । ଦୁଇବର୍ଷ ପରେ ପୁଣିଥରେ ଏଠାରେ ଭାରତ-ଇଂଲଣ୍ଡ ଦ୍ୱିତୀୟ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ମୁହାଁମୁହିଁ ହୋଇଥିଲେ । ମାତ୍ର ଡେଭିଡ ଗୋୱରଙ୍କ ନେତୃତ୍ୱରେ କଟକ ଆସିଥିବା ଇଂଲଣ୍ଡ ପ୍ରତିଶୋଧ ନେଇ ମାତ୍ର ୧ରନରେ ମ୍ୟାଚ୍ ବିଜୟୀ ହୋଇଥିଲା । ୧୯୮୯ରେ ଏଠାରେ ଇଂଲଣ୍ଡ ଏବଂ ପାକିସ୍ତାନ ମଧ୍ୟରେ ଏକ ମ୍ୟାଚ୍ ଖେଳାଯାଇଥିଲା । ଯେଉଁଥିରେ ଇଂଲଣ୍ଡକୁ ସହଜ ବିଜୟ ମିଳିଥିଲା । ୨୦୦୨ରେ ଏଠାରେ ଇଂଲଣ୍ଡ ୧୬ରନରେ ଭାରତକୁ ହରାଇଛି । ମାତ୍ର ବାରବାଟୀରେ ଖେଳାଯାଇଥିବା ଭାରତ ବିପକ୍ଷ ଶେଷ ଦୁଇ ମୁକାବିଲାରେ ଭ୍ରମଣକାରୀ ଇଂଲଣ୍ଡକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି । ୨୦୦୮ ରେ ୬ ୱିକେଟରେ ଏବଂ ୨୦୧୭ ରେ ୧୫ ରନରେ ଭାରତ ବିଜୟୀ ହୋଇଛି ।

## ୩୮ ତମ ଜାତୀୟ କ୍ରୀଡ଼ା ଉଦ୍‌ଘାଟିତ




ଡେରାଡୁନ୍,୨୮ ।୧(ଏଜେନ୍ସି): ସ୍ଥାନୀୟ ରାଜୀବ ଗାନ୍ଧୀ ଷ୍ଟାଡିୟମରେ ମଙ୍ଗଳବାର ୩୮ତମ ଜାତୀୟ କ୍ରୀଡ଼ା ମହାସମାରୋହରେ ଉଦ୍‌ଘାଟିତ ହୋଇଛି । ଦେଶର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଏହି ଉଦ୍‌ଘାଟନୀ ଉତ୍ସବରେ ଅଂଶଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ରେଖା ଆର୍ଯ୍ୟା, ଭାରତୀୟ ଅଲିମ୍ପିକ ସଂଘ ଅଧକ୍ଷା ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ଶିବ ତାଣ୍ଡବ ନୃତ୍ୟ ସହ ଉତ୍ସବ ଆରମ୍ଭ ହୋଇଥିଲା । ଏହି ଅବସରରେ ହିମାଳୟ ଉପରେ ଏକ ଡକ୍ୟୁମେଣ୍ଟାରୀ ଉପସ୍ଥାପନ କରାଯାଇଥିଲା । ବିଭିନ୍ନ କଳାକାରମାନେ ଏଲ୍‌ଇଡି ଶୋ'ରେ ଅଂଶଗ୍ରହଣ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ହିମାଳୟ ପର୍ବତର ବୈଭବକୁ ନେଇ ଏକ ଲେଜର ଲାଇଟ୍ ଶୋ ମଧ୍ୟ ହୋଇଥିଲା । ଉତ୍ତରାଖଣ୍ଡରେ ପ୍ରଥମଥର ପାଇଁ ଏଭଳି କୌଣସି ବଡ଼ କ୍ରୀଡ଼ା ଇଭେଣ୍ଟ ଆୟୋଜିତ ହେଉଛି । ପ୍ରଧାନମନ୍ତ୍ରୀ ଗାଡିରେ ବସି ଦର୍ଶକଙ୍କ ଅଭିବାଦନ ଗ୍ରହଣ କରିଥିଲେ । ଫେବୃଆରୀ ୧୪ ପର୍ଯ୍ୟନ୍ତ ଚାଲିଥିବାକୁ ଥିବା ଏହି କ୍ରୀଡ଼ାରେ ଦେଶର ୧୦ ହଜାରରୁ ଉର୍ଦ୍ଧ୍ୱ ଆଥଲେଟ ୩୬ଟି କ୍ରୀଡ଼ାରେ ଅଂଶଗ୍ରହଣ କରିବା ସହ ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱୀତାରେ ଅବତୀର୍ଣ୍ଣ ହେବେ । ଖେଳାଳିମାନେ ୪୫୦ଟି ସ୍ୱର୍ଣ୍ଣ ପଦକ ପାଇଁ ଲଢେଇ କରିବେ ।

### ଭାଗନେବେ ୩୦୨ ଓଡ଼ିଆ କ୍ରୀଡ଼ାବିତ

ଜାତୀୟ କ୍ରୀଡ଼ାରେ ଏଥର ଓଡ଼ିଶାର ୩୦୨ଜଣ ଆଥଲେଟ୍ ଓ ୭୫ଜଣ ସପୋର୍ଟ ଷ୍ଟାଫ୍ ଯୋଗଦେବେ । ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଉଦ୍‌ଘାଟନୀରେ ଓଡ଼ିଶା ଦଳର ମହିଳା ପତାକା ବହନ କରିଥିଲେ । ଗୋଆରେ ଅନୁଷ୍ଠିତ ଗତ ସଂସ୍କରଣରେ ଓଡ଼ିଶା ୧୦ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୩୦ କାଂସ୍ୟ ସହ ମୋଟ୍ ୫୮ଟି ପଦକ ହାସଲ କରି ତାଲିକାର ୧୬ତମ ସ୍ଥାନରେ ରହିଥିଲା । ଏଥର ମଧ୍ୟ ଓଡ଼ିଶା ଉନ୍ନତ ପ୍ରଦର୍ଶନ କରି ଆହୁରି ଅଧିକ ପଦକ ହାସଲ କରିବ ବୋଲି ଆଶା କରାଯାଉଛି । ଅଶୋକ କୁମାର ସାହୁ ଓଡ଼ିଶା ଦଳର ଚେଫ୍ ଡି ମିସନ ରହିଛନ୍ତି ।

## ସେକ୍ରେଟାରିଏଟ କପ୍ କ୍ରିକେଟ ୧୯ରୁ

ଭୁବନେଶ୍ୱର,୨୮ ।୧(ସମିସ): ସେକ୍ରେଟାରିଏଟ୍ କପ୍‌ର ୨୦ତମ ସଂସ୍କରଣ ଫେବୃଆରୀ ୧୯ରୁ ଆରମ୍ଭ ହେବ । ସେକ୍ରେଟାରିଏଟ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ହାଇଟେକ୍ ମେଡିକାଲ କଲେଜ୍ ଗ୍ରାଉଣ୍ଡରେ ଖେଳାଯିବ । ଏଥିରେ ପ୍ରଥମେ ଆସିଥିବା ୧୬ଟି ଦଳକୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ । ପ୍ରତିଯୋଗିତା ଲିଗ୍ କମ୍ ନକ୍‌ଆଉଟ ପଦ୍ଧତିରେ ଧଳା ପୋଷାକ ଓ ଡ୍ୟୁଜ୍ ବଲ୍‌ରେ ଖେଳାଯିବ । ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଥିବା ଦଳଗୁଡ଼ିକ ଆୟୋଜକ ଆସୋସିଏସନର କାର୍ଯ୍ୟକାରୀ ସଭାପତି ଶଶାଙ୍କ ଶେଖର ମହାପାତ୍ର (୯୪୩୭୧-୨୯୮୧୧) କିମ୍ବା ସମ୍ପାଦକ ସଞ୍ଜୀବ ମିଶ୍ର (୭୦୦୮୩-୪୮୨୫୬) ସହ ଯୋଗାଯୋଗ କରିବାକୁ ଅନୁରୋଧ ।

## ୩୧ରୁ ପ୍ରଥମ ରଥିଜମା କପ୍ କ୍ରିକେଟ୍

ଭୁବନେଶ୍ୱର, ୨୮ ।୧ (ସମିସ): ସରୋଜ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ପ୍ରଥମ ରଥିଜମା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବାଲିଅନ୍ତାରେ ଅନୁଷ୍ଠିତ ହେବ । ଫେବ୍ରୁଆରୀ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରୁ ମୋଟ୍ ୧୬ଟି ଦଳ ଅଂଶଗ୍ରହଣ କରିବେ । ଚାମ୍ପିଅନ ଦଳକୁ ଟ୍ରଫି ସହ ୧ ଲକ୍ଷ ଓ ରନର୍ସଅପ୍ ଦଳକୁ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ସେହିଭଳି ଦର୍ଶକଙ୍କ ଲାଗି ମଧ୍ୟ ଆକର୍ଷଣୀୟ ପୁରସ୍କାର ରହିଛି । ଯେଉଁଥିରେ ଘଣ୍ଟା, ଆଇରନ, ଗ୍ରାଉଣ୍ଡର, ଫ୍ୟାନ, ସାଇକଲ୍, ଟିଭି, ଫ୍ରିଜ ଭଳି ଦାମୀ ଜିନିଷ ଲଟେରୀ ମାଧ୍ୟମରେ ପ୍ରଦାନ କରାଯିବ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS